


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-325 • BHUBANESWAR • WEDNESDAY • 22 MAY 2024 • PAGE-16 • ₹ 6.00

ବର୍ଷ-୪୧ • ସଂଖ୍ୟା-୩୨୫ • ଭୁବନେଶ୍ୱର • ବୁଧବାର • ୨୨ ମେ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦



## 'ସିଭିୟର ଟର୍ବ୍ୟୁଲାନ୍ସ'ର ଶିକାର ହେଲା ବିମାନ

# ଜଣେ ମୃତ, ୩୭ ଆହତ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଲଣ୍ଡନରୁ ସିଙ୍ଗାପୁର ଆସୁଥିବା ସିଙ୍ଗାପୁର ଏୟାରଲାଇନ୍ସର ଏକ ବିମାନ ଥାଇଲ୍ୟାଣ୍ଡ ଆକାଶରେ 'ସିଭିୟର ଟର୍ବ୍ୟୁଲାନ୍ସ'(ପ୍ରବଳ ଦୋହଲିବା)ର ଶିକାର ହେବା ଦ୍ୱାରା ଜଣେ ଯାତ୍ରୀଙ୍କ ଜୀବନ ଯିବା ସହିତ ୩୭ ଯାତ୍ରୀ ଆହତ ହୋଇଛନ୍ତି। ଆହତ ହୋଇଥିବା ଅଧିକାଂଶ ଯାତ୍ରୀଙ୍କ ମୁଣ୍ଡ ଏବଂ ଛାତିରେ ଗଭୀର ଆଘାତ ଲାଗିଛି। ଏଭଳି ସ୍ଥିତିରେ ବିମାନ ଗତିକୁ ଥାଇଲ୍ୟାଣ୍ଡ ଆଡକୁ ପରିବର୍ତ୍ତନ କରାଯିବା ସହିତ ଏହାକୁ ସେଠାକାର ସୁବର୍ଣ୍ଣଭୂମି ବିମାନ ବନ୍ଦରରେ ଜରୁରୀ ଅବତରଣ କରିବାକୁ ପଡ଼ିଛି। ମଙ୍ଗଳବାର ଭାରତୀୟ ସମୟ ୩.୪୫ ମିନିଟ୍‌ରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସିଙ୍ଗାପୁର ଏୟାରଲାଇନ୍ସର ବୋଇଙ୍ଗ ୭୭୭-୩୦୦ଇଆର ବିମାନ ୨୧୧ ଯାତ୍ରୀ ଏବଂ ୧୮ କ୍ରୁ ସଦସ୍ୟଙ୍କୁ ନେଇ ଲଣ୍ଡନରୁ ସିଙ୍ଗାପୁର ଅଭିମୁଖେ ଯାତ୍ରା କରିଥିଲା। ପ୍ରାୟ ୧୧ ଘଣ୍ଟାର ଉଡ଼ାଣ ପରେ ବିମାନଟି ଆଣ୍ଡାମାନ ସମୁଦ୍ର ଅତିକ୍ରମ କରି ଥାଇଲାଣ୍ଡ ନିକଟବର୍ତ୍ତୀ ହୋଇଥିଲା ବେଳେ ମାତ୍ର ପାଞ୍ଚ ମିନିଟ୍ ମଧ୍ୟରେ ୩୭ ହଜାର ଫୁଟ୍ ଉଚ୍ଚତାରୁ ୩୧ ହଜାର ଫୁଟ୍ ତଳକୁ ଖସିଆସିଥିଲା। ଏହାପରେ ବିମାନଟି ଅଚାନକ ଊର୍ଦ୍ଧ୍ୱମୁଖୀ ହୋଇପଡ଼ିବା ସହ ପ୍ରବଳ ଭାବେ ଦୋହଲିବାକୁ ଲାଗିଥିଲା। ସ୍ଥିତି ଏଭଳି ହୋଇଥିଲା ଯେ, ଯାତ୍ରୀଙ୍କ ବସିବା ସ୍ଥାନ ଉପର ଭାଗରେ ରହିଥିବା କ୍ୟାବିନରୁ ଜିନିଷପତ୍ର ଯାତ୍ରୀମାନଙ୍କ ଉପରେ ପଡ଼ିଥିଲା। ଏହାବ୍ୟତୀତ ଅକ୍ସିଜେନ ମାସ୍କ ଖସି ତଳେ ପଡ଼ିବା ସହିତ ଫ୍ୟାନ୍ ପ୍ୟାନେଲ ମଧ୍ୟ ଭାଙ୍ଗିଯାଇ



ଯାତ୍ରୀଙ୍କ ଉପରେ ପଡ଼ିଥିଲା। ବିମାନର ଗତି ସ୍ୱାଭାବିକ ଥିବାରୁ ଅଧିକାଂଶ ଯାତ୍ରୀ ସିଟ୍ ବେଲ୍ଟ ପିନ୍ଧି ନଥିଲେ। କିନ୍ତୁ ଏଭଳି ଅପ୍ରତ୍ୟାଶିତ ସ୍ଥିତି ଉପୁଜିବା ପରେ ଯାତ୍ରୀମାନେ ନିଜ ସ୍ଥାନରୁ ଖସି ଯାଇ ଅନ୍ୟତ୍ର ପିଟି ହୋଇଯାଇଥିଲେ। ବିମାନ ଭିତରେ କ'ଣ ହେଉଛି କେହି କିଛି ବୁଝିପାରି ନଥିଲେ। ଏହି ସମୟରେ ୭୩ ବର୍ଷୀୟ ଜଣେ ବ୍ରିଟିଶ ଯାତ୍ରୀଙ୍କ ହୃଦଘାତରେ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ୩୭ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ଥାଇଲ୍ୟାଣ୍ଡ ଆକାଶରେ ବିମାନଟି ପ୍ରବେଶ କରିବା ପରେ ଏକ ପ୍ରତିକୂଳ 'ଏୟାର ପକେଟ୍' ମଧ୍ୟକୁ ପ୍ରବେଶ କରିବା ପରେ ଏଭଳି ସ୍ଥିତି ଉପୁଜିଥିବା ସିଙ୍ଗାପୁର ଏୟାରଲାଇନ୍ସ କର୍ତ୍ତୃପକ୍ଷ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିମାନ ଯାତ୍ରା ବେଳେ ଅଧିକାଂଶ ସମୟରେ 'ଟର୍ବ୍ୟୁଲାନ୍ସ' ଭଳି ସମସ୍ୟା ଦେଖାଯାଇଥାଏ। ପ୍ରତିକୂଳ ପାଗ, ପବନ କିମ୍ବା ଘନ କୁହୁଡ଼ି ଏବଂ ବିମାନର ଉଡାଣ ଉଚ୍ଚତା ହ୍ରାସ କିମ୍ବା ବୃଦ୍ଧି ଯୋଗୁଁ ଏଭଳି ସମସ୍ୟା ଦେଖାଯାଇଥାଏ।

## ଭାରତରେ ବ୍ୟାପୁଛି କରୋନାର ନୂଆ ପ୍ରଜାତି



ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ସିଙ୍ଗାପୁର ପରେ କରୋନାର ନୂଆ ପ୍ରଜାତି କେପି.୨ ଏବଂ କେପି.୧ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହି ପ୍ରଜାତି ଭାରତରେ ପ୍ରବେଶ କରିସାରିଲାଣି। ସୂଚନା ଅନୁଯାୟୀ ଏବେ ସୁଦ୍ଧା ଦେଶରୁ କେପି.୨ର ୨୯୦ ଏବଂ କେପି.୧ର ୩୪ ମାମଲା ସାମ୍ନାକୁ ଆସିଲାଣି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସୂତ୍ରରୁ ଜଣାପଡ଼ିଛି ଯେ ଏହି ପ୍ରଜାତି ଜେଏନ ୧ର ଉପ-ପ୍ରଜାତି। ଏହା ସେତେ ଘାତକ ନୁହେଁ। ତେଣୁ ଚିନ୍ତା କରିବାର କୌଣସି କାରଣ ନାହିଁ। ଏହି ସଂକ୍ରମିତଙ୍କଠାରେ ଗୁରୁତର ଲକ୍ଷଣ ଦେଖାଯାଏ ନାହିଁ। ଏହି ସଂକ୍ରମିତଙ୍କ ନମୁନା ସଂଗ୍ରହ କରି ଯାଞ୍ଚ କରାଯାଉଛି।

## ଛପରା ହିଂସା ପାଇଁ ୨ ଦିନ ଇଣ୍ଟରନେଟ ବନ୍ଦ

# ଆରଜେଡି-ବିଜେପି ମୁହାଁମୁହିଁ; ଜଣେ ମୃତ

ଛପରା, ୨୧।୫ (ଏଜେନ୍ସି)

ବିହାର ଛପରା ହିଂସା ହୋଇଛି। ଏଠାରେ ଆରଜେଡି ଏବଂ ବିଜେପି ସମର୍ଥକ ମୁହାଁମୁହିଁ ହୋଇଛନ୍ତି। ପରସ୍ପର ଉପରେ ଗୁଳିମାଡ଼ ମଧ୍ୟ କରିଛନ୍ତି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଏବଂ ଆହତ ଆରଜେଡି ସମର୍ଥକ ବୋଲି ସୂଚନା ମିଳିଛି। ହତ୍ୟା ପରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଲୋକେ ଦୋଷୀଙ୍କ ଗିରଫ ଦାବିରେ ହଙ୍ଗାମା କରିଛନ୍ତି। ଏସ୍‌ପି ଗୌରଭ ମଙ୍ଗଲା ନିଜେ ମୋର୍ଚ୍ଚା ସମ୍ଭାଳିଛନ୍ତି। ଲୋକଙ୍କୁ ବୁଝାଇବାକୁ ପ୍ରୟାସ କରୁଛନ୍ତି। ସମ୍ପୂର୍ଣ୍ଣ ଅଞ୍ଚଳ ପୁଲିସ ଛାଉଣୀରେ ବଦଳି ଯାଇଛି। ସ୍ଥିତିକୁ ଦେଖି ଛପରାରେ ୨ ଦିନ ପାଇଁ ଇଣ୍ଟରନେଟ ବନ୍ଦ କରିଦିଆଯାଇଛି। ନଗର ଥାନା ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଛି। ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଏହାକୁ ନେଇ ତେଜସ୍ୱୀ ଯାଦବ କହିଛନ୍ତି ଯେ ନିର୍ବାଚନରେ ହିଂସାର କୌଣସି ସ୍ଥାନ ନ ରହିବା ଉଚିତ। କିଛି ଲୋକ ପରାଜୟର ଭୟରେ ଏପରି କରୁଛନ୍ତି। କିନ୍ତୁ ପ୍ରଶାସନ ନିଜ କାମ କରୁଛି। ସେହିପରି ରୋହିଣୀ ଆଚାର୍ଯ୍ୟ କହିଛନ୍ତି ଯେ ବିଜେପି ଲୋକେ ଭୟଭୀତ ହୋଇଯାଇଛନ୍ତି। ଗଣତନ୍ତ୍ରର ହତ୍ୟା କରାଯାଉଛି। ବିଜେପି ଗୁଣ୍ଡାଙ୍କ ବିରୋଧରେ ଏତଲା ରୁଜୁ କରାଯିବା ଉଚିତ।

ସୂଚନାଯୋଗ୍ୟ ଯେ ମଙ୍ଗଳବାର ସକାଳେ ମୁଫସିଲ ଥାନା ଅନ୍ତର୍ଗତ ତେଲପା ଭିଖାରୀ ଛକ ନିକଟରେ ଗୁଳିମାଡ଼ ହୋଇଥିଲା। ଏଥିରେ ଚନ୍ଦନ ରାୟଙ୍କ ମୃତ୍ୟୁ ହୋଇଥିଲା। ମାମଲାକୁ ନେଇ ଏସପି ଗୌରଭ ମଙ୍ଗଲା କହିଛନ୍ତି ଯେ ସୋମବାର ମତଦାନ ଚାଲିଥିବା ସମୟରେ ରୋହିଣୀ ଆଚାର୍ଯ୍ୟଙ୍କ ବୁଥ୍ ସଂଖ୍ୟା ୩୧୮-୩୧୯ରେ ଉତ୍ତେଜନା ବୃଦ୍ଧି



■ ଗଣତନ୍ତ୍ରକୁ ହତ୍ୟା କରୁଛି ବିଜେପି

ପାଇଥିଲା। କୌଣସି ଏକ କଥାକୁ ନେଇ ରୋହିଣୀ ଏବଂ ବିଜେପି ସମର୍ଥକ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ଉଭୟ ପକ୍ଷ ପରସ୍ପର ଉପରେ ପଥର ମାଡ଼ କରିଥିଲେ। ପରେ ପୁଲିସ ମାମଲାକୁ ଶାନ୍ତ କରାଇଥିଲା। ରୋହିଣୀ ମଧ୍ୟ ଏତଲା ରୁଜୁ କରିଥିଲେ। ପରେ ଆଜି ପୁଣି ବିଜେପି ଏବଂ ଆରଜେଡି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିଯୋଗୁଁ ଅନେକ ରାଉଣ୍ଡ ଗୁଳିମାଡ଼ ହୋଇଥିଲା।

## ସ୍ୱାତୀ ମାଲିୱାଲ ଦୁର୍ବ୍ୟବହାର ମାମଲା

# ପ୍ରମାଣ ହାସଲ ପାଇଁ ବିଭବଙ୍କୁ ମୁମ୍ବାଇ ନେଲା ପୁଲିସ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି)

ଆପ୍ ସାଂସଦ ସ୍ୱାତୀ ମାଲିୱାଲ ଦୁର୍ବ୍ୟବହାର ମାମଲାରେ ଦିଲ୍ଲୀ ପୁଲିସ ଅଭିଯୁକ୍ତ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କୁ ମୁମ୍ବାଇ ନେଇଛି। ବର୍ତ୍ତମାନ ଏହି ମାମଲାର ଯାଞ୍ଚ ଉତ୍ତର ଦିଲ୍ଲୀ ପୁଲିସ ଉପ କମିସନର ଅଞ୍ଜିତା ସେପାଲ୍ୟାଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍(ଏସଆଇଟି) କରୁଥିବା ବେଳେ ମଙ୍ଗଳବାର ଏହି ଟିମ୍‌ର କିଛି ସଦସ୍ୟ ବିଭବଙ୍କୁ ଧରି ମୁମ୍ବାଇରେ ପହଞ୍ଚିଛନ୍ତି। ବିଭବ ଗିରଫ ହେବା ପୂର୍ବରୁ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୁମ୍ବାଇ ଯାଇ ସେଠାରେ ନିଜର ଆଇ-ଫୋନର ଫର୍ମାଟିଂ କରାଇଥିଲେ ବୋଲି ପୁଲିସ ଜାଣିବା ପରେ ଏହି ପଦକ୍ଷେପ ନେଇଛି। ବିଭବ କେଉଁଠି ଫୋନ ଫର୍ମାଟିଂ କରିଥିଲେ କିମ୍ବା ଅନ୍ୟ କାହାରିକୁ ନିଜ ଫୋନ ଡାଟା ହସ୍ତାନ୍ତର କରିଛନ୍ତି ତାହାକୁ ପୁଲିସ ଯାଞ୍ଚ କରିବ। ବିଭବ ନିଜ ଫୋନର ଅନ ଲକିଂ କୋଡ୍ କହୁ ନଥିବାରୁ ଏହାକୁ ମଧ୍ୟ ଯୋଗାଡ କରିବାକୁ ପୁଲିସ ଉଦ୍ୟମ କରୁଛି। ଏଠାରେ ଯାଞ୍ଚ ସମୟରେ ପୁଲିସକୁ କି ତଥ୍ୟ ମିଳୁଛି ତାହାକୁ ଅପେକ୍ଷା କରାଯାଇଛି। ନଚେତ୍ ବିଭବଙ୍କ ରିମାଣ୍ଡ ଅବଧି ବୃଦ୍ଧି ଲାଗି ପୁଲିସ ପୁଣିଥରେ କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି। ଏହାବ୍ୟତୀତ



ଯଦି ବିଭବ ପ୍ରମାଣ ନଷ୍ଟ କରିଥିବା ସ୍ପଷ୍ଟ ହୁଏ ତେବେ ତାଙ୍କ ବିରୋଧରେ ଆଇପିସି ଧାରା ୨୦୧ ଆଧାରରେ ମାମଲା ରୁଜୁ ହେବ ବୋଲି କୁହାଯାଉଛି। ଆସନ୍ତା ଗୁରୁବାର ବିଭବଙ୍କ ପାଞ୍ଚ ଦିନିଆ ରିମାଣ୍ଡ ଶେଷ ହେଉଛି। ଏହାପରେ ପୁଲିସ ପରବର୍ତ୍ତୀ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଥିବା କୁହାଯାଇଛି।

## ଅଭିଜିତଙ୍କ ଉପରେ କଟକଣା ଲଗାଇଲେ ଇସି

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ପଶ୍ଚିମବଙ୍ଗର ତମଲୁକ ସଂସଦୀୟ କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଅଭିଜିତ ଗଙ୍ଗୋପାଧ୍ୟାୟ ଗତ ୧୫ ତାରିଖରେ ଏକ ନିର୍ବାଚନ ପ୍ରଚାର ସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବ୍ୟକ୍ତିଗତ ଆକ୍ଷେପ କରି ତାଙ୍କ ପ୍ରତି ଅଶାଳୀନ, ଇତର ଭାଷା ପ୍ରୟୋଗ କରିଥିଲେ। ଅଭିଜିତଙ୍କ ଏତାଦୃଶ ଅଭଦ୍ର ଆଚରଣକୁ ନିର୍ବାଚନ ଆଦର୍ଶ ଆଚରଣ ବିଧିର ସ୍ପଷ୍ଟ ଉଲ୍ଲଂଘନ ଦର୍ଶାଇ ଜାତୀୟ ନିର୍ବାଚନ କମିସନ(ଇସିଆଇ) ତାଙ୍କୁ କଠୋର ଶବ୍ଦରେ ଭତ୍ସନା କରିବା ସହ ୨୪ଘଣ୍ଟା ପାଇଁ ନିର୍ବାଚନ ପ୍ରଚାରରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଜିତ ଆଜି ଅପରାହ୍ନ ୫ଟାରୁ ଆସନ୍ତା କାଲି ଅପରାହ୍ନ ୫ଟା ଯାଏ ପ୍ରଚାରରେ ବାହାରି ପାରିବେ ନାହିଁ। ଏତଦ୍‌ବ୍ୟତୀତ ଭବିଷ୍ୟତରେ ଏହି ଭୁଲ ନ ଦୋହରାଇବାକୁ ତାଙ୍କୁ ତାଗିଦ୍ କରାଯାଇଛି। ନିର୍ବାଚନ କମିସନ ତାଙ୍କ ଆଦେଶର ନକଲ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ପାଖକୁ ପଠାଇଛନ୍ତି। ଅଭିଜିତ ଗଙ୍ଗୋପାଧ୍ୟାୟ ହେଉଛନ୍ତି କଲକାତା ହାଇକୋର୍ଟର ଜଣେ ପୂର୍ବତନ ଜଜ୍। ଜଜ୍ ପଦବୀରୁ ଇସ୍ତଫା ଦେଇ ସେ ବିଜେପିରେ ଯୋଗ ଦେଇଛନ୍ତି ଓ ବିଜେପି ତାଙ୍କୁ ତମଲୁକ ସଂସଦୀୟ କ୍ଷେତ୍ରରେ ପ୍ରାର୍ଥୀ କରିଛି। ପଶ୍ଚିମବଙ୍ଗର ତମଲୁକ ସଂସଦୀୟ କ୍ଷେତ୍ରରେ ଆସନ୍ତା ୨୫ ତାରିଖରେ ମତଦାନ ହେବ।

● କେନ୍ଦ୍ରକୁ କର୍ଣ୍ଣାଟକ ସରକାରଙ୍କ ଚିଠି

## ପ୍ରଜ୍ୱଳଙ୍କ କୂଟନୈତିକ ପାସପୋର୍ଟ ରଦ୍ଦ କର

ବେଙ୍ଗାଲୁରୁ, ୨୧।୫ (ଏଜେନ୍ସି): ଯୌନ କେଲେଙ୍କାରୀ ମାମଲାରେ କର୍ଣ୍ଣାଟକ ଗୃହ ମନ୍ତ୍ରୀ ଜି ପରମେଶ୍ୱ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ଅଭିଯୁକ୍ତ ତଥା ଜେଡିଏସ୍ ପ୍ରାର୍ଥୀ ପ୍ରଜ୍ୱଳ ରେଭନ୍ନାଙ୍କ କୂଟନୈତିକ ପାସପୋଟ୍ ରଦ୍ଦ କରିବାକୁ ବିଦେଶ ମନ୍ତ୍ରାଳୟକୁ ନିବେଦନ କରିଛନ୍ତି। ପରମେଶ୍ୱର କହିଛନ୍ତି ଯେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏହି ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଥିଲେ। କିନ୍ତୁ ଏବେ ନିୟମ ଅନୁଯାୟୀ ଗୃହ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ପ୍ରଜ୍ୱଳ ବିରୋଧରେ କୋର୍ଟ ଗିରଫ ପରୱାନା ମଧ୍ୟ ଜାରି କରିଛନ୍ତି। ତେଣୁ ଏହି ଆଧାରରେ ପାସପୋର୍ଟ ରଦ୍ଦ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ପ୍ରଜ୍ୱଳ ଅନେକ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ଏହା ପରେ ସେ ଏପ୍ରିଲ ୨୭ରେ ଜର୍ମାନୀ ଚାଲି ଯାଇଛନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚଡି କୁମାରସ୍ୱାମୀ ଫେରି ଆସିବା ପାଇଁ ପୁତୁରା ପ୍ରଜ୍ୱଳଙ୍କୁ ନିବେଦନ କରିଛନ୍ତି।

## ଗୋଟିଏ ଜୁଇରେ ଜଳିଲା ୧୭ ମୃତଦେହ



ରାୟପୁର, ୨୧।୫ (ଏଜେନ୍ସି): ଛତିଶଗଡ଼ କୱର୍ଦ୍ଧା ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୯ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଶୋକଭରା ପରିବେଶରେ ମଙ୍ଗଳବାର ଗୋଟିଏ ଜୁଇରେ ୧୭ ଜଣଙ୍କ ଚିତା ଜଳିଛି। ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୧୧ ଜଣ ସାମିଲ ଅଛନ୍ତି। ସେହିପରି ଶ୍ୱଶୁର ଘରେ ୨ ମହିଳାଙ୍କ ଅନ୍ତିମ ସଂସ୍କାର ହୋଇଛି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବ ପରିବାର ସଦସ୍ୟଙ୍କ ପାଇଁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଏବଂ ଆହତଙ୍କ ନିମନ୍ତେ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଆହତଙ୍କୁ ଉତ୍ତର ଚିକିତ୍ସା ପ୍ରଦାନ ନେଇ ସୁନିଶ୍ଚିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ କହିଛନ୍ତି। ମୃତକଙ୍କ ପରିବାର ସଦସ୍ୟ ରତନ ସିଂହ କହିଛନ୍ତି ଯେ କେନ୍ଦୁ ପତ୍ର ତୋଳିବା ପାଇଁ ସବୁବେଳେ ଯାଉଥିଲୁ। ଯିଏ ଗାଡ଼ି ଚଲାଉ ଥିଲା ସେ ସେତେ ଅଭିଜ୍ଞ ନ ଥିଲା।

## ଦେଶର ସବୁଠୁ ଉତ୍ତପ୍ତ ଅଞ୍ଚଳ

# ତାପମାତ୍ରା ୪୭.୪ ଡିଗ୍ରୀ ଛୁଇଁଲା

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ନୂଆଦିଲ୍ଲୀ ଗତକାଲି ଥିଲା ଦେଶର ସବୁଠାରୁ ଉତ୍ତପ୍ତ ଅଞ୍ଚଳ। ଗତକାଲି ଦିଲ୍ଲୀରେ ସର୍ବୋଚ୍ଚ ତାପମାତ୍ରା ୪୭.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। କେବଳ ଦିଲ୍ଲୀ ନୁହେଁ ପ୍ରଚଣ୍ଡ ଗ୍ରୀଷ୍ମ ଲହରର ପ୍ରକୋପରେ ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ସମେତ ଉତ୍ତର ଭାରତର ଅନେକ ଅଞ୍ଚଳରେ ମଧ୍ୟ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ଘାତକ ଗ୍ରୀଷ୍ମ ଲହର ଆହୁରି ୫ଦିନ ଧରି ଲାଗିରହିବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ମେ' ୨୩ରେ ଉତ୍ତର ପ୍ରଦେଶ, ହିମାଚଳ ପ୍ରଦେଶ, ମଧ୍ୟ ପ୍ରଦେଶ, ଓଡ଼ିଶା, ଗୁଜରାଟ, ସୌରାଷ୍ଟ୍ର ଓ କଚ୍ଛରେ ଗ୍ରୀଷ୍ମ ଲହର ଅନୁଭୂତ ହେବ। ସରକାରୀ ଓ ସରକାରୀ ଅନୁଦାନରେ ପରିଚାଳିତ ସମସ୍ତ ସ୍କୁଲ ତୁରନ୍ତ ଖରାଛୁଟି ଘୋଷଣା କରିବାକୁ ଦିଲ୍ଲୀ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଜମ୍ମୁ-କାଶ୍ମୀରରେ ବି ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ୩.୯ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି। ରାଜସ୍ଥାନର ପିଲାନିରେ ଗତକାଲି ସର୍ବୋଚ୍ଚ ତାପମାତ୍ରା ଥିଲା ୪୬.୬ ଡିଗ୍ରୀ ସେଲସିୟସ୍। ରାଜସ୍ଥାନର କୋଟାରେ ଅଂଶୁଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଦିଲ୍ଲୀ, ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ଗୁଜରାଟ ଓ ମଧ୍ୟପ୍ରଦେଶର ଅନ୍ୟୁନ ୪୦ଟି ସହରାଞ୍ଚଳରେ ତାପମାତ୍ରା ୪୬ ଡିଗ୍ରୀ ସେଲିସିୟସ୍ ପାଖାପାଖି ରହିଥିଲା ଯାହା ସ୍ୱାଭାବିକ ତାପମାତ୍ରାଠାରୁ ୫ ଡିଗ୍ରୀ ଅଧିକ। ଏହି ଗ୍ରୀଷ୍ମ ଲହର ଆହୁରି କିଛି ଦିନ ଲାଗିରହିବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ହରିୟାଣା, ଦିଲ୍ଲୀ, ଚଣ୍ଡିଗଡ଼, ପଞ୍ଜାବ ଓ ପଶ୍ଚିମ ରାଜସ୍ଥାନରେ ରେଡ୍ ଆଲର୍ଟ ଏବଂ ଉତ୍ତରପ୍ରଦେଶ ଓ ପୂର୍ବ ରାଜସ୍ଥାନରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

### କେରଳ,ତାମିଲନାଡୁରେ ପ୍ରବଳରୁ ଅତିପ୍ରବଳ ବର୍ଷା

କେରଳର ତିନି ଜିଲ୍ଲା କୋଟ୍ଟାୟାମ୍ ପଠାନମିଥିଟ୍ଟା ଓ ଇଡୁକ୍କିରେ ମଙ୍ଗଳ ଓ ବୁଧ ବାର ଅତି ପ୍ରବଳ ବର୍ଷାର ପୂର୍ବାନୁମାନ କରି ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଛି। କେରଳର ପ୍ରାୟ ସବୁ ଅଞ୍ଚଳରେ ପ୍ରବଳ ବର୍ଷା ଲାଗିରହି ଥିବାରୁ ଖାଲୁଆ ଅଞ୍ଚଳ ଜଳାର୍ଣ୍ଣବ ହେବା, ନଦୀ, ନାଳ ଓ ଝରଣାଗୁଡ଼ିକରେ ବନ୍ୟା ଆସିବା, ଭୂସ୍ଖଳନ ଘଟିବା, ପୋଲ ଭାସିଯାଇ, ଗଛ ଉପୁଡ଼ି ସଡ଼କ ସଂଯୋଗ ବିଚ୍ଛିନ୍ନ ହେବା, ବିଜୁଳି ବିଭ୍ରାଟ ଆଦିର ଆଶଙ୍କା ରହିଛି। ରାଜ୍ୟ ସରକାର ମଧ୍ୟ ଦରକାର ପଡ଼ିଲେ କିପରି ଲୋକଙ୍କୁ ତୁରନ୍ତ ଉଦ୍ଧାର ଓ ସହାୟତା ପ୍ରଦାନ କରିବେ, ତାହାର ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ବର୍ଷାଦିନିଆ ରୋଗ, ସଂକ୍ରମଣ ଆଦିର ନିରାକରଣ ନିମନ୍ତେ ଜରୁରୀ ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତକାଲି ସୂଚନା ଦିଆଯାଇଛି। ତାମିଲନାଡୁ, ପୁଡୁଚେରୀ ଓ କାରାଇକାଲରେ ମଙ୍ଗଳ ଓ ବୁଧ ବାର ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି।

## ଇରାନ ରାଷ୍ଟ୍ରପତି ରଇସିଙ୍କ ଅନ୍ତିମ ଯାତ୍ରା ଆରମ୍ଭ

ତେହରାନ, ୨୧।୫ (ଏଜେନ୍ସି): ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ସମେତ ୯ ଜଣଙ୍କ ଅନ୍ତିମ ଯାତ୍ରା ତବରିଜ ସହରରୁ ଆରମ୍ଭ ହୋଇଛି। ଏହି ଶେଷ ଯାତ୍ରାରେ ଲକ୍ଷ ଲକ୍ଷ ଲୋକ ସାମିଲ ହୋଇଛନ୍ତି। ହାତରେ ରଇସିଙ୍କ ଫଟୋ ଏବଂ ଇରାନ ପତାକା ଧରି ଲୋକେ ରାଷ୍ଟ୍ରପତିଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଇରାନରେ ୫ ଦିନ ପାଇଁ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ଭାରତରେ ମଧ୍ୟ ଦିନିକିଆ ଶୋକ ପାଳନ କରାଯାଇଛି। ଆଜି ଦେଶରେ ତ୍ରିରଙ୍ଗାକୁ ଅର୍ଦ୍ଧନମିତ କରି ରଇସିଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଭାରତ ପକ୍ଷରୁ ଉପ-ରାଷ୍ଟ୍ରପତି ଜଗଦୀପ ଧନଖର ରଇସିଙ୍କ ଅନ୍ତିମ ଯାତ୍ରାରେ ସାମିଲ ହେବେ। ଆଜି ରାଷ୍ଟ୍ରପତିଙ୍କ ମୃତ ଦେହକୁ ତବରିଜରୁ ତେହରାନ ନିଆଯାଇଛି। ଇରାନର ମସହଦ ସହରରେ ୨୩ରେ ତାଙ୍କୁ କବର ଦିଆଯିବ। ଏହି ସହରରେ ସେ ଜନ୍ମ ହୋଇଥିଲେ। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଦୁର୍ଘଟଣାକୁ ନେଇ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି।

## ପୁନେ ପୋର୍ସ କାର୍ ଦୁର୍ଘଟଣା ମାମଲା

# କାର୍ ମାଲିକଙ୍କୁ ବାନ୍ଧିଲା ପୁଲିସ

ପୁନେ,୨୧।୫(ଏଜେନ୍ସି)

ପୁନେର ବହୁ ଚର୍ଚ୍ଚିତ ପୋର୍ସ ସ୍ପୋର୍ଟସ କାର୍ ଦୁର୍ଘଟଣା ଏବେ ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି କରିଥିଲା ବେଳେ ମଙ୍ଗଳବାର ପୁନେ କ୍ରାଇମବ୍ରାଞ୍ଚ ପୁଲିସ କାର୍ ମାଲିକ ତଥା ରିଅଲ ଇଷ୍ଟେଟ ବ୍ୟବସାୟୀ ବିଶାଳ ଅଗ୍ରୱାଲଙ୍କୁ ଗିରଫ କରିଛି। ବିଶାଳଙ୍କ ୧୭ ବର୍ଷୀୟ ନାବାଳକ ପୁଅ ବେଦାନ୍ତ ଗତ ରବିବାର ଏକ ପବ୍‌ରେ ନିଜ ସାଥୀଙ୍କ ସହ ମଦ୍ୟପାନ କରିବା ପରେ ଏହି ଗାଡିଟିକୁ ଘଣ୍ଟାପ୍ରତି ୨୦୦ କିମି ବେଗରେ ନେଉଥିବା ବେଳେ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍‌ରେ ଯାଉଥିବା ଏବଂ ଆଇଟି ସେକ୍ଟରରେ କାର୍ଯ୍ୟ କରୁଥିବା ଏକ ଯୁବ ଦମ୍ପତିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ପୁଲିସ କାର୍ ଚାଳକଙ୍କୁ ଥାନାକୁ ନେଇ ମାମଲା ରୁଜୁ କରିଥିଲେ ହେଁ ଘଟଣାର ୧୪ ଘଣ୍ଟା ମଧ୍ୟରେ ନାବାଳକ ଡ୍ରାଇଭରଙ୍କୁ ସ୍ଥାନୀୟ କୋର୍ଟ ଜାମିନ ଦେଇଥିଲେ। ଟ୍ରାଫିକ୍ ନିୟମ ସମ୍ପର୍କିତ ବିଷୟ ଜାଣିବାକୁ ୧୫ ଦିନ କାମ କରିବା ସହିତ ସଡ଼କ ଦୁର୍ଘଟଣା ବିଷୟରେ ପ୍ରବନ୍ଧ ଲେଖିବାକୁ କହି ସଂପୃକ୍ତ ଅଦାଲତ ଅଭିଯୁକ୍ତକୁ ମୁକ୍ତି ଦେଇଥିଲେ। କିନ୍ତୁ ଏଭଳି ମାମଲା ରୁଜୁ କରିଥିଲା। ଅଭିଯୁକ୍ତକୁ ନାବାଳକ ନୁହେଁ ,ବରଂ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ଧାରା ୨ ଅନୁସାରେ



■ ନାବାଳକ ଡ୍ରାଇଭର, ପବ୍ ମାଲିକ ବି ଗିରଫ

■ ଦୁର୍ଘଟଣା ନୁହେଁ; ଦମ୍ପତିଙ୍କ ହତ୍ୟା ଅଭିଯୋଗ ଆଣିଲେ ପରିବାର

ଏକ ଦୁଃଖଦ ଏବଂ ସ୍ପର୍ଶକାତର ଘଟଣାରେ ଅଦାଲତଙ୍କ ନିଷ୍ପତ୍ତିକୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ପୁନେ ପୁଲିସ କମିସନର ନାପସନ୍ଦ କରିଥିଲେ। ପୁଲିସ ଅଭିଯୁକ୍ତ ବିରୋଧରେ ଆଇପିସି ଧାରା ୩୦୪ରେ ସାବାଳକ ଭାବେ ବିଚାର କରିବାକୁ ପୁଲିସ କୋର୍ଟରେ ଯୁକ୍ତି ରଖିଥିଲା। ଏହାସତ୍ତ୍ୱେ କୋର୍ଟ ଅଭିଯୁକ୍ତକୁ ଜାମିନ ଦେବା ଘଟଣା ଆଶ୍ଚର୍ଯ୍ୟଜନକ ବୋଲି କମିସନର ଅମିତେଶ କୁମାର ଗଣମାଧ୍ୟମକୁ ସାକ୍ଷାତକାର ଦେବା ବେଳେ କହିଥିଲେ। ଏହାପରେ ପୁଲିସ ବିଶାଳଙ୍କୁ ଖୋଜିଥିଲା ବେଳେ ସେ ପୁନେରୁ ଉଭାନ ହୋଇଯାଇଥିଲେ। ସେ ୧୨ ଘଣ୍ଟା ମଧ୍ୟରେ ନିଜ ବନ୍ଧୁମାନଙ୍କ କାର୍‌ରେ ୪ଟି ସହରକୁ ଯାଇ ସ୍ଥାନ ପରିବର୍ତ୍ତନ କରିବା ସହିତ ନିଜ ମୋବାଇଲ ଫୋନ ମଧ୍ୟ ବଦଳାଇ ଦେଇଥିଲେ। ହେଲେ ପୁଲିସ ମଙ୍ଗଳବାର ଜିପିଏସ୍ ବ୍ୟବସ୍ଥାରେ ତାଙ୍କୁ ଟ୍ରାକ୍ କରି ଶମ୍ଭାଜୀ ନଗରରୁ ଗିରଫ କରିଛି। ଏହାବ୍ୟତୀତ ବେଦାନ୍ତ ନିଜ ସାଥୀଙ୍କ ସହ ଯେଉଁ ପବ୍‌ରେ ମଦ୍ୟପାନ କରିଥିଲା ସେହି ପବ୍‌ର ମାଲିକ ଏବଂ ମ୍ୟାନେଜରଙ୍କୁ ମଧ୍ୟ ଗିରଫ କରାଯାଇଛି।

# ବିମାନ ଧକ୍କାରେ ୩୬ ଫ୍ଲେମିଙ୍ଗୋ ପକ୍ଷୀଙ୍କ ମୃତ୍ୟୁ

ମୁମ୍ବାଇ. ୨୧।୫(ଏଜେନ୍ସି)

ମୁମ୍ବାଇରେ ବିମାନ ଧକ୍କାରେ ୩୬ ଫ୍ଲେମିଙ୍ଗୋ(ରାଜହଂସ) ପକ୍ଷୀଙ୍କ ମୃତ୍ୟୁ ହେବା ଘଟଣା ପଶୁପ୍ରେମୀଙ୍କ ମଧ୍ୟରେ ଗଭୀର ଆଘାତ ସୃଷ୍ଟି କରିଛି। ଗତକାଲି ରାତିରେ ଏହି ପକ୍ଷୀ ଦଳ ଆକାଶରେ ଉଡିଯାଉଥିବା ବେଳେ ଦୁବାଇରୁ ମୁମ୍ବାଇ ଆସୁଥିବା ଏମିରେଟସ୍ ବିମାନ ସେମାନଙ୍କୁ ଧକ୍କା ଦେଇଥିଲା। ଯାହାଦ୍ୱାରା ଅତିକମ୍‌ରେ ୩୬ଟି ଫ୍ଲେମିଙ୍ଗୋଙ୍କ ମୃତ୍ୟୁ ଘଟିଛି। ମୁମ୍ବାଇର ଘାଟକୁପର ଅଞ୍ଚଳର ଲକ୍ଷ୍ମୀନଗରରେ ମୃତ ପକ୍ଷୀଙ୍କ ଶରୀର ଇତଃସ୍ତତଃ ପଡ଼ିଥିବା ଖବର ପାଇ ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ଏସ୍‌ୱାଇ ରାମା ରାଓ ସେହି ଅଞ୍ଚଳକୁ ଏକ ଯାଞ୍ଚ ଟିମ୍ ପଠାଇଥିଲେ। ସେହି ଅଞ୍ଚଳର ବିଭିନ୍ନ ସ୍ଥାନରୁ ମୋଟ ୩୬ଟି ଫ୍ଲେମିଙ୍ଗୋ ଶବ ମିଳିଥିଲା। ଫ୍ଲେମିଙ୍ଗୋଙ୍କୁ ଧକ୍କା ଦେଇଥିବା ଏମିରେଟସ୍ ବିମାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି, କିନ୍ତୁ ବିମାନଟି ମୁମ୍ବାଇ ବିମାନବନ୍ଦରରେ



ନିରାପଦ ଅବତରଣ କରିପାରିଥିଲା। ଅବତରଣ କରିବା ପରେ ବିମାନର ପାଇଲଟ୍ ରାତି ୯ଟା ୧୮ ମିନିଟରେ 'ବାର୍ଡ ହିଟ୍' ରିପୋର୍ଟ କରିଥିଲେ। ତେଣୁ ଅନୁମାନ କରାଯାଉଛି ଯେ ୮ଟା ୪୦ରୁ ୮ଟା ୫୦ ମିନିଟ୍ ମଧ୍ୟରେ ଏହି ବାର୍ଡ ହିଟ୍ ଘଟିଛି। ମୁମ୍ବାଇର ଏନ୍‌ଆର୍‌ଆଇ କମ୍ପ୍ଲେକ୍ସ ଅଞ୍ଚଳରେ ଥିବା ଆଦ୍ରଭୂମି, ଟିଏସ୍ ଚାଣକ୍ୟ ଅଞ୍ଚଳର ହ୍ରଦଗୁଡ଼ିକ ଏବଂ ଥାନେ କ୍ରିକ୍ ହେଉଛି ଫ୍ଲେମିଙ୍ଗୋଙ୍କ ପସନ୍ଦର ଚରା ଭୂମି। ତେଣୁ ଏହି ଅଞ୍ଚଳଟିକୁ ପକ୍ଷୀ ଅଭୟାରଣ୍ୟ ଘୋଷଣା କରାଯାଇଛି। କିନ୍ତୁ ପରିତାପର ବିଷୟ, ପକ୍ଷୀ ଅଭୟାରଣ୍ୟ ଭିତରେ ହାଇ ଭୋଲଟେଜ୍ ଟ୍ରାନ୍ସମିସନ୍ ଟାୱାର୍ ନିର୍ମାଣ ପାଇଁ ଅନୁମତି ଦିଆଯାଇଛି। ବିଦ୍ୟୁତ ଚୁମ୍ବକୀୟ କ୍ଷେତ୍ର ପକ୍ଷୀଙ୍କୁ ଦିଗହରା କରାଇଥାଏ। ଏ କ୍ଷେତ୍ରରେ ତାହା ଘଟିଥାଇପାରେ ବୋଲି 'ବନଶକ୍ତି' ନାମକ ଏନଜିଓ'ର ପରିବେଶବିତ୍ ଡି ଷ୍ଟାଲିନ୍ କହିଛନ୍ତି।

# ଆଜିଠାରୁ ହାଇକୋର୍ଟର ଗ୍ରୀଷ୍ମ ଅବକାଶ



■ **କଟକ,୨୧।୫(ସମିସ):** ଆସନ୍ତାକାଲିଠାରୁ ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମ ଅବକାଶ ବା ଖରାଛୁଟି ଆରମ୍ଭ ହେଉଛି। ଏହା ଜୁନ୍ ୧୭ ପର୍ଯ୍ୟନ୍ତ ଚାଲିବ। ଜୁନ ୧୮ରେ ହାଇକୋର୍ଟ ଖୋଲିବ। ଏ ସଂକ୍ରାନ୍ତରେ ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହେବା ସହ ଅବକାଶକାଳୀନ ଅଦାଲତ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି। ଗ୍ରୀଷ୍ମ ଅବକାଶ ସମୟରେ ମୋଟ ୭ଦିନ ଅବକାଶକାଳୀନ ଅଦାଲତ ବସିବ। ଆସନ୍ତା ମେ' ୨୩, ୨୮, ୩୦ ଏବଂ ଜୁନ ୪, ୬, ୧୧ ଓ ୧୨ ତାରିଖରେ ଅବକାଶକାଳୀନ ଅଦାଲତ ଜରୁରୀ ମାମଲାଗୁଡ଼ିକର ଶୁଣାଣି କରିବେ। ଜରୁରୀ ମାମଲାଗୁଡ଼ିକ ତାଲିକାଭୁକ୍ତ ପାଇଁ କାର୍ଯ୍ୟ ଦିବସର ଦିନ ୧୧ଟାରୁ ୧୨ ମଧ୍ୟରେ ଇ-ଫାଇଲିଂ କରାଯିବ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-325 ◆BHUBANESWAR ◆WEDNESDAY ◆22 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୫ ◆ଭୁବନେଶ୍ୱର ◆ବୁଧବାର ◆୨୨ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ପାଣ୍ଡିଆନଙ୍କ ମାରାଥନ ସମାବେଶ

**ମୁଖ୍ୟମନ୍ତ୍ରୀଙ୍କ ଶପଥ ୯ରେ**

# ୩ 'ବି'ରେ ଦସ୍ତଖତ

■ **ଭୁବନେଶ୍ୱର, ୨୧।୫ (ସମିସ):** ଜୁନ୍ ୯ ତାରିଖରେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ ନବୀନ ପଟ୍ଟନାୟକ ଓ ପ୍ରଥମ ଦିନ ୩ 'ବି'ରେ ସ୍ୱାକ୍ଷର କରିବେ। ଏହି ୩ 'ବି' ଆପଣଙ୍କ ଜୀବନକୁ ପରିବର୍ତ୍ତନ କରିବାକୁ ସକ୍ଷମ ହେବ। ଗୋଟିଏ 'ବି' ହେଉଛି ମାଗଣା ବିଜୁଳି, ଦ୍ୱିତୀୟଟି ହେଉଛି ସମସ୍ତଙ୍କୁ ବିଏସ୍‌କେୱାଇ ଓ ତୃତୀୟଟି ହେଉଛି ଭତ୍ତା ଅର୍ଥାତ୍ ମିଶନଶକ୍ତି ସଦସ୍ୟାମାନଙ୍କୁ ପେନ୍‌ସନ। ଏହି ୩ 'ବି' ରାଜ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବାରେ ସକ୍ଷମ ହେବ ବୋଲି କହିଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ।

କେନ୍ଦୁଝର ସଂସଦୀୟ କ୍ଷେତ୍ରର ଚମ୍ପୁଆ, କରଞ୍ଜିଆ, ପାଟଣା, ତେଲକୋଇ ଓ ଘସିପୁରା ବିଧାନସଭା କ୍ଷେତ୍ରରେ ପ୍ରଚାର ଅବସରରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଆମ ରାଜ୍ୟରେ ଜନଜାତି ଭାଇ ଭଉଣୀମାନଙ୍କ ଦୁଃଖ ଦୂର ହୋଇଛି। ସେମାନେ ଆଉ ହଇରାଣ ହେଉ ନାହାନ୍ତି। ରାଜ୍ୟରେ ପ୍ରତି କ୍ଷେତ୍ରରେ ବିକାଶ ସୁନିଶ୍ଚିତ କରାଯାଇଛି। ସମସ୍ତେ ଆଜି ଭଲରେ ଅଛନ୍ତି। ଏହା ବିରୋଧୀଙ୍କ ଆଖିରେ ଯାଉନାହିଁ। ସେମାନେ ଆମର ମଙ୍ଗଳ ଚାହୁଁ ନାହାନ୍ତି। ଏତେ ଭଲ କାମ ଦେଖି ବିରୋଧୀ ଦଳଙ୍କ ନିଦ ହଜିଗଲାଣି। ସେମାନେ ଏବେ ମିଛ କଥା କହି, ଅପପ୍ରଚାର କରିବାକୁ ଲାଗିଛନ୍ତି। ବିରୋଧୀ ବିଜେପି ନେତାମାନେ ଏଠାକୁ ଆସି ମିଛ କଥା କହୁଛନ୍ତି। କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କିନ୍ତୁ ସେମାନେ ଜାଣି ନାହାନ୍ତି ତାଙ୍କର କୁମ୍ଭୀର କାନ୍ଦଣାକୁ ଲୋକେ ଭଲଭାବେ ବୁଝି ସାରିଛନ୍ତି ଆଉ ଠିକଣା ଜବାବ୍ ଦେବେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ କାମ କରନ୍ତି, ଅନ୍ୟମାନେ ଭୋଟ ପାଇଁ କାମ କରନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ ଆପଣଙ୍କ



ସାଥିରେ ଅଛନ୍ତି। ଆପଣମାନଙ୍କ ବୋଝ ହାଲକା କରିବା ପାଇଁ ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି। ଏଭଳି ମହାନ ଜନନାୟକଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ ନିବେଦନ କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀଙ୍କୁ ଆପଣମାନେ କେତେ ଭଲ ପାଉଛନ୍ତି ବୋଲି ପାଣ୍ଡିଆନଙ୍କ ପ୍ରଶ୍ନର ଉତ୍ତରରେ ସମ୍ମତିସୂଚକ 'ହଁ'ର ଉଚ୍ଚ ଧ୍ୱନି ସମଗ୍ର ଅଞ୍ଚଳକୁ ପ୍ରକମ୍ପିତ କରିଛି।

ବିଭିନ୍ନ ସ୍ଥାନରେ ସମାବେଶଗୁଡ଼ିକରେ ଶ୍ରୀ ପାଣ୍ଡିଆନ ଜନଜାତି ଭାଇଭଉଣୀମାନଙ୍କୁ ମୁଖ୍ୟମନ୍ତ୍ରୀ

**ମୁଖ୍ୟମନ୍ତ୍ରୀ ସର୍ବଦା ଆପଣଙ୍କ ସାଥୀରେ ଅଛନ୍ତି**

**ଜନଜାତିଙ୍କ ଉପରୁ ୫୦ ହଜାର ମାମଲା ରଦ୍ଦ**

**ଜନଜାତିଙ୍କ ବିକାଶ ନିମନ୍ତେ ଏସ୍‌ଡିଏ ଗଠନ**

**ଭଲ କାମ ଦେଖି ହଜିଗଲାଣି ବିରୋଧୀଙ୍କ ନିଦ**

**ଓଡ଼ିଶାରେ କାମ ଦେବନାହିଁ କୁମ୍ଭୀର କାନ୍ଦଣା**

**ସବୁ କାମକୁ ବିରୋଧ କରିବା ବିରୋଧୀଙ୍କ ଧର୍ମ**

**କରଞ୍ଜିଆରେ ସ୍ମରଣ କଲେ ନିଜ କାର୍ଯ୍ୟ ସମୟ**

କେତେ ଭଲ ପାଆନ୍ତି ଏବଂ ସେମାନଙ୍କ ପାଇଁ କ'ଣ କାମ କରିଛନ୍ତି ସେ ବିଷୟରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଜନଜାତି ଭାଇଭଉଣୀଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦିଅନ୍ତି। ଅନ୍ୟ ରାଜ୍ୟମାନେ ଜନଜାତି ବଜେଟ କମାଇ କମାଇ ଚାଲିଛନ୍ତି, କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ଜନଜାତି ବଜେଟକୁ ବଢ଼ାଇ ଚାଲିଛନ୍ତି। ସେମାନଙ୍କ କଳା, ସଂସ୍କୃତି ଓ ପୂଜାସ୍ଥଳୀର ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଆପଣଙ୍କ ଭାଷା, କଳା, ସଂସ୍କୃତି, ପୂଜାସ୍ଥଳୀ, ଦେବସ୍ଥଳୀ ଓ ଜାହିରାର ଉନ୍ନତି କରିଛନ୍ତି। ଅନ୍ୟ କୌଣସି ରାଜ୍ୟ ଏଭଳି କି ବିଜେପି ଶାସିତ ରାଜ୍ୟମାନେ ମଧ୍ୟ ଏହା କରିନାହାନ୍ତି। ଲକ୍ଷ ଲକ୍ଷ ଜନଜାତି ସମ୍ପ୍ରଦାୟର ଝିଅମାନଙ୍କ ପାଠପଢ଼ା ସୁବିଧା ପାଇଁ ହଷ୍ଟେଲ ଖୋଲିଛନ୍ତି। ଜଙ୍ଗଲ ଉପରେ ନିର୍ଭରଶୀଳ ଜନଜାତି ସମ୍ପ୍ରଦାୟଙ୍କ ଶାଳ ମଞ୍ଜି, ମହୁଲ ଆଦି ବନ୍ୟଜାତ ଦ୍ରବ୍ୟର ଉଚିତ ମୂଲ୍ୟରେ କିଣିବା ପାଇଁ ଲାଭ ଯୋଜନା ଆରମ୍ଭ କରିଛନ୍ତି। ଆପଣଙ୍କୁ ▸ପୃଷ୍ଠା-୯

## ଲୋକକଥା




'ଯୋଡ଼ି ଶଙ୍ଖ' ମୋଡ଼ି ଦେଲାଣି 'ଫୁଲ'କୁ
ଡଙ୍କ ପଡ଼ିଲାଣି ନଇଁ,
କେଡ଼େ କେଡ଼େ ନେତା ଭୋଅଟ ପାଇଁକି
ଓଡ଼ିଶା ଆସନ୍ତି ଧାଇଁ!
ସ୍ଥିତି ସାତ ଜଣାନାହିଁ,
ଲୋକଙ୍କ ମନକୁ ଜିଣି କି ପାରିବ
ଦୁଚ୍ଛା ଡାହା ମିଛ କହି!!

# ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ପ୍ରଭାବଶୂନ୍ୟ

■ **ଭୁବନେଶ୍ୱର, ୨୧।୫ (ସମିସ):** ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ। ବୁଧବାର ସୃଷ୍ଟ ହେବାକୁଥିବା ଏହି ଲଘୁଚାପ କ୍ରମେ ଅଧିକ ଘନୀଭୂତ ହୋଇ ଗଭୀର ଅବାପାତ ରୂପ ନେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଯଦିଓ ଏହା ଘନୀଭୂତ ହୋଇ ଗଭୀର ଅବପାତ କିମ୍ବାରେ ବାତ୍ୟାରେ ପରିଣତ ହେବା ନେଇ ଅନେକ ମଡେଲ୍ ଆଶଙ୍କା ପ୍ରକାଶ କରୁଛନ୍ତି, ତେବେ ଓଡ଼ିଶା ଉପରେ ଏହାର ପ୍ରଭାବ ପଡ଼ିବା ସମ୍ଭାବନା କ୍ଷୀଣ ରହିଛି।

ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳରୁ ଦୂରରେ ଯାଇ ବାଂଲାଦେଶ କିମ୍ବା ମିଆଁମାରରେ ସ୍ଥଳଭାଗ ଛୁଇଁବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାବରେ ସମ୍ଭବତଃ ରାଜ୍ୟର ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ଆକାଶ ମେଘୁଆ ରହିବ। ଆସନ୍ତା ୨୫ ତାରିଖରେ ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ବାତ୍ୟା ମତଦାନରେ କୌଣସି ପ୍ରକାର ବାଧା ଆଣିବ ନାହିଁ ବୋଲି କୁହାଯାଇଛି।

**ବାଂଲାଦେଶ କିମ୍ବା ମ୍ୟାଁମାର ଆଡ଼କୁ ମୁହାଁଇବା ଆଶଙ୍କା**

**ଉତ୍ତର ଓଡ଼ିଶାରେ ହୋଇପାରେ କାଁ ଭାଁ ବର୍ଷା**

**ଜାରି ରହିବ ଅସମ୍ଭାଳ ତାତି**

**ବିଳମ୍ବରେ ପହଞ୍ଚିବ ମୌସୁମୀ**

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ, ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ 'ସିଷ୍ଟମ' ଯୋଗୁଁ ରାଜ୍ୟରେ ଭାରି ବର୍ଷା କିମ୍ବା ପବନ ହେବାର ଆଶଙ୍କା ନାହିଁ। ତେବେ ୨୫ ତାରିଖ ଅପରାହ୍ଣରେ ବାଲେଶ୍ୱର ଓ ୨୬ ତାରିଖ ସକାଳବେଳା ଭଦ୍ରକ ଓ କେନ୍ଦ୍ରାପଡ଼ାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ୨୨ ତାରିଖରେ ଲଘୁଚାପ ସୃଷ୍ଟି ହେବା ▸ପୃଷ୍ଠା-୯

# କ୍ଷମତା ପାଇଁ ରାଜନୀତି କରନ୍ତିନି ନବୀନ

**୫ଥର କ୍ଷମତାରେ ରହିବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରେ 'ସତ୍ତା ସପକ୍ଷ' ସ୍ଥିତି**

■ **ଭୁବନେଶ୍ୱର, ୨୧।୫ (ସମିସ):** ନବୀନ ପଟ୍ଟନାୟକ ଜଣେ ରାଜନେତା ନୁହଁନ୍ତି, ସେ କ୍ଷମତା ପାଇଁ ରାଜନୀତି କରନ୍ତି ନାହିଁ। ଓଡ଼ିଶାବାସୀଙ୍କୁ ସେବା କରିବା ଲାଗି ତାଙ୍କ ହୃଦୟରେ ପବିତ୍ର ଭାବନା ରହିଛି। ଲୋକଙ୍କ ସେବା ଲାଗି ସେ ରାଜନୀତିକୁ ମାଧ୍ୟମ କରିଛନ୍ତି। ସେ ଯଦି ରାଜନୀତି କରିଥାନ୍ତେ, ତାହେଲେ ସେ ରାଜନୀତିରେ ତିଷ୍ଠି ପାରି ନ ଥାନ୍ତେ। ଏପରିକି ୫ଥର ପରେ ମଧ୍ୟ ତାଙ୍କ ସପକ୍ଷରେ ନିର୍ବାଚନୀ ମାହୋଲ/ହାୱା (ସତ୍ତା ସପକ୍ଷ ବାତାବରଣ) ରହିଛି ବୋଲି କହିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ।

ଜାତୀୟ ସମ୍ବାଦ ସରବରାହ ସଂସ୍ଥା ପିଟିଆଇକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଯେ ୨୦୧୯ ନବୀନ ପଟ୍ଟନାୟକଙ୍କ ବିଦାୟୀ ବର୍ଷ ହେବ ହେବ ବୋଲି ବିଜେପି ପ୍ରଚାର କରୁଥିଲା। ମାତ୍ର ନିର୍ବାଚନ ଫଳାଫଳ ସବୁ ବଦଳାଇ ଦେଲା। ନବୀନ ପଟ୍ଟନାୟକ ପ୍ରଚଣ୍ଡ ବହୁମତ ଲାଭ କରି ପୁଣି ସରକାରକୁ ଆସିଲେ। ଚଳିତଥର ମଧ୍ୟ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କ ଏକ୍ସପାୟରୀ ଡେଟ କଥା କହୁଛନ୍ତି। ମାତ୍ର ଚଳିତଥର ମଧ୍ୟ ତିନି ଚତୁର୍ଥାଂଶ ଆସନରେ ବିଜୟ ଲାଭ କରି ମୁଖ୍ୟମନ୍ତ୍ରୀ ଷଷ୍ଠ ଥର ଭାବେ ଶପଥ ଗ୍ରହଣ କରିବେ। ଭଗବାନଙ୍କ ଆଶୀର୍ବାଦ ଏବଂ ଲୋକଙ୍କ ସମର୍ଥନରେ ବିଜେଡି ଚଳିତ ନିର୍ବାଚନରେ ସ୍ୱିପ୍ କରୁଛି। ବିଧାନସଭାରେ ବିଜୁ ଜନତା ଦଳ ତିନି ଚତୁର୍ଥାଂଶ ଆସନରେ ବିଜୟ ହେବାକୁ ଯାଉଛି ଓ ଲୋକସଭା ନିର୍ବାଚନରେ ଗତଥର ଠାରୁ ଅଧିକ ଆସନ ପାଇବ। ମୁଖ୍ୟମନ୍ତ୍ରୀ ଜୁନ୍ ୯ ତାରିଖ ଦିନ ସାଢ଼େ ୧୧ଟାରୁ ୧ଟା ମଧ୍ୟରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ପୂର୍ବ ପରି ଏଥର ମଧ୍ୟ ଶପଥ ଗ୍ରହଣ ଉତ୍ସବକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବେ। ତେବେ ଚଳିତ ଥର ପ୍ରଧାନମନ୍ତ୍ରୀ ଶପଥ ଗ୍ରହଣ ସମାରୋହକୁ କିଛି ଉପହାର ନେଇ ଆସିବେ ବୋଲି ଆମେ ଆଶା ରଖିଛୁ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବି ଦୀର୍ଘ ଦିନରୁ ହୋଇ ଆସୁଛି। ପ୍ରଧାନମନ୍ତ୍ରୀ ଯଦି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଘୋଷଣା କରନ୍ତି ତାହେଲେ ଓଡ଼ିଶାବାସୀଙ୍କ ପାଇଁ ଏହା ଶ୍ରେଷ୍ଠ ଉପହାର ହେବ। ସେହିପରି ବିଭିନ୍ନ ସଭାରେ ଧାନର ଏମଏସପି ୩୧୦୦ ଟଙ୍କା କରିବାକୁ ପ୍ରଧାନମନ୍ତ୍ରୀ କହୁଛନ୍ତି। ଏହା ମୋଦୀ ଗ୍ୟାରେଣ୍ଟି ବୋଲି ପ୍ରଧାନମନ୍ତ୍ରୀ ବାରମ୍ବାର ଉଲ୍ଲେଖ କରୁଛନ୍ତି। ଅତଏବ ଖାଲି ଓଡ଼ିଶା ନୁହେଁ, ବରଂ ଦେଶବ୍ୟାପୀ ଧାନର ଏମଏସପି ୩୧୦୦ ଟଙ୍କା ଘୋଷଣା କଲେ ଦେଶବ୍ୟାପୀ କୃଷକମାନେ ଖୁସି ହେବେ। ସେହିପରି କୋଇଲା ରାଜଭାଗ ବୃଦ୍ଧି ନେଇ ଓଡ଼ିଶା କେନ୍ଦ୍ର ▸ପୃଷ୍ଠା-୯

**ପ୍ରଧାନମନ୍ତ୍ରୀଙ୍କଠାରୁ ଓଡ଼ିଶା ପାଇଁ ପାଣ୍ଡିଆନ ଲୋଡ଼ିଲେ ୩ ଉପହାର**

**ସ୍ୱତନ୍ତ୍ର ପାହ୍ୟା, ଏମଏସ୍‌ପି ୩୧୦୦ ଟଙ୍କା ଓ କୋଇଲା ରାଜଭାଗ ସଂଶୋଧନ**

**ରତ୍ନଭଣ୍ଡାର ଚାବି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ସମ୍ପୂର୍ଣ୍ଣ ରାଜନୈତିକ**






## କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର














### କଟକ ଲୋକସଭା ଆସନ

# ବିରୋଧୀଙ୍କୁ ଭାରି ପଡ଼ିବ କି ବିକାଶ ଓ ନବୀନ ଗ୍ୟାରେଣ୍ଟି

**କଟକ, ୨୧।୫(ସମିସ):** ଆଉ ଦିନ ଦୁଇଟା ପରେ ପ୍ରଚାର ସରିବ ଓ ୨୫ ତାରିଖରେ ଭୋଟ। କଟକ ଲୋକସଭା ଆସନ ପାଇଁ ପ୍ରାର୍ଥୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବେଳେ ଆସନ୍ତା ଜୁନ୍ ୪ ତାରିଖରେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ, ତାହା ସ୍ପଷ୍ଟ ହୋଇଯିବ। ଏଥର କଟକ ସଂସଦୀୟକ୍ଷେତ୍ରରେ ନୂଆ ଓ ପୁରୁଣା ମୁହଁଙ୍କ ମଧ୍ୟରେ ରୋଚକ ଲଢ଼େଇ ହେଉଛି। ବିଜେଡି ଟିକଟରେ ଛଅଥର କଟକରୁ ସାଂସଦ ହୋଇଥିବା ଭର୍ତ୍ତୃହରି ମହତାବ ଏଥର ବିଜେପି ପ୍ରାର୍ଥୀ ହୋଇଥିବା ବେଳେ ଏହା ତାଙ୍କ ପାଇଁ ବଡ଼ ସମ୍ମାନର ଲଢ଼େଇ ହୋଇଛି। ସେ ବିଜୁ ଜନତା ଦଳର ସଂଗଠନ ବଳରେ ଜିତିପାରିଥିଲେ। ଏବେ ଦଳ ପରିବର୍ତ୍ତନ କରି ବିଜେପି ପ୍ରାର୍ଥୀ ଭାବେ ଭାଗ୍ୟ ପରୀକ୍ଷା କରୁଥିବା ବେଳେ ତାଙ୍କର ସମ୍ମାନ ଅଠାକାଠିରେ ପଡ଼ିଛି। କଟକ ଲୋକସଭା ଅନ୍ତର୍ଗତ ବଡ଼ମ୍ବା, ଚୌଦ୍ୱାର, ଆଠଗଡ଼ ଓ ବାଙ୍କୀ ବିଜେପିରେ ରହିଥିବା ଗୋଷ୍ଠୀକନ୍ଦଳ ଭର୍ତ୍ତୃହରିଙ୍କୁ ଅଡ୍ଡୁଆରେ ପକାଇଛି। ଏପରିକି ଭର୍ତ୍ତୃହରିଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଚାର କରିବାକୁ ଆସିଥିଲେ ବି ଏହାର ପ୍ରଭାବ ପରିଲକ୍ଷିତ ହୋଇନାହିଁ।

ବିଜୁ ଜନତା ଦଳ ପକ୍ଷରୁ ଏଥର ନୂଆ ଚେହେରା ଭାବେ ଡ.ସଂତୃପ୍ତ ମିଶ୍ର କଟକ ଲୋକସଭାରେ ପ୍ରାର୍ଥୀ ହୋଇଛନ୍ତି। ନିଜର ପ୍ରଭାବୀ ପ୍ରଚାର ଶୈଳୀ ପାଇଁ ଖୁବ୍ କମ୍ ଦିନ ମଧ୍ୟରେ ବହୁତ ଲୋକଙ୍କ ନିକଟତର ହୋଇପାରିଛନ୍ତି ସଂତୃପ୍ତ। ସଂତୃପ୍ତଙ୍କ ବିଚାରପତ୍ର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଛି। କଟକ ସହର ସମେତ ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେଡି ସରକାର ସମୟରେ ହୋଇଥିବା ଓ ଚାଲୁଥିବା ବିକାଶମୂଳକ କାର୍ଯ୍ୟ ସହ ବର୍ତ୍ତମାନ ନବୀନ ଗ୍ୟାରେଣ୍ଟିକୁ ପ୍ରମୁଖ ଅସ୍ତ୍ର କରିଛନ୍ତି ସଂତୃପ୍ତ। ଏପରିକି ବିରୋଧୀଙ୍କ ଉପରେ ଏହା ଭାରି ପଡ଼ିବ ବୋଲି ବିଜେଡି ଆଶାବାଦୀ ରହିଛି। ସେହିପରି କଟକ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ୭ବିଧାନସଭା କ୍ଷେତ୍ରରେ ରହିଥିବା ବିଜେଡିର ଦୃଢ଼ ସଂଗଠନ ବି ସଂତୃପ୍ତଙ୍କ ପାଇଁ ଏକ ବଡ଼ ଆଧାର ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

କଟକ ଲୋକସଭା ନିର୍ବାଚନ ମଣ୍ଡଳୀଟି ବିଗତ ୨୬ ବର୍ଷ ଧରି ବିଜୁ ଜନତା ଦଳ ଦଖଲରେ ରହିଛି। ଏଠି ଦଳ କେବେ ପରାଜୟର ସ୍ୱାଦ ଚାଖିନି। ଏପରିକି କଟକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ କେବଳ ବାରବାଟୀ-କଟକକୁ ବାଦ୍ ଦେଲେ ସବୁ ବିଧାନସଭା କ୍ଷେତ୍ରକୁ ଗତ ୨୦୧୯ ନିର୍ବାଚନରେ ବିଜୁ ଜନତା ଦଖଲ କରିଥିଲା। ବାରବାଟୀ-କଟକ ବିଜେଡି ଦଖଲରେ ନଥିଲେ ସୁଦ୍ଧା ଗତ ୨୦୨୩ରେ କଟକ ମହାନଗର ନିଗମ ମେୟର ଓ କର୍ପୋରେଟର ନିର୍ବାଚନରେ ଦଳ ବହୁତ ଆଗରେ ରହିଥିଲା। ଏଣୁ ବିଜେଡିର ସଂଗଠନ ହିଁ ଲୋକସଭା କ୍ଷେତ୍ରରେ ବଡ଼ ଭୂମିକା ଗ୍ରହଣ କରିବ ବୋଲି ଚର୍ଚ୍ଚା ହେଉଛି।

ସେହିପରି କଂଗ୍ରେସ ବି ଜଣେ ଭେଟେରାନ୍ ନେତା ସୁରେଶ ମହାପାତ୍ରଙ୍କୁ ଲୋକସଭା ପ୍ରାର୍ଥୀ କରିଛି। ସୁରେଶ ପୂର୍ବରୁ ୨୦୧୨ରେ ଆଠଗଡ଼ ବିଧାନସଭା ଉପନିର୍ବାଚନ, ୨୦୦୪ରେ କଟକ ସହର ବିଧାନସଭା, ୨୦୦୯ରେ ବାରବାଟୀ-କଟକ ଓ ୨୦୧୪ରେ ଚୌଦ୍ୱାର-କଟକରୁ ନିର୍ବାଚନ ଲଢ଼ି ପରାଜିତ ହୋଇଛନ୍ତି। ସେ ଚତୁର୍ଥଥର ପାଇଁ ନିର୍ବାଚନ ମଇଦାନରେ ରହିଛନ୍ତି। ବିଳମ୍ବରେ ସୁରେଶଙ୍କୁ ଲୋକସଭା ଟିକଟ ପ୍ରଦାନ କରାଯାଇଥିବାରୁ ସେ ପ୍ରଚାରରେ ପଛରେ ପଡ଼ିଯାଇଥିଲେ। କଟକ ଲୋକସଭା ଆସନରୁ ଏକଦା କଂଗ୍ରେସ ମଧ୍ୟ ପ୍ରତିନିଧିତ୍ୱ କରିଆସୁଥିଲା। ଏହି ନିର୍ବାଚନମଣ୍ଡଳୀରେ ଦଳର ରହିଥିବା ପାରମ୍ପରିକ ଭୋଟ୍ ବ୍ୟାଙ୍କ ପ୍ରତି ନିର୍ବାଚନରେ କମି କମି ଯାଉଥିବା ବେଳେ ଏହାକୁ ବଜାୟ ରଖିବା ସୁରେଶଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି। ଏପରିକି କଂଗ୍ରେସର ବିଧାନସଭା ପ୍ରାର୍ଥୀଙ୍କୁ ଯେଉଁ ଭୋଟ ପଡ଼ିବ, ତାହା ସାଂସଦ ପ୍ରାର୍ଥୀ ସୁରେଶଙ୍କୁ ଯିବା ନେଇ ମଧ୍ୟ ସନ୍ଦେହ ରହିଛି ବୋଲି ରାଜନୈତିକ ସମୀକ୍ଷକମହଲରେ ଆଲୋଚନାର ବିଷୟ ହୋଇଛି।





- ଭର୍ତ୍ତୃହରିଙ୍କ ପାଇଁ ସମ୍ମାନର ଲଢ଼େଇ
- ବିଜେଡିର ଦୃଢ଼ ସଂଗଠନ ସଂତୃପ୍ତଙ୍କ ପାଇଁ ବଡ଼ ଆଧାର
- ପାରମ୍ପରିକ ଭୋଟ ବଜାୟ ରଖିବା ସୁରେଶଙ୍କ ପାଇଁ ଆହ୍ୱାନ

### ଭୋଗରାଇ ନିର୍ବାଚନ ମଣ୍ଡଳୀ

# ବିଜେଡି-କଂଗ୍ରେସ ମୁକାବିଲା, ବିଜେପି ନିର୍ଣ୍ଣାୟକ

**ବାଲେଶ୍ୱର,୨୧।୫(ସମିସ):** ବାଲେଶ୍ୱର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ହେଉଛି ଭୋଗରାଇ। ଗୋଟିଏ ବ୍ଲକ୍‌କୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ଭୋଟର ଶିକ୍ଷିତ ଓ ସଚେତନ। ୯୦ ଦଶକରେ ଜନତା ଦଳ ଅମଳରୁ ଅଣକଂଗ୍ରେସ ଗଡ଼ ଭାବେ ପରିଗଣିତ ହୋଇଆସୁଥିବା ଭୋଗରାଇ ଧାନ, ପାନ ଓ ମୀନ ଉପରେ ନିର୍ଭରଶୀଳ। ଭୋଗରାଇ ଅଞ୍ଚଳବାସୀଙ୍କ ଜୀବନଜୀବିକା ଏଥିରେ ପର୍ଯ୍ୟବସିତ ଥିବା ବେଳେ ନିର୍ବାଚନୀ ମଇଦାନରେ ଆଜି ବି ବହୁ ପ୍ରସଙ୍ଗ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଭୋଗରାଇର ସାମଗ୍ରିକ ବିକାଶରେ ମାଇଲ୍‌ଖୁଣ୍ଟ ସ୍ଥାପନ କରି ଚାଲିଛି। ପଶ୍ଚିମବଙ୍ଗ ସୀମା ସଂଲଗ୍ନ ଏହି ଅଞ୍ଚଳ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବାରୁ ଏଠାରୁ ପ୍ରତିନିଧିତ୍ୱ କରୁଥିବା ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଉପରେ ଅଧିକ ନଜର ରହିଥାଏ।

୧୯୯୦ ମସିହାରୁ ତିନି ଦଶନ୍ଧି ଧରି ଭୋଗରାଇରେ ଅଣକଂଗ୍ରେସ ବିଧାୟକ ଭାବେ ଡା. କମଳା ଦାସ ଓ ପରବର୍ତ୍ତୀ ସମୟରେ ଅନନ୍ତ ଦାସ ଲଗାତାର ଚାରିଥର ବିଜୟୀ ହୋଇଛନ୍ତି। ୧୯୯୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଡା. କମଳା ଦାସ ଜନତା ଦଳରୁ ଦୁଇ ଥର ବିଜୟୀ ହୋଇଥିବା ବେଳେ ୨୦୦୦ ମସିହାରେ ବିଜୁ ଜନତା ଦଳରୁ ବିଜୟୀ ହୋଇ ମନ୍ତ୍ରୀ ହୋଇଥିଲେ। ୨୦୦୪ ମସିହାରୁ ୨୦୨୪ ପର୍ଯ୍ୟନ୍ତ ୨୦ବର୍ଷ ଧରି ଭୋଗରାଇରୁ ଅନନ୍ତ ଦାସ ଲଗାତାର ଚାରି ଥର ବିଜେଡିରୁ ବିଜୟୀ ହୋଇଛନ୍ତି। ତେବେ ବୟସାଧିକ୍ୟ କାରଣରୁ ଚଳିତ ନିର୍ବାଚନରେ ଭୋଗରାଇରୁ ଅନନ୍ତଙ୍କ ସ୍ଥାନରେ ବିଜେଡି ନୂଆ ଚେହେରା ଭାବେ ଗୌତମବୁଦ୍ଧ ଦାସଙ୍କୁ ମଇଦାନକୁ ଓହ୍ଲାଇଛି। ଗୌତମ ବିଜେଡିର ଭୋଟ୍ ବ୍ୟାଙ୍କକୁ ବଢ଼ାଇ ଏହି ଗୁରୁତ୍ୱପୂର୍ଣ୍ଣ ଆସନରେ ବାଜିମାତ୍ କରିବେ ବୋଲି ସମର୍ଥକମହଲ ବେଶ୍ ଆଶାବାଦୀ ରହିଛନ୍ତି।

ସାମ୍ବାଦିକତାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଗୌତମବୁଦ୍ଧ ରାଜ୍ୟ ରାଜନୀତିରେ ଜଣେ ଜଣାଶୁଣା ଚେହେରା। ସାମ୍ବାଦିକତା ଜଗତକୁ ଛାଡ଼ି ସେ ବିଜୁ ଜନତା ଦଳର ବରିଷ୍ଠ ମୁଖପାତ୍ର ଭାବେ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଭୋଗରାଇ ମାଟିର ପୁଅ ଗୌତମଙ୍କ ପଛରେ ରହିଛି ରାଜନୈତିକ ଉତ୍ତରାଧିକାର (ପଲିଟିକାଲ୍ ଡିଏନ୍ଏ)। ତାଙ୍କ ବାପା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଶଙ୍କର ଦାସ ଗତ ୧୯୫୭-୬୧ ମସିହାରେ କଂଗ୍ରେସରୁ ଭୋଗରାଇର ବିଧାୟକ ଥିଲେ। ଏମିତିକି ଗୌତମଙ୍କ ବଡ଼ବାପା ପ୍ୟାରୀମୋହନ ଦାସ ୧୯୬୧ ଓ ୧୯୬୭ରେ ପ୍ରଜା ସୋସିଆଲିଷ୍ଟ ପାର୍ଟିରୁ ଦୁଇ ଥର ବିଧାୟକ ରହି ଭୋଗରାଇର ଲୋକପ୍ରିୟ ନେତା ଥିଲେ। ତାଙ୍କର ଅନୁଗାମୀ ସୁଶାନ୍ତ ଚାନ୍ଦ ଜନତା ପାର୍ଟିରୁ ୧୯୭୭ ମସିହାରେ ବିଧାୟକ ଭାବେ ଜିତି ଭୋଗରାଇ ମାଟିର ପ୍ରତିନିଧିତ୍ୱ କରୁଥିଲେ। ପୂର୍ବତନ ବିଧାୟକ ଶ୍ରୀ ଚାନ୍ଦ ଏବେ ଗୌତମଙ୍କ ନିର୍ବାଚନୀ ରଣଭୂମିରେ ପ୍ରମୁଖ ସାରଥୀ ସାଜିଛନ୍ତି। ଏଭଳି ଲମ୍ବା ରାଜନୈତିକ ଉତ୍ତରାଧିକାରକୁ ଆଗକୁ ବଢ଼ାଇ ନେବାକୁ ଗୌତମଙ୍କ ନିକଟରେ ସାଙ୍ଗଠନିକ ଦକ୍ଷତା ରହିଛି। ତାଙ୍କର ସ୍ଥାନୀୟ ଲୋକପ୍ରିୟତା ତଥା ନିର୍ବିବାଦୀୟ ଚେହେରାକୁ ଆଧାର କରି ଶାସକ ବିଜୁ ଜନତା ଦଳ ଭୋଗରାଇ ଭଳି ଗୁରୁତ୍ୱପୂର୍ଣ୍ଣ ଆସନରୁ ତାଙ୍କୁ ପ୍ରାର୍ଥୀ କରିଛି।

ଭୋଗରାଇର ରାଜନୈତିକ ସ୍ଥିତିରୁ ବିଚାର କଲେ, ଗୌତମଙ୍କ ମୁହାଁମୁହିଁ ଲଢ଼େଇ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସଙ୍କ ସହ ହେବାକୁ ଯାଉଛି। ଗତ ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ଅନନ୍ତ ଦାସଙ୍କ ବିରୁଦ୍ଧରେ ସତ୍ୟଶିବ ଲଢ଼ି ପରାଜୟ ହୋଇଛନ୍ତି। କଂଗ୍ରେସର ପୁରୁଖା ନେତା କାର୍ତ୍ତିକେଶ୍ୱର ପାତ୍ରଙ୍କୁ ୨୦୦୯ରେ ୪୦.୫୩% ମିଳିଥିବା ବେଳେ ୨୦୧୪ରେ ସତ୍ୟଶିବଙ୍କୁ ୩୭.୩୭% ଏବଂ ୨୦୧୯ରେ ୩୬.୫୧% ଭୋଟ୍ ମିଳିଥିଲା। ତେବେ ତୃତୀୟ ଥର ପାଇଁ କଂଗ୍ରେସ ସତ୍ୟଶିବଙ୍କ ଉପରେ ଭରସା କରି ଭୋଗରାଇରୁ ଟିକଟ୍ ଦେଇଛି। ସତ୍ୟଶିବ ମଧ୍ୟ ଜଣେ ବରିଷ୍ଠ ସାମ୍ବାଦିକ ଓ ସୁବକ୍ତା ଭାବେ ଜଣାଶୁଣା। ଦୀର୍ଘ ଏକ ଦଶନ୍ଧି ଧରି ଭୋଗରାଇର କଂଗ୍ରେସ ରାଜନୀତି ସହ ଜଡ଼ିତ ସତ୍ୟଶିବଙ୍କ ମଧ୍ୟ ସୁସାଂଗଠନିକ ଦକ୍ଷତା ରହିଛି।

ଏହି ଆସନରେ ଲଗାତାର ବିଜେଡି ଓ କଂଗ୍ରେସ ମଧ୍ୟରେ ନିର୍ବାଚନୀ ଲଢ଼େଇ ହେଉଥିବା ବେଳେ ବିଜେପିର ସାଙ୍ଗଠନିକ ସ୍ଥିତି ଦୁର୍ବଳ ରହିଆସିଛି। କିନ୍ତୁ ଚଳିତ ନିର୍ବାଚନରେ କଂଗ୍ରେସ ଭୋଟ୍ ବ୍ୟାଙ୍କରେ ବିଭାଜନ କରି ବିଜେପି ନିଜର ସ୍ଥିତି ସୁଦୃଢ଼ କରିବାକୁ ପୂର୍ବତନ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ଆଶିଷ ପାତ୍ରଙ୍କୁ ଟିକଟ୍ ଦେଇ ନିର୍ବାଚନୀ ରଣାଙ୍ଗନକୁ ଅଧିକ ରୋଚକପୂର୍ଣ୍ଣ କରିଛି। ଶେଷ ମୁହୂର୍ତ୍ତରେ ବିଜେପି ତା'ର ରଣନୀତି ବଦଳାଇ କଂଗ୍ରେସରୁ ଆମଦାନୀ ନେତା ଆଶିଷଙ୍କୁ ଟିକଟ୍ ଦେଇଛି ସତ; କିନ୍ତୁ ଏଯାଏଁ ଭୋଗରାଇ ବିଜେପିର ପୂର୍ବତନ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ଆଶାୟୀ ଆଶିଷ ମହାନ୍ତିଙ୍କ ମତିଗତି ସଠିକ୍ ଭାବେ ବୁଝାପଡ଼ିନାହିଁ। ଅପରପକ୍ଷେ, ବିଜେପି ୨୦୦୯ରେ ମାତ୍ର ୪.୭% ଭୋଟ୍‌ରୁ ଆରମ୍ଭ କରି ୨୦୧୪ରେ ୯.୬୪% ଏବଂ ୨୦୧୯ରେ ୧୫.୫୨% ଭୋଟ୍ ହାତେଇବାରେ ସକ୍ଷମ ହୋଇପାରିଥିଲା। ତେବେ ପୁରୁଣା ଭୋଟ୍‌ବ୍ୟାଙ୍କକୁ ବିଜେପି ରକ୍ଷା କରି ଉପରକୁ କେତେ ପାଦ ଚଢ଼ୁଛି; ସେନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି। ଭୋଗରାଇ ବିଜେପି ପ୍ରାର୍ଥୀ ଆଶିଷଙ୍କ ଭୋଟ୍ ବିଭାଜନ ଉପରେ ଆଗାମୀ ନିର୍ବାଚନୀ ଫଳାଫଳ ନିର୍ଭର କରୁଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଲାଗି ରହିଛି। ତେବେ ବ୍ୟକ୍ତିଗତ ଭୋଟିଂରେ କେଉଁ ପ୍ରାର୍ଥୀଙ୍କ ପଲ୍ଲା ଭାରି ରହିବ, ସେନେଇ ରାଜନୈତିକ ଖଟିରେ ଜୋରଦାର ଚର୍ଚ୍ଚା ହେଉଛି।









# ବିଜେପି ସରକାର କେବଳ ଓଡ଼ିଆ ଅସ୍ମିତାକୁ ନେଇ ରାଜନୀତି କରି ଜାଣନ୍ତି: ବିଜେଡି

**ଭୁବନେଶ୍ୱର,୨୧।୫(ସମିସ):** ଓଡ଼ିଆ ଭାଷାର ସୁରକ୍ଷା, ସମୃଦ୍ଧି ଓ ପ୍ରଚାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କରିଛନ୍ତି, ତାହା ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ। ଓଡ଼ିଶାର ବରପୁତ୍ରମାନଙ୍କ ଗରିମା ବୃଦ୍ଧି କରିବା ସହ ଆମ ଐତିହ୍ୟର ସୁରକ୍ଷା ପାଇଁ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ

- ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ
- ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ
- ଐତିହ୍ୟର ସୁରକ୍ଷା ପାଇଁ ଆସନ୍ତା ୧୦ ବର୍ଷରେ ୧୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ
- ଭାଗବତ ଟୁଙ୍ଗୀଗୁଡ଼ିକୁ ଅଧିକ କ୍ରିୟାଶୀଳ କରାଯିବ
- ଓଡ଼ିଆ ଅସ୍ମିତା କଥା କହୁଥିବା ଲୋକ ବିଜୁ ବାବୁଙ୍କୁ ସ୍ୱୀକୃତି ଦେଉ ନାହାନ୍ତି

ପ୍ରେରଣାଦାୟୀ। ଓଡ଼ିଆ ଭାଷା ପ୍ରତି ବିଜୁ ଜନତା ଦଳର ପ୍ରତିବଦ୍ଧତା ଆମର ନିର୍ବାଚନ ଇସ୍ତାହାରରେ ପ୍ରତିଫଳିତ ହୋଇଛି। ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଅଣଦେଖା କରୁଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ଦଶବର୍ଷ ବିତିଯାଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ତରଫରୁ ଟଙ୍କାଟିଏ ଅନୁଦାନ ମିଳିନାହିଁ। କେବଳ ନିର୍ବାଚନ ବେଳେ ଆସି ଓଡ଼ିଆ ଅସ୍ମିତା କଥା କହିବା ହାସ୍ୟାସ୍ପଦ ଛଡ଼ା ଆଉ କିଛି ନୁହେଁ ବୋଲି ବିଜେଡି କହିଛି।

ଆଜି ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ



ସମ୍ମିଳନୀରେ ଦଳର ଜାତୀୟ ମୁଖପାତ୍ର ଡ. ଅମର ପଟ୍ଟନାୟକ କହିଥିଲେ ଯେ ବିଜେଡିର ନିର୍ବାଚନୀ ଇସ୍ତାହାରରେ କୋଡ଼ିଏ ନମ୍ବର ଗ୍ୟାରେଣ୍ଟିରେ ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟର କିଭଳି ଭାବେ ସୁରକ୍ଷିତ ରହିବ ଏବଂ ଏହାର ପ୍ରଚାର ପ୍ରସାର ପାଇଁ ନବୀନ ସରକାର ସମର୍ପିତ ଅଛନ୍ତି, ତାହା ଦର୍ଶାଯାଇଛି। ୨୦୩୬ ମସିହାରେ ଦେଶର ଶ୍ରେଷ୍ଠ ରାଜ୍ୟର ମାନ୍ୟତା ହାସଲର ଲକ୍ଷ୍ୟ ନେଇ ଓଡ଼ିଶା ଆଗକୁ ବଢ଼ୁଛି। ଏହି ସମୟ ବେଳକୁ ଓଡ଼ିଆ ଭାଷା, ସଂସ୍କୃତି ଓ ଐତିହ୍ୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ହାସଲର ଲକ୍ଷ୍ୟ ରହିଛି। ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ଓଡ଼ିଆ ଭାଷା ସଂସ୍କୃତି ଓ ଐତିହ୍ୟକୁ ବ୍ୟାପକ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୬ ଡିସେମ୍ବର ୨୦୧୭ରେ ପୁରୀଠାରେ ପ୍ରଥମ ଐତିହ୍ୟ କ୍ୟାବିନେଟ ବସିଥିଲା। ଏହି କ୍ୟାବିନେଟରେ ଓଡ଼ିଆ ଭାଷା ସଂସ୍କୃତି ବିଭାଗ ଖୋଲିବା ଓ ଏକ ବିଶ୍ୱସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଭାଷା ସଂସ୍କୃତି ବିଭାଗ ଖୋଲାଯାଇଥିଲା ଓ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ମଧ୍ୟ ଆୟୋଜନ କରାଯାଇଥିଲା। ୭ଜୁନ୍ ୨୦୨୦ରେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିଲା। ସେହିପରି ରାଜ୍ୟର ପ୍ରଥମ ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀଠାରେ ପ୍ରତିଷ୍ଠା କରାଯାଇଛି। ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଦେଇ ଓଡ଼ିଶାର ୧୩୫ଟି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯାଇଛି। ଓଡ଼ିଶାର ବରପୁତ୍ରମାନଙ୍କ ଯଥା ନେତାଜୀ ସୁଭାଷ ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ରଘୁନାଥ ମୁର୍ମୁ ଇତ୍ୟାଦିଙ୍କ ଜନ୍ମପୀଠକୁ ସ୍ମାରକୀ ଭାବେ ଗଢ଼ା ଯାଇଛି।

ଡ. ପଟ୍ଟନାୟକ କହିଛନ୍ତି, ବିଜେଡି ତାର ଘୋଷଣାପତ୍ରରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ୧୦୦ କୋଟି ଟଙ୍କା ବ୍ୟୟର ପ୍ରତିଶ୍ରୁତି ଦେଇଛି। ତାହା ଆସନ୍ତା ଦଶ ବର୍ଷରେ ଖର୍ଚ୍ଚ ହେବ। ଓଡ଼ିଶା ସଂସ୍କୃତିର ପ୍ରତୀକ କଳାକାରମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ପ୍ରାୟ ୪୫୧୦୨ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶି ପ୍ରଦାନ କରାଯାଉଛି। ଏହା ଆଉ ୮୦ ହଜାର କଳାକାରଙ୍କୁ ଦିଆଯିବ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିମାନଙ୍କୁ କଳିଙ୍ଗ ଶ୍ରୀ ଓ କଳିଙ୍ଗ ଭୂଷଣ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଘୋଷଣା ପତ୍ରରେ କୁହାଯାଇଛି। ଐତିହ୍ୟର ସୁରକ୍ଷା ପାଇଁ ଆସନ୍ତା ଦଶ ବର୍ଷରେ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଓଡ଼ିଶାର ଐତିହକୁ ସୁରକ୍ଷିତ କରିବାର ଯୋଜନା ରହିଛି। ଭାଗବତ ଟୁଙ୍ଗୀଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ଏହାର ଅନୁଦାନକୁ ଦ୍ୱିଗୁଣିତ କରାଯିବ। ପଶ୍ଚିମ ଓଡ଼ିଶା ଭାଷାର ବିକାଶ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ଖୋଲିବା ପାଇଁ ପଚିଶ କୋଟି ଟଙ୍କା ବ୍ୟୟ ବରାଦର ପ୍ରତିଶ୍ରୁତି ଦିଆଯାଇଛି। ସେହିପରି, ୧୫୦୦ ହାଇସ୍କୁଲରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ଦିଆଯିବ ଓ ୧୯ ଜନଜାତି ଭାଷା ଶବ୍ଦକୋଷ କରାଯାଇଛି। ଏହାକୁ ଆହୁରି କ୍ରିୟାଶୀଳ କରାଯିବ। ୧୮୧୭ ମସିହା ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇଁ ୨୦୧୭ରୁ ଉଦ୍ୟମ ଚାଲିଛି। ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ମୁଖ୍ୟମନ୍ତ୍ରୀ ଜଣାଇଥିଲେ। ୨୩ ଅକ୍ଟୋବର ୨୦୧୭ରେ ତତ୍କାଳୀନ କେନ୍ଦ୍ର ଏଚ୍‌ଆରଡି ମନ୍ତ୍ରୀ ପ୍ରକାଶ ଜାଭାଡେକର ପୁସ୍ତକରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ନେଇ ପଢ଼ାଇବାକୁ କହିଥିଲେ। ତେବେ ଆମେ ଭାବିଲୁ ଏହା ସବୁ ବହିରେ ଲେଖାଯିବ। ଆମେ ଖୁସି ଥିଲୁ। ହେଲେ ସଂସଦର ଉତ୍ତରରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ କହି ହେବନି ବୋଲି କହିଲେ। କେବଳ କେସ୍ ଷ୍ଟଡି ଭାବେ ଅଷ୍ଟମ ଶ୍ରେଣୀ ପିଲା ପଢ଼ିବେ। ଯଦି ଭାରତ ବର୍ଷରେ ପ୍ରଥମ ସଂଗ୍ରାମ ହୋଇଥିଲା, ତାହା ପାଇକଙ୍କ ପାଇଁ ଯାହା ବ୍ରିଟିଶକୁ ଝଟକା ଦେଇଥିଲା। ହେଲେ କେନ୍ଦ୍ରର ଓଡ଼ିଆ ଅସ୍ମିତା ପାଇଁ କଣ ଅଛି ହୃଦୟରେ, ତାହା ଜଣାପଡୁଛି। କେନ୍ଦ୍ର ସରକାରଙ୍କ ପାଖରେ ଓଡ଼ିଆ ଅସ୍ମିତାର ପ୍ରୀତି ନାହିଁ। ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ଦିଆଯାଇନାହିଁ। ସଂସଦରେ ଏ କଥା ଉଠାଇଛୁ। ଦୁଃଖର କଥା, ଯେଉଁମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି, ସେମାନେ ବିଜୁ ବାବୁଙ୍କୁ ସ୍ୱୀକୃତି ଦେଉ ନାହାନ୍ତି ବୋଲି ଡ. ପଟ୍ଟନାୟକ କ୍ଷୋଭର ସହ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ଡ. ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ୍

**ବ୍ରହ୍ମପୁର, ୨୧।୫(ସମିସ):** ୨୦୦୯ ମସିହାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଚୂଡାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡା. ଅରୁଣ କୁମାର ସାହୁ ଉକ୍ତ ମାମଲାର ଶୁଣାଣି କରି ଅଭିଯୁକ୍ତ ତଥା ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଆରଡବ୍ଲ୍ୟୁଏସ୍ଏସ୍ ବିଭାଗର ତତ୍କାଳୀନ ସହକାରୀ ଯନ୍ତ୍ରୀ ତଥା ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ଇଂ. ନାରାୟଣ ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଯନ୍ତ୍ରୀ ନାରାୟଣ ପଣ୍ଡାଙ୍କୁ ୩ ବର୍ଷ ଜେଲ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି କୋର୍ଟ। ଜରିମାନା ଅନାଦେୟ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଏହି ମାମଲାରେ ନାରାୟଣ ପଣ୍ଡାଙ୍କ ପତ୍ନୀ ସଂଯୁକ୍ତା ପଣ୍ଡାଙ୍କୁ କୋର୍ଟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୦୯ ମସିହାରେ ଯନ୍ତ୍ରୀ ନାରାୟଣ ପଣ୍ଡାଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ ଯନ୍ତ୍ରୀଙ୍କ ବ୍ରହ୍ମପୁର ଫ୍ରେଣ୍ଡସ କଲୋନୀସ୍ଥିତ ବାସଭବନ, ପାରଳାଖେମୁଣ୍ଡିସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ କରିଥିଲା। ଯନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ନାମରେ ରହିଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମଧ୍ୟରୁ ୨୯ଲକ୍ଷ ୫୪ ହଜାର ୪୫୩ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଡିଏସ୍‌ପି ଦେବନାରାୟଣ ଦାଶ ଉଭୟ ଯନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଉକ୍ତ ମାମଲାର ବିଚାରଣା ବେଳେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

**ପାରିବାରିକ କଳହ**

# ବିଷ ପିଇ ମା' ମୃତ, ବାପା-ପୁଅ ଗୁରୁତର

**ଖଲ୍ଲିକୋଟ, ୨୧।୫(ସମିସ):** ପାରିବାରିକ କଳହରୁ ବିଷ ପିଇଦେଲେ ବାପା-ମା' ଓ ପୁଅ। ଏଥିରେ ମା'ର ମୃତ୍ୟୁ ଘଟିଥିବା ବେଳେ ବାପା-ପୁଅ ହସ୍ପିଟାଲ ଆଇସିୟୁରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ଡିମିରିଆ ଗ୍ରାମରେ ଗତ ଶନିବାର ରାତିରେ ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ଡିମିରିଆ ଗ୍ରାମର ଶଶି ମୁଦୁଲି, ସ୍ତ୍ରୀ କୁନ୍ତଳା ମୁଦୁଲି ଓ ପୁଅ ଚିତ୍ରସେନ ମୁଦୁଲି କୌଣସି କାରଣରୁ ବିଷ ପିଇ ଦେଇଥିଲେ। ବିଷ ଜ୍ୱାଳାରେ ଘର ଭିତରେ ତିନିଜଣ ଯାକ ତଳେ ପଡ଼ି ଛଟପଟ ହେଉଥିବା ଦେଖି ଚିତ୍ରସେନଙ୍କ ଭାଇ ନାରାୟଣ ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ପ୍ରଥମେ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୁନ୍ତଳାଙ୍କ ମୃତ୍ୟୁ ହୋଇଯାଇଥିଲା। ରବିବାର କୁନ୍ତଳାଙ୍କ ଶବ ବ୍ୟବଚ୍ଛେଦ ପରେ ଗାଁରେ ଅନ୍ତିମ ସଂସ୍କାର କରାଯାଇଛି। ସେପଟେ ବାପା ଶଶି ମୁଦୁଲି ଓ ପୁଅ ଚିତ୍ରସେନ ମୁଦୁଲି ବର୍ତ୍ତମାନ ଆଇସିୟୁରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି। ପାରିବାରିକ ଅଶାନ୍ତିରୁ ଏଭଳି ଘଟଣା ଘଟିଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।

**ଦଳ ବଦଳ କରିବା ପଡ଼ିପାରେ ମହଙ୍ଗା**

# ୪ ବିଧାୟକଙ୍କୁ ନୋଟିସ, ୨୭ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୧।୫(ସମିସ):** ବିଜେଡି ପରିତ୍ୟାଗ କରି ଅନ୍ୟ ଦଳରେ ମିଶିବା ରାଜ୍ୟର ୪ ବିଧାୟକଙ୍କୁ ମହଙ୍ଗା ପଡ଼ିପାରେ। ନିମାପଡ଼ା ବିଧାୟକ ସମୀର ଦାଶ, ହିଞ୍ଜୋଳ ବିଧାୟିକା ସୀମାରାଣୀ ନାୟକ, ଆଠମଲ୍ଲିକ ବିଧାୟକ ରମେଶ ସାଏ ଓ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ପକ୍ଷରୁ ଜବାବ ତଲବ କରାଯାଇଛି। ସେମାନଙ୍କ ସଭ୍ୟ ପଦ କାହିଁକି ରଦ୍ଦ ନହେବ, ସେନେଇ ଆସନ୍ତା ୨୭ ତାରିଖ ସୁଦ୍ଧା ଉତ୍ତର ଦେବାକୁ ନୋଟିସରେ କୁହାଯାଇଛି। ସୂଚନାଯୋଗ୍ୟ ଯେ ଉପରୋକ୍ତ ୪ ବିଧାୟକ ଦଳବଦଳ ନିରୋଧୀ ଆଇନ ଉଲ୍ଲଂଘନ କରିଥିବା ନେଇ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ବିଧାନସଭା ବାଚସ୍ପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାଚସ୍ପତିଙ୍କ ନିର୍ଦ୍ଦେଶରେ ଓଡ଼ିଶା

**ସମୀର, ସୀମାରାଣୀ, ରମେଶ ଓ ପର୍ଶୁରାମଙ୍କର ଯାଇପାରେ ସଭ୍ୟ ପଦ**

ବିଧାନସଭା ସଚିବ ଏହି ନୋଟିସ ଜାରି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ମାସରେ ସମାନ ଘଟଣାରେ ଓଡ଼ିଶା ବିଧାନସଭାର ୨ ଜଣ ବିଧାୟକ ନିଜର ସଦସ୍ୟ ପଦ ହରାଇ ସାରିଛନ୍ତି। ବିଜେଡି ଛାଡ଼ି ଜୟଦେବ ବିଧାୟକ ଅରବିନ୍ଦ ଢାଲି ଓ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ ବିଜେପିରେ ମିଶିବା ପରେ ସମାନ ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ବାଚସ୍ପତିଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ବାଚସ୍ପତି ପିଟିସନ୍ ଗ୍ରହଣ କରି ଶୁଣାଣି ପାଇଁ ଉଭୟ ବିଧାୟକଙ୍କୁ ନୋଟିସ୍ ଜାରି କରିଥିଲେ। ମାତ୍ର ଉଭୟ ଅରବିନ୍ଦ ଓ ପ୍ରେମାନନ୍ଦ ନୋଟିସର କୌଣସି ଉତ୍ତର ରଖିନଥିଲେ କିମ୍ବା ବ୍ୟକ୍ତିଗତ ଭାବେ ହାଜର ହୋଇନଥିଲେ। ଫଳସ୍ୱରୂପ ଦଳବଦଳ ନିରୋଧୀ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ବାଚସ୍ପତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

**ଓଡ଼ିଶାର ଜନଜାତିଙ୍କୁ କେନ୍ଦ୍ର ସରକାରଙ୍କ ଚରମ ପ୍ରତାରଣା**

# ବିଜେପିର ଜନଜାତି ପ୍ରେମ ମିଛ

**ଭୁବନେଶ୍ୱର, ୨୧।୫(ସମିସ):** ଓଡ଼ିଶାରେ ଲକ୍ଷ ଲକ୍ଷ ଆଦିମ ଜନଜାତି ବସବାସ କରୁଛନ୍ତି। ସେହିପରି ଦେଶର ସର୍ବାଧିକ ଆଦିମ ଜନଜାତି ସମୂହ (ପିଭିଟିଜି) ଓଡ଼ିଶାରେ ଅଛନ୍ତି। ଆଦିବାସୀମାନଙ୍କର କଲ୍ୟାଣ ପାଇଁ ଓଡ଼ିଶା ସରକାର ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛନ୍ତି; କିନ୍ତୁ କେନ୍ଦ୍ର ସରକାର ସେମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରିବା ନେଇ ପଛଘୁଞ୍ଚା ଦେଉଛନ୍ତି। ଓଡ଼ିଶାରେ ଥିବା ୧୬୦ରୁ ଅଧିକ ଆଦିବାସୀ ସମ୍ପ୍ରଦାୟକୁ ତୁରନ୍ତ ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବା ପାଇଁ ଓଡ଼ିଶା ବାରମ୍ବାର ଦାବି କରିଛି। ବିଜେଡି ସଂସଦୀୟ ଦଳ

- ୧୬୦ରୁ ଊର୍ଦ୍ଧ୍ୱ ସମ୍ପ୍ରଦାୟ ଅନୁସୂଚିତ ଜନଜାତି ମାନ୍ୟତାରୁ ବଞ୍ଚିତ
- ସ୍ୱାଧୀନତାର ୭୫ ବର୍ଷ ପରେ ବି ଉପେକ୍ଷିତ ଆଦିବାସୀ ସମ୍ପ୍ରଦାୟ
- କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ ବିଜେଡି ସଂସଦୀୟ ପ୍ରତିନିଧି

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛି। ସଂସଦରେ ଏ ସଂକ୍ରାନ୍ତରେ ବାରମ୍ବାର ଦାବି ହୋଇଛି। ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଅନେକ ବାର ଅନୁରୋଧ କରିଛନ୍ତି। ଏହା ସତ୍ତ୍ୱେ ଏହାପ୍ରତି କେନ୍ଦ୍ରର ବିଜେପି ସରକାର ଗୁରୁତ୍ୱ ଦେଇନାହିଁ କିମ୍ବା ରାଜ୍ୟର ବିଜେପି ସାଂସଦମାନେ ଏ ସମ୍ପର୍କରେ ଥରଟିଏ ବି ସ୍ୱର ଉତ୍ତୋଳନ କରିନାହାନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଆଦିବାସୀମାନଙ୍କର କଲ୍ୟାଣ ଏବଂ ବିକାଶ ଲାଗି ଅନେକ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟର ୯ଟି ଆଦିବାସୀ ବହୁଳ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରିରେ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ (ଏସ୍‌ଡିସି) ପ୍ରତିଷ୍ଠା କରାଯାଇଛି। ଏହି ପରିଷଦ ସମୂହରେ ୧୧୭ଟି ବ୍ଲକ, ୨୦୨୨ ଗ୍ରାମ ପଞ୍ଚାୟତ, ୧୮୬୮୭ ଗ୍ରାମ ଏବଂ ୧୪.୦୫ ଲକ୍ଷ ଅନୁସୂଚିତ ଜନଜାତିର ଲୋକଙ୍କୁ ସାମିଲ କରାଯାଇଛି। ତେବେ ସେମାନଙ୍କର ସ୍ୱତନ୍ତ୍ର ବିକାଶ ପାଇଁ ରାଜ୍ୟ ସରକାର ୧୬୦ ଆଦିବାସୀ ସମୂହଙ୍କୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବା ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଶ୍ରୀ ମୁଣ୍ଡାଙ୍କୁ ପତ୍ର ଲେଖି ରାଜ୍ୟର ୧୬୦ରୁ ଅଧିକ ଆଦିବାସୀ ସମ୍ପ୍ରଦାୟକୁ ଏହି ତାଲିକାରେ ସ୍ଥାନ ଦେବା ପାଇଁ ଅନୁରୋଧ କରିଥିଲେ। ମାତ୍ର କେନ୍ଦ୍ର ସରକାର ଏହାକୁ ବିଚାରକୁ ନେଲେ ନାହିଁ। ମନ୍ତ୍ରାଳୟ ପକ୍ଷରୁ ଗଠିତ ଟାସ୍କ ଫୋର୍ସ ୨୦୧୪ ମସିହାରେ ଓଡ଼ିଶାର ୯ଟି ପ୍ରସ୍ତାବକୁ ଅଗ୍ରାଧିକାର ଭିତ୍ତିରେ ଏସ୍‌ଟି ତାଲିକାରେ ସାମିଲ କରିବା ପାଇଁ ସୁପାରିଶ କରିଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା ନାହିଁ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ୨୦୧୧ ମେ' ୩୦, ୨୦୧୨ ନଭେମ୍ବର ୩ ଓ ୨୦୨୧ ଫେବୃଆରୀ ୧୯ ତାରିଖରେ ପତ୍ର ଲେଖି ଅନୁରୋଧ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜାତୀୟ ଫୋରମ୍ ଓ ଜୋନାଲ ବୈଠକରେ ମଧ୍ୟ ଏହି ଦାବିକୁ ଦୋହରାଇ ଆସୁଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଦାବି ପରେ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟର ଅଧିକାରୀଙ୍କ ଟିମ୍ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁଧ୍ୟାନ କରିଥିଲେ। ପିଭିଟିଜି ପାଇଁ ବଜେଟରେ ବ୍ୟୟବରାଦ କରିବା ଏବଂ ୧୬୦ରୁ ଅଧିକ ଆଦିବାସୀ ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ସ୍ଥାନ ଦେବା ପାଇଁ ମଧ୍ୟ ଓଡ଼ିଶାର ଦାବି ସମ୍ପର୍କରେ ଅଧିକାରୀମାନେ ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ତର୍ଜମା କରିଥିଲେ। ୨୦୧୪ରେ ଟାସ୍କ ଫୋର୍ସକୁ ଓଡ଼ିଶା ଦେଇଥିବା ତଥ୍ୟ ସମ୍ପର୍କରେ ବି ଏହି ବୈଠକରେ ଆଲୋଚନା ହୋଇଥିଲା। ଏସ୍‌ଟି ମାନ୍ୟତା ଦାବିରେ ଅଗ୍ରଣୀ ଥିବା ମୁଖ୍ୟତଃ କନ୍ଧ କୁମ୍ଭାର, ଝୋଡିଆ/ଜୋଡିଆ/ଜଡିଆ ଏବଂ ଝଡିଆ, ଚୁକ୍‌ଟି ଭୁଞ୍ଜିଆ, ସଅର, ମାଙ୍କିଡିଆ, ପୋରଜା ଓ ବେରାଙ୍ଗ ଝୋଡିଆ ପାରୋଜା, ଦୁରୁଆ ଏବଂ ପହରିଆ ଭଳି ସମ୍ପ୍ରଦାୟ ସମ୍ପର୍କିତ କାଗଜପତ୍ର ଗତ ମେ' ୨୫ ତାରିଖରେ ପ୍ରଦାନ କରାଯାଇଥିଲା। ପୁନର୍ବାର ଅକ୍ଟୋବର ୧୦ ତାରିଖରେ ଅନ୍ୟ ୨୦ଟି ଆଦିବାସୀ ସମ୍ପ୍ରଦାୟ ଯଥା ତାମୋଡିଆ ଭୁମିଜ, ତମାଡିଆ ଭୁମିଜ, ତାମୁଣ୍ଡିଆ ଭୁମିଜ, ଜାମୁଳିଆ ଭୁମିଜ, ଜାମୁଡିଆ ଭୁମିଜ, ତାନଲା ଗଉଡ଼, ଦୋରା/ଅନତି ଦୋରା/ଏନାଟି ଦୋରା, ସଅର, କୁଇ (କନ୍ଧ), କଉର, ରାଜୁଆଳ/ରାଜୁଆଡ, କୋନ୍ଧ ରେଡ୍ଡୀ/କୋନ୍ଧ ରେଡି, ପୁଟିୟା/ପୁଟିଆ/ଧୁଳିଆ/ଧୁଳିଆ/ପୁଟିଆ ପାଇକ/ଧୁଳିଆ ପାଇକ, କଳାଙ୍ଗା, ତମାଡିଆ/ତାମୁଡିଆ, ଭଗତା, ବୁକ୍ତା, ଭୋଗଟା, ନକାସିଆ, ଭଞ୍ଜାପୁରଣଙ୍କ ସମ୍ପର୍କରେ ତଥ୍ୟ ପ୍ରମାଣ ଭିତ୍ତିକ କାଗଜପତ୍ର ମନ୍ତ୍ରାଳୟକୁ ଓଡ଼ିଶା ସରକାର ଦେଇଥିଲେ। ଏହା ପରେ ଗତ ସେପ୍ଟେମ୍ବର ୧୬ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପୁନର୍ବାର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ପତ୍ର ଲେଖି ୧୬୯ରୁ ଅଧିକ ଆଦିବାସୀ ସମ୍ପ୍ରଦାୟଙ୍କୁ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ଦିନର ଦାବି ଦୋହରାଇଥିଲେ। ମାତ୍ର ଏହାକୁ କେନ୍ଦ୍ରର ବିଜେପି ସରକାର ଏଯାଏ ଗ୍ରହଣ କରିନାହାନ୍ତି। ଏପଟେ ରାଜ୍ୟରେ କେନ୍ଦ୍ରମନ୍ତ୍ରୀ ଓ ଜାତୀୟ ନେତାମାନେ ଆଦିବାସୀଙ୍କ ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି; ମାତ୍ର ରାଜ୍ୟ କୋଟିକୋଟି ଆଦିବାସୀଙ୍କ ହକ୍‌କୁ ଆଦୌ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଅଭିଯୋଗ ହୋଇଛି।




ସକାଳ THE SAKALA



# ୩ ନିର୍ବାଚନ ମଣ୍ଡଳୀରେ ଅଧିକ ଭୋଟ ଦେଲେ ମହିଳା

## ଭଞ୍ଜନଗର ୬୮.୭୧%, ଆସ୍କା ୫୯.୦୫% ଓ ସୋରଡ଼ାରେ ୬୫.୧୨% ମତଦାନ

ଭଞ୍ଜନଗର, ୨୧।୫(ସମିସ): ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସୋମବାର ଶେଷ ହୋଇଛି। ଆସନ୍ତା ମାସ ୪ତାରିଖରେ ଭଞ୍ଜନଗର ସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଭଞ୍ଜନଗର, ଆସ୍କା ଓ ସୋରଡ଼ା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ହେବ। ସୋମବାର ଅପରାହ୍ନ ୪ଟାରେ ଭଞ୍ଜନଗର ଓ ଏହାର ଆଖପାଖ କେତେକ ଅଞ୍ଚଳରେ କାଳ ବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଯୋଗୁଁ ନିର୍ବାଚନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ନଥିବା କାରଣରୁ ବୁଥ୍‌ରେ ମୋବାଇଲ ଟର୍ଚ୍ଚ ଦ୍ୱାରା ଭୋଟ ଗ୍ରହଣ, ସଠିକ ସୂଚନା ସଂଗ୍ରହ କରିବା ଓ ଇଭିଏମ ମେସିନ ସିଲ କରିବାରେ ବହୁ ବିଳମ୍ବ ହୋଇଥିଲା। ବିଶେଷ କରି ସଖୀ ବୁଥ୍‌ରେ ନିୟୋଜିତ ମହିଳା କର୍ମଚାରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଭୋଟ ଗଣତି କେନ୍ଦ୍ରରେ ବିଳମ୍ବିତ ରାତ୍ରିରେ ୩ଟି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଇଭିଏମ ମେସିନ ପହଞ୍ଚିଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ୫ମ ରାଉଣ୍ଡ ସୂଚନା ଅନୁସାରେ ଭଞ୍ଜନଗର ୧୨୩ନଂ ନିର୍ବାଚନମଣ୍ଡଳୀରେ ମୋଟ ୪୯.୧୦% ଭୋଟ ଗ୍ରହଣ ହୋଇଥିଲା। ସେହିପରି ଆସ୍କା ୧୨୮ନଂ ବିଧାନସଭା ଆସନ ପାଇଁ ୫୩.୧୬% ଓ ସୋରଡ଼ା ୧୨୯ନଂ ବିଧାନସଭା ଆସନରେ ୪୭.୮୦% ମତଦାନ ହୋଇଥିଲା। ଏହି ୩ଟି ନିର୍ବାଚନମଣ୍ଡଳୀ ମତଦାନର ଶେଷ ରିପୋର୍ଟ ଅନୁସାରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ୬୮.୭୧% ହୋଇଛି। ସେଥି ମଧ୍ୟରେ ପୁରୁଷ ୮୦, ୯୩୦ଜଣ, ମହିଳା ୮୩, ୫୮୮ଜଣ ଓ ଅନ୍ୟାନ୍ୟ ୮ଜଣ ରହିଛନ୍ତି। ସର୍ବମୋଟ ୧, ୬୪, ୫୨୬ଜଣ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ସେହିପରି ଆସ୍କା ନିର୍ବାଚନ ମଣ୍ଡଳୀରେ ମୋଟ ୫୯.୦୫% ମତଦାନ ହୋଇଛି। ସେଥି ମଧ୍ୟରେ ପୁରୁଷ ୫୭, ୫୪୦ଜଣ ଓ ମହିଳା ୬୨, ୧୪୮ଜଣ ଭୋଟ ଦେଇଛନ୍ତି। ସର୍ବମୋଟ ୧, ୧୯, ୬୮୮ଜଣ ମତଦାନ କରିଛନ୍ତି। ସୋରଡ଼ା ନିର୍ବାଚନମଣ୍ଡଳୀରେ ୬୫.୧୨% ମତଦାନ ହୋଇଛି। ସେଥି ମଧ୍ୟରେ ପୁରୁଷ ୭୩, ୩୪୧ଜଣ, ମହିଳା ୭୯, ୯୧୦ଜଣ ଓ ଅନ୍ୟାନ୍ୟ ୩ଜଣ ରହିଛନ୍ତି। ସର୍ବମୋଟ ୧, ୫୩, ୨୫୪ଜଣ ଭୋଟର ମତଦାନ କରିଛନ୍ତି। ୩ଟି ଯାକ ନିର୍ବାଚନମଣ୍ଡଳୀରେ ପୁରୁଷଙ୍କ ଅପେକ୍ଷା ମହିଳା ଭୋଟର ଅଧିକ ମତଦାନ କରିଥିବା ଜଣାପଡ଼ିଛି।

## କବିସୂର୍ଯ୍ୟନଗରରେ ଭୋଟହାର ପ୍ରାୟ ୬୦%

କବିସୂର୍ଯ୍ୟନଗର, ୨୧।୫(ସମିସ): ଆସିକା ନିର୍ବାଚନମଣ୍ଡଳୀ ସୁନାପଲ୍ଲୀ ପଞ୍ଚାୟତ ହିଂସା ଛାଡିଦେଲେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଶାନ୍ତିପୂର୍ଣ ରହିଛି।୧୦ଜଣ ମଧ୍ୟରୁ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ବୁଥ ମୋଟ ୨୪୫ ଅଟେ। କବିସୂର୍ଯ୍ୟନଗର ବ୍ଲକ ୫୮, ବେଗୁନିଆପଡ଼ା ୧୨୮ ଓ ପୁରୁଷୋତ୍ତମର ୫୯ଟି ବୁଥ ଅଟେ। ମୋଟ



ପ୍ରାର୍ଥୀ ମଧ୍ୟରେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ ବୋଲି ଜଣାପଡ଼ିଛି। ମୋଟ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଭୋଟର ୨, ୩୮, ୦୭୫ ଅଟେ। ଗଞ୍ଜାମ ଜିଲ୍ଲା ୧୭୯୭୮ ବୁଥ ଭୋଟ ଦାନ ପ୍ରାୟ ୬୨% ହୋଇଛି। ମୁଖ୍ୟତଃ ବିଜେଡି ପ୍ରାର୍ଥିନୀ ଲତିକା ପ୍ରଧାନ ଓ ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ନାୟକ ମଧ୍ୟରେ ପ୍ରତିଦ୍ୱନ୍ଦୀତା ହେବ। କମ ବ୍ୟବଧାନରେ ହାରାଜିତ ହେବାର ସମ୍ଭାବନା ରହିଛି।

### ଷ୍ଟ୍ରଙ୍ଗ୍ ରୁମରେ ସିଲ୍ ହେଲା ଇଭିଏମ୍

## ୨୪ ଘଣ୍ଟିଆ ସୁରକ୍ଷାବଳୟ ସହ ସିସିଟିଭି ନଜର

ଛତ୍ରପୁର, ୨୧।୫(ସମିସ): ଛତ୍ରପୁର ଅନସ୍ଲୋ ପରିସରରେ କରାଯାଇଥିବା ଷ୍ଟ୍ରଙ୍ଗ ରୁମ ଇଭିଏମ ମେସିନ ରଖାଯିବା ପରେ ଆଜି ଉକ୍ତ କୋଠରୀ ସିଲ କରାଯାଇଛି ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏହାକୁ ସିଲ କରାଯିବା ସହ ୨୪ ଘଣ୍ଟିଆ ଷ୍ଟ୍ରଙ୍ଗରୁମରେ ରଖାଯାଇଥିଲା ପରେ ଉକ୍ତ କୋଠରୀକୁ ସିଲ କରାଯାଇଛି। ପୂର୍ବରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ଅନସ୍ଲୋ ସ୍କୁଲରେ ଛତ୍ରପୁର ମଣ୍ଡଳୀର ଭୋଟ ବାକ୍ସ ଗୁଡିକ ରଖାଯିବା ସହ ସିଲ କରାଯାଇଛି। ଜୁନ ୪ରେ ଗଣତି ହେବ। ସେହିପରି



ପୁଲିସ ମୁତୟନ ସହ ସିସିଟିଭି ନଜରରେ ରଖାଯାଇଛି। ସୋମବାର ଗଞ୍ଜାମ ଜିଲାରେ ୨ୟ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ହିଞ୍ଜିଳି, ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ପୋଲସରା ନିର୍ବାଚନମଣ୍ଡଳୀର ଭୋଟ ବାକ୍ସ ଗୁଡିକ କଡା ସୁରକ୍ଷାବଳୟରେ ଅଣାଯାଇ ଏଠାରେ ହୋଇଥିବା ବ୍ରହ୍ମପୁର ୟୁସିପି ଇଞ୍ଜିନିୟରିଂ ସ୍କୁଲରେ ବ୍ରହ୍ମପୁର, ଗୋପାଳପୁର, ଚିକିଟି, ଦିଗପହଣ୍ଡି ଓ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ଭୋଟ ବାକ୍ସ ରଖାଯାଇଛି। ସେହିପରି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ରଭଞ୍ଜ କଲେଜରେ ଭଞ୍ଜନଗର, ସୋରଡା ଓ ଆସ୍କା ନିର୍ବାଚନ ମଣ୍ଡଳୀ ଭୋଟ ବାକ୍ସ ରଖାଯାଇଛି।

## ବୁଗୁଡ଼ା ଏନ୍ଏସିରେ ମତଦାନ ହାର ୬୩.୪%




ବୁଗୁଡ଼ା, ୨୧।୫(ସମିସ): ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ଆସ୍କା ଲୋକସଭା ଓ ପୋଲସରା ବିଧାନସଭା ପାଇଁ ବୁଗୁଡା ବ୍ଲକ ଓ ଏନଏସି ଅନ୍ତର୍ଗତ ୧୨୩ଟି ବୁଥରେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଏଥର ବୁଗୁଡା ଏନଏସି ପାଇଁ ରହିଥିବା ୧୪ଟି ମତଦାନ କେନ୍ଦ୍ରରେ ୧୨, ୫୫୭ ଜଣ ଭୋଟରଙ୍କ ମଧ୍ୟରୁ ୭, ୯୬୨ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବାରୁ ଭୋଟିଂ ହାର ୬୩.୪୧ ରହିଥିବା ଜଣାଯାଇଛି। ଅନ୍ୟପକ୍ଷରେ ବୁଗୁଡା ବ୍ଲକର ୨୧ଟ ପଞ୍ଚାୟତରେ ରହିଥିବା ୧୦୯ଟି ମତଦାନ କେନ୍ଦ୍ରର କେତୋଟି ସ୍ଥାନରେ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିବାରୁ ଭୋଟିଂ ହାର ପ୍ରକାଶ ହୋଇପାରି ନଥିବା ଜଣାଯାଇଛି। ତେବେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ପୁଲିସ୍ ମୁତୟନ ଯୋଗୁଁ କାଁ ଭାଁ କିଛି ପୁଲିଂ ବୁଥରେ ସାମାନ୍ୟ ପାଟିତୁଣ୍ଡ ଦେଖିବାକୁ ମିଳିଥିଲା ବେଳେ ସର୍ବୋପରି ବୁଗୁଡା ଅଞ୍ଚଳରେ ମତଦାନ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

## ବାଇକ୍ ଦୁର୍ଘଟଣାରେ ଏନ୍ଏସି କର୍ମଚାରୀ ଗୁରୁତର

ପୋଲସରା, ୨୧।୫(ସମିସ): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ବିରିପୁର ଛକ ନିକଟରେ ମଙ୍ଗଳବାର ସକାଳେ ଏକ ବାଇକ ଦୁର୍ଘଟଣା ହୋଇଛି। ଏହି ଦୁର୍ଘଟଣାରେ ପୋଲସରା ଏନଏସିର କର୍ମଚାରୀ (ଏମଆଇଏସସିପି) ବିଶ୍ୱଜିତ ମୁଖପାଧ୍ୟାୟ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାଯୋଗ୍ୟ ବିଶ୍ୱଜିତ ଭଞ୍ଜନଗରରୁ ନିର୍ବାଚନ ପ୍ରକ୍ରିୟା କାର୍ଯ୍ୟ ସାରି ଫେରୁଥିବା ସମୟରେ ଏହି ବାଇକ ଦୁର୍ଘଟଣା ହୋଇଥିଲା।

### ଇଲେକ୍ସନ ଡ୍ୟୁଟି ସାରି ଫେରିବାବେଳେ ଅଘଟଣ

## ପୁଲିସ କର୍ମଚାରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ



ଛତ୍ରପୁର, ୨୧।୫(ସମିସ): ଇଲେକ୍ସନ ଡ୍ୟୁଟି ସାରି ଭଞ୍ଜନଗରରୁ ଏକ ବସ ପୁଲିସ କର୍ମଚାରୀଙ୍କୁ ଧରି ଛତ୍ରପୁର ଫେରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଛତ୍ରପୁର ଡିଆରଡିଏ ଛକ ନିକଟରେ ବସଟି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଫଳରେ ୨୦ ପୁଲିସ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଜଣେ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଆହତ ହୋଇଥିବା ପୁଲିସ କର୍ମଚାରୀ ଜଣକ ହେଲେ ପୂର୍ଣ୍ଣଚନ୍ଦ୍ର ମିଶାଲ, ତାଙ୍କୁ ଛତ୍ରପୁର ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ଘରକୁ ଫେରିଛନ୍ତି। ଘଟଣା ଖବର ପାଇଁ ଗଞ୍ଜାମ ଜିଲ୍ଲା ପୋଲିସ ସଂଘ ତୁରନ୍ତ ମେଡିକାଲରେ ପହଞ୍ଚିଥିଲେ। ସୋମବାର ଇଲେକ୍ସନ କାର୍ଯ୍ୟରେ ନିୟୋଜିତ ଥିବା ଏହି ପୁଲିସ କର୍ମଚାରୀଙ୍କୁ ଧରି ବସଟି ଆଜି ଭୋରରୁ ଭଞ୍ଜନଗରରୁ ଛତ୍ରପୁର ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଛତ୍ରପୁର ଠାରେ ଚାଳକ ଭାରସାମ୍ୟ ହରାଇବାରୁ ବସଟି ଡିଭାଇଡ଼ର ସହ ଧକ୍କା ହୋଇଥିଲା।

## ବାଲିଗୁଡ଼ାରେ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା



ବାଲିଗୁଡ଼ା, ୨୧।୫(ସମିସ): ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ନିର୍ବାଚନରେ କିଭଳି ଭାବରେ ମତଦାନ ହୋଇଛି ସେଥିନେଇ ପର୍ଯ୍ୟବେକ୍ଷକ କେ. ଯାଦବ ସମୀକ୍ଷା ବୈଠକ କରିଥିଲେ। ଉକ୍ତ ବୈଠକରେ ଉପଜିଲ୍ଲାପାଳ ଡ.ରିନା ପ୍ରଧାନଙ୍କ ସହ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ରାଜନୈତିକ ଦଳର ଏଜେଣ୍ଟ ଉପସ୍ଥିତି ଥିଲେ। ଭୋଟ ଗ୍ରହଣ ବେଳେ ଯେଉଁ ସବୁ ବୁଥରେ ମେସିନ ଖରାପ ହୋଇଥିଲା ଏବଂ ପରିବର୍ତ୍ତନ ହୋଇଥିବା ଇଭିଏମର ସିରିୟଲ ନମ୍ବର ସମସ୍ତ ଏଜେଣ୍ଟଙ୍କୁ ପ୍ରଦାନ କରାଯାଇଥିଲା। ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ଯୋଗୁଁ ବାଲିଗୁଡ଼ା ଉପଖଣ୍ଡର ସମସ୍ତ ଜନସାଧାରଣଙ୍କ ଉପଜିଲ୍ଲାପାଳ ଧନ୍ୟବାଦ ଦେଇଥିଲେ।

## ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ



ଛତ୍ରପୁର, ୨୧।୫(ସମିସ): ଛତ୍ରପୁର ନଗର କଂଗ୍ରେସ କମିଟି ପକ୍ଷରୁ ଭାରତ ରତ୍ନ ପ୍ରାପ୍ତ ଭାରତର ଭୂତ ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। କଂଗ୍ରେସର ନଗର ସଭାପତି କାଳିଆ ରାଉଳଙ୍କ ନେତୃତ୍ୱରେ ଛତ୍ରପୁର ଅପର ବସଷ୍ଟାଣ୍ଡ ନିକଟରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାଗିରଥି ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ପଟ୍ଟନାୟକ, ଯୁବ ନେତା ବଳିଆ ବେହେରା, ବ୍ରହ୍ମପୁର ଲୋକସଭା ମିଡ଼ିଆ ସଂଯୋଜକ ମହେଶ କୁମାର ଗୌଡ଼, ଛାତ୍ର କଂଗେସ ସଭାପତି ଚକ୍ରପାଣି ପଲେଇ, ସିମାଞ୍ଚଳ ରାଉଳ, ପପୁ ରାଉଳ, ଆଇନଜୀବୀ ମନୋଜ ବେହେରା, ରୁପେଶ ମହାପାତ୍ର, ହୃଷୀକେଶ ବେହେରା ସମେତ ବହୁ କଂଗେସ କର୍ମୀ ଉପସ୍ଥିତ ଥିଲେ।

### ୟୁରୋ ସ୍କୁଲକୁ ଯୁକ୍ତ ୨ ବିଜ୍ଞାନ ମାନ୍ୟତା

## ଦୁଇଜଣିଆ ପ୍ରତିନିଧିଙ୍କ ସ୍ଥିତି ଅନୁଧାନ



ଛତ୍ରପୁର, ୨୧।୫(ସମିସ): ଛତ୍ରପୁର ସହରର ପ୍ରଥମ ସିବିଏସ୍ଇ ଅନୁବନ୍ଧିତ ୟୁରୋ ସ୍କୁଲକୁ ଯୁକ୍ତ ଦୁଇ ବିଜ୍ଞାନ ମାନ୍ୟତା ଦେବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ଦୁଇଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଛତ୍ରପୁର ସ୍ଥିତ ୟୁରୋ ସ୍କୁଲକୁ ଗ୍ରସ୍ତ କରି ଅନୁଧ୍ୟାନ କରିଛନ୍ତି। ପୂର୍ବରୁ ଏହି ଅନୁଷ୍ଠାନ ୧ମରୁ ୧୦ମ ଶ୍ରେଣୀ ଅଧ୍ୟୟନ ଲାଗି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ମାନ୍ୟତା ଦେଇଛି। ମଙ୍ଗଳବାର କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ପୁରୀ ଜବାହର ନବଦୋୟ ବିଦ୍ୟାଳୟର ପ୍ରିନ୍ସପାଲ ନୃସିଂହଚରଣ କର ଓ ଘନଶ୍ୟାମ ହେମଲତା ବିଦ୍ୟାଳୟର ପ୍ରିନ୍ସପାଲ ଅଶ୍ୱିନୀ କୁମାର ପାଳ ଛତ୍ରପୁର ୟୁରୋ ସ୍କୁଲକୁ ପରିଦର୍ଶନ କରି ଯୁକ୍ତ ୨ ବିଜ୍ଞାନ ମାନ୍ୟତା ଦେବା ପାଇଁ ଆବଶ୍ୟକୀୟ ସ୍ଥିତିକୁ ଅନୁଧ୍ୟାନ କରି ସନ୍ତୋଷଜନକ ଅନୁଭବ କରିଛନ୍ତି। ଦୁଇଜଣ ପ୍ରତିନିଧି ଦଳ ଏହି ଅନୁଷ୍ଠାନରୁ ଅନୁଧ୍ୟାନ କରିଥିବା ରିପୋର୍ଟ ପ୍ରଦାନ କରିବେ ଏବଂ ଖୁବଶୀଘ୍ର ଅନୁଷ୍ଠାନକୁ ଯୁକ୍ତ ୨ ବିଜ୍ଞାନରେ ଛାତ୍ରଛାତ୍ରୀ ଅଧ୍ୟୟନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନ ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର, ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର, ଅଧ୍ୟକ୍ଷା ତପସ୍ୱିନୀ ସାହୁ, ଏକାଡେମୀ ନିର୍ଦ୍ଦେଶକ ପ୍ରମୋଦ କୁମାର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀ ଭାବଗ୍ରାହୀଙ୍କ ଦେହାନ୍ତ



ବୁଗୁଡ଼ା, ୨୧।୫ (ସମିସ): ସ୍ଥାନୀୟ ଅରବିନ୍ଦ ନଗର ନିବାସୀ ସାମାଜିକ କର୍ମୀ ତଥା ଯୁବ ଚାଷୀ ଭାବଗ୍ରାହୀ ମହାନ୍ତି(୫୫) ଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ଭାବଗ୍ରାହୀ ତାଙ୍କର ଫାର୍ମ ହାଉସରେ ରହିଥିବା ବେଳେ ଆଜି ଭୋର ୪ଟା ବେଳେ ସେ ତୃତୀୟ ଥର ପାଇଁ ହୃଦଘାତର ଶିକାର ହୋଇଥିଲେ। ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା ଏବଂ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରୁ ମୃତ ଶରୀରକୁ ତାଙ୍କର ଅରବିନ୍ଦ ନଗରସ୍ଥିତ ବାସଭବନକୁ ଅଣାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ସାହି ବାସିନ୍ଦା ତାଙ୍କର ଅନ୍ତିମ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ସ୍ଥାନୀୟ ବଡଶଙ୍ଖସ୍ଥିତ ଶ୍ମଶାନ ଘାଟରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ସେ ଚାଷ କାର୍ଯ୍ୟ କରିବା ସାଙ୍ଗକୁ ସମାଜସେବା କାର୍ଯ୍ୟରେ ନିୟୋଜିତ ରହିଥିଲେ ଏବଂ ଭାରତୀୟ ଜନତା ପାର୍ଟିର ଜଣେ ସକ୍ରିୟ କର୍ମକର୍ତ୍ତା ରହିଥିଲେ।

## ବୈଷ୍ଣବ ଧର୍ମାବଲମ୍ବୀ ରଘୁନାଥଙ୍କ ପରଲୋକ



କବିସୂର୍ଯ୍ୟନଗର, ୨୧।୫ (ସମିସ): କବିସୂର୍ଯ୍ୟନଗର ଏନଏସି ତନ୍ତୀ ସାହି ଅଧିବାସୀ ରଘୁନାଥ ଗୌଡ଼ଙ୍କ ବୟସାଧିକ କାରଣରୁ ସୋମବାର ରାତିରେ ମୃତ୍ୟୁ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଶଶୀ, ଚାରିପୁଅ ସନାତନ, ଶିବ, କାହ୍ନୁ, କାଳିଆ ଓ ତିନି ଝିଅ ରୀନା, ଜ୍ୟୋସ୍ନା, କୁନି ଏବଂ ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ଭଦ୍ର, ପରୋପକାରୀ, ନିଷ୍ଠାପର ଓ ବୈଷ୍ଣବ ଧର୍ମାଲମ୍ବୀ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

### ସମାଜସେବାର ଜ୍ୱଳନ୍ତ ଉଦାହରଣ ଅରକ୍ଷିତ

## ଜନ୍ମଦିନରେ ଅଙ୍ଗଦାନ ପାଇଁ ପଞ୍ଜୀକରଣ

ଭଞ୍ଜନଗର, ୨୧।୫(ସମିସ): ରୋଗୀ, ମାନସିକ ବିକୃତ, ଗରିବ ଓ ଅସହାୟ ଲୋକଙ୍କ ପାଇଁ ସାରା ଜୀବନ ନିଜକୁ ଉତ୍ସର୍ଗିକୃତ କରିଥିବା ଜଣେ ମହାନ ବ୍ୟକ୍ତିତ୍ୱ ହେଉଛନ୍ତି ଅରକ୍ଷିତ ପରିଛା। ନିଜ ଘର ଭଞ୍ଜନଗର ବ୍ଲକ ଗୋଲା ପଡ଼ା ପଞ୍ଚାୟତ ନାରାୟଣ ପାଟଣା ଗ୍ରାମରେ। ଚାଷୀ ପରିବାରରୁ ଆସିଥିବା ଅରକ୍ଷିତ ପିଲାଟି ଦିନରୁ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଆସିଛନ୍ତି। ଏବେ ପୁଣି ନିଜ ୨୬ତମ ଜନ୍ମ ଦିନରେ ବ୍ରହ୍ମପୁର ଠାରେ ସେ ଏକ ରକ୍ତଦାନ ଶିବିରର ଆୟୋଜନ କରିବା ସହ ନିଜ ଶରୀରର ସମସ୍ତ ଅଙ୍ଗଦାନ ପାଇଁ ଚୁକ୍ତି କରି ନିଃସ୍ୱାର୍ଥପର ସେବାର ଉଦାହରଣ ସୃଷ୍ଟି କରିଛନ୍ତି। ପେସାରେ ଅରକ୍ଷିତ ଜଣେ ବିଦ୍ୟୁତ ବିଭାଗର ସାଧାରଣ କର୍ମଚାରୀ ହେଲେ ନିଶା ସମାଜ ସେବା। ରକ୍ତହୀନତା ରୋଗରେ ପୀଡ଼ିତ ରୋଗୀମାନଙ୍କ ପାଇଁ ରକ୍ତ ସଂଗ୍ରହ କରିବା, ଅର୍ଥାଭାବରୁ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଅର୍ଥ ସଂଗ୍ରହ କରି ଉଚ୍ଚ ଶିକ୍ଷା ପାଇଁ ପ୍ରଦାନ କରିବା, ରାସ୍ତା କଡରେ ଜୀବନ ବିତାଉଥିବା ଗରିବ, ଅସହାୟ, ଭିକ୍ଷୁକ ଓ ମାନସିକ ବିକାର ଗ୍ରସ୍ତ ବ୍ୟକ୍ତି ମାନଙ୍କୁ ଖାଦ୍ୟ, ପୋଷାକ ଦେବା ସହ ସେମାନଙ୍କ ଦରଦୀ ବନ୍ଧୁଟିଏ ସାଜି ସେବା କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଭଳି ମହାନ କାର୍ଯ୍ୟରେ ଦିନରାତି ନିଜକୁ ନୟୋଜିତ କରିଆସିଛନ୍ତି। ଭଞ୍ଜନଗର ସମେତ ଗଞ୍ଜାମ ଓ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଅରକ୍ଷିତ ବେଶ ପରିଚିତ। କଥାରେ ଅଛି ଅରକ୍ଷିତକୁ ଦଇବ ସାହା, ହେଲେ ଏଠାରେ ଅରକ୍ଷିତ ଏହି ଉକ୍ତିକୁ ଭୁଲ ପ୍ରମାଣିତ କରି ଅନ୍ୟମାନଙ୍କର ସାହା ହେଉଛନ୍ତି। ବିପଦର ବନ୍ଧୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିଚାଳକ ଭାବେ ସେ ବେଶ ଜଣାଶୁଣା। ପ୍ରତିବର୍ଷ ନିଜର ଜନ୍ମଦିନକୁ ଚିର ସ୍ମରଣୀୟ କରିବାକୁ ସେ କିଛି ନା କିଛି ନିଆରା ପ୍ରୟାସ କରିଥାନ୍ତି। ସେହିଭଳି ଏହି ବର୍ଷ ମଧ୍ୟ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ କରିବା ସହ ସମାଜ ପାଇଁ ନିଜର ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଶରୀରର ସମସ୍ତ ଅଭ୍ୟନ୍ତରିଣ ଅଙ୍ଗକୁ ଅନ୍ୟ ଶରୀରରେ ରୋପଣ କରି ନୂତନ ଜୀବନ ପ୍ରଦାନ କରିବା ଭଳି ନିଷ୍ପତ୍ତି ନେଇଛନ୍ତି। ନିଜର ପାର୍ଥିବ ଶରୀର ମେଡିକାଲ କଲେଜରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଲାଗିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ସେଥିପାଇଁ ସେ ଆଜି ନିଜର ନାମ ପଞ୍ଜିକୃତ କରିଛନ୍ତି।



## ବଜ୍ରପାତରେ ତିନି ଗାଈ ମୃତ



କାଶୀନଗର, ୨୧।୫ (ସମିସ): ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। କାଶୀନଗର ବ୍ଲକ ଖାଣ୍ଡବା ପଞ୍ଚାୟତ ସାରା ଗ୍ରାମରେ ବଜ୍ରପାତରେ ତିନୋଟି ଗାଈର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ ସାରା ଗ୍ରାମର ହରିକୃଷ୍ଣ ରଥଙ୍କ ଦୁଇ ଗାଈ ଏବଂ ଅଶୋକ ସାହୁଙ୍କ ଗୋଟିଏ ଗାଈ ଚାଷଜମିରେ ବିଚରଣ କରୁଥିବା ବେଳେ ବଜ୍ରପାତ ହେବାରୁ ମୃତ୍ୟୁ ହୋଇଥିଲା। ଉଭୟ ଗରିବ ଶ୍ରେଣୀର ଚାଷୀ ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।





## ବୈଦ୍ୟନାଥପୁର ଥାନା ଅଞ୍ଚଳରେ ୨ ଦିନରେ ୩ଟି ଚୋରି

**ବ୍ରହ୍ମପୁର, ୨୧।୫(ସମିସ):** କିଛି ଦିନର ବ୍ୟବଧାନରେ ବ୍ରହ୍ମପୁର ସହରରେ ପୁଣି ସକ୍ରିୟ ଚୋର ଗ୍ୟାଙ୍ଗ। ଦିନକୁ ଦିନ ବୃଦ୍ଧି ପାଉଛି ଚୋରି ମାମଲା। ଚୋର ଗ୍ୟାଙ୍ଗ ସଦସ୍ୟମାନେ ଦିନରେ ଗଳିକନ୍ଦି ବୁଲି ରେକି କରିବା ପରେ ରାତିରେ କଳାକନା ବୁଲାଇବାରେ ସଫଳ ହେଉଛନ୍ତି। ଏମାନଙ୍କ ଟାର୍ଗେଟରେ ରହୁଛି ତାଲାବନ୍ଦ ଘର। କୌଶଳକ୍ରମେ ତାଲାବନ୍ଦ ଥିବା ଘରୁ ଚୋରି କରିବାରେ ସଫଳ ମଧ୍ୟ ହେଉଥିବା ଏକାଧିକ ନଜିର ରହିଛି। ସ୍ଥାନୀୟ ବୈଦ୍ୟନାଥପୁର ଥାନା ଅଞ୍ଚଳର ତିନୋଟି ତାଲାବନ୍ଦ ସ୍ଥାନରୁ ୧୦ଭରି ସୁନାଗହଣା ଓ ନଗଦ ୧୩ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ତିନୋଟି ପୃଥକ ପୃଥକ ମାମଲା ରୁଜୁ କରିବା ସହ ଘଟଣା ସ୍ଥଳରୁ ଓ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ମଧ୍ୟ ସଂଗ୍ରହ କରି ଅଭିଯୁକ୍ତଙ୍କ କାର୍ଯ୍ୟକଳାପ ପରଖିଥିଲା ପୁଲିସ। ଏହି ଘଟଣାରେ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଥିଲେ ସୁଦ୍ଧା କୌଣସି ସଫଳ ମିଳିନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ସୋମବାର ପୂର୍ବାହ୍ନରେ ଆଙ୍କୁଲି ବିଶ୍ୱକର୍ମା ନଗର ନିବାସୀ ରାଜସ୍ୱିନୀ ପାତ୍ର କୌଣସି କାରଣରୁ ମେଡ଼ିକାଲକୁ ଯାଇଥିଲେ। ମେଡ଼ିକାଲରୁ ଘରକୁ ଫେରିବାବେଳେ ଘରର ଗ୍ରୀଲର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ପରେ ଭିତରକୁ ଯାଇ ଦେଖିବାବେଳେ ଘରେ ଥିବା ୧୦ଭରି ଓଜନର ସୁନାଗହଣା ଯଥା ରାଣୀ ହାର, କାନଫୁଲ, ଚେନ, ପତିରି ହାର, ମଙ୍ଗଳସୁତ୍ର, ଚୁଡ଼ି, ମୁଦି ଓ ଗୋଟିଏ ମୋବାଇଲ ଚୋରି ହୋଇଯାଇଥିବା ଜଣାପଡ଼ିଥିଲା। କେହି ଦୁର୍ବୃତ୍ତ ଏହି ଚୋରି କରି ନେଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ସେହିଭଳି କମ୍ମାପଲ୍ଲୀ ଓଭର ବ୍ରିଜ ତଳେ ଥିବା ଆଇନଜୀବୀ ସୁଧିର କୁମାର ସାହୁଙ୍କ ଚାମ୍ବରର ତାଲା ଭାଙ୍ଗି ସେଥିରେ ଥିବା ନଗଦ ୩ହଜାର ଟଙ୍କା ଓ ଅନ୍ୟାନ୍ୟ ନଥିପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ଅନୁରୁପ ଭାବେ କୋର୍ଟପେଟା ଛକ ନିକଟରେ ଥିବା ହୋଟେଲ ଡ୍ରିମଲ୍ୟାଣ୍ଡର ସଟର ଭାଙ୍ଗି ସେଥିରେ ଥିବା ନଗଦ ୧୦ହଜାର ଟଙ୍କା ଚୋରୀ ହୋଇଥିବା ନେଇ ହୋଟେଲ ମାଲିକ କାଳୀ ଚରଣ ପାତ୍ର ଲିଖିତ ଅଭିଯୋଗ କରିଛନ୍ତି।

## ଖଜୁରିଆ ବାଇପାସ୍‌ରେ ମହିଳାଙ୍କ ସୁନାଚେନ୍ ଲୁଟ୍

**ବ୍ରହ୍ମପୁର, ୨୧।୫(ସମିସ):** ସହରରେ ସକ୍ରିୟ ଲୁଟେରା ଗ୍ୟାଙ୍ଗ। ନିୟମିତ ବ୍ୟବଧାନରେ ଲୋକଙ୍କ ଠାରୁ ଅନାୟାସରେ ମୋବାଇଲ, ମନିପର୍ସ ଓ ସୁନା ଗହଣା ଆଦି ଲୁଟ୍ କରି ଫେରାର ହେବାରେ ସକ୍ଷମ ହେଉଛନ୍ତି। ଏଭଳି ଏକ ଘଟଣା ଘଟିଛି ସ୍ଥାନୀୟ ଖଜୁରିଆ ବାଇପାସରେ ଥିବା ନୃସିଂହ ମନ୍ଦିର ନିକଟରେ। ମନ୍ଦିରରେ ଦର୍ଶନ ସାରି ଫେରୁଥିବା ବେଳେ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ଉକ୍ତ ମହିଳା ଜଣକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରାଜୀବନଗରର ୪ର୍ଥ ଲାଇନ ନିବାସୀ ନିବେଦିତା ତ୍ରିପାଠୀ ଓ ତାଙ୍କ ସ୍ୱାମୀ ଗତକାଲି ସନ୍ଧ୍ୟା ପ୍ରାୟ ୮ଟାରେ ଖଜୁରିଆ ନିକଟସ୍ଥ ନୃସିଂହ ମନ୍ଦିରକୁ ଯାଇ ଘରକୁ ଫେରୁଥିଲେ। ଏହି ଦମ୍ପତି ସ୍ଥାନୀୟ ପେଟ୍ରୋଲ ପମ୍ପ ଅତିକ୍ରମ କରିବା ସମୟରେ ଜଣେ ଦୁର୍ବୃତ୍ତ ପଛପଟୁ ଆସି ନିବେଦିତାଙ୍କ ବେକରୁ ଦେଢ ଭରି ଓଜନର ସୁନା ଚେନ୍‌ଟି ଝାମ୍ପି ନେଇଥିଲା। ଉଭୟେ ସ୍ୱାମୀ-ସ୍ତ୍ରୀ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ତା'ର ପିଛା କରିଥିଲେ। ସେମାନେ ଚମ୍ପଟ ମାରିଥିଲେ। ସେହିପରି ଗାନ୍ଧୀନଗର ୨ୟ ଲାଇନରେ ରହୁଥିବା ନୀଳାଞ୍ଚଳ ସେଠୀଙ୍କ ମୋବାଇଲକୁ ଦୁଇଜଣ ଦୁର୍ବୃତ୍ତ ନିଦାନ ଟେଷ୍ଟିଂ ସେଣ୍ଟର ନିକଟରେ ଝାମ୍ପି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଦୁଇଟି ଅଭିଯୋଗକୁ ଆଧାର କରି ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଦୁର୍ଦ୍ଧାନ୍ତ ଅପରାଧୀ ଦଣ୍ଡ ମହାରଣା ଗିରଫ

- ପିସ୍ତଲ ଓ ଗୁଳି ଜବତ
- ରହିଛି ୨୫ରୁ ଊର୍ଦ୍ଧ୍ୱ ସଂଗିନ୍ ମାମଲା

**ବ୍ରହ୍ମପୁର, ୨୧।୫(ସମିସ)**

ଟାଉନ ଥାନା ପୁଲିସ ସ୍ଥାନୀୟ ତୁଳସୀ ନଗରରୁ ଜଣେ ଦୁର୍ଦ୍ଧାନ୍ତ ଅପରାଧୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗେଟବଜାର ବିଲ ସାହିର ଦଣ୍ଡ ମହାରଣା(୪୪)। ପୁଲିସ ଦଣ୍ଡଙ୍କ ନିକଟରୁ ଏକ ମାଉଜର ଓ ଗୋଟିଏ ଅଫୁଟା ଗୁଳି ଜବତ କରିଛି। ଦଣ୍ଡଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟା, ହତ୍ୟା ଉଦ୍ୟମ ଓ ଡକାୟତି ଭଳି ମୋଟ ୨୫ରୁ ଊର୍ଦ୍ଧ୍ୱ ସଙ୍ଗିନ ଅପରାଧିକ ମାମଲା ରହିଛି। ୧୯୯୭ ଜୁନ ୬ତାରିଖରେ ଦଣ୍ଡ ପ୍ରଥମେ ଅପରାଧ ଦୁନିଆରେ ପଦ ଥାପି ଗିରଫ ହୋଇଥିଲା। ଜେଲରୁ ମୁକୁଳିବା ପରେ ନିୟମିତ ଭାବେ ୧୯୯୯ମସିହାରୁ ୨୦୨୩ମସିହା ପର୍ଯ୍ୟନ୍ତ ଦିର୍ଘ ୨୪ବର୍ଷ ଧରି ନିଜର ଅପରାଧିକ କାର୍ଯ୍ୟକଳାପ ଜାରି ରଖି ଅପରାଧ ଦୁନିଆରେ ନିଜର ଆଧିପତ୍ୟ ବିସ୍ତାର କରିଥିଲା। ପରେ ଏକ ହତ୍ୟା ଉଦ୍ୟମ ମାମଲାରେ ଗିରଫ ହୋଇଥିଲା। ଦଣ୍ଡଙ୍କ ନାମରେ ୬ରୁ ଊର୍ଦ୍ଧ୍ୱ ଆର୍ମସ ଆକ୍ଟ ମାମଲା ରହିଛି। ସୂଚନାଯୋଗ୍ୟ ଯେ, ସୋମବାର ବିଳମ୍ବିତ ରାତିରେ ଟାଉନ ଥାନାର ଏଏସଆଇ ଅଶୋକ କୁମାର ସାସମଲ ଓ ତାଙ୍କ ଟିମ ସହରରେ ପାଟ୍ରୋଲିଂ କରୁଥିଲେ। ଭୋର ସମୟରେ ତୁଳସୀନଗର ନିକଟରେ ଥିବା ଏକ ଆଖୁ ଗୋଦାମ ନିକଟରେ ଜଣେ ଅପରାଧୀ ବନ୍ଧୁକ ଧରି କୌଣସି ଅପରାଧିକ କାର୍ଯ୍ୟ କରିବାକୁ



ଯୋଜନା କରୁଥିବା ନେଇ ପାଟ୍ରୋଲିଂ ଟିମକୁ ଖବର ମିଳିଥିଲା। ସେହିକ୍ରମରେ ପୁଲିସ ଟିମ ଉକ୍ତ ଗୋଦାମ ନିକଟକୁ ଯାଇ ଦଣ୍ଡ ମହାରଣାଙ୍କୁ କାବୁ କରିଥିଲା। ଯାଞ୍ଚବେଳେ ପୁଲିସକୁ ଦଣ୍ଡଙ୍କ ନିକଟରୁ ଗୋଟିଏ ପିସ୍ତଲ ଓ ଗୋଟିଏ ଅଫୁଟା ଗୁଳି ମିଳିଥିଲା। ଏଏସଆଇ ଶ୍ରୀ ସାସମଲଙ୍କ ଅଭିଯୋଗ ପ୍ରକାରେ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଦଣ୍ଡ ମହାରଣାଙ୍କୁ ଗିରଫ କରିଯିବା ସହ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

## ଖରା ଓ ବର୍ଷା ଲାଗି ଗଞ୍ଜାମକୁ ୟେଲୋ ୱାର୍ଣ୍ଣିଂ



**ବ୍ରହ୍ମପୁର, ୨୧।୫(ସମିସ)**

ଖରାର ପ୍ରକୋପ ଭିତରେ ବର୍ଷା ଜନଗଣଙ୍କୁ ଆଶ୍ୱାସନା ଦେବା ଆଶା ବୃଦ୍ଧି ପାଉଛି। ଗଞ୍ଜାମ ଜିଲ୍ଲାରେ ଖରା ଲାଗି ୱେଲୋ ୱାର୍ଣ୍ଣି ଜାରି ରହିଛି। ଏହିକ୍ରମରେ ୨୩ତାରିଖ ୮.୩୦ରୁ ୨୪ତାରିଖ ୮.୩୦ ଯାଏଁ ଉଭୟ ଖରା ଓ ବର୍ଷା ଲାଗି ୟେଲୋ ୱାର୍ଣ୍ଣି ଜାରି ହେବା ନେଇ ଗୋପାଳପୁର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ୨୨ତାରିଖ ଦିନ ହିଟ୍ ୱେଭ ଜାରି ରହିବ। ୨୩ତାରିଖ ଦିନ ପାଗରେ ସାମାନ୍ୟ ପରିବର୍ତ୍ତନ ହେବା ନେଇ ଆଶଙ୍କା କରାଯାଉଥିବା ବେଳେ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଯଦି ବର୍ଷା ହୁଏ ତେବେ ଏହାର ପ୍ରଭାବ ଚାଷୀକୂଳ ଉପରେ ଏତେଟା ପଡ଼ିବନି ବୋଲି ଜଣାଯାଇଛି। ଅନ୍ୟଥା ବର୍ଷା ହେଲେ ଖରିଫ ଧାନଚାଷ ଲାଗି ତଳିଘରା ପ୍ରସ୍ତୁତିରେ ବିଶେଷ ସହାୟକ ହେବ ବୋଲି କୁହାଯାଇଛି।

ଦୀର୍ଘଦିନ ହେବ ଗଞ୍ଜାମ ଜିଲ୍ଲାରେ ବର୍ଷା ନଥିବା ବେଳେ ଚାଷୀ ସମେତ ଜନସାଧାରଣ ମଧ୍ୟ ମୌସୁମିକୁ ଅପେକ୍ଷା କରିଛନ୍ତି। ଏପଟେ ଅନେକ ଜଳଭଣ୍ଡାର ଶୁଖିଲା ପଡ଼ିଛି। ବର୍ଷା ହେଲେ ଖରା ପ୍ରଭାବରେ ସାମାନ୍ୟ ଆଶ୍ୱସ୍ତି ମିଳିବା ସହ ଚାଷ କାର୍ଯ୍ୟ ଅନୁକୂଳ ହେବ ବୋଲି ଜଣାଯାଇଛି।

ସୂଚନା ମୁତାବକ ୨୨ତାରିଖରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଏହା ଉତ୍ତର-ପୂର୍ବ ଦିଗରେ ଗତି କରିବ। ୨୪ରେ ଏହା ଅବପାତର ରୂପ ନେଇପାରେ। ଏହାର ପ୍ରଭାବ ସମୁଦ୍ର ଅଶାନ୍ତ ରହିବ। ୨୪ ଓ ୨୫ ତାରିଖର ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆକଳନ କରିଛି ପାଣିପାଗ ବିଭାଗ। ସେପଟେ ଆଗାମୀ ୫ଦିନରେ ରାଜ୍ୟରେ ରହିବ କାଳବୈଶାଖୀର ପ୍ରଭାବ। ୨୨ତାରିଖ ୨୩ତାରିଖ ଓ ୨୪ ତାରିଖରେ ରାଜ୍ୟର କିଛି ସ୍ଥାନରେ ଘଡଘଡି ସହ ବର୍ଷା ହେବା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୪୮ଘଣ୍ଟା ମଧ୍ୟରେ ଏହା ଅଧିକ ଘନିଭୂତ ହେବା ସହ ୨୪ତାରିଖରେ ଅବପାତର ରୂପ ନେଇପାରେ ବୋଲି କୁହାଯାଉଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୩ତାରିଖରୁ ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି।

## ପୋଲିଂ ଅଫିସରଙ୍କୁ ଛୁରାମାଡ଼

**ବ୍ରହ୍ମପୁର, ୨୧।୫ (ସମିସ):** ଭଞ୍ଜନଗରରେ ଭୋଟ ସାରି ଘରକୁ ଫେରୁଥିବା ବେଳେ ଟୁକୁନା ବଳିଆରସିଂ ନାମକ ଜଣେ ପୋଲିଂ ଅଫିସରଙ୍କୁ ବ୍ରହ୍ମପୁରରେ ଛୁରା ମାଡ଼ ହୋଇଛି । ଆଙ୍କୁଲି ଶିଳ୍ପାଞ୍ଚଳ ନିକଟରେ ତାଙ୍କ ଠାରୁ ଲୁଟ ଉଦ୍ୟମ ବିଫଳ ହେବା ପରେ ଦୁର୍ବୃତ୍ତ ଏଭଳି କାଣ୍ଡ କରିଛନ୍ତି। ସେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଟେକ୍ସଟାଇଲ୍ ଆଞ୍ଚଳିକ କାର୍ଯ୍ୟାଳୟ ବ୍ରହ୍ମପୁରରେ ଟୁକୁନା ଟେକ୍ନିକାଲ ଆସିଷ୍ଟାଣ୍ଟ ଭାବେ କାମ କରୁଛନ୍ତି। ସେ ଭୋରରେ ତାଙ୍କ ଅଫିସ ଗେଟ ଆଗରେ ଠିଆ ହୋଇ ରାତ୍ରି ଜଗୁଆଳକୁ ଡାକୁଥିବା ବେଳେ ୩ ଦୁର୍ବୃତ୍ତ ପହଞ୍ଚିଥିଲେ। ୨ ଜଣ ଯୁବକ ବାଇକ୍‌ରୁ ଓହ୍ଲାଇ ତାଙ୍କ ପାଖକୁ ଆସି ସୁନା, ଟଙ୍କା, ମୋବାଇଲ ଏବଂ ୱାଚ୍ ଛଡାଇବାକୁ ଉଦ୍ୟମ କରିବାରୁ ସେ ଏହାର ପ୍ରତିବାଦ କରିଥିଲେ । ପରେ ସେମାନେ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରାତି ଜଗୁଆଳ ପାଟିଶୁଣି ବାହାରକୁ ଆସି ଟୁକୁନାଙ୍କୁ ମେଡିକାଲ ନେଇଥିଲେ।






## ଏମ୍‌କେସିଜି ଏକାଡେମିକ ସୋସାଇଟିର ୨ଦିନିଆ ପ୍ରଦର୍ଶନୀ ଉଦ୍‌ଘାଟିତ

**ବ୍ରହ୍ମପୁର, ୨୧।୫(ସମିସ):** ଏମକେସିଜି ମେଡିକାଲ କଲେଜ ଏକାଡେମିକ ସୋସାଇଟି ପକ୍ଷରୁ ବାର୍ଷିକ ଏକାଡେମିକ ପ୍ରଦର୍ଶନୀ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ପ୍ରଦର୍ଶନୀକୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ, ଓ ରେଜିଷ୍ଟ୍ରାର ସଂଗ୍ରାମଶେଖର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉପାଧ୍ୟକ୍ଷ ପ୍ରଫେସର ଡା. ଦୁର୍ଗାମାଧବ ଶତପଥି, ଆନାଟୋମି ବିଭାଗ ମୁଖ୍ୟ ଡା. ଜେ. ସାଗର ପୃଷ୍ଟି ଉପସ୍ଥିତ ଥିଲେ। ଏକାଡେମିକ ବ୍ଲକ ଠାରେ ଏଲିଜିୟମ ଓ କନଫ୍ଲୁକସସ ନାମରେ ଆୟୋଜିତ ଏହି ପ୍ରଦର୍ଶନୀ ୨ଦିନ ଧରି ଚାଲିବ। ପ୍ରଦର୍ଶନୀରେ ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଦର୍ଶନୀ କରାଯାଇଥିବା ବେଳେ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କାରୁକାର୍ଯ୍ୟ ଓ ଚିତ୍ରକଳା ପ୍ରଦର୍ଶିତ ହୋଇଛି।

ଏହି ପ୍ରଦର୍ଶନୀ ଦ୍ୱାରା ଡାକ୍ତରୀ ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା କଳାର ପରିପ୍ରକାଶ କରିବାର ସୁଯୋଗ ପାଇଛନ୍ତି। ସେହିପରି ମଙ୍ଗଳବାର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ମନ୍ଦିରର ବିଦ୍ୟାର୍ଥୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀ ବୁଲି ଦେଖିବା ସହ ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ ଏହାର କାର୍ଯ୍ୟାବଳୀ ସମ୍ପର୍କରେ ବିସ୍ତୃତ ଭାବେ ଜାଣିବାକୁ ପାଇଥିଲେ। ଏହାକୁ ଏକାଡେମିକ ସୋସାଇଟିର ସମ୍ପାଦକ ସିଏ ବଳଭଦ୍ର ପ୍ରହରାଜ ଓ ଯୁଗ୍ମ ସମ୍ପାଦିକା ନିତିଲ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିଜି ପ୍ରବେଶିକା ଆବେଦନ ଆରମ୍ଭ

### ଦୁଇ ବିଶ୍ୱବିଦ୍ୟାଳୟ ଓ ୧୩ ମହାବିଦ୍ୟାଳୟରେ ରହିଛି ୧୭୦୫ ପିଜି ସିଟ୍

**ବ୍ରହ୍ମପୁର, ୨୧।୫(ସମିସ)**

ଚଳିତବର୍ଷ ୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି-୨୪) ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏଥିନିମନ୍ତେ ଆବେଦନ ଆରମ୍ଭ ହୋଇଯାଇଛି। ଜୁଲାଇ ୩ରୁ ୧୪ତାରିଖ ପର୍ଯ୍ୟନ୍ତ ପିଜି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଛାତ୍ରୀଛାତ୍ର ଚଳିତମାସ ୧୮ତାରିଖ ଅପରାହ୍ନ ୪ଟା ପରଠାରୁ ଅନ୍‌ଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରିବେ। ୨୭ତାରିଖ ରାତି ୧୧ଟା ୪୫ମିନିଟ ସମୟରେ ଆବେଦନ ପ୍ରକ୍ରିୟା ଶେଷ ହେବ। ଛାତ୍ରୀଛାତ୍ରମାନେ ଡବ୍ଲୁଡବ୍ଲୁଡବ୍ଲୁ. ସାମସଓଡ଼ିଶା. ଜିଓଭି.ଇନରେ ୱେବ୍‌ସାଇଟ୍‌ରେ ନାମ ପଞ୍ଜୀକରଣ କରୁଛନ୍ତି। ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମୋଟ ୧୭ଶହ ୫ଟି ବିଭିନ୍ନ ବିଭାଗରେ ପିଜି ସିଟ ରହିଛି। ସେଥି ମଧ୍ୟରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ଏହାର ଅଧୀନରେ ଥିବା ବିଭିନ୍ନ ମହାବିଦ୍ୟାଳୟର ସ୍ନାତକୋତ୍ତର ପାଠ୍ୟକ୍ରମ ନିମନ୍ତେ ୧୨ଶହ ୧୪ଟି ସିଟ ରହିଛି। ସେହିପରି ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ୪୯୧ଟି ସିଟ ରହିଛି। ଏଥିରେ ଅଧ୍ୟୟନ କରିବାକୁ ବିଦ୍ୟାର୍ଥୀମାନେ ପିଜି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଜରୁରୀ ବୋଲି ଜଣାପଡ଼ିଛି। ଏଥି ନିମନ୍ତେ ହଜାର ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବା ନିମନ୍ତେ ଆବେଦନ କରିଥାନ୍ତି। ଆବେଦନକାରୀ ବିଦ୍ୟାର୍ଥୀଙ୍କୁ ଜୁନ ୨୨ତାରିଖ ପୂର୍ବାହ୍ନ ୧୧ଟାରୁ ୱେବସାଇଟରେ ହଲ ଟିକେଟ ବା ଆଡ୍‌ମିଟ କାର୍ଡ ପ୍ରଦାନ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହା ପରେ ପରୀକ୍ଷାରେ ବିଭିନ୍ନ ବିଷୟଭିତ୍ତିକ ରେଜଲ୍ଟ ପ୍ରକାଶ ପାଇବ। ବିଦ୍ୟାର୍ଥୀମାନେ ପିଜି ପ୍ରବେଶିକା ପରୀକ୍ଷା ମାର୍କ ଅନୁଯାୟୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଥିବା କଳା, ବାଣିଜ୍ୟ ଓ ବିଜ୍ଞାନ ପାଠ୍ୟକ୍ରମରେ ଥିବା ବିଭିନ୍ନ ବିଷୟ ଯଥା ବାୟୋଟେକ୍ନୋଲୋଜି, ରସାୟନ ବିଜ୍ଞାନ, ବାଣିଜ୍ୟ, ଅର୍ଥନୀତି, ଇଂରାଜୀ, ଇତିହାସ, ଗଣିତ ଓ ଓଡ଼ିଆ ସମେତ ବିଭିନ୍ନ ବିଷୟରେ ନିଜର ନାମଲେଖାଇ ପାରିବେ। ଗତବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ସହରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଏବଂ ଶଶୀଭୂଷଣ ରଥ ମହିଳା ମହାବିଦ୍ୟାଳୟର ଅଧିକ କଟଅପ୍ ମାର୍କ ଯାଇଥିଲା। ଏହା ପରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ସମେତ ଜିଲ୍ଲା ବିଭିନ୍ନ ମହାବିଦ୍ୟାଳୟର ଚାହିଦା ରହିଥିଲା। ଚଳିତ ବର୍ଷ ମଧ୍ୟ ଠିକ୍ ସେଭଳି ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ଚଳିତ ଶିକ୍ଷାବର୍ଷରେ ତିନୋଟି ପର୍ଯ୍ୟାୟରେ ପିଜି ନାମଲେଖା ହେବ। ଯୋଗ୍ୟତା ଅନୁଯାୟୀ ଚୟନ ହୋଇଥିବା ଛାତ୍ରୀଛାତ୍ର ନାମଲେଖାଇବେ ବୋଲି ଜଣାପଡ଼ିଛି। ତିନି ପର୍ଯ୍ୟାୟ ନାମଲେଖା ଶେଷ ହେବା ପରେ ସିଟ୍ ବଳକା ପଡ଼ିଲେ ପରବର୍ତ୍ତୀ ସମୟରେ ସ୍ପଟ୍ ନାମଲେଖା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

**ଜୁଲାଇରେ ପରୀକ୍ଷା**

## ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ପାଳିତ




**ବ୍ରହ୍ମପୁର, ୨୧।୫(ସମିସ):** ସ୍ଥାନୀୟ ବାପୁଜୀ ଆଶ୍ରମରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ଏଥିରେ କମିଟି(ପୂର୍ବ) ସଭାପତି ଦୀପକ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏ ଅବସରରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୩୩ତମ ଶ୍ରାଦ୍ଧ ବାର୍ଷିକ ପାଳନ କରିବା ସହ କଂଗ୍ରେସ ପକ୍ଷରୁ ତାଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତି ଚାରଣ କରାଯାଇଥିଲା। ସଭାରେ ବରିଷ୍ଠ କଂଗେସ ନେତା ରବୀନ୍ଦ୍ର ଅଧିକାରୀ, ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ଅତୁଲ୍ୟ ପାଢ଼ୀ, ଜିଲ୍ଲା କଂଗ୍ରେସ ଉପ ସଭାପତି ଆନନ୍ଦ ରାଓ ଆଚାରୀ, ସାଧାରଣ ସମ୍ପାଦକ ସାଇ ପାତ୍ର, ପର୍ବୀନ ବେଗମ, କିଶୋର କପୂର୍, ସାଇ ପ୍ରସାଦ, ଶିବ ପାଣିଗ୍ରାହୀ, ଜଗନ୍ନାଥ ପଲେଇ, ଜିଲ୍ଲା ମିଡ଼ିଆ ସେଲ୍‌ଫ ଅଧ୍ୟକ୍ଷ ତତ୍ ସତ୍ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ସକାଳ
THE SAKALA

## ଉତ୍କଳର ନେତା ସ୍ୱୟଂ ନାରାୟଣ!

# ଶ୍ରୀଜଗନ୍ନାଥ ଓଡ଼ିଆ ଅସ୍ମିତାର ସର୍ବୋତ୍ତମ ପରିଚୟ

ଯେକୌଣସି ଓଡ଼ିଆ ବ୍ୟକ୍ତିକୁ ତା'ର ସାଂସ୍କୃତିକ ପରିଚୟ କ'ଣ ବୋଲି ପଚାରିଲେ, ତା' ମୁହଁରୁ ଅନାୟାସରେ ବାହାରି ଆସିବ ଶ୍ରୀଜଗନ୍ନାଥ ହିଁ ସମଗ୍ର ଓଡ଼ିଆ ଜାତିର ସର୍ବୋତ୍ତମ ଦିବ୍ୟ ପରିଚୟ। ଓଡ଼ିଆ ଶିଶୁଟିଏର ଜନ୍ମଜାତକ ଠାରୁ ଆରମ୍ଭ କରି ଜୀବନର ପ୍ରତ୍ୟେକ ସ୍ତରରେ ତଥା ଶେଷ ନିଃଶ୍ୱାସ ଛାଡ଼ିବା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ହିଁ ତା'ର ଆତ୍ମିକ ସନନ୍ଦ। ଓଡ଼ିଆଙ୍କର ଶାସ୍ତ୍ର, ପୁରାଣ, ଇତିହାସ, ସାମାଜିକ ପରମ୍ପରା, ଯାନିଯାତ୍ରା, ପର୍ବପର୍ବାଣି, ଭଲମନ୍ଦରେ କାଳିଆ ସାଆନ୍ତଙ୍କ ଉପସ୍ଥିତି ଓ ପରିବ୍ୟାପ୍ତି ଭାରତୀୟ ସାଂସ୍କୃତିକ ପ୍ରେକ୍ଷାପଟରେ ଏକ ଅନନ୍ୟ ଅବତାରଣା। ନୀଳମାଧବ ଶବର ଦେବତାରୁ ଯୁଗଯୁଗ ଧରି ଦୈବିକ ବିବର୍ତ୍ତନରେ ଶ୍ରୀଜଗନ୍ନାଥ ନୀଳଶୈଳ ନିବାସୀ ଦାରୁବ୍ରହ୍ମ ପାଲଟିବା ଏକ ଅଲୌକିକ ଉତ୍ତରଣ। ଏହି ଅବତାରୀ ପରମପୁରୁଷଙ୍କ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ଯୁଗଯୁଗ ଧରି ଓଡ଼ିଆଙ୍କ ପ୍ରାଣସ୍ପନ୍ଦନ ହୋଇ ରହି ଆସିଛି। ଭାରତୀୟ ହିନ୍ଦୁ ସଂସ୍କୃତିର ମୂର୍ଦ୍ଧନ୍ୟ ପୁରୋଧା ଆଚାର୍ଯ୍ୟ ଆଦିଶଙ୍କର ଶ୍ରୀଜଗନ୍ନାଥଙ୍କୁ ବନ୍ଦନା କରି ଏଠାରେ ଚାରି ମହାନ ଧାମରୁ ଗୋଟିଏ - ଗୋବର୍ଦ୍ଧନ ପୀଠ(ଭୋଗବର୍ଦ୍ଧନ ପୀଠ) ସ୍ଥାପନ କରି ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ବ୍ରହ୍ମତ୍ୱ ପରମ ମାନବୀୟ ଲୀଳା ଆଦିକୁ ଭାରତୀୟ ଦର୍ଶନର ସର୍ବୋଚ୍ଚ ପାହାଚରେ ଅଧିଷ୍ଠିତ କରାଇଛନ୍ତି। ଦାରୁବ୍ରହ୍ମ ରୂପରେ ନଶ୍ୱର ଓ ଈଶ୍ୱରର ଅନନ୍ୟ ସମନ୍ୱୟ ସାରାବିଶ୍ୱର ଜ୍ଞାନୀଗୁଣୀ ଭକ୍ତମାନଙ୍କ ପାଇଁ ଶ୍ରୀଜଗନ୍ନାଥ ଓ ତାଙ୍କର ଲୀଳାକ୍ଷେତ୍ର ପୁରୁଷୋତ୍ତମ ଶ୍ରୀକ୍ଷେତ୍ର ଭୂଲୋକରେ ଗୋଲକଧାମର ପରାକାଷ୍ଠା ପ୍ରତିପାଦନ କରୁଛି। ଭାରତୀୟ ଧର୍ମ ଜିଜ୍ଞାସା ପରମ୍ପରାର ଆଦି ସନାତନ ସ୍ୱରୂପ ବେଦ, ବେଦାଙ୍ଗ, ବେଦାନ୍ତଠାରୁ ଆରମ୍ଭ କରି ଓଡ଼ିଶାର ନିଜସ୍ୱ ପ୍ରତିବେଦନ ପ୍ରାଚୀନ ପଞ୍ଚସଖାଙ୍କ ଦିବ୍ୟ ପଦାବଳୀ, ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ, ସ୍କନ୍ଦ ପୁରାଣ, ଲକ୍ଷ୍ମୀ ପୁରାଣ ଆଦି ଅସଂଖ୍ୟ ଗ୍ରନ୍ଥ ଓ ଶାସ୍ତ୍ରରେ ଶ୍ରୀଜଗନ୍ନାଥଙ୍କୁ ସାରା ଓଡ଼ିଶାରେ ଯେଉଁଭଳି ହୃଦୟର ଗଭୀରତମ ପ୍ରଦେଶରେ ସ୍ଥାନ ଦିଆଯାଇଛି, ତାହା ସାରା ଭାରତରେ କାହିଁକି ସାରା ବିଶ୍ୱରେ ଅଦ୍ୱିତୀୟ। ତେଣୁ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆର ହୃଦୟ ଜଗନ୍ନାଥପ୍ରାଣ ଓ ପ୍ରତ୍ୟେକ ଓଡ଼ିଆର ଜୀବନ ଜଗନ୍ନାଥ ସମର୍ପିତ।

ଏଭଳି ହୃଦୟର ଠାକୁରଙ୍କ ସାମାନ୍ୟତମ ଉପେକ୍ଷା ବା ଅବହେଳା ଯେ ପ୍ରତ୍ୟେକ ଓଡ଼ିଆ ହୃଦୟକୁ ବ୍ୟଥିତ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଜ୍ଞାତସାରରେ ହେଉ, ଅଜ୍ଞାନବଶତଃ ହେଉ କିମ୍ବା ଚତୁରତା କିମ୍ବା ଅଭିସନ୍ଧିମୂଳକ ହେଉ, ଯେକୌଣସି ଭାବରେ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ସାମାନ୍ୟତମ ଆକ୍ଷେପ ଦ୍ୱାରା ଆମେ ସମସ୍ତେ ଯେ ମର୍ମାହତ ହେବା ଏହା ସ୍ୱାଭାବିକ। ଜଣେ ସ୍ୱାଭିମାନୀ ଜଗନ୍ନାଥ ଚେତନାର ଗବେଷକଙ୍କୁ ପଚରାଗଲା, ଜଗନ୍ନାଥଙ୍କର ଜଣେ ପ୍ରକୃତ ଭକ୍ତ କିଏ? ଅତ୍ୟନ୍ତ ବିନୀତ ସ୍ୱରରେ ସେ କହିଲେ ଜଣେ ପ୍ରକୃତ ଭକ୍ତର ସଂଜ୍ଞା, ଗୁଣାବଳୀ ଓ ପ୍ରକାରଭେଦ ଏକ ବିସ୍ତୃତ ଆଲୋଚନାର ଅପେକ୍ଷା କରେ। ତେବେ ଅତିସଂକ୍ଷିପ୍ତରେ କହିବାକୁ ଗଲେ କାୟମନୋବାକ୍ୟରେ ଯେଉଁ ବ୍ୟକ୍ତି ଶ୍ରୀଜଗନ୍ନାଥାର୍ପିତ ହୋଇଥାଏ ସେ ହିଁ ପ୍ରକୃତ ଭକ୍ତ। ଶ୍ରୀଜଗନ୍ନାଥ ଯୁଗଯୁଗ ଧରି କେତେ ପାପୀ, ତାପୀ, ଗର୍ବୀ ଓ ଅହଙ୍କାରୀଙ୍କୁ ତାରଣ କରିଛନ୍ତି। ସେଇଥିପାଇଁ ତ ସେ ପତିତପାବନ ରୂପେ ପରିଚିତ। ପୁରାଣ, କିମ୍ବଦନ୍ତୀ ଓ ଲୋକକଥାରେ ଆଜି ପର୍ଯ୍ୟନ୍ତ ଏଭଳି ଅସଂଖ୍ୟ ପତିତପାବନ ଘଟଣାର ଉଲ୍ଲେଖ ରହିଛି। ନୀଳଚକ୍ର ଓ ସେଥିରେ ଖଚିତ ପତିତପାବନ ବାନାକୁ ବହୁଦୂରରୁ ଦର୍ଶନ କଲେ ମଧ୍ୟ ପାପକ୍ଷାଳନ ହୁଏ ବୋଲି ସମସ୍ତ ଭକ୍ତଙ୍କ ବଦ୍ଧଧାରଣା। ପରମ କାରୁଣିକ ଦାରୁବ୍ରହ୍ମ ରତ୍ନ ସିଂହାସନରେ ବସି କାଳିଆ ଠାକୁର ବାହୁ ପ୍ରସାରି ଜଗତର ସମସ୍ତ ପାତକୀଙ୍କୁ ଡାକୁଛନ୍ତି ତାଙ୍କ ପାଖକୁ ଆସିବା ପାଇଁ। ପ୍ରଭୁ ନିଜେ ମଧ୍ୟ ପ୍ରତ୍ୟେକ ବର୍ଷ ଗୁଣ୍ଡିଚାଯାତ୍ରାରେ ଶ୍ରୀମନ୍ଦିରରୁ ବାହାରି ଆସନ୍ତି ଜଗତ ଉଦ୍ଧାର ପାଇଁ। ତାଙ୍କ ଚକାଆଖିର ଏକ ଆଂଶିକ ସାମୟିକ ତଥା ତାତ୍କାଳିତ ଦର୍ଶନରେ ଭକ୍ତ ହୃଦୟ ବିଗଳିତ ହୋଇଯାଏ, କଣ୍ଠ ବାଷ୍ପାକୁଳିତ ଓ ବେନିନେତ୍ର ପ୍ରକ୍ଷାଳିତ ହୋଇଥାଏ। ଏଠିକି ସମସ୍ତେ ଆସନ୍ତି କୃପା ଭିକ୍ଷା ପାଇଁ, ଗରିମା ପ୍ରଦର୍ଶନ ପାଇଁ ନୁହେଁ। ବଡ଼ିମା ଦେଖେଇବାକୁ ଯେତକ ଆସିଛନ୍ତି ସମସ୍ତେ ପରାଭବ ପାଇଛନ୍ତି। ମର୍ତ୍ତ୍ୟବୈକୁଣ୍ଠର ଏହି ମହାପ୍ରଭୁ ଚକ୍ରରାଜ ସୁଦର୍ଶନଙ୍କ ଗର୍ବ ମଧ୍ୟ କିଭଳି ଖର୍ବ କରିଥିଲେ ତାହା ଭକ୍ତମାନେ ଜାଣନ୍ତି। ସେହିପରି ଧର୍ମାନ୍ତରିତ ଗଜପତି ରାମଚନ୍ଦ୍ର ଦେବ (ହାଫିଜ୍ କାଦର) ଭାବେ ନିର୍ଜନ ମଧ୍ୟରାତ୍ରିରେ ଦର୍ଶନ ପାଇଁ ଆସିଲେ ଦୂରରୁ ପତିତପାବନଙ୍କ ଆଗରେ ମୁଣ୍ଡ ନୁଆଁନ୍ତି ଏବଂ ଓଡ଼ିଶାରୁ ବିଧର୍ମୀ ଶାସକଙ୍କୁ ହଟାଇବାକୁ ପ୍ରଭୁଙ୍କ ପାଖରେ ଅଳି କରନ୍ତି। ଶ୍ରୀକ୍ଷେତ୍ରର ପୃଷ୍ଠପୋଷକ ଗଜପତି ମହାରାଜାମାନେ ଯେ ଠାକୁରଙ୍କ ରାଉତ ତଥା ପ୍ରଥମ ସେବକ ତାହା ମୁକ୍ତ କଣ୍ଠରେ ସର୍ବସାଧାରଣରେ ସ୍ୱୀକାର କରିଥା'ନ୍ତି ଏବଂ ଠାକୁରଙ୍କ ଛେରାପହଁରା ତଥା 'ରାଜନୀତି-ବନ୍ଦାପନା' କରି ନିଉଛାଳି ହୁଅନ୍ତି।

ଏହି ପୃଷ୍ଠଭୂମିରେ ଆସନ୍ତୁ ଦେଖିବା ଶ୍ରୀଜଗନ୍ନାଥଙ୍କୁ ନେଇ ସମ୍ପ୍ରତି କିଭଳି ନିର୍ବାଚନୀ ରାଜନୀତି କରି ଜନୈକ ରାଜନେତା ହଟହଟା ହୋଇଛନ୍ତି। ସାରା ଓଡ଼ିଶାରେ ଏବେ ଚହଳ ପଡ଼ିଛି ଯେ ଶ୍ରୀଜଗନ୍ନାଥ ପୁଣି ଜଣେ ମଣିଷର ଭକ୍ତ? ନିର୍ବାଚନୀ ପ୍ରଗଳ୍ଭତାର ଉଚ୍ଚାଟରେ ଏଭଳି ତୁଣ୍ଡ ହୁଡ଼ିଯାଇଛି ବୋଲି ସମ୍ପୃକ୍ତ ନେତା ଭୁଲ୍ ସ୍ୱୀକାର କରିଛନ୍ତି ଏବଂ ପ୍ରଭୁଙ୍କଠାରୁ କ୍ଷମାଭିକ୍ଷା କରିଛନ୍ତି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଉଥିବା ଏଭଳି ନେତାମାନେ ଯେ ଓଡ଼ିଆ ଅସ୍ମିତାର ସର୍ବୋଚ୍ଚ ଦିବ୍ୟ ପରିଚୟକୁ ଯେ ହୃଦୟଙ୍ଗମ କରିପାରି ନାହାନ୍ତି ତାହା ସ୍ପଷ୍ଟ ଅନୁମେୟ। ଶ୍ରୀଜଗନ୍ନାଥଙ୍କ ଜଣେ ଭକ୍ତ କେବେହେଲେ ନିଜକୁ ଭକ୍ତ ବୋଲି ଡିଣ୍ଡିମ ପିଟି ଜନତାଙ୍କଠାରୁ ଭୋଟ ଭିକ୍ଷା କରେ ନାହିଁ। ସେହି ତଥାକଥିତ ଭକ୍ତ ଶ୍ରୀଜଗନ୍ନାଥଙ୍କୁ ଆଉ ଜଣେ ରାଜନେତାଙ୍କର ଭକ୍ତ ବୋଲି କହିବା ପାଇଁ କିଭଳି ଦୁଃସାହସ କରିପାରିଲେ? ଅଜାଣତରେ ଏଭଳି ପାପ କରି ପକାଇଛି ବୋଲି ସ୍ୱୀକାର କରି ଏବେ ପ୍ରାୟଶ୍ଚିତ କଲେ ବିଶ୍ୱସାରା କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଯେଉଁ ଗଭୀର ଆଘାତ ଲାଗିଛି ତାହା କ'ଣ ଉପଶମ ହେବ? କରୁଣାସିନ୍ଧୁ କ୍ଷମାସାଗର କୃପା ପାରାବାର ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। କିନ୍ତୁ ଓଡ଼ିଶାର ଜନତା ଜନାର୍ଦ୍ଦନ ତାଙ୍କ ହୃଦୟରେ ହୋଇଥିବା ଗଭୀର କ୍ଷତର ଯନ୍ତ୍ରଣାକୁ ବହୁଦିନ ପର୍ଯ୍ୟନ୍ତ ଅନୁଭବ କରିବେ ଏଥିରେ ସନ୍ଦେହ ନାହିଁ। ଓଡ଼ିଆଙ୍କ ପରମ ଆରାଧ୍ୟ ଓ ଜଗତବନ୍ଦ୍ୟ ଶ୍ରୀଜଗନ୍ନାଥଙ୍କୁ ଭୋଟ ରାଜନୀତିରୁ ବହୁଊର୍ଦ୍ଧ୍ୱରେ ରଖାଯାଉ ବୋଲି ଆମର ବିନୀତ ନିବେଦନ। ●

# ଐତିହ୍ୟର ଗନ୍ତାଘର ବ୍ରାହ୍ମଣୀ ଅବବାହିକା



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ପତିତପାବନୀ ଗଙ୍ଗା ତ୍ରିପଥ ଗାମିନୀ। ସେ ସ୍ୱର୍ଗରେ ମନ୍ଦାକିନୀ, ମର୍ତ୍ତ୍ୟରେ ଗଙ୍ଗା ଓ ପାତାଳରେ ଭୋଗବତୀ। ପବିତ୍ର ଭାରତବର୍ଷ ନବଖଣ୍ଡରେ ବିଭକ୍ତ। ତେଣୁ ଗଙ୍ଗା ନଅଗୋଟି ଧାରା ବା ନଦୀ ରୂପରେ ଭାରତରେ ପ୍ରବାହିତ। ସେହି ନଅଗୋଟି ନଦୀ ହେଉଛି ଗୋଦାବରୀ, ଗଙ୍ଗା, ରେବା, ଜାହ୍ନବୀ, କାବେରୀ, ଗୋମତୀ, କୃଷ୍ଣା, ବ୍ରାହ୍ମଣୀ ଓ ବୈତରଣୀ। ଏହି ନଅଗୋଟି ନଦୀ ଭାରତର ବିଭିନ୍ନ ପର୍ବତରୁ ବାହାରି ଭାରତ ଭୂମିକୁ ପୂତ ଓ ପବିତ୍ର କରିଥିଲେ ହେଁ ପ୍ରାଚୀନ ଶାସ୍ତ୍ରସମୂହରେ ଏହି ନଅଗୋଟି ନଦୀ ବିଷ୍ଣୁଙ୍କ ପାଦ ଅଗରୁ ସମ୍ଭୂତା ବୋଲି ଉଲ୍ଲିଖିତ। ଏହି ପୁରୋଦୃଷ୍ଟିରୁ ସ୍ନାନ ସମୟରେ ନବଧାଗଙ୍ଗାଙ୍କୁ ସ୍ମରଣ କରି ସ୍ନାନ କରାଯାଏ।

***ଆଦ୍ୟା ଗୋଦାବରୀ ଗଙ୍ଗା ଦ୍ୱିତୀୟା ଚ ପୁନଃ ପୁନଃ, ତୃତୀୟା କଥିତା ରେବା ଚତୁର୍ଥୀ ଜାହ୍ନବୀ ସ୍ମୃତା। / କାବେରୀ ଗୋମତୀ କୃଷ୍ଣା ବ୍ରାହ୍ମୀ ବୈତରଣୀ ତଥା, ବିଷ୍ଣୁ ପାଦାଗ୍ର ସମ୍ଭୂତା ନବଧାଭୂମି ସଂସ୍ଥିତା।***

ଉପରୋକ୍ତ ନଅଗୋଟି ନଦୀ ପୁଣ୍ୟତୋୟା ପତିତପାବନୀ ଗଙ୍ଗାର ଗୋଟିଏ ଗୋଟିଏ ଧାରା ଅଟନ୍ତି। କେହି ଏହି ନବଧାରାରେ ସ୍ନାନ କରୁ ବା ନକରୁ ସ୍ନାନକାଳରେ ସ୍ମରଣକଲେ ଗଙ୍ଗାସ୍ନାନର ପୁଣ୍ୟ ଅର୍ଜନ କରିଥାଏ ଏବଂ ତାହାର ସକଳ ପାପ ବିଧ୍ୱଂସ ହୋଇଥାଏ।

ଗଙ୍ଗାର ଅନ୍ୟତମ ଧାରା ବ୍ରାହ୍ମଣୀ ବିନ୍ଧ୍ୟାଞ୍ଚଳର ହଜାରିବାଗ ପର୍ବତମାଳାରୁ ଦୁଇଧାର ଯଥା: ଶଙ୍ଖ ଓ କୋଇଲି ନାମରେ ସମ୍ଭୂତା ତଥା ଛୋଟନାଗପୁର ମାଳଭୂମିରେ ପ୍ରବାହିତ ହୋଇ ବେଦବ୍ୟାସଠାରେ ମିଳିତ ହେବା ପରେ ବ୍ରାହ୍ମଣୀ ନାମ ଧାରଣ କରିଛି ଏବଂ ପୂର୍ବ ମହୋଦଧିରେ ବ୍ରାହ୍ମଣୀ ଓ ଖରସ୍ରୋତା ଦୁଇ ଧାର ଭାବରେ ସାଗର ସଙ୍ଗମ ଲାଭ କରିଛନ୍ତି। ଗବେଷକମାନଙ୍କ ମତରେ ବ୍ରାହ୍ମଣୀ ନଦୀର ପ୍ରାଚୀନ ନାମ 'ଶଙ୍ଖଜ୍ୟୋତି' ଥିଲା। କେତେକ ପ୍ରାଚୀନ ତାମ୍ରପତ୍ରରେ 'ଶଙ୍ଖଜ୍ୟୋତି କୁଳବାସାତ୍' ଉଲ୍ଲିଖିତ ଥିବାରୁ ଉକ୍ତିର ସତ୍ୟତା ପ୍ରତିପାଦିତ ହୋଇଥାଏ। ଏହି ଦୃଷ୍ଟିକୋଣରୁ ଶଙ୍ଖ ଓ କୋଇଲି ଦୁଇଧାରକୁ ଶଙ୍ଖ ଓ ଜ୍ୟୋତି ମଧ୍ୟ କୁହାଯାଏ। ଅନୁମିତ ହୁଏ ଛୋଟନାଗପୁର ଅଞ୍ଚଳର ଆଦିବାସୀମାନେ ଜ୍ୟୋତିକୁ 'କୋଇଲି' ନାମରେ ନାମିତ କଲେ ଏବଂ ସେହି ନାମ ହିଁ ରହି ଜ୍ୟୋତି ନାମ ବିଲୁପ୍ତ ହୋଇଗଲା। ବ୍ରାହ୍ମଣୀ ନଦୀର ଉତ୍ପତ୍ତି ସମ୍ବନ୍ଧରେ ରୋଚକ କିମ୍ବଦନ୍ତୀ ରହିଛି। ପରମଶିବଙ୍କ ଦ୍ୱାରା ବିନ୍ଧ୍ୟବାସିନୀ ଗର୍ଭବତୀ ହୋଇ ଶଙ୍ଖ ଓ ଜ୍ୟୋତି ନାମରେ ଦୁଇଟି ଯମଜ କନ୍ୟା ଜନ୍ମ ଦେଲେ। ସେମାନେ ଶିବଙ୍କୁ ବିନ୍ଧ୍ୟାଞ୍ଚଳରେ ତପସ୍ୟା କଲେ। ଶିବ ସେମାନଙ୍କ ତପସ୍ୟାରେ ପ୍ରୀତ ହୋଇ ବରଦାନ କଲେ ଯେ, ତୁମେ ଦୁଇଜଣ ଗଙ୍ଗାଙ୍କର ସ୍ୱରୂପା। ତେଣୁ ଦୁଇଗୋଟି ଧାରାରୂପରେ ଏହି ବିନ୍ଧ୍ୟାଞ୍ଚଳରୁ ପ୍ରବାହିତ ହେବ ଏବଂ ବେଦବ୍ୟାସଠାରେ ମହର୍ଷି କୃଷ୍ଣ ଦ୍ୱୈପାୟନ ବେଦବ୍ୟାସଙ୍କର ଦର୍ଶନ ଓ ଆଶୀର୍ବାଦ ପାଇବା ପରେ ମିଳିତ ହୋଇ ବ୍ରାହ୍ମଣୀ ନାମ ଧାରଣ କରିବ। ସେଠିଠାରୁ ତୁମଗତି ତିନି ଦିଗରେ ବିସ୍ତାର କରିବ। ପ୍ରଥମେ ଦକ୍ଷିଣ ଦିଗରେ ଯେତିକି ଦୂର ପ୍ରବାହିତ ହେବ, ଦ୍ୱିତୀୟରେ ପୂର୍ବଦିଗରେ ସେତିକି ଦୂର ପ୍ରବାହିତ ହେବ ଏବଂ ଶେଷରେ ଉତ୍ତର ଦିଗରେ ସେତିକି ଦୂର ପ୍ରବାହିତ ହେବ। ତ୍ରିଦିଗ ପ୍ରବାହ ପରେ ତୁମେ ପୁନର୍ବାର ଦୁଇଧାରରେ ପୂର୍ବାଭିମୁଖୀ ହୋଇ ପୂର୍ବମହୋଦଧିରେ ସାଗର ସଙ୍ଗମ ଲାଭ କରିବ। ପତିତପାବନୀ ଗଙ୍ଗାସମ ବନ, ପାର୍ବତ୍ୟ ଓ ସମତଳ ଅଞ୍ଚଳକୁ ପୂତ ଓ ପବିତ୍ର କରି ତ୍ରିପଥଗାମିନୀ ନାମକୁ ସାର୍ଥକ କରିବ। ମୋ ଆଶୀର୍ବାଦରୁ ତୁମ କୂଳରେ ଅନେକ ଗ୍ରାମ, ନଗର, ଦେବାଳୟ, ତୀର୍ଥ ଓ ପୀଠ ଗଢ଼ିଉଠିବ। ଲୋକମାନେ ତୁମକୁ ଗଙ୍ଗାସମ ଭକ୍ତି ପ୍ରଦର୍ଶନ କରିବେ।

ଆଶୁତୋଷ ଶିବଙ୍କ ଆଶୀର୍ବାଦ ଅନୁସାରେ ଶଙ୍ଖ ଓ ଜ୍ୟୋତି ଦୁଇଧାର ରୂପରେ ବିନ୍ଧ୍ୟାଞ୍ଚଳର ହଜାରିବାଗ ପର୍ବତମାଳାରେ ଆବିର୍ଭୂତା ହେଲେ। ସେଠାରୁ ଶଙ୍ଖ ଓ କୋଇଲି ନାମଧରି ଛୋଟନାଗପୁର ମାଳଭୂମିରେ ପ୍ରବାହିତ ହୋଇ ରାଉରକେଲା ନିକଟସ୍ଥ ବେଦବ୍ୟାସଠାରେ ମିଳିତ ହେଲେ। ସେହି ତୀର୍ଥରେ ମହର୍ଷି ବ୍ୟାସଙ୍କ ଦର୍ଶନ ଓ ଆଶୀର୍ବାଦ ଲାଭ ପୂର୍ବକ ବ୍ରାହ୍ମଣୀ ନାମ ଧାରଣ କଲେ। ବେଦବ୍ୟାସଠାରୁ ବଣାଇ ଓ ବାରକୋଟ ଦେଇ ଦକ୍ଷିଣଦିଗରେ ବାଆସ୍ତରୀ କିଲୋମିଟର ପ୍ରବାହିତ ହେବା ପରେ ତାଳଚେରଠାରୁ ବ୍ରାହ୍ମଣୀ ନଦୀ ପୂର୍ବାଭିମୁଖୀ ହୋଇ ପୂର୍ବଦିଗରେ ବାଆସ୍ତରୀ କିଲୋମିଟର ପ୍ରବାହିତ ହୋଇଛି। ପୂର୍ବଦିଗରେ ବାଆସ୍ତରୀ କିଲୋମିଟର ପ୍ରବାହିତ ହେବା ପରେ ମାର୍ଥାପୁର ଶାସନଠାରୁ ଉତ୍ତରଗାମିନୀ ହୋଇଛି। ଏହି ସ୍ଥାନରେ ଉତ୍ତରବଗାମିନୀ ଗଙ୍ଗାସମ ବ୍ରାହ୍ମଣୀ ସହିତ ରାମିଆଳ ଓ ଡମଶାଳ ନଦୀଦ୍ୱୟ ମିଶି ତ୍ରିବେଣୀ ସଙ୍ଗମ ସୃଷ୍ଟି କରିଛନ୍ତି। ଏଠାରେ ବ୍ରାହ୍ମଣୀନଦୀ ଉତ୍ତରଗାମିନୀ ହୋଇଥିବାରୁ ଏହା ମହାତୀର୍ଥ ଭାବେ ଖ୍ୟାତ। ଶାସ୍ତ୍ରୋକ୍ତି ଅନୁସାରେ ଏହି ଉତ୍ତରଗାମିନୀ ତୀର୍ଥରେ ସ୍ନାନ କଲେ ବିଷ୍ଣୁଲୋକ ପ୍ରାପ୍ତି ହୋଇଥାଏ।

***ମହାକାର୍ତ୍ତିକୀ ବିପ୍ରାଙ୍ଗ ଯତ୍ରତୋତ୍ତର ବାହିନୀ, ତତ୍ରସ୍ନାନ ନରଃକୃତ୍ୱା ବିଷ୍ଣୁଲୋକ ସଗଚ୍ଛତି।***

ବ୍ରାହ୍ମଣୀର ଏହି ସଙ୍ଗମତୀର୍ଥରେ ବେଦଭାଷ୍ୟକର ସ୍କନ୍ଦସ୍ୱାମୀ ଚାରିବେଦର ଭାଷ୍ୟ ରଚନା କରିଥିଲେ। ତତ୍‌କାଳୀନ ରାଜା ଜୟସିଂହ ମହାରଥା ସ୍କନ୍ଦସ୍ୱାମୀଙ୍କୁ ଏହି ଭୂମି ଦାନ କରିଥିଲେ ତଥା ସେହି ଶାସନ ମହାରଥାପୁର ବା ବର୍ତ୍ତମାନ ମାର୍ଥାପୁର ନାମରେ ପ୍ରସିଦ୍ଧି ଲାଭ କରିଛି। ମାର୍ଥାପୁର ଶାସନଠାରୁ ଉତ୍ତରଗାମିନୀ ହୋଇ ବ୍ରାହ୍ମଣୀନଦୀ ବାଆସ୍ତରୀ କିଲୋମିଟର ପ୍ରବାହିତ ହେବା ପରେ ଜେନାପୁର ଗ୍ରାମ ତଳେ ଶିବଙ୍କ ବଚନାନୁସାରେ ଦୁଇଧାରରେ ବିଭକ୍ତ ହୋଇଛି। ଉତ୍ତର ପାର୍ଶ୍ୱଧାର ବାଆସ୍ତରୀ କିଲୋମିଟର ପ୍ରବାହିତ ହୋଇ ଖରସ୍ରୋତା ନାମ ଧାରଣ କରିଛି ଏବଂ ବୈତରଣୀ ସହିତ ମିଶି ପୂର୍ବମହୋଦଧିରେ ସାଗରସଙ୍ଗମ ଲାଭ କରିଛି। ଦକ୍ଷିଣ ପାର୍ଶ୍ୱ ଧାର ବ୍ରାହ୍ମଣୀ ମୂଳ ନାମ ଧରି ବାଆସ୍ତରୀ କିଲୋମିଟର ପ୍ରବାହିତ ହେବା ପରେ ପୂର୍ବମହୋଦଧିରେ ସାଗରସଙ୍ଗମ ଲାଭ କରିଛି।

ବ୍ରାହ୍ମଣୀ ନଦୀର ବହୁ ଉପନଦୀ ରହିଛି। ତନ୍ମଧ୍ୟରେ ମାଙ୍କଡ଼ା (ମନ୍ଦାକିନୀ), ମତୁଆଳ, ଗୋହିରା, ଆଉଁଳି, ଟିକରା, ସିଙ୍ଗଡ଼ା, ସମାକୋଇ, ନକରା, ଲିଙ୍ଗରା, ସରପା, ବଡ଼ଯୋଡ଼ା, ଗମ୍ଭାରିଆ, ପିଚ୍ଛୁଳୀ, ଡଉଁରା, ଗୋହିରା, ଡମଶାଳ ଓ ରାମିଆଳ ପ୍ରଭୃତି ପ୍ରଧାନ। ବ୍ରାହ୍ମଣୀ ତଟସ୍ଥ ଗ୍ରାମ ଓ ନଗରମାନଙ୍କ ମଧ୍ୟରେ ପାନପୋଷ, ରାଉରକେଲା, ବାରକୋଟ, ବଜ୍ରକୋଟ, କଣିହା, ସମଲ, ତାଳଚେର, ସରାଙ୍ଗ, ମାଣିକ୍ୟମରା, କୁଲେଇ, କମଲାଙ୍ଗ, କନ୍ତିଓ, ମଙ୍ଗଳପୁର, ଖଣ୍ଡପ୍ରସାଦ, ଧଳପୁର, ସୋଗର, କମଗରା, ବାରୁଆଁ, ବୁଢ଼ୀବିଲ, ବାଙ୍ଗରସିଂହା, ବଉଳପୁର, ମାର୍ଥାପୁର, ଓଡ଼ଣା, ଜୟପୁର, ଚଣ୍ଡୀପାଳ, ଭୂଷଳ, ଭୁବନ, ପିଙ୍ଗୁଆ, ମନ୍ଦାର, ନୀଳକଣ୍ଠପୁର, କବାଟବନ୍ଧ, ବଳରାମପୁର, ଚଉଷଠିପଡ଼ା, ପଙ୍କପାଳ, ଜେନାପୁର, ନୀଳକଣ୍ଠପୁର, ତରଡ଼ିପାଳ ଓ ଆଳି ପ୍ରଭୃତି ମୁଖ୍ୟ। ବ୍ରାହ୍ମଣୀ ତଟସ୍ଥ ବେଦବ୍ୟାସ, ସରାଙ୍ଗ, ନାଗନା, ମାର୍ଥାପୁର ଓ ବୁଦ୍ଧେଶ୍ୱର ଗୋଟିଏ ଗୋଟିଏ ତୀର୍ଥ। ବ୍ରାହ୍ମଣୀ କୂଳରେ ଥିବା ମନ୍ଦିରମାନଙ୍କ ମଧ୍ୟରେ ବେଦବ୍ୟାସ ମନ୍ଦିର, ବଜ୍ରକୋଟର ଭିଙ୍ଗେଶ୍ୱର ମନ୍ଦିର, ଭୀମକାଣ୍ଡର ବିଶାଳକାୟ ବିଷ୍ଣୁମୂର୍ତ୍ତି, ସରାଙ୍ଗର ଅନନ୍ତଶୟନ ବିଷ୍ଣୁ, ତାଳଚେରର ପଶ୍ଚିମେଶ୍ୱର ମନ୍ଦିର, କୁଆଁଳୋର ଅଷ୍ଟଶମ୍ଭୁ, ନାଧରାର ରାମଚଣ୍ଡୀ, ଏକଘରିଆର କନକେଶ୍ୱର, କନ୍ତିଓ ମଠ, ନାଗନାର ମାଗନାଥେଶ୍ୱର ମନ୍ଦିର, ମାର୍ଥାପୁରଶାସନର ବାଲୁଙ୍କେଶ୍ୱର ମନ୍ଦିର, କରମୂଳର ଦୌଡ଼େଶ୍ୱର ମନ୍ଦିର, ଭୁବନର ବୃଦ୍ଧେଶ୍ୱର ମନ୍ଦିର, ବ୍ରହ୍ମପୁରର ସ୍ୱପ୍ନେଶ୍ୱର ମନ୍ଦିର, କବାଟବନ୍ଧର ଗୋବିନ୍ଦ ଜୀଉ ମନ୍ଦିର ପ୍ରଭୃତି ପ୍ରାଚୀନ। ସମ୍ପ୍ରତି ବ୍ରାହ୍ମଣୀତଟ ଗ୍ରାମ ଓ ନଗରମାନଙ୍କରେ ବହୁ ମନ୍ଦିର ନିର୍ମାଣ ହେଲାଣି, ଯାହା ଏକ ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ। ବ୍ରାହ୍ମଣୀ ନଦୀ ତଟରେ ଷଷ୍ଠ ଶତାବ୍ଦୀଠାରୁ ଦଶମ ଶତାବ୍ଦୀ ମଧ୍ୟରେ ବହୁ ବୌଦ୍ଧପୀଠ ନିର୍ମିତ ହୋଇଥିଲା। ତାଳଚେରଠାରେ ଯେଉଁ ସ୍ଥାନରେ ବ୍ରାହ୍ମଣୀ ନଦୀ ଦକ୍ଷିଣରୁ ପୂର୍ବଦିଗକୁ ପ୍ରବାହିତ ହୋଇଛି, ସେହି ସ୍ଥାନରେ ଜୟାଶ୍ରମ ବୌଦ୍ଧ ବିହାର ସ୍ଥାପିତ ହୋଇଥିଲା। ଏହି ବୌଦ୍ଧ ବିହାରରେ ଏକହଜାର ବୌଦ୍ଧ ଭିକ୍ଷୁଣୀ ସାଧନରତ ଥିଲେ। ତତ୍‌କାଳୀନ ପ୍ରସିଦ୍ଧ ସ୍ଥପତି ଅମ୍ଭୁଭଟାରକ ଏହି ବୌଦ୍ଧବିହାରରେ ବୌଦ୍ଧମୂର୍ତ୍ତି ନିର୍ମାଣ କରିଥିଲେ। ବୌଦ୍ଧମୂର୍ତ୍ତିଙ୍କ ପୂଜା, ବୌଦ୍ଧ ଭିକ୍ଷୁଣୀଙ୍କ ଗ୍ରାସାଚ୍ଛଦନ ଓ ବୌଦ୍ଧବିହାରର ମରାମତି ନିମିତ୍ତ ଯମଗର୍ତ୍ତ ମଣ୍ଡଳାଧୀଶ ବିନୀତ ତୁଙ୍ଗଙ୍କ ଅନୁରୋଧ କ୍ରମେ ଭୌମକର ରାଜା ଶିବାକର ଦେବ କଲଣ ଗ୍ରାମ ଦାନ କରିଥିଲେ। ୧୭୦୦ ମସିହାରେ ଦୀର୍ଘ ଏଗାର ଦିନ ମୂଷଳଧାରାରେ ବର୍ଷା ହୋଇ ବ୍ରାହ୍ମଣୀ ସ୍ରୋତର ପଟୁମାଟି ଆସି ଏହି ପ୍ରସିଦ୍ଧ ବୌଦ୍ଧବିହାରକୁ ପୋତିପକାଇଲା। ତାଳଚେର ରାଜା ବୁଦ୍ଧ ମୂର୍ତ୍ତି ଦୁଇଟି ଉଦ୍ଧାର କରି ସହର ଉପକଣ୍ଠ ପଶ୍ଚିମେଶ୍ୱର ମନ୍ଦିରରେ ରଖି ସେବାପୂଜାର ବନ୍ଦୋବସ୍ତ କରିଥିଲେ। ବର୍ତ୍ତମାନ ଅମ୍ଭୁ ଭଟାରକଙ୍କ ଦ୍ୱାରା ନିର୍ମିତ ସେହି ଧ୍ୟାନୀ ଓ ଅବଲୋକିତେଶ୍ୱର ବୁଦ୍ଧ ମୂର୍ତ୍ତି ପଶ୍ଚିମେଶ୍ୱର ମନ୍ଦିରରେ ପୂଜା ପାଉଛନ୍ତି। ଭୁବନର ବୃଦ୍ଧେଶ୍ୱର ମୂର୍ତ୍ତି ଗୋଟିଏ ବୌଦ୍ଧସ୍ତୂପ ଥିଲା ବୋଲି ଅନେକ ମତ ପ୍ରଦାନ କରିଥା'ନ୍ତି। ଉପକୂଳ ଅଞ୍ଚଳରେ ବ୍ରାହ୍ମଣୀ ଅବବାହିକାରେ ପୁଷ୍ପଗିରି, ଉଦୟଗିରି, କୋଲଣଗିରି, ରତ୍ନଗିରି ଓ ଅନ୍ୟାନ୍ୟ ବହୁ ସ୍ଥାନରେ ଅଗଣିତ ବୌଦ୍ଧପୀଠ ଗଢ଼ି ଉଠିଥିଲା।

ଓଡ଼ିଶାର ଶୈବ ସଂସ୍କୃତିକୁ ବ୍ରାହ୍ମଣୀର ଦାନ ଅତୁଳନୀୟ। ବ୍ରାହ୍ମଣୀ ତଟରେ ବଜ୍ରକୋଟ ଗ୍ରାମରେ ଭିଙ୍ଗେଶ୍ୱର ମନ୍ଦିର ଅବସ୍ଥିତ। ଏହି ମନ୍ଦିରଟି ଷଷ୍ଠ ଶତାବ୍ଦୀରେ ଜିତ୍‌ବଂଶ ରାଜାମାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା। କୁଆଁଳୋଠାରେ ଅଷ୍ଟଶମ୍ଭୁ ପୀଠ ବିଦ୍ୟମାନ। ଏଠାରେ ଆଠଗୋଟି ନମଶୁମ୍ଭୀ ଶିବମନ୍ଦିର ସପ୍ତମ ଅଷ୍ଟମ ଶତାବ୍ଦୀରେ ଶୁକ୍ଳୀ ରାଜାନ୍ୟ ବୃନ୍ଦ ନିର୍ମାଣ କରିଥିଲେ। ସେହି ସମୟରେ ଭୁବନେଶ୍ୱର, ପୁରୀ ଓ କୋଣାର୍କ ପ୍ରଭୃତି ସ୍ଥାନରେ ମନ୍ଦିର ନିର୍ମାଣ ହୋଇନଥିଲା। ବ୍ରାହ୍ମଣୀ ତଟସ୍ଥ ନାଗନାର ନାଗନାଥେଶ୍ୱର ମନ୍ଦିର ତୃତୀୟ ଅନଙ୍ଗଭୀମଦେବଙ୍କ ଦ୍ୱାରା ଦ୍ୱାଦଶ ଶତାବ୍ଦୀରେ ନିର୍ମିତ। ପ୍ରାଚୀନ ଓ ମଧ୍ୟଯୁଗରେ ନାଗନା ଗୋଟିଏ ତୀର୍ଥର ପ୍ରସିଦ୍ଧି ଲାଭ କରିଥିଲା। ଭାରତର ବିଭିନ୍ନ ଅଞ୍ଚଳରୁ ଯାତ୍ରୀଗଣ ଏଠାକୁ ଆସି ସ୍ନାନ, ଦାନ, ପିଣ୍ଡଦାନ ଓ ଅନ୍ୟାନ୍ୟ ଧର୍ମକାର୍ଯ୍ୟ କରୁଥିଲେ। କେତେକ ଗବେଷକ ଏହାକୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ଅନ୍ତର୍ଭୁକ୍ତ କରିଥା'ନ୍ତି। କେତେକ ଦ୍ୱାରକା ନିକଟସ୍ଥ ନାଗନାଥଙ୍କୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ଅନ୍ୟତମ ବୋଲି ବିବେଚନା କରିଥା'ନ୍ତି। ଦ୍ୱାରକା ନିକଟସ୍ଥ ନାଗନାଥଙ୍କଠାରୁ ବ୍ରାହ୍ମଣୀ ତଟସ୍ଥ ନାଗନାଥ ପ୍ରାଚୀନ। ଆଦି ଶଙ୍କରାଚାର୍ଯ୍ୟ ବ୍ରାହ୍ମଣୀ ତଟସ୍ଥ ନାଗନାଥଙ୍କୁ ଦର୍ଶନ କରିଥିଲେ।

***ଯା ମ୍ୟେ ସଦଙ୍ଗେ ନଗରେଽତି ରମ୍ୟେ ବିଭୂଷିତାଙ୍ଗସ ବିବିଧୈଶ୍ଚ ଭୋଗୈଃ, ସଦ୍‌ଭକ୍ତି ମୁକ୍ତି ପ୍ରଦମୀଶମେଙ୍କ ଶ୍ରୀନାଗନାଥ ଶରଣଂ ପ୍ରପଦ୍ୟେ।***

ବ୍ରାହ୍ମଣୀ ତଟସ୍ଥ ଏକଘରିଆଠାରେ ପ୍ରାଚୀନ କନକେଶ୍ୱର ମନ୍ଦିର ଅବସ୍ଥିତ। ମାର୍ଥାପୁରଶାସନର ବାଲୁଙ୍କେଶ୍ୱର ନବମ ଶତାବ୍ଦୀର ଶିବଲିଙ୍ଗ। ବ୍ରହ୍ମପୁରର ସ୍ୱପ୍ନେଶ୍ୱର ମନ୍ଦିର ନବମ ଶତାବ୍ଦୀର। କରମୂଳର ଦୌଡ଼େଶ୍ୱର ମଧ୍ୟ ଏକ ପ୍ରାଚୀନ ଶୈବପୀଠ। ଏତଦ୍‌ଭିନ୍ନ ବ୍ରାହ୍ମଣୀ ଅବବାହିକାରେ ବହୁ ପ୍ରାଚୀନ ଶୈବପୀଠ ବିଦ୍ୟମାନ। ନାଧରା ରାମଚଣ୍ଡୀ ଭୌମକର ଯୁଗରୁ ପୂଜିତା। ହଦଗଡ଼ର ଚଣ୍ଡୀ ଏକ ପ୍ରାଚୀନ ଦେବୀ। ନଗନାର ନାଗନାମୀ ତ୍ରିଫଣା ବିଶିଷ୍ଟ ନାଗମାତା ମୂର୍ତ୍ତି ଏବଂ ପ୍ରାଚୀନ ଯୁଗରୁ ପୂଜା ପାଉଛନ୍ତି।

ବ୍ରାହ୍ମଣୀ ତଟରେ ସରାଙ୍ଗଠାରେ ନଦୀ ଗର୍ଭରେ ବିଶ୍ୱର ବିଶାଳ ବିଷ୍ଣୁମୂର୍ତ୍ତି ଅନନ୍ତଶୟନ ମୁଦ୍ରାରେ ବିରାଜିତ। ଏହି ମୂର୍ତ୍ତି ନବମ ଶତାବ୍ଦୀର। ଭୀମକାଣ୍ଡର ବିଶାଳ ବିଷ୍ଣୁ ମୂର୍ତ୍ତି ମଧ୍ୟ ନବମ ଶତାବ୍ଦୀର। ବ୍ରାହ୍ମଣୀ ତଟସ୍ଥ ଚନ୍ଦ୍ରପୁର ଓ ଚାନ୍ଦପୁର ଗ୍ରାମରେ ଦଶମ ଶତାବ୍ଦୀରେ ହରିହର ମନ୍ଦିର ନିର୍ମାଣ ହୋଇଥିଲା। ମନ୍ଦିରଟି ଭାଙ୍ଗିଯିବାରୁ ହରିହର ମୂର୍ତ୍ତି ସମ୍ପ୍ରତି ନାଧରା ରାମଚଣ୍ଡୀ ପୀଠରେ ପୂଜା ପାଉଛନ୍ତି। କନ୍ତିଓର ବୈଷ୍ଣବମଠ ଚୈତନ୍ୟଙ୍କ ସମୟର ବକ୍ରେଶ୍ୱର ପଣ୍ଡିତଙ୍କ ଦ୍ୱାରା ଷୋଡ଼ଶ ଶତାବ୍ଦୀରେ ପ୍ରତିଷ୍ଠିତ। ଧର୍ମଶାଳା ନିକଟସ୍ଥ ସିଂହାପୁରଠାରେ ବିଷ୍ଣୁମୂର୍ତ୍ତି ଗୋଟିଏ ପୁଷ୍କରିଣୀରେ ଜଳଶାୟୀ ଥାଆନ୍ତି ଏବଂ ମହାବିଷୁବ ସଂକ୍ରାନ୍ତିରେ ସର୍ବସାଧାରଣଙ୍କୁ ଦର୍ଶନ ଦେଇଥା'ନ୍ତି। ଆଳିର ଲକ୍ଷ୍ମୀବରାହ ପୀଠ ଏକ ପ୍ରାଚୀନ ବୈଷ୍ଣବପୀଠ।

ବ୍ରାହ୍ମଣୀ ନଦୀ ସୁନାବ୍ୟା। ତେଣୁ ଏହି ନଦୀରେ ପ୍ରାଚୀନ କାଳରୁ ନୌକା ସାହାଯ୍ୟରେ ଅନ୍ତର୍ଜାତୀୟ ଓ ବହିଃବାଣିଜ୍ୟ ହେଉଥିଲା। ତାଳଚେର, ଖଣ୍ଡପ୍ରସାଦ, ବଉଳପୁର, ବୁଢ଼ୀବିଲ, ମାର୍ଥାପୁର, ଭୁବନ, ପିଙ୍ଗୁଆ, କବାଟବନ୍ଧ ଓ ଜେନାପୁର ପ୍ରଭୃତି ପ୍ରାଚୀନ ବାଣିଜ୍ୟପେଣ୍ଠ ବ୍ରାହ୍ମଣୀ କୂଳରେ ଅବସ୍ଥିତ। ନୌକାରେ ବ୍ରାହ୍ମଣୀ ନଦୀରେ ଜଙ୍ଗଲଜାତ ଦ୍ରବ୍ୟ ଓ ପଣ୍ୟଦ୍ରବ୍ୟ ପରିବହନ ହୋଇ ପ୍ରାଚୀନ ବନ୍ଦରମାନଙ୍କୁ ଯାଉଥିଲା। ଏପରିକି ତାଳଚେର, ରେଳପଥ ଦ୍ୱାରା ସଂଯୋଗ ପୂର୍ବରୁ କୋଇଲା ନୌକା ସାହାଯ୍ୟରେ ପରିବହନ ହେଉଥିଲା। ବର୍ତ୍ତମାନ ବ୍ରାହ୍ମଣୀ ତଟସ୍ଥ ରାଉରକେଲାଠାରେ ଲୌହଇସ୍ପାତ କାରଖାନା, ତାଳଚେରଠାରେ ତାପଜ ବିଦ୍ୟୁତ କେନ୍ଦ୍ର ଏବଂ ବହୁ କଳକାରଖାନା ନିର୍ମିତ ହୋଇ ଓଡ଼ିଶାର ବାଣିଜ୍ୟ ଓ ଶିଳ୍ପ ସମୃଦ୍ଧ ହୋଇଛି। ରେଙ୍ଗାଲିଠାରେ ବ୍ରାହ୍ମଣୀନଦୀରେ ବନ୍ଧ ନିର୍ମାଣ କରାଯାଇ ବୃହତ୍ ଜଳଭଣ୍ଡାର ସୃଷ୍ଟି ହୋଇଛି ଏବଂ ଏହି ବହୁମୁଖୀ ଯୋଜନା ଦ୍ୱାରା ଓଡ଼ିଶାର ପ୍ରଭୂତ କଲ୍ୟାଣ ସାଧିତ ହୋଇଛି।

ଓଡ଼ିଶାର ଆଧ୍ୟାତ୍ମିକ, ସାଂସ୍କୃତିକ, ସାମାଜିକ, ଐତିହାସିକ ଓ ବାଣିଜ୍ୟିକ ସଂସ୍କୃତି ତଥା ବିଚାର ବ୍ୟବସ୍ଥାକୁ ବ୍ରାହ୍ମଣୀର ଦାନ ଅନନ୍ୟ ଓ ଅନୁପମ। ଓଡ୍ର ସଭ୍ୟତାର ପ୍ରାଚୀନ ପ୍ରମାଣ ବ୍ରାହ୍ମଣୀ ଅବବାହିକାର ଉପଲବ୍ଧ ହୋଇଥାଏ। ବ୍ରାହ୍ମଣୀ ଅବବାହିକାର ପ୍ରାଚୀନ ପ୍ରତ୍ନସ୍ଥଳୀର ଭୂଖନନ, ସର୍ବେକ୍ଷଣ, ପ୍ରତ୍ନସମୀକ୍ଷଣ ଓ ଗବେଷଣା ହୋଇପାରିଲେ ଅନେକ ଅନାଲୋଚିତ ଐତିହ୍ୟ ଲୋକଲୋଚନକୁ ଆସିପାରିବ। ●

# ଜୀବନର ଉତ୍ତରାୟଣ



ଶ୍ରୀବତ୍ସ ନାୟକ
କଟକ, ମୋ: ୯୪୩୮୦୭୦୮୪୯

ସର୍ବଦା ହେତୁବାଦ ଉପରେ ଆସ୍ଥା ପ୍ରକଟ କରୁଥିବା ମହର୍ଷି ଚାର୍ବାକଙ୍କର ଭୌତିକବାଦୀ ଦର୍ଶନାନୁଯାୟୀ, 'ଯାବତ୍ ଜିବେତ୍ ସୁଖମ୍ ଜିବେତ୍। ଋଣଂ କୃତ୍ୱା ଘୃତଂ ପିବେତ୍। ଅତ୍ର ଚତ୍ୱାରି ଭୂତାନୀ ଭୂମି ବାୟୋର୍ନଳାଲିନା। ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନମ୍ କୁତଃ।' ଅର୍ଥାତ୍ ଯେପର୍ଯ୍ୟନ୍ତ ତୁମେ (ମଣିଷ) ବଞ୍ଚିବ, ଖୁସିରେ ବଞ୍ଚ। ଋଣ କରି ନିଅ ଏବଂ ଘିଅ ପାନ କର। ଯଦି ଥରେ ଶରୀର ପାଉଁଶ ହୋଇଯାଏ, ଏହା କିପରି ଫେରି ଆସିବ! ଏହିଭଳି ମତକୁ ବିଚାରକୁ ନେଲେ ଜଣାଯାଏ ଯେ ବାସ୍ତବିକ୍ ମଣିଷ ଜୀବନ ହେଉଛି କ୍ଷଣସ୍ଥାୟୀ। ମୃତ୍ୟୁଠାରୁ ଧାର ମାଗି ଆଣିଥିବା ଦିନ କେଇଟା ମଧ୍ୟରେ ଅନେକ ଆଶା ଅଭିଳାଷ ନେଇ ମନୁଷ୍ୟ ତା'ର ଗନ୍ତବ୍ୟ ପଥରେ ପଥିକ ହୋଇଥାଏ। ପ୍ରତ୍ୟେକ ବ୍ୟକ୍ତି ମାତୃଗର୍ଭରୁ ଭୂପତିତ ହେବା ଦିନଠାରୁ ଜୀବନର ବାସ୍ତବତା ତଥା ସଂଜ୍ଞାକୁ ସଠିକ୍ ଭାବେ ନିରୂପଣ ନ କରିପାରି ମାୟା କବଳରେ କବଳିତ ହୋଇ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ନିଜ ଜୀବନକୁ ସରସ, ସୁନ୍ଦର, ସାବଲୀଳ, ସୁଖୀ ଓ ରଙ୍ଗୀନ କରିବା ପାଇଁ ପ୍ରକୃତି ସହ ଅହରହ ସଂଗ୍ରାମ ଚଳାଇଥାଏ। ଏହି ସମୟ ମଧ୍ୟରେ ଅବଶ୍ୟ କେବେକେବେ ମନୁଷ୍ୟ କେତେକାଂଶରେ ହସ ଖୁସିକୁ ସାଉଁଟି ପାରି ନିଜ ଜୀବନକୁ ରଙ୍ଗୀନ କରିଥିଲେ ମଧ୍ୟ ପରିଣତ ଅବସ୍ଥାରେ ବାର୍ଦ୍ଧକ୍ୟର ଯନ୍ତ୍ରଣା ମଧ୍ୟରେ ଜର୍ଜରିତ ହୁଏ।

କମନୀୟ ଶୈଶବର ମୁକ୍ତ ଚେତନା, ବାଲ୍ୟାବସ୍ଥାର ଚପଳାମୀ, କୈଶୋରାବସ୍ଥାର ରଙ୍ଗୀନ ସ୍ୱପ୍ନ, ଯୌବନାବସ୍ଥାର ଉଦ୍ଦାମତା, ପ୍ରୌଢ଼ାବସ୍ଥାର ଦାୟିତ୍ୱବୋଧତା ଓ ପରିପକ୍ୱତାକୁ ଅତିକ୍ରମ କରି ପରିଶେଷରେ ବାର୍ଦ୍ଧକ୍ୟ ଅବସ୍ଥା ରୋଗ ଓ ଦୁଃଖ ନେଇ ମଣିଷ ପାଇଁ ଆସିଥାଏ। ଶୈଶବ ଅବସ୍ଥାରେ ମୁକ୍ତଚେତନା ମଧ୍ୟରେ ନିମଗ୍ନ ରହି, ମା' କୋଳରେ ଶୋଇ, ମା' ହାତ ରନ୍ଧା ଖାଇ ଜୀବନର ଆଦ୍ୟ ଦୁଇ ବର୍ଷ ଅତିକ୍ରାନ୍ତ କରି ମଣିଷ ତା'ର ବାଲ୍ୟାବସ୍ଥାରେ ପ୍ରବେଶ କରିଥାଏ। କୁନିକୁନି ଓଠରେ ଦରବୁଝା ଭାଷା, ଟିକିଟିକି ପାଦରେ ଟୁକୁଟୁକୁ ଚାଲି, ଦୁଷ୍ଟାମୀ, ଚଗଲାମୀ, ସାଙ୍ଗସାଥୀ ମେଳରେ ଖେଳାଖେଳି ଓ ବିଦ୍ୟା ଅଧ୍ୟୟନ କରି ପିତାମାତାଙ୍କ ସ୍ନେହ ଶ୍ରଦ୍ଧାରେ ମଧ୍ୟରେ ବାଲ୍ୟାବସ୍ଥା ସମୟ ବିତିଯାଇଥାଏ। ଅସମାହିତ ଉତ୍ତର ବିହୀନ ସ୍ୱପ୍ନ ଓ ଆକାଂକ୍ଷାର ମିଳନ ମଧ୍ୟରେ ଲକ୍ଷ୍ୟ ହାସଲ କରିବାର ଅଭିନବ ପ୍ରୟାସ ତଥା ଜୀବିକାର୍ଜନ କରିବା ନିମନ୍ତେ ଅହରହ ପ୍ରୟାସ କରି ହସ ଖୁସିର ଉତ୍କଣ୍ଠା ମଧ୍ୟରେ କୈଶୋର ଓ ଯୌବନାବସ୍ଥାର ଅଢ଼େଇ ଦିନ ପ୍ରଳାପର ପରିସମାପ୍ତି ଘଟିଥାଏ। ପ୍ରୌଢ଼ାବସ୍ଥାରେ ସମ୍ପୂର୍ଣ୍ଣ ପରିପକ୍ୱତାର ସହ କର୍ତ୍ତବ୍ୟର ଭାର ମୁଣ୍ଡାଇ, ସଂସାର ଜାଲରେ ଛନ୍ଦି ହୋଇ, ପାରିବାରିକ ମୋହ ମାୟାରେ ପଡ଼ି ସର୍ବଦା ଯୌବନ, ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଏବଂ ଦୀର୍ଘାୟୁ କାମନା କରୁଥିବା ମଣିଷ ପାଇଁ କେତେବେଳେ ବାର୍ଦ୍ଧକ୍ୟ ଅବସ୍ଥା ଆସି ଉପନୀତ ହେବ ତାହା ଜଣାପଡ଼ିବ ନାହିଁ। ଏହା ହିଁ ତ ପ୍ରକୃତିର ନିୟମ।

ଏଠି ମଣିଷ ଯାହା ଚାହେଁ ତାହା ଘଟେ ନାହିଁ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ମାତ୍ରାଧିକ ବ୍ୟବହାର କରି ଆଧୁନିକ ଯୁଗର ମଣିଷ ଅନେକ ରୋଗକୁ ପ୍ରତିହତ କରିଛି, ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ ବିଶ୍ୱର ଅନେକ ଗୂଢ଼ ରହସ୍ୟ ଉନ୍ମୋଚନ କରିଛି, ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଅପୂର୍ବ ସଫଳତା ହାସଲ କରିଛି ଏବଂ ମହାକାଶର କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ଓ ପରମାଣୁ ଉପରେ ଗବେଷଣା କରିଥିଲେ ମଧ୍ୟ ଏ ସବୁ ମରୀଚିକା ପଛେ ଦୌଡ଼ିବା ସମ। ଜୀବଜଗତର ଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା ମଣିଷର ଜ୍ଞାନକୁ ଜାଳି ପୋଡ଼ି, ତା'ର ସ୍ୱପ୍ନକୁ ଧୂଳିସାତ୍ କରି ବିଷାଦ ଓ ବିଦ୍ରୋହର ଜ୍ୱାଳା ନେଇ ଜୀବନର ଶେଷଭାଗକୁ ବୃଦ୍ଧାବସ୍ଥା ଉପନୀତ ହୋଇଥାଏ। ସେ ସମୟରେ ମଣିଷ ଜରାଗ୍ରସ୍ତ ହୁଏ। ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି, କାର୍ଯ୍ୟକ୍ଷମତା, ସ୍ମୃତିଶକ୍ତି, ପାଚନ ଶକ୍ତି ହ୍ରାସ ପାଇଯାଏ। ଉଠିବାକୁ ବଳ ପାଏନି। ଚାଲିବାର ଶକ୍ତି କ୍ଷୀଣ ହୁଏ। ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିବାରୁ ନାନାଦି ରୋଗ ଶରୀରକୁ ଗ୍ରାସ କରେ। ନିତ୍ୟ ଦୌଡ଼ୁଥିବା ବ୍ୟକ୍ତି ପାଇଁ ସାହାରା ଲୋଡ଼ାପଡ଼େ। ନା ପାଦରେ ଥାଏ ବଳ ନା ଦେହରେ ଥାଏ ଶକ୍ତି। ଚର୍ମ ଧୁଡ୍ ଧୁଡ୍ ହୋଇଯାଏ। ଆଖିରୁ ଲୁହ ଲେଞ୍ଚେରା ବାହାରେ। ଦାନ୍ତ ଝଡ଼ିଯାଏ। କଥା କହିବାର ଶକ୍ତି ମଧ୍ୟ ଲୋପପାଏ। ସୁନ୍ଦର ଚେହେରା ମଉଳିଯାଏ। ବାର୍ଦ୍ଧକ୍ୟ ଉପନୀତ ହୁଅନ୍ତେ ବଳଶାଳୀ ପୁରୁଷ ନିଃସହାୟ ହୋଇପଡ଼େ। କେବଳ ସେତିକି ନୁହେଁ ମାନସିକ ସ୍ତରରେ ମଧ୍ୟ ଦୁର୍ବଳ ହୋଇପଡ଼େ ମଣିଷ। ଯୌବନର ଉଦ୍ଦାମତାକୁ ନେଇ ଅନେକ ଚିନ୍ତା କରେ। ସବୁ ଅସମ୍ଭବ କାର୍ଯ୍ୟ ଦିନେ ସମ୍ଭବ ଥିଲା, କିନ୍ତୁ ସମ୍ଭବପର କାର୍ଯ୍ୟ ଆଜି ଅସମ୍ଭବ ପାଲଟିଯାଇଛି। କୌଣସି କାର୍ଯ୍ୟ କରିବା ପାଇଁ ସାହସ ପାଏନି। ସମୟଥାଏ ଶୋଇବାକୁ, କିନ୍ତୁ ନିଦ ନଥାଏ ଆଖିରେ। ଶଯ୍ୟାରେ ପଡ଼ିପଡ଼ି ଅତୀତର ସ୍ମୃତି ସାଉଁଟୁ ଥାଏ। ପରିବାରର ମୁରବି ସାଜି ଜୀବନକାଳ ମଧ୍ୟରେ ସାଉଁଟିଥିବା ଲମ୍ବା ଅନୁଭୂତି ଓ ଅନୁଭବ ପରିବାର ପାଇଁ ଅଲୋଡ଼ା ହୋଇପଡ଼େ। ନିଜର ଅନିଚ୍ଛା ସତ୍ତ୍ୱେ କେତେକ କଥାରେ ସହମତି ହେବାକୁ ପଡ଼େ। ବାର୍ଦ୍ଧକ୍ୟ ସମୟରେ କୌଣସି ବିଜ୍ଞାନ କାମ କରେ ନାହିଁ। ନା ପାଖରେ ଥାଆନ୍ତି ସମ୍ପର୍କୀୟ ନା ଥାଆନ୍ତି ଚପରାସୀ ମେହେନ୍ତର। ନିଃସଙ୍ଗ ଜୀବନ ବିତାଇବାକୁ ପଡ଼ିଥାଏ। ଅନ୍ୟର ହାତ ଟେକାକୁ ଚାହିଁ ରହିବାକୁ ପଡ଼ିଥାଏ। ସ୍ୱାଧୀନତା ହରେଇବାକୁ ପଡ଼ିଥାଏ। ଏହିଭଳି ଶାରିରୀକ, ମାନସିକ ଓ ସାମାଜିକ ସମସ୍ୟା ଯୋଗୁଁ ଜୀବନ ରଙ୍ଗହୀନ ଓ ରସହୀନ ହୋଇପଡ଼େ। ଫଳରେ ମଣିଷର ବଞ୍ଚିବାର ଆଶା ଧୂଳିସାତ ହୋଇଯାଏ।

ଏ ବାର୍ଦ୍ଧକ୍ୟ କ'ଣ ସତରେ ଏତେ ଯନ୍ତ୍ରଣାଦାୟକ! ହଁ ଆଜ୍ଞା ବାସ୍ତବିକ୍ ଏହା ଯନ୍ତ୍ରଣାଦାୟକ। ଆମେ ଯେତେ ଚେଷ୍ଟା କଲେ ମଧ୍ୟ ନିୟତିର ନିର୍ଦ୍ଦେଶକୁ ଅବମାନନା କରି ପାରିବା ନାହିଁ। ମୃତ୍ୟୁକୁ ଘୃଣା କରୁଥିବା ମଣିଷ ଦିନେ ବାର୍ଦ୍ଧକ୍ୟର ଯନ୍ତ୍ରଣାକୁ ସହ୍ୟ ନ କରିପାରି ମୃତ୍ୟୁ ଦ୍ୱାରା ମୁକ୍ତି ପ୍ରାପ୍ତି ହୋଇପାରିବ ବୋଲି ଅନୁଭବ କରି ପ୍ରତି ମୁହୂର୍ତ୍ତରେ ମୃତ୍ୟୁ ହେବା ପାଇଁ ଇଚ୍ଛା ପ୍ରକଟ କରିଥାଏ। ଅନୁତାପର ବହ୍ନିରେ ଜଳେ। ପ୍ରତି ମୁହୂର୍ତ୍ତରେ କଲା କର୍ମର ପ୍ରାୟଶ୍ଚିତ କରେ। ବିକଳ ହୋଇ ଆତ୍ମଚିତ୍କାର କରି କୁହେ - 'ପ୍ରଭୁ ଉଦ୍ଧାର କର ଏ ବସୁଧାରୁ।' ଏକଦା ଧନ, ସମ୍ପତ୍ତି, ପଦପଦବୀ ମୋହରେ ପଡ଼ି ଅହଙ୍କାରର ବଶବର୍ତ୍ତୀ ହୋଇ ଈଶ୍ୱରଙ୍କ ସତ୍ତାକୁ ଅବିଶ୍ୱାସ କରୁଥିବା ମଣିଷ ବାଧହୋଇ ଶେଷ ଅବସ୍ଥାରେ ଈଶ୍ୱର ବିଶ୍ୱାସୀ ହୁଏ ଏବଂ ଈଶ୍ୱରଙ୍କର ଉପସ୍ଥିତିକୁ ଅନୁଭବ କରେ। ସେ ଯେତେ ବଡ଼ ବ୍ୟକ୍ତି ହୋଇ ଥାଆନ୍ତୁ ନା କାହିଁକି ବାର୍ଦ୍ଧକ୍ୟ ଆଗରେ ଦିନେ ନା ଦିନେ ହାର ମାନିବେ। ତେଣୁ ଗର୍ବ ଅହଙ୍କାରକୁ ପରିତ୍ୟାଗ କରି ସତ୍ୟାନୁସନ୍ଧାନ ମାଧ୍ୟମରେ ଜୀବନ ଦର୍ଶନର ବାସ୍ତବତାକୁ ଉପଲବ୍ଧି କରିବା ସହ ଈଶ୍ୱର ବିଶ୍ୱାସୀ ହେଲେ ଏଥିରୁ କେତେକ ମାତ୍ରାରେ ମୁକ୍ତି ଆଶା କରାଯାଇପାରେ। ●

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

■ ଗୋ-ଚାଲାଣକାରୀଙ୍କୁ ବିଜେପି ପ୍ରାର୍ଥୀଙ୍କ ଅଭୟବାଣୀ ପ୍ରସଙ୍ଗ

## ପ୍ରତାପଙ୍କ ବିରୋଧରେ ବିଷ ଉଗାରିଲେ ଖାରବେଳ

**ବାଲେଶ୍ୱର,୨୧।୫(ସମିସ):** ଗୋ-ଚାଲାଣକାରୀଙ୍କୁ ସୁରକ୍ଷା ଦେବାର ଅଭୟବାଣୀ ଶୁଣାଇଥିବା ଜଳେଶ୍ୱର ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନଙ୍କୁ ନେଇ ଜିଲ୍ଲା ରାଜନୀତିରେ ତମ୍ବିତୋଫାନ ସୃଷ୍ଟି ହୋଇଛି।



ବିଭିନ୍ନ ମହଲ ବ୍ରଜମୋହନଙ୍କୁ ନିନ୍ଦା କରୁଥିବା ବେଳେ ବାଲେଶ୍ୱରର ସ୍ୱାଧୀନ ସାଂସଦ ପ୍ରାର୍ଥୀ ଖାରବେଳ ସ୍ୱାଇଁ ଏହି ନିଆଁରେ ଘିଅ ଢାଳିଛନ୍ତି। ଅଙ୍ଗାରଗଡ଼ିଆସ୍ଥିତ ନିଜ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ ଉଭୟ ବିଜେପି ସାଂସଦ ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ବ୍ରଜମୋହନଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସେ କହିଛନ୍ତି ଯେ ପ୍ରତାପ ଷଡ଼ଙ୍ଗୀ ବାହାରେ ଡ୍ରାମା କରୁଛନ୍ତି। କହୁଛନ୍ତି, ମୁଁ ଗୋ-ରକ୍ଷକ। କିନ୍ତୁ ତାଙ୍କରି ଲୋକ ଗୋ-ଚାଲାଣକୁ ପ୍ରୋତ୍ସାହନ ଦେଉଛନ୍ତି ଏବଂ ତାଙ୍କରି ଦଳୀୟ ପ୍ରାର୍ଥୀ ଜିତିଲେ ଗୋ-ଚାଲାଣକୁ ସକ୍ରିୟ କରାଇବେ ବୋଲି କହୁଛନ୍ତି। ଏଣୁ ବାଲେଶ୍ୱରର ଜନସାଧାରଣ ଏ କଥାକୁ ବୁଝିବା ଉଚିତ। ଦୋମୁହାଁ ଶ୍ରୀ ଷଡ଼ଙ୍ଗୀଙ୍କୁ ବାଲେଶ୍ୱର ଲୋକ ଭୋଟ ଦିଅନ୍ତୁ ନାହିଁ ବୋଲି ସେ ନିବେଦନ କରିଛନ୍ତି। ସେହିପରି ବିଜେପିରୁ ତାଙ୍କ ନିଲମ୍ବନ ପଛରେ ଶ୍ରୀ ଷଡ଼ଙ୍ଗୀଙ୍କ ହାତ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ, ବ୍ରଜମୋହନଙ୍କ ବିବାଦୀୟ ଭାଷଣକୁ ନେଇ ଆଜି ନଟାକଟା ପଞ୍ଚାୟତରେ ବିକ୍ଷୋଭ ପ୍ରଦର୍ଶନ କରଯାଇଛି। ପଞ୍ଚାୟତବାସୀ ଆଜି ଅପରାହ୍ଣରେ ଅମର୍ଦ୍ଦାରୋଡ୍ ବଜାରରେ ବ୍ରଜମୋହନଙ୍କ କୁଶପୁତ୍ତଳିକା ଦାହ କରିବା ସହ ନାରାବାଜି କରିଥିଲେ। ଏହାସହ ଉତ୍ତ୍ୟକ୍ତ ଲୋକେ 'ବ୍ରଜ ହଟାଓ, ଗୋମାତା ବଞ୍ଚାଓ' ନାରା ଦେଇଥିଲେ।

ସୂଚନାଯୋଗ୍ୟ, ଗତ ରବିବାର ସନ୍ଧ୍ୟାରେ ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବସ୍ତା ବ୍ଲକ୍ କାଦରୟାଁଠାରେ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ବିଜେପି ପ୍ରାର୍ଥୀ ବ୍ରଜମୋହନ କହିଥିଲେ ଯେ ଆଗାମୀ ନିର୍ବାଚନରେ ସେ ବିଜୟୀ ହେଲେ ଗୋରୁ ବେପାରୀଙ୍କୁ ସହଯୋଗ କରିବେ। ବେପାରୀ ଆରାମରେ ପଶ୍ଚିମବଙ୍ଗକୁ ଗୋ-ଚାଲାଣ କରିପାରିବେ। ଅପରପକ୍ଷେ, ଏହି ପ୍ରସଙ୍ଗରେ ପ୍ରତାପ ଷଡ଼ଙ୍ଗୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି ଯେ ଜଳେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ଗୋଚାଲାଣକୁ ନେଇ ମାରାତ୍ମକ ମନ୍ତବ୍ୟ ଦେଇଛନ୍ତି। ଗୋ-ଚାଲାଣକାରୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହା ଏକ ଘୃଣ୍ୟ କାର୍ଯ୍ୟ। ଏଣୁ ତରନ୍ତ ସେ କ୍ଷମା ପ୍ରାର୍ଥନା କରିବା ପାଇଁ କହିଛନ୍ତି।

**ଜଳେଶ୍ୱରରେ ବ୍ରଜମୋହନଙ୍କ କୁଶପୁତ୍ତଳିକା ଦାହ**

■ ସାରସକଣାରେ ବିଜେଡିର ଶକ୍ତି ବୃଦ୍ଧିକୁ ନେଇ ବିରୋଧୀଙ୍କ ଈର୍ଷା

## ଶୋଭାଯାତ୍ରାରେ ପଥର ମାଡ଼; ୨ ଆହତ



**ବାରିପଦା/ବିଜାତଳା,୨୧।୫(ସମିସ):** ସାରସକଣା ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ବିଜେଡିର ଶକ୍ତି ବୃଦ୍ଧି ପାଇବାରେ ଲାଗିଥିବାରୁ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ଆଖିରୁ ନିଦ ହଜିଯାଇଛି। ତେଣୁ ଔଷଧ ବିକଳରେ ତାଟିଆ କାମୁଡ଼ିବା ଭଳି ଈର୍ଷାନ୍ୱିତ ହୋଇ ପଥରମାଡ଼ କରୁଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆକ୍ରମଣରୁ ବିଜେଡି ବିଧାୟକ ପ୍ରାର୍ଥୀ ଡା. ଦେବାଶିଷ ମାର୍ଣ୍ଡି ବର୍ତ୍ତି ଯାଇଥିବା ବେଳେ ଶୋଭାଯାତ୍ରା ଦେଖୁଥିବା ୨ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ସାରସକଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଜାତଳା ବ୍ଲକର ଅସନା ଗାଁରେ ମଙ୍ଗଳବାର ନିର୍ବାଚନୀ ପ୍ରଚାର ଶୋଭାଯାତ୍ରା ସମୟରେ କିଛି ଦୁର୍ବୃତ୍ତ ଲୁଚି ରହି ଅତର୍କିତ ଭାବେ ପଥରମାଡ଼ କରିଥିଲେ। ଏଥିରେ ବିଜେଡିର ବିଧାୟକ ପ୍ରାର୍ଥୀ ଡା. ଦେବାଶିଷ ମାର୍ଣ୍ଡି ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଜଣେ ବାଳକ ସମେତ ଅନ୍ୟ ଜଣଙ୍କ ମୁଣ୍ଡରେ ମାଡ଼ ହୋଇଛି। ବିଧାୟକ ପ୍ରାର୍ଥୀ ଡା. ମାର୍ଣ୍ଡି ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରି ନିଜେ ଚିକିତ୍ସା କରିଥିଲେ। ଉଭୟ ବର୍ତ୍ତମାନ ସୁସ୍ଥ ଅଛନ୍ତି। ଅପରପକ୍ଷେ ପ୍ରତିଦ୍ୱନ୍ଦ୍ୱୀଙ୍କ ଏହି ହୀନ ଚକ୍ରାନ୍ତକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ନିଜର ସ୍ୱାର୍ଥ ପାଇଁ ଈର୍ଷାନିତ ହୋଇ ବିରୋଧୀ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଡା. ମାର୍ଣ୍ଡି କହିଛନ୍ତି। ଆଗାମୀ ନିର୍ବାଚନରେ ସାରସକଣାବାସୀ ଏହାର ଉଚିତ ଜବାବ ଦେବେ ବୋଲି ଦେବାଶିଷ କହିଛନ୍ତି।

**ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କଲେ ଡା. ଦେବାଶିଷ**

## ଦ୍ୱିତୀୟ ପର୍ଯ୍ୟାୟରେ ୭୩.୦୫ ପ୍ରତିଶତ ମତଦାନ

**ଭୁବନେଶ୍ୱର, ୨୧।୫ (ସମିସ):** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ, ଆସ୍କା ଲୋକସଭା କ୍ଷେତ୍ର ଏବଂ ଏହା ଅନ୍ତର୍ଗତ ୩୫ଟି ବିଧାନସଭା କ୍ଷେତ୍ର ପାଇଁ ୨୦ ତାରିଖରେ ମତଦାନ ଅନୁଷ୍ଠିତ ହୋଇଛି। ଭାରତୀୟ ନିର୍ବାଚନ କମିସନଙ୍କ ଭୋଟର ଟର୍ଣ୍ଣଆଉଟ ଆପ୍ ଦ୍ୱାରା ଜାରି ତଥ୍ୟ ଅନୁସାରେ, ରାଜ୍ୟରେ ମତଦାନ ହାର ୭୩.୦୫ ପ୍ରତିଶତ ରହିଛି। ଆସ୍କା ଲୋକସଭା କ୍ଷେତ୍ରରେ ୬୨.୬୭ ପ୍ରତିଶତ ମତଦାନ ହୋଇଛି। ସେହିପରି ବରଗଡ଼ରେ ୭୯.୭୮ ପ୍ରତିଶତ, ବଲାଙ୍ଗୀରରେ ୭୬.୧୧ପ୍ରତିଶତ, କନ୍ଧମାଳରେ ୭୩.୬୬ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୭୨.୭୬ପ୍ରତିଶତ ମତଦାନ ରେକର୍ଡ କରାଯାଇଛି।

## କନ୍ଧମାଳରେ ୨ ବୁଥରେ ପୁନଃ ମତଦାନ

**ଭୁବନେଶ୍ୱର, ୨୧।୫(ସମିସ):** ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, କନ୍ଧମାଳ ଲୋକସଭା ଅନ୍ତର୍ଗତ କନ୍ଧମାଳ ବିଧାନସଭା ଅନ୍ତର୍ଗତ ବୁଥ୍ ନମ୍ବର-୨୬ ଓ ବୁଥ୍ ନମ୍ବର-୨୮ରେ ପୁନଃ ମତଦାନ ହେବ। ଆସନ୍ତା ୨୩ ତାରିଖରେ ଉଭୟ ବୁଥ୍‌ରେ ପୁନଃ ମତଦାନ ଅନୁଷ୍ଠିତ ହେବାକୁ ଯାଉଛି। ଭୋଟ ଗ୍ରହଣ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏଁ ଚାଲିବ। ଏହି କ୍ରମରେ ନିର୍ବାଚନ ଆୟୋଗ ଦିଲ୍ଲୀପ କୁମାର ମହାପାତ୍ରଙ୍କୁ ବୌଦ୍ଧ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

## କାର୍‌ରୁ ୬ଶହ ଗ୍ରାମ୍ ସୁନା ଜବତ, ଚାଳକ ଅଟକ

**ନୀଳଗିରି, ୨୧।୫(ସମିସ):** ନୀଳଗିରି ପୁଲିସର ଫ୍ଲାଇଂ ସ୍କ୍ୱାଡ୍ (ଏଫଏସଟି) ମଙ୍ଗଳବାର ସକାଳେ ମିତ୍ରପୁର ଛକରେ ଏକ କାର୍‌ରୁ ୬୦୦ ଗ୍ରାମ୍‌ର ସୁନା ଅଳଙ୍କାର ଜବତ କରିଛି। ଏହାର ମୂଲ୍ୟ ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ନିର୍ବାଚନ ପରିପ୍ରେକ୍ଷୀରେ ଫ୍ଲାଇଂ ସ୍କ୍ୱାଡ୍ ମିତ୍ରପୁର-ନୀଳଗିରି ରାସ୍ତାରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ଏହି ସୁନା ଅଳଙ୍କାର ଜବତ ହୋଇଛି। ଏହି ଘଟଣାରେ ପୁଲିସ କାର୍ ଚାଳକକୁ ଅଟକ ରଖି ପଚରାଉଚରା କରୁଛି। ରାଜ୍ୟ ଜିଏସ୍‌ଟି ବିଭାଗର ଏନଫୋର୍ସମେଣ୍ଟ ଟିମ୍‌ର ଅଧିକାରୀମାନେ ନୀଳଗିରି ଥାନାରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛନ୍ତି।

**ଜିଏସ୍‌ଟି ଏନଫୋର୍ସମେଣ୍ଟ ଟିମ୍‌ର ତନାଘନା**

## ଦୁର୍ଘଟଣାରେ ଦୁଇ ବନ୍ଧୁଙ୍କ ମୃତ୍ୟୁ

**ଫୁଲନଖରା, ୨୧।୫(ସମିସ):** କଟକ-ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ବାଲିକୁଦା ଛକରେ ଏକ ଟ୍ରକ୍ ଦୁର୍ଘଟଣାରେ ଦୁଇ ବନ୍ଧୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ, ସାଲେପୁର ଥାନା ଅନ୍ତର୍ଗତ କଙ୍କେରିଲୋ ଗ୍ରାମର ଚନ୍ଦନ ଓରଫ ଭବାନୀ ଶଙ୍କର ମଲ୍ଲିକ (୨୧) ଓ ତାଙ୍କର ବନ୍ଧୁ ଭୁବନେଶ୍ୱର ବରଗଡ଼ ଥାନା ଅନ୍ତର୍ଗତ ବିଜେବି ନଗରର ବି. ସନ୍ତୋଷ ରାଓ (୨୭) ଭୁବନେଶ୍ୱରରୁ ଏକ ସ୍କୁଟିରେ କଟକ ଅଭିମୁଖେ ଯାଉଥିବା ସମୟରେ ବାଲିକୁଦା ଛକ ନିକଟରେ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁହିଁଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ କଟକ ସଦର ଥାନା ପୁଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ କଟକ ବଡ ମେଡିକାଲକୁ ପଠାଇଥିଲେ। ଦୁର୍ଘଟଣା ଘଟାଇ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସଦର ଥାନା ପୁଲିସ ଟ୍ରକ୍ ଓ ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

**କଟକ,୨୧।୫(ସମିସ):** ଜଣେ ୫ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ମାମଲାର ବିଚାର କରି କଟକସ୍ଥିତ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ-୧ ଅଦାଲତ ଅଭିଯୁକ୍ତ ରାଜେନ୍ଦ୍ର ଜେନା(୪୦)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଅଦାଲତ କହିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ଲକ୍ଷଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦୋଷୀ ରାଜେନ୍ଦ୍ରର ଘର କଟକ ଜିଲ୍ଲା ମାହାଙ୍ଗା ଥାନା ମଧୁପୁର ଅଞ୍ଚଳରେ। ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ଫେବୃଆରୀ ୮ରେ ମାହାଙ୍ଗା ଥାନା ଅଞ୍ଚଳର ପୀଡ଼ିତା ୫ ବର୍ଷୀୟା ନାବାଳିକାଜଣକ ଘରେ ଏକୁଟିଆ ଥିବା ବେଳେ ଅଭିଯୁକ୍ତଜଣକ ଚକୋଲେଟ ଦେଇ ଅଭିଯୁକ୍ତ ରାଜୁ ନିକଟସ୍ଥ ସାମ୍ନା ଘରକୁ ନେଇ ଯାଇ ସେଠାରେ ଦୁଷ୍କର୍ମ କରିଥିଲା। ଏନେଇ ନାବାଳିକାର ମାତା ପର ଦିନ ମାହାଙ୍ଗା ଥାନାରେ ଏକ ଏତଲା ଦେଇଥିଲେ। ପୁଲିସ ୨୦୨୩ ଫେବୃଆରି ୧୦ରେ ଆସାମୀ ରାଜୁକୁ ଗିରଫ କରିବା ସହ ଏପ୍ରିଲ ୧୦ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୧୦ ତାରିଖରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

## ବିଜେଡିରେ ମିଶିଲେ ରେଙ୍ଗାଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରତିଆ

**ଭୁବନେଶ୍ୱର,୨୧।୫(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ରେଙ୍ଗାଲି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦୁର୍ଯ୍ୟୋଧନ ଗରତିଆଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ କଂଗ୍ରେସ କର୍ମୀ ଆଜି ବିଜେଡିରେ ମିଶିଛନ୍ତି। ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ଶଙ୍ଖ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିରେ ଯୋଗ ଦେଇଛନ୍ତି। ଶ୍ରୀ ଗରତିଆ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ପୂର୍ବତନ କଂଗ୍ରେସ ଯୁବ ସଭାପତି ବିଭୂତିଭୂଷଣ ଗରତିଆ, ରାଜେଶ ଷଣ୍ଢ, ମୁକେଶ ବେଶନ, ଅଚ୍ୟୁତାନନ୍ଦ ଧନଶନା, ସରୋଜ ଥାପ୍ପା, ଉଦିତ ବେସନ, ସୁଶାନ୍ତ ସୋହେଲ ଓ ସଞ୍ଜୟ କନ୍ଦୁଲକରଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଛନ୍ତି।



## ମତଦାନ ବେଳେ ଭୋଟରଙ୍କୁ ମଦ ବାଣ୍ଟିଥିଲେ ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ

**ଭୁବନେଶ୍ୱର,୨୧।୫(ସମିସ):** ଟିଟିଲାଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ନବୀନ ଜୈନ ଏବଂ ତାଙ୍କ ସମର୍ଥକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛି ବିଜେଡି। ଶ୍ରୀ ଜୈନ ଏବଂ ତାଙ୍କ ସମର୍ଥକମାନେ ଭୋଟରମାନଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ମଦ ବାଣ୍ଟିଥିଲେ ବୋଲି ଅଭିଯୋଗ ହୋଇଛି। ବିଜେଡି କହିଛି ଯେ ଗତକାଲି ମତଦାନ ଚାଲୁଥିବା ସମୟରେ ଶ୍ରୀ ଜୈନଙ୍କ ସମର୍ଥକମାନେ ନରେନ୍ ଗ୍ରାମରେ ଲୋକଙ୍କୁ ମଦ ବାଣ୍ଟୁଥିବା ଦେଖାଯାଇଛି। ଟିଟିଲାଗଡ଼ ବିଜେପି ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ଏହା ପୂର୍ବରୁ ମଧ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ ଆସିଛି। ତେଣୁ ଏଥର ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବା ପାଇଁ ଯାଇଥିବା ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ. ସସ୍ମିତ ପାତ୍ରଙ୍କ ସମେତ ଡ. ପ୍ରିୟବ୍ରତ ମାଝୀ, ମିହିର ରାୟ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ସୋଫିଆ ଆଲାମ୍, ମଧୁସ୍ମିତା ନାୟକ, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ ପ୍ରମୁଖ ସାମିଲ ଥିଲେ।

**ସିଇଓଙ୍କୁ ଫେରାଦ ହେଲା ବିଜେଡି**



## ଲାଞ୍ଚ ମାମଲାରେ ତତ୍କାଳୀନ ଜିଲ୍ଲା ଯୁବ ସଂଯୋଜକଙ୍କୁ ୨ବର୍ଷ ଜେଲ୍

**ଭୁବନେଶ୍ୱର, ୨୧।୫(ସମିସ):** ଏକ ଲାଞ୍ଚ ମାମଲାରେ ସିବିଆଇ କୋର୍ଟ ସମ୍ବଲପୁରର ତତ୍କାଳୀନ ଜିଲ୍ଲା ଯୁବ ସଂଯୋଜକ ଦିଲ୍ଲୀପ କୁମାର ସାହୁଙ୍କୁ ୨ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛି। ସିବିଆଇ କରିଥିବା ଚାର୍ଜସିଟ୍ ଏବଂ ସାକ୍ଷ୍ୟ ଆଧାରରେ କୋର୍ଟ ଏହି ରାୟ ଦେଇଛନ୍ତି। ୨୦୧୧ ମାର୍ଚ୍ଚ ୧୭ ତାରିଖରେ ସିବିଆଇ ଦିଲ୍ଲୀପ କୁମାର ସାହୁଙ୍କ ନାମରେ ମାମଲା ରୁଜୁ କରିଥିଲା। ସେ ସେତବେଳେ ସମ୍ବଲପୁର ତତ୍କାଳୀନ ଜିଲ୍ଲା ଯୁବ ସଂଯୋଜକ ନେହେରୁ ଯୁବା କେନ୍ଦ୍ର ସଂଗଠନରେ ଯୁବ ସଂଯୋଜକ ଥିଲେ। ଏହି ସଂସ୍ଥା ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ସଂସ୍ଥା। ଅଭିଯୋଗ ଅନୁସାରେ ଜାତୀୟ ଯୁବ କର୍ପସରେ ଜଣେ ସ୍ୱେଚ୍ଛାସେବୀ ନିଯୁକ୍ତି ପାଇଁ ଅଭିଯୋଗକାରୀଙ୍କଠାରୁ ୨୦୧୧ ମାର୍ଚ୍ଚ ୧୬ରେ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୁକ୍ତ ଦିଲ୍ଲୀପ ଲାଞ୍ଚ ନେବା ସମୟରେ ସିବିଆଇ ହାତରେ ଧରାପଡ଼ି ଗିରଫ ହୋଇଥିଲେ।

**ଜାତୀୟ ଯୁବ କର୍ପସରେ ଜଣେ ସ୍ୱେଚ୍ଛାସେବୀ ନିଯୁକ୍ତି ପାଇଁ ଲାଞ୍ଚ ମାଗିଥିଲେ**

## ଅବଶିଷ୍ଟାଂଶ...

### ୩ 'ବି'ରେ...

କେହି ଠକି ପାରିବେ ନାହିଁ, ନବୀନ ବାବୁଙ୍କ ନଜର ରହିଛି। ଜନଜାତି ସମ୍ପ୍ରଦାୟଙ୍କ ଉପରୁ ୫୦ ହଜାର ଛୋଟ, ବଡ଼ ପୋଲିସ୍, ଅବକାରୀ ଓ ଜଙ୍ଗଲ ମାମଲା ରଦ୍ଦ କରିଛନ୍ତି। ଦଳୀୟ ସାଂସଦଙ୍କୁ ଜିତେଇବା ପାଇଁ ଅନୁରୋଧ କରି ସେ କହିଲେ ଯେ, ଆଉ ଯଦି କିଏ ସାଂସଦ ହୁଅନ୍ତି, ସେ ଅଧିକ ରାଜନୀତି କରି ଯାହା ବି କାମ ଚାଲିଛି, ସବୁଥିରେ ମୁଣ୍ଡ ପୁରାଇବେ, ବିରୋଧ କରିବେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିଜେପି ଦଳ ବିରୋଧ କରି ହାଇକୋର୍ଟ, ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। କିନ୍ତୁ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ସେମାନେ ବିଫଳ ହେଲେ ଏବଂ ଆମ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସଫଳ ହେଲେ। ମହିଳାମାନଙ୍କ ସଶକ୍ତିକରଣ ବିଷୟ ଉପସ୍ଥାପନ କରି ସେ କହିଲେ ଯେ, ମିଶନଶକ୍ତି ହେଉଛି ମୁଖ୍ୟମନ୍ତ୍ରୀଙ୍କ ଶକ୍ତି। କୌଣସି ରାଜ୍ୟ ସରକାର ମା'ମାନଙ୍କ ଯିବାଆସିବା ଭଡ଼ା ୫ ଟଙ୍କା କରିନାହାନ୍ତି। ଆମ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସରେ ୫ ଟଙ୍କାରେ ଏହି ସୁବିଧା ଦେଉଛନ୍ତି। ମମତା ଯୋଜନାରେ ମା'ମାନଙ୍କୁ ୧୦ ହଜାର ଟଙ୍କା ଦିଆଯାଉଛି। ମିଶନ ଶକ୍ତି ମା'ମାନଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ବିନା ସୁଧରେ ଋଣ ଦିଆଯିବ। ମହାପ୍ରଭୁ ଓ ଆପଣମାନଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ଜୁନ ୯ ତାରିଖରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ସାରା ଓଡ଼ିଶା କହୁଛି। ମୁଖ୍ୟମନ୍ତ୍ରୀ ହେବା ରେ ତାଙ୍କ ପ୍ରଥମ ଦସ୍ତଖତରେ ଓଡ଼ିଶାର ୯୦ ପ୍ରତିଶତ ବିଜୁଳି ବିଲ୍ ଛାଡ଼ ହେବ। ଦ୍ୱିତୀୟ ଦସ୍ତଖତରେ ବିଏସ୍‌କେୱାଇ କାର୍ଡରେ ସମସ୍ତେ ସାମିଲ ହେବେ ଏବଂ ତୃତୀୟ ଦସ୍ତଖତରେ ମିଶନଶକ୍ତି ମା ଓ ସଦସ୍ୟାମାନଙ୍କୁ ୬୦ ବର୍ଷ ପରେ ପେନସନ୍ ବ୍ୟବସ୍ଥା କରାଯିବ।

ସେ ପୁଣି କହିଥିଲେ ଯେ, କେନ୍ଦୁଝରରେ ମେଡିକାଲ କଲେଜ, ଯୋଡ଼ା ଫ୍ଲାଇଓଭର ସହିତ ୧୨ ହଜାର ୬୦୦ କୋଟି ଟଙ୍କା ବିନିଯୋଗରେ ଘରେ ଘରେ ପିଇବା ପାଣି ସୁବିଧା କରାଯାଇଛି। ବିରୋଧୀ ବିଜେପି ନେତାମାନେ ଏଠାକୁ ଆସି ମିଛ କଥା କହୁଛନ୍ତି। କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେମାନେ କହୁଛନ୍ତି ବିଜୁଳି ମାଗଣା ଦେବେ। ଏଥିପାଇଁ ଆପଣମାନଙ୍କୁ ୫୦ ହଜାର ଟଙ୍କା ଜମା କରିବାକୁ ପଡ଼ିବ। ତା'ପରେ ସୋଲାର ପ୍ୟାନେଲ ମାଧ୍ୟମରେ ଆପଣମାନେ ସୂର୍ଯ୍ୟକିରଣରୁ ବିଜୁଳି ପାଇବେ। ଏହା ହେଉଛି ବିରୋଧୀ ଦଳର ମାଗଣା ବିଜୁଳି। ସେମାନେ ଦିନରେ ଲଣ୍ଠନ ଦେଖାଉଛନ୍ତି। ନବୀନ ବାବୁଙ୍କ ସରକାର ନିର୍ମାଣ କରିଥିବା ଆମ ହସ୍ପିଟାଲ, ବସଷ୍ଟାଣ୍ଡ ଦେଖିବାର ଅଛି। ଏ ସବୁ ନୂଆ ଓଡ଼ିଶାର ନମୂନା। ଆପଣମାନଙ୍କ ଗୋଟିଏ ଗୋଟିଏ ଭୋଟ ଆପଣଙ୍କ ଉନ୍ନତିର ରାସ୍ତା ଖୋଲିବ, ଆପଣଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତ ତିଆରି କରିବ।

କରଞ୍ଜିଆରେ ସେ କହିଲେ ଯେ ଠାକୁରମୁଣ୍ଡା-କରଞ୍ଜିଆ ସହିତ ମୋର ସମ୍ପର୍କ ବହୁତ ପୁରୁଣା । ୨୦ ବର୍ଷ ତଳେ ମୁଁ ଏଠାରେ ଜିଲ୍ଲାପାଳ ଥିଲି। ସେତେବେଳେ ଏଠାରେ ଭଲ ରାସ୍ତା ନଥିଲା, ଜଙ୍ଗଲ ଭିତରେ ଲୋକମାନେ ବହୁତ ଅସୁବିଧାରେ ଯିବା ଆସିବା କରୁଥିଲେ। ଆଜି କରଞ୍ଜିଆର ବିକାଶକୁ ଆପଣମାନେ ଅନୁଭବ କରିପାରୁଛନ୍ତି। କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଏବେ ଘରେ ଘରେ ପିଇବା ପାଣିର ସୁବିଧା, ଦେବକୁଣ୍ଡର ଉନ୍ନତି, ଅନେକ ରାସ୍ତା ଓ ସେତୁ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଅର୍ଥ ଯୋଗାଇ ଦେଇଛନ୍ତି। ଜଳସେଚନର ସୁବିଧା ପାଇଁ ୧୨୩୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି।

ପାଟଣାରେ ସେ କହିଲେ ଯେ, ମୁଁ ଆସିଥିଲି ଆପଣମାନଙ୍କର ଆବେଦନ ସବୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲି। ଆପଣମାନଙ୍କ ୮୦ ପ୍ରତିଶତ ଦରଖାସ୍ତର ସମାଧାନ ହୋଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ଲୋକସଭା ସାଂସଦ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ଚମ୍ପୁଆ ବିଧାୟକ ପ୍ରାର୍ଥୀ ସନାତନ ମହାକୁଡ଼, କରଞ୍ଜିଆ ବିଧାୟକ ପ୍ରାର୍ଥୀ ବାସନ୍ତି ହେମ୍ବ୍ରମ, ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାୟକ, ତେଲକୋଇ ବିଧାୟକ ପ୍ରାର୍ଥୀ ମାଧବ ସରଦାର ଓ ଘଷିପୁରା ବିଧାୟକ ପ୍ରାର୍ଥୀ ବଦ୍ରୀନାରାୟଣ ପାତ୍ର ପ୍ରମୁଖ ନିଜ ନିଜ ସପକ୍ଷରେ ଭୋଟ ପ୍ରଚାର କରି ବିଜୁ ଜନତା ଦଳକୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ।

### ଓଡ଼ିଶାରେ ସମ୍ଭାବ୍ୟ...

ପରେ ୨୩ରେ ଏହା ଅବପତା, ୨୪ରେ ଗଭୀର ଅବପାତ ଓ ୨୫ରେ ବାତ୍ୟାର ରୂପ ନେଇପାରେ କିମ୍ବା ଗଭୀର ଅବପାତରେ ରହିପାରେ। ତେବେ ୨୬ ତାରିଖରେ ବାଂଲାଦେଶ ଉପକୂଳରେ ସ୍ଥଳଭାଗ ଛୁଇଁପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପୂର୍ବରୁ ବିଭାଗ ପକ୍ଷରୁ ଜାରି ହୋଇଥିବା ସତର୍କତା ଅନୁଯାୟୀ, ରାଜ୍ୟରେ ୨୪ ତାରିଖରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆକଳନ କରାଯାଇଥିଲା। ହେଲେ ମଙ୍ଗଳବାର ଏହି ସତର୍କ ସୂଚନାକୁ ହଟାଇ ଦିଆଯାଇଛି; ଯାହାକି ବାତ୍ୟାର କୌଣସି ପ୍ରଭାବ ଓଡ଼ିଶା ଉପରେ ନ ପଡ଼ିବାକୁ ଇଙ୍ଗିତ କରୁଛି।

ଅନ୍ୟପଟେ ବର୍ଷାର ଆଶଙ୍କା ନ ଥିବା ବେଳେ ରାଜ୍ୟରେ ଆଗକୁ ପ୍ରବଳ ତାତି ଜାରି ରହିବା ନେଇ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ନେଇ ବିଭାଗ ସତର୍କ ସୂଚନା ଜାରି କରିଛି। ସେହିପରି ପ୍ରଫେସର ପଶୁପାଳକ କହିଛନ୍ତି ଯେ କେନ୍ଦ୍ରୀୟ ଓଡ଼ିଶା, ପଶ୍ଚିମ, ଦକ୍ଷିଣ ଉପକୂଳ ଓ ଆଭ୍ୟନ୍ତରୀଣ ଦକ୍ଷିଣରେ ତାପମାତ୍ରା କ୍ରମଶଃ ବଢ଼ିବ। ୨୬ରୁ ଏହି ସବୁ ଅଞ୍ଚଳରେ ତାପମାତ୍ରା ୪୩ ଡିଗ୍ରୀ ରହିବା ସହିତ କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିପାରେ। ଭୁବନେଶ୍ୱରରେ ୨୩ ବର୍ଷା ହେବାର ସମ୍ଭାବନା ଥିବା ବେଳେ ୨୫ରୁ ତାପମାତ୍ରା ୪୧-୪୨ ଡିଗ୍ରୀ ରହିପାରେ। ଆକଳନ କରାଯାଉଛି ୨୭ ସୁଦ୍ଧା ସମଗ୍ର ବଙ୍ଗୋପସାଗରରେ ମୌସୁମୀ ଛୁଇଁବାର ସମ୍ଭାବନା ରହିଛି। କିନ୍ତୁ ଓଡ଼ିଶା ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ମୌସୁମୀ ଛୁଇଁବାରେ ବିଳମ୍ବ ହୋଇପାରେ। ଜୁନ୍ ପ୍ରଥମ ସପ୍ତାହରରେ ସମ୍ଭବତଃ ୪ ତାରିଖରେ ମିଆଁମାର ନିକଟରେ ଆଉ ଏକ ସିଷ୍ଟମ ସୃଷ୍ଟି ହୋଇପାରେ। ଏହାଦ୍ୱାରା ଓଡ଼ିଶାରେ ମୌସୁମୀ ସ୍ୱାଭାବିକଠାରୁ ବିଳମ୍ବରେ ଛୁଇଁପାରେ। ଏହାସହିତ ଏଲ୍-ନିନୋ କିଛି ଅଧିକ ସମୟ ରହିବା ସହିତ ଆଇଓଡି ଦୁର୍ବଳ ରହିବା ଯୋଗୁଁ ରାଜ୍ୟରେ ଜୁନ୍ ଓ ଜୁଲାଇ ମାସରେ ନିଅଁଟିଆ ବର୍ଷା ହୋଇପାରେ। ଆଭ୍ୟନ୍ତର ଓଡ଼ିଶାରେ ସମ୍ଭାବ୍ୟ ଭୀଷଣ ଗ୍ରୀଷ୍ମ ପ୍ରବାହ ଅତି କମ୍‌ରେ ୧୦ ଦିନ ବା ମୌସୁମୀ ପହଞ୍ଚିବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପଶୁପାଳକ କହିଛନ୍ତି।

### କ୍ଷମତା ପାଇଁ କେବେ...

ନିକଟରେ ଦୀର୍ଘଦିନ ହେବ ଦାବି କରିଆସୁଛି। କେନ୍ଦ୍ର ସରକାର କୋଇଲାରୁ ବାର୍ଷିକ ଓଡ଼ିଶାରୁ ପ୍ରାୟ ୨୭ ହଜାର କୋଟି ନେଉଛନ୍ତି, ମାତ୍ର ୪୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ଏହାସହ ଓଡ଼ିଶାବାସୀ ପ୍ରଦୂଷଣର ମଧ ଶିକାର ହେଉଛନ୍ତି। ପ୍ରଧାନମନ୍ତ୍ରୀ ରାଜଭାଗ ସଂଶୋଧନ କରି ଏହାକୁ ୧୨ ହଜାର ଟଙ୍କା ବୃଦ୍ଧି କରି ଉପହାର ଦେବେ ବୋଲି ଆମେ ଆଶା ରଖୁଛୁ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ଅନ୍ୟପକ୍ଷରେ ବିଜେପି, ଏହାର ନେତା ଓ ପ୍ରଧାନମନ୍ତ୍ରୀଙ୍କ ରତ୍ନଭଣ୍ଡାର ଚାବି ପ୍ରସଙ୍ଗର ଉତ୍ତର ମଧ ଦେଇଛନ୍ତି ଶ୍ରୀ ପାଣ୍ଡିଆନ୍। ସେ କହିଛନ୍ତି ଯେ ରତ୍ନଭଣ୍ଡାର ଚାବି ବିଷୟରେ ଯଦି ପ୍ରଧାନମନ୍ତ୍ରୀଙ୍କୁ ଏତେକଥା ଜଣାଅଛି ତାହେଲେ ଚାବି କୋଉଠି ଅଛି ସେ ଖୋଜି ବାହାର କରନ୍ତୁ। ମୁଁ ପ୍ରଧାନମନ୍ତ୍ରୀଙ୍କୁ ବିନମ୍ରତାର ସହ ଅନୁରୋଧ କରୁଛି ତାଙ୍କ ଅଧୀନରେ ବହୁ ସଂସ୍ଥା ଅଛି। ଚାବି ସମ୍ପର୍କରେ ତାଙ୍କ ନିକଟରେ କିଛି ତଥ୍ୟ ରହିଥିବ। ଏନେଇ ସେ ଓଡ଼ିଶାବାସୀଙ୍କୁ ଏନେଇ ଅଧିକ ଅବଗତ କରାଇପାରିବେ। ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମନ୍ତବ୍ୟ ସମ୍ପୂର୍ଣ୍ଣ ରାଜନୈତିକ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ରାଜ୍ୟ ସରକାର ଏନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ରତ୍ନଭଣ୍ଡାର ଖୋଲିବାକୁ ହାଇକୋର୍ଟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ମଧ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ରଥଯାତ୍ରା ସମୟରେ ମନ୍ଦିର ପ୍ରଶାସନ ରତ୍ନଭଣ୍ଡାର ଖୋଲିବାକୁ ନିଷ୍ପତ୍ତି ନେଇଛି। ଏପରିକି ରାଜ୍ୟ ସରକାର ନିର୍ଦ୍ଦେଶ ଅନୁଯାୟୀ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ସାରିଛନ୍ତି। ମୁଁ ପ୍ରଧାନମନ୍ତ୍ରୀଙ୍କୁ ବିନମ୍ରତାର ସହ ଅନୁରୋଧ କରୁଛି ସେ ରତ୍ନଭଣ୍ଡାର ଖୋଲାଯିବା ସମୟରେ ଉପସ୍ଥିତ ରହି ଏହାର ସାକ୍ଷୀ ରୁହନ୍ତୁ। ସେମାନଙ୍କ(ବିଜେପି) ନିକଟରେ କୌଣସି ପ୍ରସଙ୍ଗ ନାହିଁ। ସେଥିପାଇଁ ସେମାନେ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି। ଯେତେବେଳେ ବିଜେପି ଦୁର୍ବଳ ଥାଏ, ସେତେବେଳେ ସେମାନେ ମୁଖ୍ୟ ପ୍ରସଙ୍ଗ ଯଥା ରୋଜଗାର, ଦରବୃଦ୍ଧି, ମୁଦ୍ରାସ୍ଫୀତି ଆଦି ଯାହା ସାଧାରଣ ଜନଜୀବନକୁ ପ୍ରଭାବିତ କରିଥାଏ, ସେପରି ପ୍ରସଙ୍ଗରେ ଆଲୋଚନା କରନ୍ତି ନାହିଁ ବୋଲି ସେ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ.ELOP-T-03-2024

କାର୍ଯ୍ୟର ନାମ: 02 (ଦୁଇ)ବର୍ଷ ଅବଧି ନିମନ୍ତେ ଛତ୍ରପୁର (CAP) ଠାରେ 15 ବେଡ୍ ଥିବା ରନିଂ ରୁମ୍‌ର ରକ୍ଷଣାବେକ୍ଷଣ ସହିତ କାହାର ଏଜେନ୍ସି ମାଧ୍ୟମରେ ସବ୍‌ସିଡି ପ୍ରାପ୍ତ (SUBSIDIZED) ଭୋଜନର ବ୍ୟବସ୍ଥା।

ଆନୁମାନିକ ମୂଲ୍ୟ (ଟଙ୍କାରେ): 75,68,388.49, EMD (ଟଙ୍କାରେ): 1,51,400/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ: ତା.24.05.2024 ଠାରୁ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2024 ଦିନ 1100 ଘଣ୍ଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP)/ଖୋର୍ଦ୍ଧା ରୋଡ୍

PR-141/P/24-25



**AFFIDAVIT**

By virtue of an affidavit, I Arpita Paramanik, W/o. Satyabrata Panda, At. Beleri, Armala, Ps. Remuna, Dist. Balasore, presently At. Patrapada, Po. Sunhat, Ps. Town, Dist. Balasore to state that in my Honda Activa bearing regd no. OD01H1210 and RC from RTO Balasore my name is maintained Arpita Panda. That both of above noted as same and one person for all the purposes.



**AFFIDAVIT**

I, Sumanta Kochap, S/o- Prem Mohan Kachap, My Daughter's old name is RIYA KOCHIM. So I, affidavit new name is "SHIPHRAH KOCHAP", resident of at Gotibeda, po-Jhadakusumi, ps-Kodinga, Tahasil-Kodinga, Dist- Nabarangpur, Pin-764075, Odisha. Declare by this affidavit no_384/2024, Date- 21/5/2024 that now onwards I shall be known as "SHIPRAH KOCHAP" for all future purposes.

### ଜିଲ୍ଲାର ୨ଟି ବ୍ଲକ୍‌କୁ ଡ୍ରପ୍ ଆଉଟ୍ ମୁକ୍ତ କରିବା ଲକ୍ଷ୍ୟ

# ୬ରୁ ୧୮ ବର୍ଷ ପିଲାଙ୍କ ତାଲିକା ପ୍ରସ୍ତୁତ ହେବ

ପାରଳାଖେମୁଣ୍ଡି,୨୧।୫(ସମିସ)



ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ରା.ଉଦୟଗିରି ଓ ଗୁମ୍ମା ବ୍ଲକକୁ ଡ୍ରପ ଆଉଟ ମୁକ୍ତ ବା ପିଲାମାନେ ଅଧାରୁ ଯେପରି ପାଠପଢ଼ା ନ ଛାଡିବେ ସେହି ଲକ୍ଷ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଆଗକୁ ନେବା ଲକ୍ଷ୍ୟ ନେଇ ପିରାମଲ ଫାଉଣ୍ଡେସନ ପକ୍ଷରୁ ସମସ୍ତ ଅଙ୍ଗନବାଡି କର୍ମୀ, ସିଆରସିସି, ସୁପରଭାଇଜର ,ଶିଶୁ ବିକାଶ ଯୋଜନା



ଅଧିକାରୀଙ୍କୁ ନେଇ ପର୍ଯ୍ୟାୟ କ୍ରମେ ଆଲୋଚନାଚକ୍ର ଆୟୋଜନ କରାଯାଇଛି। ଏଥିରେ ଓଏସଇପିଏ ପୋର୍ଟାଲର ତଥ୍ୟକୁ ଭିତ୍ତି କରି ଡ୍ରପ ଆଉଟର କାରଣ, ଗ୍ରାମ ମାନଙ୍କରେ ପରିବାରର ସ୍ଥିତି ଓ ଏହାକୁ ରୋକିବା ପାଇଁ ବିଭିନ୍ନ ରଣନୀତି ସମ୍ପର୍କରେ ଆଲୋକପାତ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଅଙ୍ଗନବାଡି କର୍ମୀ, ମହିଳା ସଂଘ ସଦସ୍ୟା ଏବଂ ଗାନ୍ଧୀ ଫେଲୋଙ୍କ ମିଳିତ ସହଯୋଗରେ ଘରେ ଘରେ ସର୍ଭେ କରାଯାଇ ୬ ରୁ ୧୮ ବର୍ଷ ବୟସ ପିଲାଙ୍କ ଡ୍ରପ ଆଉଟ ଡାଟା ଆଣି ତାଲିକା ପ୍ରସ୍ତୁତ କରାଯିବ। ସର୍ଭେ ସମୟରେ ସରକାରୀ ବିଦ୍ୟାଳୟରେ ପଢୁଥିଲେ ଛାତ୍ରଙ୍କୁ ମିଳୁଥିବା ସମସ୍ତ ସୁବିଧା ଗୁଡିକ ତଥା ପ୍ରାକ ଛାତ୍ର ବୃତ୍ତି, ମାଧ୍ୟାହ୍ନ ଭୋଜନ, ବିଦ୍ୟାଳୟ ପୋଷାକ, ସ୍ମାର୍ଟକ୍ଲାସ ଶିକ୍ଷାଦାନ, ମାଗଣା ପାଠ୍ୟ ପୁସ୍ତକ, ପାଠାଗାର ବ୍ୟବସ୍ଥା, ଆବାସିକ ବିଦ୍ୟାଳୟ ବ୍ୟବସ୍ଥା ଆଦିରର ବିବରଣୀ ବିସ୍ତୃତ ଭାବେ ଡ୍ରପ ଆଉଟ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ପ୍ରଦାନ କରାଯିବା ସହ ସ୍କୁଲରେ ପୁନଃ ଉପସ୍ଥାନ ବଢାଇବାପାଇଁ ଉତ୍ସାହିତ କରାଯିବ। ଆଗାମୀ ଦିନରେ ଏଥି ସମ୍ବନ୍ଧୀୟ ଅନେକ ଜନସଚେତନତା ଅଭିଯାନ ରାଲି, ଚିତ୍ରାଙ୍କନ, ଛାତ୍ର ଅନୁକୂଳ ପରିବେଶ ପାଇଁ ଅଭିଯାନ ଆୟୋଜନ ହେବ ଏବଂ ବ୍ଲକ ସ୍ତରରେ ଶିଶୁ ବିକାଶ ଯୋଜନା ଅଧିକାରୀ ଓ ଶିକ୍ଷାଧିକାରୀ ଏହାର ନେତୃତ୍ୱ ନେବେ। ଏହି ଆକାଂକ୍ଷୀ ବ୍ଲକର ପ୍ରତ୍ୟେକ ପିଲା କିପରି ଗୁଣାତ୍ମକ ଶିକ୍ଷା ପ୍ରାପ୍ତ କରିବେ ଏବଂ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି ହେବ ସେଥିପାଇଁ ପ୍ରଶାସନ ସମସ୍ତ ସହଯୋଗ କରୁଛନ୍ତି ବୋଲି ପିରାମଲ ଫାଉଣ୍ଡେସନର ଦେବବ୍ରତ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ମଙ୍ଗଳବାର ଆର.ଉଦୟଗିରି ବ୍ଲକର ବିଭିନ୍ନ ଗ୍ରାମରେ ଥିବା ସମସ୍ତ ସ୍କୁଲରୁ ପ୍ରାପ୍ତ ତଥ୍ୟ ଶିଶୁ ସୁରକ୍ଷା କମିଟି ମାଧ୍ୟମରେ ସମୀକ୍ଷା କରିବା ପରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଚେଷ୍ଟା କରାଯିବ ବୋଲି ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମନ ଖର୍ସେଲ ଓ ଶିଶୁ ବିକାଶ ଯୋଜନା ଅଧିକାରୀ ଲଳିତା ପୂଜାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମର ସର୍ଭେ, ଆଲୋଚନା ଚକ୍ର, ପରିଚାଳନା ଆଦି ଅଭିଯାନରେ ଅଙ୍ଗନବାଡ଼ି ସୁପରଭାଇଜର ଆଲେମି ରାଇକା ସମେତ ପିରାମଲ ଫାଉଣ୍ଡେସନର ଶ୍ରେୟାଶୀ ରାଣୀ, ଶୁଭ ସଂଯୋଗ ସାହୁ, ଆଲୋକ ଦ୍ୱିବେଦୀ, ଅନିଲ ସରେନ, ଅନନ୍ତ ସୁଙ୍କା ଓ ଶୁଭମ କୁମାର ସହଯୋଗ କରିଥିଲେ।

## ମାଓ ପ୍ରବଣ ଅଞ୍ଚଳରେ ମତଦାନ ଶାନ୍ତିପୂର୍ଣ୍ଣ



**ବାଲିଗୁଡ଼ା,୨୧।୫(ସମିସ):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ତିନି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶାନ୍ତିଶୃଙ୍ଖଳା ସହ ମତାଧିକାର ସାବ୍ୟସ୍ତ କରିଥିଲେ ଭୋଟର। କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଉପଜିଲ୍ଲାପାଳ ଡ.ରୀନା ପ୍ରଧାନ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କ ତତ୍ତ୍ୱାବଧାନରେ ବାଲିଗୁଡ଼ା ଓ ଜି.ଉଦୟଗିରି ନିର୍ବାଚନମଣ୍ଡଳୀରେ ଶାନ୍ତିଶୃଙ୍ଖଳା ସହ ମତଦାନ ଶେଷ ହୋଇଛି। ବାଲିଗୁଡ଼ା ନିର୍ବାଚନମଣ୍ଡଳୀର ଅଧିକାଂଶ ମତଦାନ କେନ୍ଦ୍ର ମାଓପ୍ରବଣ ଅଞ୍ଚଳରେ ରହିଥିବା ଯୋଗୁଁ ଚ୍ୟାଲେଞ୍ଜ ମୋଡ଼ରେ ନିର୍ବାଚନ ପରିଚାଳନା କରାଯାଇଥିଲା। ଅଧିକାଂଶ ବୁଥରେ ସିସି ଟିଭି ଫୁଟେଜ ଅନଲାଇନ ମାଧ୍ୟମରେ ଉପଜିଲ୍ଲାପାଳ ଏବଂ ନିର୍ବାଚନ ଟିମ୍ ଦେଖି ପାରୁଥିଲେ। ସମସ୍ତ ବ୍ଲକରେ ଶଖୀ ବୁଥ୍ କରାଯାଇଥିବାରୁ ମହିଳାଙ୍କୁ ଉତ୍ସାହିତ କରିଥିଲା। ସମସ୍ତ ବୁଥରେ ଆଶା ଏବଂ ଅଙ୍ଗନବାଡ଼ି କର୍ମୀ ନିର୍ବାଚନ ଯୋଦ୍ଧା ଭାବରେ କାମ କରିଥିଲେ। କିଛି ବୁଥ୍‌ରେ ଇଭିଏମରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ତାହାକୁ ତତକ୍ଷଣାତ ସମାଧାନ କରିଥିଲେ ଟିମ୍। କାଁ ଭାଁ ଗଣ୍ଡଗୋଳକୁ ଛାଡି ଦେଲେ ମତଦାନ ଶାନ୍ତିପୂର୍ଣ୍ଣ ରହିଥିଲା। ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ମତଦାନ ହାର ୮୮.୦୧% ରହିଥିବା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।



## ଚଢ଼ାଦରରେ ବିକ୍ରି ହେଉଛି ଖାଦ୍ୟ ସାମଗ୍ରୀ

ଗୁମ୍ମା,୨୧।୫(ସମିସ): ପ୍ରଚଣ୍ଡ ଖରାରେ ତାପମାତ୍ରା ବୃଦ୍ଧି ଏବେ ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ଏତିକି ବେଳେ ଆଳୁ, ପିଆଜ ଅଦା ଓ ରସୁଣ ଓ ପନିପରିବା ଦରବୃଦ୍ଧି ଲୋକଙ୍କୁ ଚିନ୍ତାରେ ପକାଇଥିବା ବେଳେ ଚଢ଼ା ଦରରେ ବିକ୍ରି ହେଉଛି। ସେହିପରି ଖାଇବା ସାମଗ୍ରୀ କ୍ଷୀର, ଦହି, ଲୁଣ, ଚା, ଅମୁଲ୍ ଓ ସାବୁନ ମଧ୍ୟ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ନିଆଯାଉଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ ଖରା ଦିନରେ ଗରିବ ଲୋକଙ୍କ ଉପାର୍ଜନ ହ୍ରାସ ପାଇଥାଏ। ଗଜପତି ଭଳି ଅଣଜଳସେଚିତ ଜିଲ୍ଲାରେ ଏହି ସମୟରେ ସାଧାରଣତଃ ମଜୁରି ମିଳିବା କଷ୍ଟକର ବ୍ୟାପାର। ଏହି କାରଣରୁ ଅଣ କୃଷିଋତୁରେ ଏଠାରୁ ଶ୍ରମିକ କାମଧନ୍ଦା ଅନ୍ୱେଷଣରେ ବାହାରକୁ ଯିବା ଏକ ବଡ ସମସ୍ୟା ହୋଇରହିଛି। ଲୋକେ ଅର୍ଥ ସଙ୍କଟ ଦେଇ ଗତି କରୁଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ନିଆଯାଉଥିବାରୁ ବାଧୁଥିବା ପ୍ରକାଶ କରିଛନ୍ତି। ଲୋକଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ଗଜପତି ଜିଲ୍ଲା ଗୁମ୍ମା ସଦର ମହକୁମା ବଜାରରେ ଚଢ଼ା ଦରରେ ବିକ୍ରି ହେଉଛି ଅତ୍ୟାବଶ୍ୟକ ସାମଗ୍ରୀ। ସଦରମହକୁମା ବଜାରରେ ନିର୍ଦ୍ଧାରିତ ଦର ଠାରୁ ବିଭିନ୍ନ ସାମଗ୍ରୀ ବିକ୍ରି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଲୋକେ ବଜାରକୁ ଯାଉଛନ୍ତି କିଣିବାକୁ କିନ୍ତୁ ଦାମ ଶୁଣି ପଛଘୁଞ୍ଚା ଦେଉଛନ୍ତି। ଦର ବୃଦ୍ଧି ଯୋଗୁଁ କାମଚଳା ହେଉଛି ବୋଲି ଜଣେ ଗୃହିଣୀ କହିଛନ୍ତି। ଏପରି ଦର ବୃଦ୍ଧିକୁ ରୋକିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

## ଗୁମ୍ମାରେ ଶୁଖିଲା ନାଳ, ପୋଖରୀ





### ଭୟରେ ପଶୁପକ୍ଷୀ

**ଗୁମ୍ମା,୨୧।୫(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତଥା ପାହାଡ଼ ଘେରରେ ରହିଛି। କିଛି ଦିନ ଧରି ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଗୁମ୍ମା ବ୍ଲକରେ ପାଖାପାଖି ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବା ଏବଂ କାଳ ବୈଶାଖୀ ବର୍ଷାର ଅଭାବ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସ୍ଥାନରେ ନାଳ, ଝରଣା, ପୋଖରୀ ଓ ନଳକୂପର ଜଳସ୍ତର ହ୍ରାସ ପାଇଥିବାରୁ ନାହିଁ ନ ଥିବା ଅସୁବିଧା ସୃଷ୍ଟି ହୋଇଛି। ନାଳ ଝରଣା ଆଦି ଶୁଖିଲା ପଡ଼ିଥିବାରୁ ବିଭିନ୍ନ ଜୀବଜନ୍ତୁ ଓ ପଶୁପକ୍ଷୀ ପାଣି ପିଇବାକୁ ଡହଳବିକଳ ହେଉଛନ୍ତି। ମୁଖ୍ୟତଃ ପୋଡୁ ଚାଷ, ବୃକ୍ଷର ଅଭାବ, ଜଳ ନିଷ୍କାସନ ଓ ଜଳ ସ୍ରୋତରେ ଚେକଡେମ ନିର୍ମାଣ ଯୋଗୁଁ ନାଳ ଶୁଷ୍କ ହୋଇଯାଉଥିବା କୁହାଯାଉଛି। ଗୁମ୍ମା ଖ୍ରୀଷ୍ଟିଆନ ସାହି, ପାଇକ ସାହି, ସେରଙ୍ଗ, ଭୁବନି, ଗାଇବା ଆଦି ବିଭିନ୍ନ ସ୍ଥାନରେ ଏକାଧିକ ନଳକୂପରୁ ପାଣି ବାହାରୁ ନ ଥିବାରୁ ଜଳ ସଙ୍କଟ ଦେଖାଦେଇଛି। ଏପରି ସମସ୍ୟା ଲାଗି ରହିଲେ ଗୃହପାଳିତ ପଶୁପକ୍ଷୀ ଓ ବନ୍ୟ ଜୀବଜନ୍ତୁଙ୍କ ଜୀବନ ବିପଦାପନ୍ନ ଆଶଙ୍କା କରାଯାଉଛି। ଏନେଇ ବିଭାଗୀୟ ଅଧିକାରୀ ଦୃଷ୍ଟି ଆକର୍ଷଣ କରାଯାଇଛି। ଜଙ୍ଗଲ ଜମି ପଟ୍ଟା ପ୍ରଦାନ ସହିତ ଜଙ୍ଗଲରେ ଚାରାରୋପଣ ବାଧ୍ୟତାମୂଳକ କରାଯିବାକୁ ସାଧାରଣରେ ଦାବି ହେଉଛି।

## ସ୍କୁଟର ଡିକି ତାଡ଼ି ୮୦ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ପାରଳାଖେମୁଣ୍ଡି,୨୧।୫(ସମିସ):** ପାରଳାଖେମୁଣ୍ଡି ସହରରେ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ ପୁଣି ବୃଦ୍ଧି ପାଇବାରେ ଲାଗିଛି। ଦୁଇ ବର୍ଷ ହେଲା ଚୋରି ସଂଖ୍ୟା ଥମୁନଥିବା ବେଳେ କିଛି ମାସର ବିରତି ପରେ ପୁଣି ଦୁର୍ବୃତ୍ତ ସକ୍ରିୟ ହୋଇଛନ୍ତି। ମଙ୍ଗଳବାର ସକାଳେ ଦୁର୍ବୃତ୍ତ ମକା ତୋଟାମା ମନ୍ଦିର ନିକଟସ୍ଥ ବିଶ୍ୱନାଥ ନଗରରେ ଏକ ସ୍କୁଟରର ଡିକି ତାଡ଼ି ପ୍ରାୟ ୮୦ ହଜାର ଟଙ୍କା ନେଇଯାଇଛନ୍ତି। ସୂଚନା ପ୍ରକାରେ ଗୋଷାଣି ବ୍ଲକ ଅନ୍ତର୍ଗତ ତାଟିପେଟି ଗ୍ରାମର ନରସିଂହ ମିଶ୍ର କଲେଜ ଛକ ସ୍ଥିତ ଷ୍ଟେଟବ୍ୟାଙ୍କରୁ ୮୦ ହଜାର ଟଙ୍କା ବାହାର କରି ନିଜ ସ୍କୁଟର ଡିକିରେ ରଖିଥିଲେ। ପରେ ସେ ବିଶ୍ୱାନାଥ ନଗର ନିଜ ସାନ ଭାଇ ପ୍ରଭାତ ମିଶ୍ରଙ୍କ ଘରକୁ କୌଣସି ଏକ କାମରେ ଯାଇଥିଲେ। ନିଜ ଭାଇଙ୍କ ଘର ବାହାରେ ସ୍କୁଟର ରଖି ଘର ଭିତରକୁ ଯାଇଥିଲେ। ଏହାର ସୁଯୋଗ ଦେଖି କେହି ଦୁର୍ବୃତ୍ତ ସ୍କୁଟର ଡିକି ଭାଙ୍ଗି ଟଙ୍କା ଚୋରି କରି ନେଇଥିଲା। ନିଜ କାମ ସାରି ବାହାରକୁ ଆସି ଦେଖିଲା ବେଳକୁ ସ୍କୁଟର ଡିକି ଭାଙ୍ଗିଥିବା ଏବଂ ସେଥିରେ ରଖିଥିବା ୮୦ ହଜାର ଟଙ୍କା ଚୋରି ହୋଇଯାଇଥିବାର ଜାଣିବାକୁ ପାଇଥିବା କହିଛନ୍ତି। ପୁଲିସ ଙ୍କୁ ସୂଚନା ଦେବା ପରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ତତ୍ତ୍ୱାବଧାନରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବିଗତ ବର୍ଷ ପ୍ରଭାତ ମିଶ୍ରଙ୍କ ଘରୁ ବହୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଏହାର କୌଣସି ସୁରାଗ ପୁଲିସ ବର୍ତ୍ତମାନ ସୁଦ୍ଧା ପାଇପାରିନି।

## ଟିକାବାଲି ବ୍ଲକ୍‌ରେ ୭୧.୩୬% ମତଦାନ



**ଟିକାବାଲି,୨୧।୫(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକରେ ମତଦାନ ଶାନ୍ତିପୂର୍ଣ୍ଣ ରହିଥିଲା। ସକାଳ ୭ଘଣ୍ଟାରୁ ଆରମ୍ଭ ହୋଇଥିବା ମତଦାନ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। କେତେକ ସ୍ଥାନରେ ନୂତନ ଭୋଟରଙ୍କୁ ସ୍ୱାଗତ କରାଯାଇଥଲା। ଟିକାବାଲି ବ୍ଲକରେ ୫୦ ଭୋଟ ଗ୍ରହଣ କେନ୍ଦ୍ର ରହିଥିବା ବେଳେ ୮ ଟିକୁ ସଖୀ ଭୋଟ କେନ୍ଦ୍ର କରାଯାଇଥିଲା। ବ୍ଲକରେ ୪୨୪୮୭ ଭୋଟର ଥିବାବେଳେ ୩୦, ୫୩୩ ଭୋଟ ପଡ଼ିଥିଲା। ସେଥମଧ୍ୟରୁ ୧୪, ୭୦୩ ପୁରୁଷ ଓ ୧୫, ୮୨୯ ମହିଳା ଏବଂ ଜଣେ କିନ୍ନର ଭୋଟ ଦେଇଥିବା ଜଣାପଡିଛି। ମତଦାନ ହାର ୭୧.୩୬ ପ୍ରତିଶତ ରହିଥିବା ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି।

## କୋଟଗଡ଼ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ



**କୋଟଗଡ,୨୧।୫(ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ଅଞ୍ଚଳରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ମଙ୍ଗଳବାର ଅପରାହ୍ନରେ ଅଞ୍ଚଳରେ ଘଡ଼ଘଡ଼ି ଓ ବଜ୍ରପାତ ସହ ପବନ ବର୍ଷା ହୋଇଥିଲା। ଏଥିରେ କୋଟଗଡ଼ କଲୋନୀ ସାହି ହନୁମାନ ମନ୍ଦିର ନିକଟରେ ଥିବା ଏକ ପିଆଶାଳ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ି ଯିବାରୁ ଅବରୋଧ ହେବା ସହ ବିଦ୍ୟୁତ ତାର ମଧ୍ୟ ଛିଣ୍ଡି ଯାଇଛି। ଗଛ ପଡ଼ି କୋଟଗଡ଼- ମୁନିଗୁଡ଼ା ମୁଖ୍ୟ ରାସ୍ତା ଅବରୋଧ ହୋଇଥିବା ବେଳେ ରାସ୍ତାର ଉଭୟ ପାଶ୍ୱର୍ରେ ଅଟକି ରହିଛି ବହୁ ସଂଖ୍ୟକ ଯାନବାହାନ। ଏଥିଯୋଗୁଁ ବାଲିଗୁଡ଼ା , ମୁନିଗୁଡ଼ା ମଧ୍ୟରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ବିଦ୍ୟୁତ୍ ତାର ଛିଣ୍ଡିବା କାରଣରୁ କୋଟଗଡ଼ରେ ବିଦ୍ୟୁତ୍ ସେବା ମଧ୍ୟ ବନ୍ଦ୍ ରହିଛି।

## ଷ୍ଟ୍ରଙ୍ଗ୍‌ରୁମ୍‌ରେ ୨ ବିଧାନସଭା ଆସନର ଇଭିଏମ୍

**ବାଲିଗୁଡ଼ା,୨୧।୫(ସମିସ):** ଶାନ୍ତିଶୃଙ୍ଖଳା ସହ ସରିଲା ନିର୍ବାଚନ। ସୋମବାର ରାତି ତମାମ ଇଭିଏମ ଓ ଭିଭିପ୍ୟାଟ ମେସିନ ଜମା ହେବା ପରେ ମଙ୍ଗଳବାର ସକାଳେ ସମସ୍ତ ରାଜନୈତିକ ଦଳର ଏଜେଣ୍ଟଙ୍କ ଉପସ୍ଥିତିରେ ସେହି ମେସିନ ସବୁକୁ ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଡ଼.ରୀନା ପ୍ରଧାନ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ମଧ୍ୟ ଏହି ଅବସରରେ ଉପସ୍ଥିତି ବାଲିଗୁଡା ଓ ଜି.ଉଦୟଗିରି ବିଧାନସଭା ଆସନର ସମସ୍ତ ମେସିନକୁ ଷ୍ଟ୍ରଙ୍ଗରୁମରେ ରଖାଯାଇ ସିଲ କରାଯାଇଥିଲା। ବାଲିଗୁଡ଼ା ବିଧାନସଭା ଆସନର ୧୭୮ ବୁଥର ମେସିନକୁ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏବଂ ଜି. ଉଦୟଗିରି ନିର୍ବାଚନମଣ୍ଡଳୀ ପାଇଁ ୨୫୧ବୁଥର ମେସିନକୁ ଆଦିବାସୀ ମହାବିଦ୍ୟାଳୟ ପରିସରରେ ତ୍ରୀସ୍ତରୀୟ ସୁରକ୍ଷା ବଳୟରେ ରଖାଯାଇଛି। ଉଭୟ ଷ୍ଟ୍ରଙ୍ଗରୁମ ପରିସରରେ ୪ ପ୍ଲାଟୁନ ସଶସ୍ତ୍ର ପୁଲିସ ଫୋର୍ସ ସହ ସ୍ଥାନୀୟ ପୁଲିସ ୨୪ ଘଣ୍ଟିଆ ପହରା ଦିଆଯିବା ସହ ସିସିଟିଭି ନଜରରେ ଉଭୟ ଷ୍ଟ୍ରଙ୍ଗ ରହିଥିବା ବାଲିଗୁଡା ଏସଡିପିଓ ସୂଚନା ଦେଇଛନ୍ତି।



## ନୂଆଗାଁ ରାସ୍ତା ଶୋଚନୀୟ



**ପାରଳାଖେମୁଣ୍ଡି,୨୧।୫(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଘରୋଣୀ ପଞ୍ଚାୟତ ସଦର ମହକୁମା ଠାରୁ ନୂଆଗାଁ ସମେତ ରାୟଗଡ ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଉପରେ ଉଭୟ ବ୍ଲକର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଦୁଇ ବ୍ଲକର ବହୁ ଗ୍ରାମାଞ୍ଚଳକୁ ଅଳ୍ପ ରାସ୍ତା ଭାବେ ବ୍ୟବହୃତ ହୋଇଥାଏ। ଏହି ଗ୍ରାମ୍ୟ ରାସ୍ତା ୪ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ଏବେ ରାସ୍ତାରେ ଅନେକ ଖାଲ ସୃଷ୍ଟି ହୋଇଛି। ଏଥି ଯୋଗୁଁ ଦୈନନ୍ଦିନ ଯାତାୟତ କରୁଥିବା ବିଭିନ୍ନ ଗ୍ରାମାଞ୍ଚଳବାସୀ ନାନାଦି ସମସ୍ୟାରେ ପଡୁଛନ୍ତି। ପ୍ରାୟ ୪ କିମି ଶୋଚନୀୟ ହୋଇପଡିଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ହୋଇଥିବା ବେଳେ ପିଚୁ ଉଠିଯାଇଛି। ଏହା ସାଙ୍ଗକୁ ସ୍ଥାନେ ସ୍ଥାନେ ରାସ୍ତା ଦବି ଯାଇଛି। ବିଶେଷ କରି ଅସରାଏ ବର୍ଷା ହେଲେ ଏହି ରାସ୍ତାର ଖାଲଖମାରେ ଜଳଜମାଟ ବାନ୍ଧି କର୍ଦ୍ଦମାକ୍ତ ହୋଇପଡୁଛି। ଏହି କାରଣରୁ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଣା ଘଟୁଥିବାର ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଠାରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ କହିଛନ୍ତି।

# ୪୦ ବର୍ଷ ପରେ ବି ଘରପଟ୍ଟା ପାଇବାରୁ ବଞ୍ଚିତ ରିଲିଫ୍ କଲୋନୀବାସୀ

କାଶୀନଗର,୨୧।୫(ସମିସ)

ବଂଶଧାରା ନଦୀ ଏକାଧାରରେ ଗଜପତି ଜିଲ୍ଲା କାଶୀନଗରର ଦୁଃଖ ଓ ଜୀବନରେଖା। ଅଞ୍ଚଳବାସୀଙ୍କ ପାଇଁ ଏକ ପକ୍ଷରେ ଏହା ପାନୀୟ ଜଳ, ଜଳସେଚନ ଓ ନିର୍ମାଣ କାର୍ଯ୍ୟ ସକାଶେ ଆବଶ୍ୟକ ବାଲିର ପ୍ରମୁଖ ଉତ୍ସ ହୋଇଥିବା ବେଳେ ଅନ୍ୟପକ୍ଷରେ ବନ୍ୟା ଦୁର୍ଗତିର କାରଣ ହୋଇଥାଏ। ୧୯୮୦ରେ ଏହି ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ତା ଦ୍ୱାରା କାଶୀନଗର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ବହୁ ଲୋକ ଅକାଳରେ ଜୀବନ ହରାଇଥିଲେ। ସ୍ଥାବର ଅସ୍ଥାବର ସମ୍ପତ୍ତି ହରାଇ ବହୁ ଲୋକଙ୍କୁ ବି ବାସଚ୍ୟୁତ ହେବାକୁ ପଡିଥିଲା। ତତ୍କାଳୀନ ରାଜ୍ୟ ସରକାର ସ୍ଥାନୀୟ ମନ୍ଦିର ଜମି କିଣି ସେଠାରେ ବାସଚ୍ୟୁତ ଲୋକଙ୍କ ଥଇଥାନ ନିମନ୍ତେ ଗୃହ ନିର୍ମାଣ କରିବାକୁ ଟାଟା ଓ ଲୁଥ୍ରେନ କମ୍ପାନୀକୁ ଦାୟିତ୍ୱ ଦେଇଥିଲେ। ୧୯୮୨-୮୩ ବେଳକୁ ନିର୍ମାଣ କାର୍ଯ୍ୟ ସରିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହେବା ପରେ ରିଲିଫ କଲୋନୀ ନାମରେ ପରିଚିତ ହୋଇଥିଲା। ଏ ଭିତରେ ଦୀର୍ଘ ୪୦ ବର୍ଷ ବିତି ଯାଇଛି। ବର୍ତ୍ତମାନ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ ଓ ୧୩ନଂ ୱାର୍ଡରେ ଏହି କଲୋନୀ ପରିସରରେ ରହିଥିବା ବେଳେ, ଏଥିରେ ବହୁ ସାଧାରଣ ଲୋକ ଓ ସରକାରୀ କର୍ମଚାରୀ ବି ରହୁଛନ୍ତି। ୧୯୮୩ ମସିହାରେ ଯେଉଁମାନଙ୍କୁ ଘର ମିଳିଥିଲା, ସେମାନଙ୍କ ଭିତରୁ ଅନେକଙ୍କ ମୃତ୍ୟୁ ହୋଇ ସାରିଲାଣି। ବହୁ ଘର ଏକାଧିକ ବାର ବିକ୍ରି ହୋଇସାରିଲାଣି। କିନ୍ତୁ ବାରମ୍ବାର ଆବେଦନ ନିବେଦନ ପରେ ବି ଉକ୍ତ କଲୋନୀବାସୀଙ୍କୁ ଏଯାଏଁ ଘରପଟ୍ଟା ମିଳିନାହିଁ। ଫଳରେ ସେମାନେ ଆୟ, ଆବାସ ପ୍ରମାଣପତ୍ର, ବ୍ୟାଙ୍କଋଣ ପ୍ରଭୃତି ଉଦ୍ୟମ ସତ୍ତ୍ୱେ ପାଇ ପାରୁନାହାନ୍ତି। ପିଲାମାନେ ସେମାନଙ୍କର ପାଠ ପଢିବା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କିଛି ବର୍ଷ ପୂର୍ବେ ମନୋରଞ୍ଜନ ସାହୁ ତହସିଲଦାର ଥିବାବେଳେ ପଟ୍ଟା ଦାବି କରି ବଡ ଧରଣର ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ ଅଞ୍ଚଳବାସୀ। ନାଗରିକ ଅଧିକାର ଓ ମାନବାଧିକାରର ଜଣାଶୁଣା ପ୍ରବକ୍ତା ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ସଂଘଟିତ ଏ ଆନ୍ଦୋଳନ ବେଳେ ପଟ୍ଟାରୁ ବଞ୍ଚିତ ରିଲିଫ କଲୋନୀବାସୀ, ସଚେତନ ନାଗରିକ ଓ ବୁଦ୍ଧିଜୀବୀ ତହସିଲ ଅଫିସ ଘେରାଉ କରିବା ସହ ଧାରଣା ଦେଇଥିଲେ। ଉପଲବ୍ଧ ଘର ବଣ୍ଟନକାଳୀନ କିଛି କାଗଜପତ୍ର ଆଧାରରେ ତହସିଲଦାର ବି ଉଦ୍ୟମ ଆରମ୍ଭ କରିଥିଲେ ପଟ୍ଟା ଯେପରି ଦେଇହେବ, ସେ ଦିଗରେ। କିନ୍ତୁ ଅଳ୍ପ ଦିନ ପରେ ତାଙ୍କର ବଦଳି ହୋଇ ଯାଇଥିଲା। ଶାନ୍ତି ସ୍ୱରୂପ ମିଶ୍ର ତହସିଲଦାର ଥିବାବେଳେ କିଛି ଉଦ୍ୟମ କରିଥିଲେ। ବର୍ତ୍ତମାନର ତହସିଲଦାର ଅଶୋକ କୁମାର ପ୍ରଧାନ ପୁଣି ସେ ଦିଗରେ ଉଦ୍ୟମ ଆରମ୍ଭ କରିବା ସହ ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ତାଙ୍କ ଦ୍ୱାରା ଆହୂତ ବୈଠକରେ ଏନ୍‌ଏସି ଅଧକ୍ଷା ଏମ୍.ସୁଧାରାଣୀ ଓ ବରିଷ୍ଠ ନାଗରିକ ଯୋଗ ଦେଇ ଆଲୋଚନା କରିଥିବା ବେଳେ ଦୀର୍ଘ ଦିନର ଚେଷ୍ଟା ଫଳବତୀ ହେବା ଆଶା ପ୍ରକାଶ ପାଇଛି। ବର୍ତ୍ତମାନ୍ ନିର୍ବାଚନ ମହଲ ସରିଯାଇଥିବା ବେଳେ ନୂତନ ବିଧାୟକ ନିର୍ବାଚିତ ହେଲେ ଉକ୍ତ କାର୍ଯ୍ୟ ସୁଫଳ ହେଇପାରିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।



# ପୂର୍ବଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

**ରଙ୍ଗେଇଲୁଣ୍ଡା, ୨୧।୫ (ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ କନିସି ହାଟ ନିକଟରେ ପୂର୍ବ ଶତ୍ରୁତା କେନ୍ଦ୍ରକରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଜଣାପଡିଛି। ଗୁରୁତର ଯୁବକ ଜଣକ ହେଲେ ରାଳବ ଗ୍ରାମର କେ. ସନ୍ତୋଷ ପାତ। ସନ୍ତୋଷଙ୍କ ଗୋଷ୍ଠୀଙ୍କ ସହିତ ଉକ୍ତ ଗ୍ରାମ ଅପର ଗୋଷ୍ଠୀଙ୍କ ମଧ୍ୟରେ କୋଣସି କଥା ନେଇ ଦୀର୍ଘ ବର୍ଷ ହେଲା ପୂର୍ବ ଶତ୍ରୁତା ଲାଗି ରହିଥିଲା। ବିଭିନ୍ନ ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗିରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ସନ୍ତୋଷ ତାଙ୍କ ମା'ଙ୍କ ସହିତ କନିସି ହାଟ ଏକ ସେଲୁନକୁ ଆସୁଥିବାବେଳେ ତହସିଲ ରାସ୍ତା ନିକଟରେ ପୂର୍ବରୁ ପ୍ରସ୍ତୁତ ରହିଥିବା ବିପକ୍ଷ ଗୋଷ୍ଠୀ ୪ ରୁ ୫ ଜଣ ଯୁବକ ହଠାତ ଠେଙ୍ଗା ଓ ଲୁହାରଡ଼ରେ ତାଙ୍କୁ ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ମା' ପାଟି କରିବା ପରେ ଲୋକ ଗହଳି ହେବାରୁ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ସନ୍ତୋଷଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟ ପଟେ ଅଭିଯୁକ୍ତ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ଖବର ଲେଖା ହେବା ସୁଦ୍ଧା ଥାନା ଅଭିଯୋଗ ହୋଇନଥିବା ଜଣାପଡିଛି। ସୂଚନା ଥାଉ କି ମାର୍ଚ୍ଚ ୧୫ ତାରିଖରେ ସନ୍ଧ୍ୟାରେ ସନ୍ତୋଷ ସମ୍ପର୍କୀୟ ବି ସନ୍ତୋଷ ପାତ୍ର ଦୁବପୁଲୀ ଗ୍ରାମ ନିକଟରେ ମେଣ୍ଢା ଶାଳ ନିକଟରେ ଥିବା ବେଳେ ଅନ୍ୟ ଗୋଷ୍ଠୀର ୬ ରୁ ୭ ଜଣ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ମାମଲାରେ ପୁଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଆସିକା ସଂସଦୀୟ କ୍ଷେତ୍ରରେ ୬୨.୬୭ ପ୍ରତିଶତ ମତଦାନ

**ବ୍ରହ୍ମପୁର, ୨୧।୫(ସମିସ)**

- ଗତଥରଠାରୁ କମିଛି ୩ ପ୍ରତିଶତ
- ବାଧକ ସାଜିଲା ବର୍ଷା
- ଭୋଟ୍ ବର୍ଜନ କଲେ ଗୁଡ଼ିଆପାଟଣାବାସୀ

ଆସିକା ସଂସଦୀୟ କ୍ଷେତ୍ରରେ ଏଥର ମତଦାନ ହାର ଗତଥର ଅପେକ୍ଷା କମିଛି। ୨୦୧୯ ନିର୍ବାଚନରେ ଏଠାରେ ୬୫.୭୯% ମତଦାନ ହୋଇଥିବା ବେଳେ ଏଥର ପାଖାପାଖି ୩ ପ୍ରତିଶତ କମିଛି। ଗତକାଲି ହୋଇଥିବା ଭୋଟ୍ ଗ୍ରହଣରେ ଏଠାରେ ୬୨.୬୭% ମତଦାନ ହୋଇଛି। ତେବେ ମତଦାନ କମିବା ପଛରେ ବିଭିନ୍ନ କାରଣ ଥିବା କୁହାଯାଉଛି। କାଳବୈଶାଖୀଜନିତ ବର୍ଷା କାରଣରୁ ଆସିକା, ଭଞ୍ଜନଗର ଓ ସୋରଡ଼ା ବିଧାନସଭା ଅଞ୍ଚଳର ବିଭିନ୍ନ ସ୍ଥାନରେ ମତଦାନ ପ୍ରଭାବିତ ହୋଇଥିବା କୁହାଯାଉଛି। ସେହିପରି ସାନଖେମୁଣ୍ଡି ବିଧାନସଭା ଆସନ ଅନ୍ତର୍ଗତ ୧୨୯ନଂ ବୁଥ୍ ଗୁଡ଼ିଆପାଟଣାରେ କେହି ମତଦାନ କରିନଥିବା ଜଣାପଡ଼ିଛି। ଏଠାକାର ଭୋଟର୍‌ମାନେ ଭୋଟ୍ ବର୍ଜନ କରିଥିଲେ। ଗାଁରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନଥିବାରୁ ଏହାର ପ୍ରତିବାଦରେ ଗାଁର ପାଖାପାଖି ୩ଶହରୁ ଊର୍ଦ୍ଧ୍ୱ ଭୋଟର୍ ଭୋଟ୍ ଦେଇନାହାନ୍ତି। ଅନ୍ୟ ସମସ୍ତ ବୁଥରେ ଶାନ୍ତି ଶୃଙ୍ଖଳାର ସହିତ ମତଦାନ ହୋଇଥିବା ଜଣାଯାଇଛି।




# ଓଲଟିଲା ଡମ୍ପର; ଚାଳକ ଆହତ



**କାଲିମେଲା, ୨୧।୫ (ସମିସ):** ମାଲକାନଗିରି ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ଏକ ଡମ୍ପର ଓଲଟି ପଡ଼ିବା ସହ ଏଥିରେ ଜଣେ ଆହତ ହୋଇଛନ୍ତି। ଖବର ଅନୁଯାୟୀ, ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ତୁମକୀ ମାଡ଼କା ଗ୍ରାମ ନିକଟରେ ଥିବା କେନାଲ କଡ଼ରେ ଭାରସାମ୍ୟ ହରାଇ ଏକ ଡମ୍ପର ଓଲଟି ପଡ଼ିଥିଲା। ଫଳରେ ଗାଡ଼ି ମଧ୍ୟରେ ଥିବା ଚାଳକ ଆହତ ହୋଇଥିବାବେଳେ ଗାଡ଼ିଟି ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏହା ଦେଖି ଆହତ ଚାଳକଙ୍କୁ ଉଦ୍ଧାର କରି କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତେବେ ଗାଡ଼ିଟି ଭେଜେଙ୍ଗିୱାଡାରୁ ଫେରୁଥିବାବେଳେ ଦ୍ରୁତ ଗତି ଯୋଗୁଁ ଏହି ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି।

# ନିଆରା ଲିଆ ଖାଉଣି ପାଇଁ ଉତ୍ସବମୁଖର ଗାଁ

## ବେଣ୍ଟରୁ ଫେରିଥିବା ପୁରୁଷଙ୍କୁ ମହିଳା କରିବେ ସ୍ୱାଗତ ସମ୍ବର୍ଦ୍ଧନା

**ନନ୍ଦପୁର, ୨୧।୫ (ସମିସ):**



କୋରାପୁଟ ଜିଲ୍ଲାର ଅନ୍ୟ ଏକ ନିଆରା ଉତ୍ସବ ହେଉଛି ଲିଆ ଖାଉଣି। ଜିଲ୍ଲାର ବିଭିନ୍ନ ଗ୍ରାମ ଏଥିପାଇଁ ଉତ୍ସବମୁଖର। ଏହି ନିଆରା ପରମ୍ପରାର ରୀତିନୀତି ଏବେ ମଧ୍ୟ ଗ୍ରାମଗୁଡ଼ିକରେ ଉତ୍ସାହର ସହ ପାଳିତ ହୋଇଆସୁଛି। ଏହି ଉତ୍ସବ ଗ୍ରାମର ମହିଳାମାନଙ୍କ ଦ୍ୱାରା ପାଳନ କରାଯାଏ। ଆମ୍ବ ପରବ ଶେଷ ପରେ ଗ୍ରାମଗୁଡ଼ିକରେ ଲିଆ ଖାଉଣି ଅନୁଷ୍ଠିତ ହୁଏ। ମୁଖ୍ୟତଃ ଚୈତ୍ର ପର୍ବରେ ପୁରୁଷମାନେ ଜଙ୍ଗଲରୁ ବେଣ୍ଟ ଶିକାର କରି ଫେରିଥାନ୍ତି। ଗ୍ରାମର ମହିଳାଙ୍କୁ ଖୁସି କରିବାକୁ ଜନ୍ତୁ ଶିକାର କରି ଗ୍ରାମକୁ ଆଣିଥାନ୍ତି। ସେପଟେ ମହିଳାମାନେ ପୁରୁଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବାକୁ ଲିଆ ଖାଉଣି ଉତ୍ସବ କରନ୍ତି। ଏଥିପାଇଁ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଖର୍ଚ୍ଚ ବ୍ୟୟବରାଦ ଉପରେ ଆଲୋଚନା କରି ପ୍ରତି ଘର ପିଛା ଟଙ୍କା ଆଦାୟ କରି ଲିଆ, ମୁଢ଼ି, ଖଇପଣା, ପାନୀୟ ବ୍ୟବସ୍ଥା, ପୂଜା ସାମଗ୍ରୀ ସହ ସଦର ଦାଣ୍ଡ ସାଜସଜ୍ଜା କରାଯାଇଥାଏ। ଲିଆ ଖାଉଣି ସନ୍ଧ୍ୟାରେ ବାଜା ମହୁରୀରେ ପ୍ରତି ଘର ଘର ବୁଲି ପୁରୁଷଙ୍କୁ ଭାରରେ ବୋହି ଆଣିଥାନ୍ତି ସଦର ଦାଣ୍ଡକୁ। ଗ୍ରାମର ସମସ୍ତ ପୁରୁଷଙ୍କୁ ସଦର ଦାଣ୍ଡକୁ ପାଛୋଟି ଆଣିବା ପରେ ପଣା ଦେବା ସହ ଚନ୍ଦନ ତିଳକ ଦେଇ ସ୍ୱାଗତ କରି ବନ୍ଦାପନା କରିଥାନ୍ତି। ପରେ ପୁରୁଷମାନେ ମଧ୍ୟ ସାମର୍ଥ୍ୟ ଅନୁସାରେ ଟିକା ତଥା ଟଙ୍କା ଦେଇଥାନ୍ତି। ସେପଟେ କେଉଁ ଗାଁରେ ଲିଆ ଖାଉଣି ହେଉଛି; ପାଖତଡ଼ ଗ୍ରାମଗୁଡ଼ିକରେ ହୁରି ପଡ଼ିଥାଏ। ସନ୍ଧ୍ୟାରେ ଆୟୋଜିତ ଢେମସା ନାଚ ଗୀତରେ ସାମିଲ ହୋଇଥାନ୍ତି ଯୁବକଯୁବତୀ। ବନ୍ଧୁବାନ୍ଧବ ଘରକୁ ଆସନ୍ତି। ସମସ୍ତେ ରାତି ତମାମ ନାଚଗୀତରେ ଗ୍ରାମ ସଦର ଦାଣ୍ଡରେ ମସଗୁଲ ହୋଇଥାନ୍ତି। ରାତି ପାହିବାକୁ ଅପେକ୍ଷା ରହିଥାନ୍ତି। ପାହାନ୍ତିଆ ହେବା କ୍ଷଣି ସଦର ଦାଣ୍ଡରେ ରହିଥିବା ଡବା ଡବା ଲିଆ ସମସ୍ତଙ୍କୁ ବଣ୍ଟନ କରାଯାଇଥାଏ। ଏହି ଉତ୍ସବକୁ ପାଳନ କରି ସମସ୍ତ ବନ୍ଧୁବର୍ଗ ସହ ଅମୋଦପ୍ରମୋଦ କରିଥାନ୍ତି। ଆସନ୍ତା ବର୍ଷକୁ ସମସ୍ତେ ପୁଣି ଏହି ସଦର ଦାଣ୍ଡରେ ଏକତ୍ରିତ ହୋଇ ପୁଣି ଲିଆ ଖାଉଣି ଉତ୍ସବ ପାଳନ କରିବାକୁ ଗ୍ରାମଦେବୀଙ୍କୁ ଆଶୀର୍ବାଦ ମାଗିଥାନ୍ତି। ଏହି ଲିଆ ଖାଉଣି ଉତ୍ସବ ନନ୍ଦପୁର ବ୍ଲକର ଖୁଡୁବ୍ ଗ୍ରାମରେ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି।

# ସନ୍ଦେହଜନକ ଭାବେ ଭଡ଼ାଟିଆଙ୍କ ମୃତଦେହ ଉଦ୍ଧାର

**ରାୟଗଡ଼ା, ୨୧।୫ (ସମିସ):** ରାୟଗଡ଼ା ସହରର ଓଡ଼ିଆ ସାହି କ୍ଷେତନାଞ୍ଜି ତୋଟାରେ ବାବୁରାଓ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ ଘରେ ଭଡ଼ା ସୂତ୍ରରେ ରହୁଥିବା ଜଣେ ଭଡ଼ାଟିଆଙ୍କ ମୃତଦେହକୁ ଉଦ୍ଧାର କରିଛି ପୁଲିସ। ମୃତକ ଜଣକ ୫୨ ବର୍ଷୀୟ ଏମ୍. ଶ୍ରୀନିବାସ ବୋଲି ଜଣାପଡ଼ିଥିବାବେଳେ ସେ ରେଳବାଇର ଜଣେ ଠିକାଦାରଙ୍କ ପାଖେ ସୁପରଭାଇଜର ଭାବେ କାମ କରୁଛନ୍ତି ଏବଂ ଦୀର୍ଘ ୫ରୁ ୬ ବର୍ଷ ହେଲା ବାବୁରାଓଙ୍କ ଘରେ ସେ ଭଡ଼ାଟିଆ ଭାବେ ରହି ଆସୁଥିଲେ। ସକାଳେ ଘର ମାଲିକଙ୍କ ପତ୍ନୀ ଘର ଉପର ମହଲାକୁ ଯାଇଥିବାବେଳେ ଶ୍ରୀନିବାସଙ୍କ ମୃତଦେହ ଘରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଘର ମାଲିକ ବାବୁରାଓ ମହାନ୍ତି ପୁଲିସକୁ ସୂଚନା ଦେବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଅନୁମାନ କରାଯାଏ ଶ୍ରୀନିବାସଙ୍କ ମୃତ୍ୟୁ ହୋଇ ୩ରୁ ୪ ଦିନ ବିତିଯାଇଥିବାରୁ ଶବଟି ପଚିସଢ଼ି ଯାଇ ଦୁର୍ଗନ୍ଧ ହେବାରେ ଲାଗିଛି। ରାୟଗଡ଼ାରେ ଶ୍ରୀନିବାସ ଏକାକୀ ରହୁଥିବାବେଳେ ତାଙ୍କ ଘର ଆନ୍ଧ୍ରରେ ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ପୁଲିସ ମୃତ ଶ୍ରୀନିବାସଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଶବ ସତ୍କାର କରାଯିବ ବୋଲି ଜଣାପଡ଼ିଛି। ରାୟଗଡ଼ା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବାବେଳେ ମୃତକଙ୍କ ନିକଟରୁ ମିଳିଥିବା ଭୋଟର କାର୍ଡ ଓ ଆଧାର କାର୍ଡରେ ସେ ଘର ମାଲିକଙ୍କ ଠିକଣା ଦେଇଥିବାରୁ ତାଙ୍କ ପରିବାର ସହ ଯୋଗାଯୋଗ ହୋଇପାରିନାହିଁ ତେଣୁ ଶବକୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖାଯାଇଥିବାବେଳେ ପରିବାର ଲୋକେ କେହି ନ ଆସିଲେ ଶବ ବ୍ୟବଚ୍ଛେଦ ପରେ ଶବ ସତ୍କାର କରାଯିବ ବୋଲି ରାୟଗଡ଼ା ଥାନା ଅଧିକାରୀ କେକେବିକେ କହଁର ସୂଚନା ଦେଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଶ୍ରୀ କହଁର କହିଛନ୍ତି।

# ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ

**ଦିଗପହଣ୍ଡି, ୨୧।୫ (ସମିସ):** ଦିଗପହଣ୍ଡି ନଗର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗୀୟ ରାଜୀବ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଭାରତର ଆଭ୍ୟନ୍ତରୀଣ ଶାନ୍ତି ସ୍ଥାପନ, ୧୮ ବର୍ଷରେ ଭୋଟଦାନ ଅଧିକାର ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ସଙ୍ଗେସଙ୍ଗେ ବହୁ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହୋଇ ପାରିଥିବା ସେ ପ୍ରକାଶ କରିଥିଲେ। ଏଥିରେ ଆଇନଜୀବୀ ରସାନନ୍ଦ ରାଉତ, ଏନଏସି ଉପାଧ୍ୟକ୍ଷ କେ. ପୂଜା, ବରିଷ୍ଠ ନେତା ଏ.କେଶବ ରାଓ, କାଉନସିଲର ସୁନିଲ ପଣ୍ଡା, ଯୁବନେତା କେ. କୁନା, ରଞ୍ଜିତ ବେହେରା, ବାଲ୍ମୀକି ବେହେରା, ଡମ୍ବୁରୁ ବେହେରା, କୈଳାସ ରଣା, ଇ.ଶଙ୍କର, ଶୁକ୍ରୁ ସେଠୀ, ଏମ୍. ବାଇନାଥ, ଶଙ୍କର ରାଓ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

# କୋଷାଗୁମୁଡ଼ା ଚିଙ୍ଗୁଡ଼ିର ଚାହିଦା ବଢୁଛି



**କୋଷାଗୁମୁଡ଼ା, ୨୧।୫ (ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ୨୬ ପଞ୍ଚାୟତବାସୀ ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଇବା ପାଇଁ କୋଷାଗୁମୁଡ଼ା ବଜାର ଉପରେ ନିର୍ଭରଶୀଳ। ଏହି ବଜାରକୁ ସମସ୍ତେ ପନିପରିବା, ସଉଦା, ଆମିଷ କ୍ରୟ ଓ ବିକ୍ରି ପାଇଁ ଆସନ୍ତି। ତେବେ ଏଠାରେ ଥିବା ସ୍ଥାନୀୟ ନଦୀର ଦେଶୀ ଚିଙ୍ଗୁଡ଼ି ଆଦିବାସୀ ମହିଳାଙ୍କ ଜୀବିକା ନିର୍ବାହର ପ୍ରମୁଖ ପନ୍ଥା ସାଜିଛି। ଭୋରୁ ଯାଇ ନଦୀରୁ ଚିଙ୍ଗୁଡ଼ି ସଂଗ୍ରହ କରି ସ୍ଥାନୀୟ କୋଷାଗୁମୁଡ଼ା ବଜାରକୁ ଆଣି ଛୋଟ ଛୋଟ ସରଗୀପତ୍ରରେ ୫୦ ଟଙ୍କାରେ ୩ ପତ୍ର ଏବଂ ଗୋଟିଏ ପତ୍ରକୁ ୨୦ ଟଙ୍କାରେ ବିକ୍ରି କରିଥାନ୍ତି। ଚିଙ୍ଗୁଡ଼ି ବିକ୍ରି କଲେ, ଖରା ମାସରେ ଦୁଇ ପଇସା ରୋଜଗାର ହେବା ସହ ପରିବାରର ପେଟ ପୋଷନ୍ତି ବୋଲି ଚିଙ୍ଗୁଡ଼ି ବିକ୍ରେତା ଲକ୍ଷ୍ମୀ ଭତ୍ରା(୭୧) ଓ ତାଙ୍କ ସହଯୋଗୀ କମଳା ମାଝୀ କହିଛନ୍ତି। ପୂର୍ବରୁ କୋଷାଗୁମୁଡ଼ା ବଜାରରେ ଦେଶୀ ଛୋଟ ଚିଙ୍ଗୁଡ଼ି ବିକ୍ରି ପାଇଁ ନାମ ଥିବାବେଳେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଏବଂ ନଦୀନାଳ ଶୁଖିବା ଯୋଗୁଁ ଦେଶୀ ନଦୀ ଚିଙ୍ଗୁଡ଼ି ମିଳିବା କଷ୍ଟକର ହୋଇପଡ଼ିଛି। ୨ରୁ ୩ଶହ ଟଙ୍କାର ଚିଙ୍ଗୁଡ଼ି ପାଇଁ ପ୍ରାୟ ଭୋରୁ ଉଠି ନଦୀକୁ ଯାଇ ଚିଙ୍ଗୁଡ଼ି ଆଣିବା ପରେ କୋଷାଗୁମୁଡ଼ା ବଜାରରେ ୨ ଘଣ୍ଟା ବସିଲେ ରୋଜଗାର ହୁଏ ବୋଲି ଚିଙ୍ଗୁଡ଼ି ବିକାଳି ବୃଦ୍ଧା କହିଛନ୍ତି।

# ଜେକେପିଏମ୍ ମହିଳା ମଣ୍ଡଳ ସଭାପତିଙ୍କ ଦ୍ୱାରା ଥଣ୍ଡା ଜଳ ବିଶୋଧନ ଯନ୍ତ୍ର ପ୍ରଦାନ



**ରାୟଗଡ଼ା, ୨୧।୫ (ସମିସ):** ରାୟଗଡ଼ା ସ୍ଥିତ ଜେକେ କାଗଜ କଳର ମହିଳା ମଣ୍ଡଳ ସଭାପତି ଶ୍ୱେତା ଦ୍ୱିବେଦୀ ଓ ଉପସଭାପତି ନୀତା ଦ୍ୱିବେଦୀଙ୍କ ଦ୍ୱାରା ମଙ୍ଗଳବାର କୋଲନରା ବ୍ଲକ୍, ଦୁଦୁଲି ଗ୍ରାମ ପଞ୍ଚାୟତ ସ୍ଥିତ ପାର୍ବତୀ ନଗର ଏଜୁକେସନାଲ୍ କମ୍ପ୍ଲେକ୍ସ, କସ୍ତୁରବା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟକୁ ଥଣ୍ଡା ଜଳ ବିଶୋଧନ ଯନ୍ତ୍ର ପ୍ରଦାନ କରାଯାଇଛି। ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉକ୍ତ ଜଳ ବିଶୋଧନ ଯନ୍ତ୍ରକୁ ପ୍ରଦାନ କରାଯାଇଥିଲା। ଏହା ଦ୍ୱାରା ୧୫୬ ଜଣ ଛାତ୍ରଛାତ୍ରୀ ଉପକୃତ ହେବେ। ଏଜୁକେସନାଲ୍ କମ୍ପ୍ଲେକ୍ସର ସୁପରିଣ୍ଟେଣ୍ଡେଣ୍ଟ କୁମାରୀ ଅହଲ୍ୟା ନାଥ ଭୂରି ଭୂରି ପ୍ରଶଂସା କରିବା ସହ ମହିଳା ମଣ୍ଡଳର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ପାଣି ପାଇଁ ଯୁଝୁଛନ୍ତି ଏମଭି ୫୮ ଗ୍ରାମର ୬୦ ପରିବାର

# ପମ୍ପ୍ ହାଉସ୍ ପାଲଟିଲାଣି ଗୋଦାମ ଗୃହ

**ମାଲକାନଗିରି, ୨୧।୫ (ସମିସ):** ମାଲକାନଗିରି ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ବଢ଼ିବାରେ ଲାଗିଛି। ଏହାରି ମଧ୍ୟରେ ଜିଲ୍ଲାରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ଲୋକେ ପାଣି ଟୋପେ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲାର ପଡ଼ିଆ ବ୍ଲକ୍ ବାପନପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମଭି ୫୮ ଗ୍ରାମରୁ। ଏଠାରେ ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ପାଣି ପମ୍ପ୍ ହାଉସ୍ ଗୋଦାମ ଗୃହରେ ପରିଣତ ହୋଇଯାଇଛି।




ସୂଚନା ମୁତାବକ, ଏହି ଗ୍ରାମରେ ପ୍ରାୟ ୧୨୦ଟି ପରିବାର ସାଢ଼େ ୩୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଥିବାବେଳେ ପ୍ରଶାସନ ପକ୍ଷରୁ ୪ ବର୍ଷ ପୂର୍ବେ 'ବସୁଧା' ଯୋଜନାରେ ଏକ ପାଣି ଟାଙ୍କି କରାଯାଇଥିଲା। ପ୍ରାୟ ଦେଢ଼ ବର୍ଷ ପୂର୍ବେ ଏହି ପାଣି ଟାଙ୍କିରୁ ଯୋଗାଇ ଦିଆଯାଉଥିବା ପାଇପ୍ ପାଣି ମଝି ସାହି, କେନାଲ ସାହି, ସ୍କୁଲ ସାହି, ବାସନ୍ତୀ ମନ୍ଦିର ସାହି ଓ ଛୋଟ ସାହି ଆଦି ୫ଟି ସାହିକୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏ ବାବଦରେ ଗ୍ରାମର କିଛି ଲୋକ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇବା ପରେ ପ୍ରଥମ ଓ ଶେଷ ଦୁଇଟି ସାହିରେ ପାଇପ୍ ମରାମତି କାର୍ଯ୍ୟ କରି ସ୍ୱାଭାବିକ ଭାବେ ପାଣି ଯୋଗାଇ ଦିଆଯାଉଥିବାବେଳେ ମଝି ସାହି, କେନାଲ ସାହି ଓ ଛୋଟ ସାହିକୁ ଏବେବି ଜଳ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ ହୋଇପାରି ନାହିଁ। ଗତ ଦିନରେ ଏ ନେଇ ଗ୍ରାମବାସୀ ପୁଣି ବିଭାଗୀୟ ଅଧିକାରୀଙ୍କୁ ଜଣାଇବାରୁ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଆରମ୍ଭ ହୋଇଯାଇଥିବାରୁ ବର୍ତ୍ତମାନ କେବଳ ମେଗା ପ୍ରକଳ୍ପର ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯିବ ଏଥିପାଇଁ କିଛି ସମୟ ଲାଗିବ କହି ଏଡ଼ାଇ ଦେଉଛନ୍ତି। ଯାହାଫଳରେ ଏହି ତିନିଟି ସାହିର ପ୍ରାୟ ୬୦ଟି ପରିବାରକୁ ଜଳ ଯୋଗାଣ ବ୍ୟବସ୍ଥା ବନ୍ଦ ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ଗ୍ରାମର ମହିଳାମାନେ ଘଣ୍ଟା ଘଣ୍ଟା ଧରି ନଳକୂଅରୁ ପାଣି ସଂଗ୍ରହ କରୁଥିବାବେଳେ ଗାଧୋଇବା, ବାସନ ମାଜିବା ଭଳି କାମ ନଳକୂଅ ନିକଟରେ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗର ଜଣେ ଯନ୍ତ୍ରୀଙ୍କୁ ପଚାରିବାରୁ ଏ ବାବଦରେ ସେ ଆଗରୁ ଅବଗତ ଥିବା ସହ ତୁରନ୍ତ ଏ ଦିଗରେ କାର୍ଯ୍ୟ କରିବାକୁ ମେଗା ପ୍ରକଳ୍ପର ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ଅନ୍ୟପଟେ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପର ପାଇପ୍ କାମ ମରାମତି କରାଯାଇ ପାଣି ପାଇଁ ଯୁଝୁଛନ୍ତି ଏମଭି ୫୮ ଗ୍ରାମବାସୀ। ଏନେଇ ବିଭାଗୀୟ ଅଧିକାରୀ କହିଛନ୍ତି ଯେ ଯଥାଶୀଘ୍ର ଏହାର ସମାଧାନ ହେବ ଏବଂ ଲୋକଙ୍କୁ ଜଳ ଯୋଗାଇ ଦିଆଯିବ।

● ସୂଚନା ଆଇନର ସଫଳତା

# ୩ ବର୍ଷ ପରେ ୧୧,୭୩୮ ହିତାଧିକାରୀଙ୍କୁ ମିଳିଲା ପ୍ରାପ୍ୟ

**ମାଲକାନଗିରି, ୨୧।୫ (ସମିସ):** କରୋନା ସମୟରେ ୨୦୨୧ ଜାନୁଆରୀ ୪ରୁ ଜୁନ୍ ୩୦ ତାରିଖ ମଧ୍ୟରେ ମନରେଗାରେ କାର୍ଯ୍ୟ କରିଥିବା ଶ୍ରମିକମାନଙ୍କୁ ଦୈନିକ ୫୦ ଟଙ୍କା ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ। ଉକ୍ତ ପ୍ରୋତ୍ସାହନ ରାଶି ପଇଠ ସମ୍ପର୍କରେ ଅନିୟମିତତା ଖବର ପାଇ ସୂଚନା ଅଧିକାରୀ ପ୍ରବକ୍ତା ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ୨୦୨୨ ଜୁଲାଇ ୧୬ ଓ ଡିସେମ୍ବର ୭ ତାରିଖରେ ଜିଲ୍ଲା ପରିଷଦ ମାଲକାନଗିରିକୁ ଏ ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ। ଏ ସମ୍ପର୍କରେ ଜିଲ୍ଲା ପରିଷଦ ସମସ୍ତ ସାତୋଟି ବ୍ଲକକୁ ତଥ୍ୟ ଦେବା ନିମନ୍ତେ ନିର୍ଦ୍ଦେଶ ନେଇଥିଲେ। କିନ୍ତୁ କୌଣସି ବ୍ଲକ୍ ତଥ୍ୟ ନ ଦେବାରୁ ଶ୍ରୀ ପଟ୍ଟନାୟକ ଅପିଲ୍ ଫାଇଲ୍ କରିଥିଲେ। ଅପିଲଗୁଡ଼ିକ ନ ଶୁଣିବାରୁ ସମସ୍ତ ବ୍ଲକ୍ ବିରୁଦ୍ଧରେ ସେ ସୂଚନା କମିଶନରଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଉକ୍ତ ସମସ୍ତ ଅଭିଯୋଗ ଶୁଣାଣି ନିମନ୍ତେ ଗତ ଏପ୍ରିଲ ୨୫ ତାରିଖରେ ଧାର୍ଯ୍ୟ କରି ସମସ୍ତ ବ୍ଲକକୁ ଏ ସମ୍ପର୍କରେ ତଥ୍ୟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। କୋରୁକୋଣ୍ଡା ବ୍ଲକ୍ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ସେଥିରେ ଆଇନଜୀବୀ ଅଶୋକ ପଟ୍ଟନାୟକ ଅସନ୍ତୋଷ ପ୍ରକାଶ କରି ସୂଚନା କମିଶନ ଓ ବିଡିଓଙ୍କୁ ଜଣାଇବା ପରେ ୧୧ ହଜାର ୭୩୮ ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଇ ନ ଥିବା କଥା ସ୍ୱୀକାର କରି ମଙ୍ଗଳବାର ଉକ୍ତ ୧୧ ହଜାର ୭୩୮ ଶ୍ରମିକଙ୍କ ୧ କୋଟି ୯ ଲକ୍ଷ ୪୨ ହଜାର ଟଙ୍କା ପ୍ରଦାନ ନିମନ୍ତେ ମାଲକାନଗିରି ଷ୍ଟେଟ ବ୍ୟାଙ୍କକୁ ତାଙ୍କ ଚିଠି ନମ୍ବର ୧୨୨୧/୨୪ ତାରିଖ ୨୧.୦୫.୨୦୨୪ ଅନୁସାରେ ଆଡଭାଇସ୍ ପଠାଇଛନ୍ତି। ଏ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ମାତ୍ର ୨/୩ଟି ବ୍ଲକ୍ ସମ୍ପୂର୍ଣ୍ଣ ତଥ୍ୟ ଦେଇ ନାହାନ୍ତି ଓ ଅନ୍ୟ ବ୍ଲକ୍ କୌଣସି ତଥ୍ୟ ନେଇ ନାହାନ୍ତି। ଏହି ପ୍ରୋତ୍ସାହନ ରାଶି ପ୍ରଦାନରେ ବହୁ ଜାଲିଆତି ହେବାର ଆଶଙ୍କା ପ୍ରକାଶ ପାଇଛି। ମାଲକାନଗିରି ବିଡିଓ ଏ ସମ୍ପର୍କରେ ୟୁନିୟନ ବ୍ୟାଙ୍କ ମାଲକାନଗିରିକୁ ନେଇ ହିତାଧିକାରୀଙ୍କ ଖାତାକୁ ଉକ୍ତ ରାଶି ପଠାଯାଇଛି। ସେ ସମ୍ପର୍କରେ କୌଣସି ତଥ୍ୟ ନେଇ ନାହାନ୍ତି। କୋରୁକୋଣ୍ଡା ବ୍ଲକର ବିଡିଓଙ୍କ କାର୍ଯ୍ୟକୁ ଶ୍ରୀ ପଟ୍ଟନାୟକ ପ୍ରଶଂସା କରିବା ସହ ସମସ୍ତ ବ୍ଲକର ସମ୍ପୂର୍ଣ୍ଣ ତଥ୍ୟ ପାଇବା ପରେ ଜିଲ୍ଲାପାଳ ତଥା ମନରେଗାର ମୁଖ୍ୟ ସଂଯୋଜକଙ୍କୁ ଏ ସମ୍ପର୍କରେ ଅବଗତ କରାଇ ଏକ ନିରପେକ୍ଷ ତଦନ୍ତ ସହ ୩ ବର୍ଷ ପରେ ପ୍ରୋତ୍ସାହନ ରାଶି ପ୍ରଦାନ ଯୋଗୁଁ କ୍ଷତିପୂରଣ ପାଇଁ ଆଲୋଚନା କରିବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ନିଖୋଜ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାଇକଲ୍ ଓ କଙ୍କାଳ ଉଦ୍ଧାର

**ବେଲଗୁଣ୍ଠା, ୨୨।୫ (ସମିସ):** ଗତ ୨୭ ଦିନ ତଳେ ଘରୁ ନିଖୋଜ ହୋଇଯାଇଥିବା ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାଇକେଲ୍ ଏବଂ କଙ୍କାଳ ଉଦ୍ଧାର ହୋଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ସୂଚନା ପ୍ରକାରେ ବେଲଗୁଣ୍ଠା ବ୍ଲକ୍ ଶାସନ ପଞ୍ଚାୟତ ଅନ୍ତର୍ଗତ ଲୁଣିପଡା ଗ୍ରାମର ରଙ୍କନିଧି ସ୍ୱାଇଁ (୫୦) ଘରୁ ନିଖୋଜ ହୋଇଯାଇଥିଲେ । ଆଜି ଅଞ୍ଚଳର ଜଣେ ଗାଇ ଚରାଳି ବିଞ୍ଚଣା ଠାରୁ ବଡ଼ ବୋର୍ସିଂ ଯିବା ରାସ୍ତା ଠାରୁ କିଛି ଦୂରରେ ରଙ୍କନିଧିଙ୍କ ସାଇକେଲ୍ ଏବଂ



କିଛି ଦୂରରେ ନର କଙ୍କାଳ ପଡ଼ିଥିବା ଦେଖି ଗାଆଁରେ ଖବର ଦେଇଥିଲା । ଖବର ପାଇ ଘଟଣାସ୍ଥଳକୁ ରଙ୍କନିଧିଙ୍କ ପରିବାର ଲୋକ ଯାଇ ରଙ୍କନିଧିଙ୍କ ସାଇକେଲ୍ ଏବଂ କଙ୍କାଳ ପାଖରେ ପଡ଼ିଥିବା ଲୁଗାପଟା ଚିହ୍ନଟ କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ପୁଲିସ୍ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ସେଠାରେ ପଡ଼ିଥିବା ନର କଙ୍କାଳକୁ ଜବତ କରି ଫରେନ୍ସିକ୍ ଲ୍ୟାବ୍ କୁ ପଠାଇଛନ୍ତି । ଲ୍ୟାବ୍ ରିପୋର୍ଟ ଆସିବା ପରେ ରଙ୍କନିଧିଙ୍କ ମୃତ୍ୟୁର ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି କୁହାଯାଉଛି ।

# ଛତ୍ରପୁରର ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀଙ୍କୁ ଅନ୍ତରୀଣ ଜାମିନ

**କଟକ, ୨୧।୫(ସମିସ):** ସିନ୍ଧିଗାଁଠାରେ ଟାଟା ଜମି ଅଧିଗ୍ରହଣକୁ ବିରୋଧ ବେଳେ ବୋମାମାଡ଼ରେ ଆରଆଇଙ୍କ ମୃତ୍ୟୁ ମାମଲାରେ ଛତ୍ରପୁରର ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀଙ୍କୁ ଅନ୍ତରୀଣ ଜାମିନ ମିଳିଛି। ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ଥିବା ଶ୍ରୀ ରେଡ୍ଡୀଙ୍କୁ ହାଇକୋର୍ଟ ୮ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି । ଏଥିସହ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଡି.କାମରାଜୁ ବର୍ମା, ଏନ.ଦିଲ୍ଲୀପ କୁମାର ରେଡ୍ଡୀ ଓ ଅନ୍ୟ ୧୦ଜଣଙ୍କୁ ମଧ୍ୟ ହାଇକୋର୍ଟ ଅନ୍ତରୀଣ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଦେବବ୍ରତ ଦାଶ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ରେଡ୍ଡୀ ଓ ଅନ୍ୟମାନଙ୍କ ତରଫରୁ ଦାୟର ୫ଟି ଆବେଦନର ଏକତ୍ର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ୧୯୯୮, ଜୁନ ୧୮ରେ ଟାଟାର ଜମି ଅଧିଗ୍ରହଣକୁ ନେଇ ପୁଲିସ ଓ ସ୍ଥାନୀୟ ଜନତା ସଂଘର୍ଷ ହୋଇଥିଲା। ବୋମାମାଡ଼ରେ ତତ୍କାଳୀନ ରିଜର୍ଭ ଇନ୍ସପେକ୍ଟର ବିନୋବା ମେହେରଙ୍କ ମୃତ୍ୟୁ ହୋଇଥିଲା । ଛତ୍ରପୁର ଥାନାରେ ରୁଜୁ ମାମଲାରେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀଙ୍କ ସମେତ ୨୨ଜଣ ଅଭିଯୁକ୍ତ ଥିଲେ । ୨୦୨୩, ଜୁଲାଇ ୩୧ରେ ବ୍ରହ୍ମପୁର ତୃତୀୟ ଅତିରିକ୍ତ ଦୌରା ଜଜ୍ ତଥା ସାଂସଦ ଓ ବିଧାୟକଙ୍କ ମାମଲା ଶୁଣାଣି ପାଇଁ ଗଠିତ ସ୍ୱତନ୍ତ୍ର ଅଦାଲତ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀଙ୍କ ସମେତ ୧୩ଜଣଙ୍କୁ ଆଜୀବନ ଜେଲ ଓ ଓ ୧୦ ହଜାର ଟଙ୍କା ଲେଖାଁଏ ଜରିମାନା ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହାକୁ ଚାଲେଞ୍ଜ କରି ଶ୍ରୀ ରେଡ୍ଡୀ ଓ ଅନ୍ୟମାନେ ହାଇକୋର୍ଟରେ ପୃଥକ ୫ଟି ଅପିଲ ଦାୟର କରିଥିଲେ । ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ଉପରେ ପୂର୍ବରୁ ହାଇକୋର୍ଟ ରହିତାଦେଶ ଜାରି କରିଥିଲେ । ଶ୍ରୀ ରେଡ୍ଡୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ଆଇନଜୀବୀ ଡକ୍ଟର ପ୍ରଶାନ୍ତ କୁମାର ମିଶ୍ର, ଭବାନୀ ଦାସ ଓ ପି.କାମରାଜୁ ରେଡ୍ଡୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଓ ଆଇନଜୀବୀ ଆକାଶ ଭୂୟାଁ ମାମଲା ପରିଚାଳନା କରୁଛନ୍ତି ।

**କେବେ ସୁଧୁରିବ ଲିମାଗୁଡ଼ା-ବନିପଦର ମୁଖ୍ୟ ରାସ୍ତା**

# ବର୍ଷାଦିନ ଯେତେ ପାଖଉଛି, ଅଞ୍ଚଳବାସୀଙ୍କ ଚିନ୍ତା ସେତେ ବଢୁଛି

**ନବରଙ୍ଗପୁର,୨୧।୫(ସମିସ):**



ଆଜି ପର୍ଯ୍ୟନ୍ତ ଲିମାଗୁଡ଼ା-ବନିପଦର ମଧ୍ୟରେ ସଂଯୋଗ କରୁଥିବା ମୁଖ୍ୟରାସ୍ତା ପକ୍କା ହୋଇପାରିଲା ନାହିଁ। କେବେ ସୁଧୁରିବ ଏହି ରାସ୍ତା ଏବଂ କେବେ ନିର୍ମାଣ ହେବ ଏହି ଦୁଇ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ଏବେ ଅଞ୍ଚଳବାସୀଙ୍କ ମନରେ ବଡ଼ ପ୍ରଶ୍ନ । ଗ୍ରାମରୁ ପଞ୍ଚାୟତ ସଦର, ପଞ୍ଚାୟତ ସଦରରୁ ବ୍ଲକ୍ ସଦର ମହକୁମା, ବ୍ଲକ୍ ସଦର ମହକୁମାରୁ ଜିଲ୍ଲା ସଦର ମହକୁମା ଅର୍ଥାତ୍ ଗ୍ରାମାଞ୍ଚଳରୁ ସହରାଞ୍ଚଳ ମଧ୍ୟରେ ଯୋଗାଯୋଗ ଓ ଗ୍ରାମାଞ୍ଚଳର ଗମନାଗମନର ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ପ୍ରଶାସନର ଦୃଷ୍ଟି ପଡୁ ନ ଥିବା ହେତୁ ଯାତାୟାତରେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ଗ୍ରୀଷ୍ମ ଋତୁରେ ରାସ୍ତା ମଝିରେ ଗାଡ଼ିର ଚକ ବୁଡିଯାଉଛି। ପାଣି ଭିତର ଦେଇ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି ଏହି ଅଞ୍ଚଳର ଜନସାଧାରଣ । ବର୍ଷା ଦିନେ ଅବସ୍ଥା କ'ଣ ହେବ ତାହା ଏଥିରୁ ସହଜରେ ଅନୁମେୟ କରି ହେବ । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ବେହେଡ଼ା ପଞ୍ଚାୟତ ଅନ୍ତର୍ଗତ ଲିମାଗୁଡ଼ାରୁ ବନିପଦର ପର୍ଯ୍ୟନ୍ତ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବସ୍ଥା ଏପରି ।

ରାସ୍ତା ମଝିରେ ଛୋଟ ଓ ବଡ଼ ବହୁ ଗାତ ରହିଛି। ବର୍ଷା ଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ସେହି ରାସ୍ତା ଓ ପୋଲ ନିର୍ମାଣ ହେଲେ ଆଖପାଖ ଅଞ୍ଚଳର ଗ୍ରାମବାସୀ ଉପକୃତ ହୋଇପାରନ୍ତେ। ଏହି ରାସ୍ତା ଉପରେ ଦୁଇଟି ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଭରସା କରିଥାନ୍ତି । ଉକ୍ତ ରାସ୍ତା ଦେଇ ପ୍ରତିଦିନ ବେହେଡ଼ା ପଞ୍ଚାୟତର ସିଉନାଗୁଡ଼ା, ଲିମାଗୁଡ଼ା, କୁମିବେଡ଼ା, ନାଗାଗୁଡ଼ା, ଧହଡ଼ାମାଲ, କେନ୍ଦୁଗୁଡ଼ା ଓ ତୋହରା ପଞ୍ଚାୟତର ବନିପଦର, ତାଲପଦର, ଖୁଡୁମଦୋରା, ଚାଟରି, ରାମପାରା, ଦୁଇମୋହନା ପ୍ରମୁଖ ଗ୍ରାମର ବହୁ ସଂଖ୍ୟକ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରି ଯାତାୟାତ କରିଥାନ୍ତି। ବର୍ଷାଦିନେ ଉମରକୋଟକୁ ଆସିବାକୁ ହେଲେ ବହୁ କିଲୋମିଟର ଦୂର ବୁଲିକି ଯିବାକୁ ପଡୁଛି ଏହି ଅଞ୍ଚଳବାସୀଙ୍କୁ। ଏହି ରାସ୍ତା ଓ ପୋଲ ପାଇଁ ବହୁବାର ଜନପ୍ରତିନିଧିଙ୍କୁ ଏହି ଅଞ୍ଚଳବାସୀ ଜଣାଇବା ସହ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏହି ରାସ୍ତାର ଉନ୍ନତିକରଣ ହୋଇପାରିଲା ନାହିଁ। ଅସରାଏ ବର୍ଷା ହେଲେ ମାଟି ରାସ୍ତା ସମ୍ପୂର୍ଣ୍ଣ ପଙ୍କ କାଦୁଅରେ ଭାସିଯାଉଛି। ଜରୁରୀ ସମୟରେ ଗାଁକୁ ବେଳେବେଳେ ଆମ୍ବୁଲାନ୍ସ ମଧ୍ୟ ଆସିପାରେ ନାହିଁ। ଅଳ୍ପ ବର୍ଷା ହେଲେ ପିଲାଙ୍କ ସ୍କୁଲ ଯିବା ବନ୍ଦ ହୋଇଯାଏ। ଗାଁକୁ ପକ୍କା ରାସ୍ତା କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ରାସ୍ତା ପାଇଁ ବାରମ୍ବାର ଅଭିଯୋଗ କରି ନିରାଶ ହୋଇଛନ୍ତି ଗ୍ରାମର ସ୍ଥାନୀୟ ବାସିନ୍ଦା। ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ଏଭଳି ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ। ଆଗକୁ ବର୍ଷା ଋତୁ ଆସୁଥିବାରୁ କିଭଳି ଯାତାୟାତ କରିବେ ଜନସାଧାରଣ, କିଭଳି ଯାତାୟାତ କରିବେ ସ୍କୁଲ ଛାତ୍ରଛାତ୍ରୀ ଏବଂ କିଭଳି ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ଯାଇ ରୋଗୀସେବା କରାଯିବ, ଆବଶ୍ୟକ ସ୍ଥଳେ ଗର୍ଭବତୀ ମାଆମାନେ କିଭଳି ଉମରକୋଟ ଡାକ୍ତରଖାନା ଯିବେ ସେ ନେଇ ନାନା ପ୍ରଶ୍ନ ଉଠିଛି। ଏ ବାବଦରେ ବର୍ତ୍ତମାନର ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତିରଞ୍ଜନ ରଥଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ଏହି ରାସ୍ତାର ଉନ୍ନତିକରଣ କରିବା ସହିତ ପୋଲ ମଧ୍ୟ ନିର୍ମାଣ କରାଯିବ ବୋଲି କହିଛନ୍ତି।

# ଚୋରି ସାଇକଲ ଉଦ୍ଧାର; କୁଖ୍ୟାତ ଚୋର ଗିରଫ

ଜୟପୁର,୨୧।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ବିଭିନ୍ନ ସାଇକଲ ଚୋରିରେ ସଂଶ୍ଳିଷ୍ଟ ରହିଥିବା କୁଖ୍ୟାତ ସାଇକଲ ଚୋରକୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏକ ଚୋରି ସାଇକଲ ଅଭିଯୁକ୍ତ ନିକଟରୁ ଉଦ୍ଧାର ହୋଇଛି । ଗିରଫ ସାଇକଲ ଚୋର ସ୍ଥାନୀୟ ନଡ଼ିଆବାଡ଼ ସାହି ବାସିନ୍ଦା ଏସ. ଆନନ୍ଦ ଓରଫ କିଶୋର କୁମାର କୋଟଲା (୫୩) । ତାଙ୍କ ନିକଟରୁ ଗତ ତିନିଦିନ ପୂର୍ବରୁ ସୁନାରୀସାହି ବକ୍ସି ଆପାର୍ଟମେଣ୍ଟରୁ ଚୋରି ହୋଇଥିବା ଏକ ନାମୀଦାମୀ ସାଇକଲ ଉଦ୍ଧାର ହୋଇଛି। ଏହିପରି ଅଭିଯୁକ୍ତ ଉକ୍ତ ସାଇକଲକୁ ବିକ୍ରି କରିବା ଉଦ୍ଦେଶ୍ୟରେ ଉମୁରୀ ଗ୍ରାମକୁ ଯାଉଥିବାବେଳେ ମଙ୍ଗଳବାର ପୂର୍ବାହ୍ଣରେ ଟାଉନ ଥାନା ପୁଲିସ ସୂଚନା ପାଇବା ସହିତ ତାଙ୍କୁ ସ୍ଥାନୀୟ ଇନ୍ଦିରା ପଣ୍ଡା ଛକ ନିକଟରୁ ଗିରଫ କରି ସାଇକଲ ଉଦ୍ଧାର କରିଛନ୍ତି।




ଏହିପରି ଅଭିଯୁକ୍ତଙ୍କ ବିରୁଦ୍ଧରେ ସାଇକଲ ଚୋରି ନେଇ ବିଭିନ୍ନ ମାମଲା ରହିଥିବାବେଳେ ଗତ ୧୦ ଦିନ ପୂର୍ବରୁ ସାଇକଲ ଚୋରି ମାମଲାରେ ଜାମିନରେ ଜେଲରୁ ମୁକୁଳିଥିଲେ। ପ୍ରକାଶ ଯେ, ଗତ ଶନିବାର ପୂର୍ବାହ୍ଣରେ ସୁନାରୀସାହି ବକ୍ସି ଆପାର୍ଟମେଣ୍ଟ ତଳୁ କେ.ଏମ. ଅନିତ ନାମକ ଅଭିଯୋଗକାରୀଙ୍କ ଏକ ଦାମୀ ସାଇକଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଯାଞ୍ଚ ପରେ ଅଭିଯୁକ୍ତକୁ ଚିହ୍ନଟ କରିଥିଲା । କିନ୍ତୁ ଅଭିଯୁକ୍ତ ତାଙ୍କ ଘରେ ନ ଥିବାବେଳେ ପୁଲିସ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଥିଲା। କୌଣସି ସୂତ୍ରରୁ ଖବର ପାଇ ତଦନ୍ତକାରୀ ଅଧିକାରୀ ଏ.ଏସ୍.ଆଇ ବିଷ୍ଣୁ ମାଡ଼କାମୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ଚଢ଼ଉ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛନ୍ତି ।

# ୨୫ରୁ ରବି ଧାନ ମଣ୍ଡି; ମାନ ନିର୍ଦ୍ଧାରଣ ତାଲିମ ଶିବିର




**କୋରାପୁଟ,୨୧।୫(ସମିସ):** ପୂର୍ବ ନିଷ୍ପତ୍ତି ଅନୁଯାୟୀ ୨୫ ତାରିଖରୁ ରବି ଧାନ କ୍ରୟ ନିମନ୍ତେ ମଣ୍ଡି ଆରମ୍ଭ ହେବାକୁ ଥିବାବେଳେ ମଙ୍ଗଳବାର ସ୍ଥାନୀୟ ସଦଭାବନା ସଭାଗୃହ ପରିସରରେ ଥିବା ମିନି ସମ୍ମିଳନୀ କକ୍ଷରେ କୋରାପୁଟ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଧାନର ମାନ ନିର୍ଦ୍ଧାରଣ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅରୁଣ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ ଶିବିରରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲଙ୍କ ସମେତ କୋରାପୁଟ ଏଆରସିଏସ, ସମସ୍ତ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଯୋଗଦେଇଥିଲେ। ମଣ୍ଡିରେ କେତେ ଆର୍ଦ୍ରତା ଥିବା ଓ କେଉଁ ମାନର ଧାନ ଚାଷୀମାନଙ୍କଠାରୁ କିଣାଯିବ ସେ ସମ୍ପର୍କରେ ପରିଚାଳନା ନିର୍ଦ୍ଦେଶକମାନଙ୍କୁ ଦିଆଯାଇଥିଲା। କୋରାପୁଟ ଆରଏମସି କର୍ମଚାରୀ ପ୍ରଫୁଲ୍ଲ କୁମାର ଦେବତା ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଆରଏମସି ସମ୍ପାଦକ ଅରୁଣ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବରିଷ୍ଠ କିରାଣି କୈଳାଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କର୍ମଚାରୀ ଉପେନ୍ଦ୍ର ମହାନ୍ତି, ବିନୋଦ ପଟ୍ଟନାୟକ, ରମାକାନ୍ତ କଂଶାରି, ଭରତ ବେହେରା, ଅଜୟ ସେଠୀ, ଘେନୁ ସୁନା, କଳ୍ପ ପ୍ରସାଦ ସହାୟତା କରିଥିଲେ ।

# ମହିଳାଙ୍କୁ ମିଛ ମାଓବାଦୀ ଆଖ୍ୟା ଅଭିଯୋଗ

**କଲ୍ୟାଣସିଂହପୁର,୨୧।୫(ସମିସ):** ନିୟମଗିରି ଅଞ୍ଚଳର ମିଞ୍ଜିଳା ଶିକକାଙ୍କୁ ପୁଲିସ ମାଓବାଦୀ ଆକ୍ଷା ଦେଇ ଆତ୍ମସମର୍ପଣ କରିବା ପାଇଁ ୨ ଲକ୍ଷ ଟଙ୍କା ଘୋଷଣା କରିଛି । ତେବେ ମୋତେ ଧରିବା ପାଇଁ ଚେଷ୍ଟା କରୁଥିବାରୁ ମୁଁ ଲୁଚି ରହୁଛି । ମୁଁ ମାଓବାଦୀ ନୁହଁ, ତାଙ୍କୁ ମୁଁ ଦେଖି ନାହିଁ, ସେମାନେ କ'ଣ ପିନ୍ଧୁଛନ୍ତି, କ'ଣ କରୁଛନ୍ତି, କେଉଁଠି ରହୁଛନ୍ତି, ମୁଁ ଜାଣି ନାହିଁ, ମୋତେ ମିଛରେ ପୁଲିସ ଫସାଇ ଦେଉଛି । ମୁଁ ବାପା-ମାଆ, ଭାଇଭଉଣୀ ସାଙ୍ଗରେ ରହି ଡଙ୍ଗର କାମ କରୁଛି। ମୁଁ କାହିଁକି ଆତ୍ମସମର୍ପଣ କରିବି ବୋଲି ମିଞ୍ଜିଳା କହିଛନ୍ତି। ମୁଁ ଆତ୍ମସମର୍ପଣ କଲେ ମୋତେ କ'ଣ ଲାଭ ହେବ। ଘରେ ରହି ଚାଷବାସ କଲେ ଦୁଇପଇସା ମିଳିଲେ ଲୁଗାପଟା କିଣିବି। ମତେ ପୁଲିସ ମିଛରେ ଫସାଇଦେଉଥିବା ମିଞ୍ଜିଳା କହିଛନ୍ତି। ମୁଁ ମାଓବାଦୀ ସହିତ



ମିଶି ନାହିଁ, କି ଦେଖିନାହିଁ, ବନ୍ଧୁକ ଧରିନାହିଁ, ଦଲାଲମାନେ ବନ୍ଧୁକ ପାଖରେ ମୋତେ ବସାଇ ଫଟୋ ବାହାର କରି ମାଓବାଦୀ କହୁଛନ୍ତି। ଏହାକୁ ମଧ୍ୟ ନିୟମଗିରି ଆବାହକ ଲଦ ଶିକକା ମଧ୍ୟ ଘୋର୍ ବିରୋଧ କରିଛନ୍ତି। ମିଞ୍ଜିଳାଙ୍କ ବାପା ଶିକକା କାଣ୍ଡୁ ମଧ୍ୟ ମୋ ଝିଅ କେଉଁଆଡ଼େ ଯାଉନାହିଁ। ତାକୁ ବେକାରରେ ମାଓବାଦୀ ବୋଲି କହୁଛନ୍ତି।

# ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ



**କୋରାପୁଟ,୨୧।୫(ସମିସ):** ଜିଲ୍ଲା ସଦର ମହକୁମାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଶାବର ଶ୍ରୀକ୍ଷେତ୍ର ନିକଟ ରାଜୀବ ଗାନ୍ଧୀ ଶିଶୁ ଉଦ୍ୟାନରେ ସ୍ଥାପିତ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ତଥା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସଂଯୋଜକ ଡ. ରୂପକ ତୁରୁକ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଆଧୁନିକ ଭାରତର ନିର୍ମାତା ଥିଲେ ବୋଲି ଶ୍ରୀ ତୁରୁକ କହିଥିଲେ। କଂଗ୍ରେସ ନେତା ରମେଶ ଖରାଙ୍କ ସହ ଅନ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଜୟପୁର ମତ୍ସ୍ୟ ଓ ଯାଆଁଳ କେନ୍ଦ୍ରର ପୁନଃଉଦ୍ଧାର କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ଜୟପୁର,୨୧।୫(ସମିସ):**

ମତ୍ସ୍ୟ ନିର୍ଦ୍ଦେଶାଳୟର ଯାନ୍ତ୍ରିକ ବିଭାଜନ ପକ୍ଷରୁ କୋରାପୁଟ ଜିଲ୍ଲା ଜୟପୁର ମତ୍ସ୍ୟ ଓ ଯାଆଁଳ କେନ୍ଦ୍ରର ମରାମତି ଓ ପୁନଃଉଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିୟମତା ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଜୟପୁର ସହରର ଜଗନ୍ନାଥ ସାଗର ପାର୍ଶ୍ୱବର୍ତ୍ତୀ ମତ୍ସ୍ୟ ବିଭାଗର ଜମିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଛୋଟଛୋଟ ପୋଖରୀ ରହିଛି। କିନ୍ତୁ ଅଧିକାଂଶ ପୋଖରୀର ରକ୍ଷଣାବେକ୍ଷଣ ଅଭାବ ଏବଂ ଡ୍ରେନ୍ ଜଳ ପ୍ରବେଶ ଯୋଗୁଁ ନଷ୍ଟ ହୋଇଯାଇଥିବାବେଳେ ଅବ୍ୟବହୃତ ଭାବେ ପଡ଼ିରହିଥିଲା। କିଛି ପୋଖରୀରେ ମାଛଚାଷ ନିମନ୍ତେ ଯାଆଁଳ ଉତ୍ପାଦନ କରାଯାଉଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ଅବ୍ୟବହୃତ ପୋଖରୀଗୁଡ଼ିକୁ ବ୍ୟବହାର ଉପଯୋଗୀ ଏବଂ ମାଛ ଯାଆଁଳ ଉତ୍ପାଦନ କରିବା ସହିତ ମାଛ ଚାଷୀଙ୍କୁ ଉନ୍ନତମାନର ଯାଆଁଳ ଯୋଗାଣ କରିବା ଉଦ୍ଦେଶ୍ୟରେ ଜୟପୁର ମତ୍ସ୍ୟ ଯାଆଁଳ କେନ୍ଦ୍ରର ଅବ୍ୟବହୃତ ପୋଖରୀଗୁଡ଼ିକର ପୁନଃଉଦ୍ଧାର ଭାବେ ମରାମତି ଓ ପଙ୍କ ମାଟି ଉଦ୍ଧାର କାର୍ଯ୍ୟ ନିମନ୍ତେ ୯୯ ଲକ୍ଷ ୯୧ ହଜାର ଟଙ୍କା ଖର୍ଚ୍ଚ ଅଟକଳ ମଞ୍ଜୁର କରିଥିଲେ।



ଏଥିରେ ପ୍ରାୟ ୨୦ଟି ଅବ୍ୟବହୃତ ପୋଖରୀର ଚାରିପାଖ ହୁଡ଼ା ମରାମତି, ସଫେଇ, ୨ ଫୁଟ୍ ଗଭୀର ପଙ୍କ ଏବଂ ମାଟି ଖନନ କାର୍ଯ୍ୟ ଧାର୍ଯ୍ୟ କରାଯାଇଥିଲା। ଟେଣ୍ଡର ଆହ୍ୱାନ ମାଧ୍ୟମରେ ଏଥିରେ ଜନୈକ ଠିକାସଂସ୍ଥା ପକ୍ଷରୁ ୭୧ ଲକ୍ଷ ୨୬ ହଜାର ୨୧୧ ଟଙ୍କା ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ କରାଯାଇଛି । କିନ୍ତୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟରେ ଏହି ମରାମତି ଓ ମାଟି ଖନନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।

ଏହିପରି ଦାୟିତ୍ୱରେ ରହିଥିବା ବିଭାଗୀୟ ଯନ୍ତ୍ରୀ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟସ୍ଥଳରେ ବାରମ୍ବାର ଅନୁପସ୍ଥିତ ରହୁଥିଲେ। ଫଳରେ ଏହାର ସୁଯୋଗ ନେଇ ସମ୍ପୃକ୍ତ ଠିକାସଂସ୍ଥା ପକ୍ଷରୁ କିଛି ଦିନ ପ୍ରୋକଲିନ ମେସିନ ବ୍ୟବହାର କରିବା ସହିତ ପୋଖରୀଗୁଡ଼ିକର ୨ ଫୁଟ ବଦଳରେ ମାତ୍ର ୧ ଫୁଟ୍ କିମ୍ବାର ନାମକୁ ମାତ୍ର ଉପରଠାଉରିଆ ଭାବେ ପଙ୍କୋଦ୍ଧାର ଏବଂ ହୁଡ଼ା ମରାମତି ଭାବେ ଉକ୍ତ ମାଟି ସେହି ହୁଡ଼ାରେ ଢଳାଇ କରାଯାଇ କାର୍ଯ୍ୟଶେଷ କରିଥିଲେ। ଏହିପରି ଅଧିକାଂଶ ପୋଖରୀ ହୁଡ଼ାରେ ସଫେଇ କରାଯାଇ ନ ଥିବା ଯୋଗୁଁ ଘାସ ଏବଂ ଅନାବନା ଗଛଗୁଡ଼ିକ ଉଠିଛି। କାଳବୈଶାଖୀ ବର୍ଷା ଯୋଗୁଁ ପୋଖରୀଗୁଡ଼ିକରେ ଜଳ ଭର୍ତ୍ତି ହେବାରେ ଲାଗିଥିବାବେଳେ କିଛି ପୋଖରୀରେ ପାଇପ୍ ମାଧ୍ୟମରେ ବିଭାଗ ପକ୍ଷରୁ ଅନ୍ୟ ପୋଖରୀରୁ ପାଣି ଆଣି ଭର୍ତ୍ତି କରାଯାଉଛି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ବାବଦକୁ ବିଲ୍ ହୋଇ ନ ଥିବାବେଳେ ବିନା ଯାଞ୍ଚ ଏବଂ ମାପଚୁପରେ ପୋଖରୀଗୁଡ଼ିକର ବିଲ୍ ପ୍ରସ୍ତୁତ କରାଯାଇ ଟଙ୍କା କିଭଳି ପୈଠ କରାଯିବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହିପରି କାର୍ଯ୍ୟ ଦାୟିତ୍ୱରେ ରହିଥିବା ବିଭାଗୀୟ ଅଧିକାରୀ ଏବଂ ଠିକାସଂସ୍ଥା ମିଳିତ ଭାବେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବାକୁ ପ୍ରୟାସ କରାଯାଉଥିବା ନେଇ ଅଭିଯୋଗ ହେଉଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ କିମ୍ବା ଭିଜିଲାନ୍ସ ବିଭାଗ ଦ୍ୱାରା ଯାଞ୍ଚ କରାଗଲେ ପ୍ରକୃତ ସତ୍ୟାସତ୍ୟ ସାଧାରଣରେ ପ୍ରକାଶ ପାଇବ ବୋଲି ଦାବି ହେଉଛି। ନିର୍ମାଣ ଦାୟିତ୍ୱରେ ରହିଥିବା ଯନ୍ତ୍ରୀ ନିରୋଜ ଲୁଗୁନ କହିଛନ୍ତି ଯେ ପଙ୍କ ଉଦ୍ଧାର ଏବଂ ହୁଡ଼ା ମରାମତି କାର୍ଯ୍ୟ ଠିକଠାକ୍ ହୋଇଛି କୌଣସି ଅନିୟମତା ହୋଇନାହିଁ। ଏହିପରି କେତେ ପରିମାଣର ମାଟି ଖୋଳାଯାଇଛି ଏହାର ଲେବଲ ଯାଞ୍ଚ ପରେ ବିଲ୍ କରାଯାଇ ପୈଠ କରାଯିବ।

# ବୁଢ଼ୀ ଠାକୁରାଣୀ ମନ୍ଦିରର ବାର୍ଷିକ ଉତ୍ସବ

**ଜୟପୁର,୨୧।୫(ସମିସ):** ଜୟପୁର ସହରର ଇରିଗେସନ କଲୋନୀଠାରେ ଦେବୀ ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରର ୨୮ତମ ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଗତ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମ ଭୋରରୁ ପୁରୋହିତମାନଙ୍କ ଦ୍ୱାରା ରୀତିନୀତିରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ସହିତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନରେ ପ୍ରସାଦସେବନରେ ଇରିଗେସନ କଲୋନୀ, ଲିଙ୍ଗରାଜ ନଗର ଏବଂ ଅନ୍ୟାନ୍ୟ ଆଖପାଖ ଅଞ୍ଚଳର ହଜାରେରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନାରେ କମିଟିର ସଦସ୍ୟ ଏବଂ ସ୍ଥାନୀୟ ଯୁବକମାନେ ସହାୟତା କରିଥିଲେ।



# ଶୁଖ୍‌ଲାଣି ପଦ୍ମ ବନ୍ଧ: ବିଜେପିରେ ଭାଳେଣି



୨୦୨୪ ନିର୍ବାଚନ ପୂର୍ବରୁ ସହଯୋଗୀ ଖୋଜିବାରେ ବ୍ୟଗ୍ରତା ଓ ପରବର୍ତ୍ତୀ ସମୟରେ ଗୋଟିଏ ଗୋଟିଏ ଆସନରେ ଜିତିବା ପାଇଁ ବିଜେପିର ବ୍ୟଗ୍ରତାକୁ ନେଇ ଏବେ ରାଜନୈତିକ ବିଶ୍ଳେଷକମାନେ ଗଭୀର ଭାବରେ ତର୍ଜମା କରୁଛନ୍ତି। 'ଅବକି ବାର୍ ୪୦୦ ପାର୍' ସ୍ଲୋଗାନ କେବଳ ଫମ୍ପା ଆୱାଜ ଓ ୨୦୧୯ର ସ୍ଥିତି ବଞ୍ଚାଇବାକୁ ଏହା ବିଜେପିର ଏକ ଯୋଜନାବଦ୍ଧ ଉଦ୍ୟମ ଥିଲା ବୋଲି କୁହାଯାଉଛି। ଏପରିକି ନିର୍ବାଚନ ପୂର୍ବରୁ ବିଜେପି କର୍ଣ୍ଣାଟକରେ କୁମାରସ୍ୱାମୀ, ମହାରାଷ୍ଟ୍ରରେ ଅଜିତ୍ ପାୱାର, ଆନ୍ଧ୍ରରେ ଚନ୍ଦ୍ରବାବୁ ନାଇଡୁ ଓ ପୱନ କଲ୍ୟାଣ, ଉତ୍ତରପ୍ରଦେଶରେ ଜୟନ୍ତ ଚୌଧୁରୀଙ୍କ ସହ ମେଣ୍ଟ ଓ ଓଡ଼ିଶାରେ ବିଜେଡି ସହ ମେଣ୍ଟ ନିମନ୍ତେ ଆଗ୍ରହ ପଛର ରହସ୍ୟ ଏବେ ଧୀରେଧୀରେ ସ୍ପଷ୍ଟ ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଦେଶରେ ଅନୁଷ୍ଠିତ ୪୨୮ ଲୋକସଭା ଆସନରୁ ବିଜେପିକୁ ଅର୍ଦ୍ଧେକ ଆସନ ବି ମିଳିପାରି ନାହିଁ। ଦକ୍ଷିଣ ଭାରତର ପ୍ରାୟ ୨୦୦ ଆସନ ମଧ୍ୟରୁ ବିଜେପିକୁ ଅତି ବେଶୀରେ ୨୦ଟି ଆସନ ମିଳିବା ସମ୍ଭାବନା ଥିବାବେଳେ ଉତ୍ତର, ପୂର୍ବ ଓ ପଶ୍ଚିମ ଭାରତରେ ଅନୁଷ୍ଠିତ ଆସନଗୁଡ଼ିକ ମଧ୍ୟରୁ ବିଜେପି ଗତ ଲୋକସଭା ଆସନ ତୁଳନାରେ ୨୫% ଆସନ ହରାଇ ସାରିଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଦୁଇ ପର୍ଯ୍ୟାୟରେ ଅବଶିଷ୍ଟ ୧୧୫ ଆସନ ମଧ୍ୟରୁ ବିଜେପି ଅନ୍ୟୂନ ୬୦ ଆସନରେ ବିଜୟୀ ନ ହେଲେ ଦଳ କେନ୍ଦ୍ରରେ କ୍ଷମତା ଦଖଲ କରିପାରିବ ନାହିଁ। ସେଥିପାଇଁ ଦଳକୁ ଏହି ସଂଖ୍ୟକ ଆସନ ଜିତିବା ପାଇଁ ବିଜେପି ନିଜର ସବୁ କ୍ଷମତା ଲଗାଇ ଦେଇଛି।

ବିଭିନ୍ନ ରାଜ୍ୟରୁ ମିଳିଥିବା ସୂତ୍ର, ସମ୍ବାଦ ସରବରାହ ସଂସ୍ଥାର ରିପୋର୍ଟ, ମତଦାନ ହାର ଓ ଦଳୀୟ ସ୍ଥିତିକୁ ଦୃଷ୍ଟିରେ ରଖିଲେ ବିଜେପିର ଗଡ଼ କୁହାଯାଉଥିବା ହିନ୍ଦୀ ବଳୟରେ ଦଳ ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। କେବଳ ଗୁଜରାଟକୁ ଛାଡ଼ିଦେଲେ ଅନ୍ୟ ରାଜ୍ୟଗୁଡ଼ିକରେ ଦଳର ପ୍ରଦର୍ଶନ ଫିକା। ଉତ୍ତରପ୍ରଦେଶର ପୂର୍ବାଞ୍ଚଳରେ ଦଳ ଆପାତତଃ ଭଲ ପ୍ରଦର୍ଶନ କରିଛି, କିନ୍ତୁ ପଶ୍ଚିମ ଉତ୍ତରପ୍ରଦେଶରେ ଦଳ କଂଗ୍ରେସ-ସପା ମେଣ୍ଟ ପକ୍ଷରୁ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛି। ଗତ ନିର୍ବାଚନରେ ବିଜେପି ଉତ୍ତରପ୍ରଦେଶର ୮୦ଟି ଲୋକସଭା ଆସନରୁ ୬୨ରେ ବିଜୟୀ ହୋଇଥିଲା। ଚଳିତ ନିର୍ବାଚନରେ ଏହା ୫୦ ଯାଏ ଖସି ଆସିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ବିହାରରେ ଏନ୍‌ଡ଼ିଏ ମେଣ୍ଟ ୪୦ ଆସନରୁ ଗତ ନିର୍ବାଚନରେ ୩୯ଟି ଆସନ ପାଇଥିବାବେଳେ ଚଳିତ ନିର୍ବାଚନରେ ଏହା ୨୫ରୁ ୨୭ ମଧ୍ୟରେ ସୀମିତ ରହିବା ଆକଳନ କରାଯାଉଛି। ରିପୋର୍ଟ ଅନୁସାରେ ପଶ୍ଚିମବଙ୍ଗରେ ୨୦୧୯ ନିର୍ବାଚନରେ ବିଜେପି ୧୮ଟି ଆସନ ପାଇଥିବାବେଳେ ଚଳିତ ନିର୍ବାଚନରେ ଏଠାରେ ୪ରୁ ୬ଟି ଆସନ ହରାଇପାରେ। ଅନୁରୂପ ଭାବରେ ମଧ୍ୟପ୍ରଦେଶ, ରାଜସ୍ଥାନରେ ମଧ୍ୟ ଦଳ ପୂର୍ବାପେକ୍ଷା ଅଧା ଆସନ ହରାଇବା ଆଶଙ୍କା ରହିଛି। କର୍ଣ୍ଣାଟକରେ ଗତ ନିର୍ବାଚନରେ ୨୫ ଆସନ ପାଇଥିବା ବିଜେପି ଚଳିତ ନିର୍ବାଚନରେ ଅନ୍ୟୂନ ୧୦ଟି ଆସନ ହରାଇପାରେ ବୋଲି ବିଭିନ୍ନ ରାଜନୈତିକ ସମୀକ୍ଷକ ଆକଳନ କରିଛନ୍ତି।

ରାଜ୍ୟରେ ବିଜେପି ସରକାର ସତ୍ତ୍ୱେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଦଳ ଆଶାନୁରୂପ ପ୍ରଦର୍ଶନ କରି ପାରି ନ ଥିବା ରିପୋର୍ଟ ମିଳୁଛି। ଉଭୟ ରାଜ୍ୟରେ ଦଳକୁ ଅନ୍ୟୂନ ୧୨ରୁ ୧୫ଟି ଆସନରେ କ୍ଷତି ସହିବାକୁ ପଡ଼ିବ ବୋଲି କୁହାଯାଉଛି। ଯାହା କି ଦଳର ଶୀର୍ଷ ନେତୃତ୍ୱ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଗତ ନିର୍ବାଚନରେ ଝାଡ଼ଖଣ୍ଡରୁ ବିଜେପି ୧୧ଟି ଆସନ ପାଇଥିଲା, ଚଳିତ ନିର୍ବାଚନ ପୂର୍ବରୁ ହେମନ୍ତ ସୋରେନ୍‌ଙ୍କ ଗିରଫଦାରୀ ଇଣ୍ଡି ମେଣ୍ଟ ସପକ୍ଷରେ ନୂଆ ବାତାବରଣ ସୃଷ୍ଟି କରିଛି। ଦଳ ଏଠାରେ ଅତି ବେଶୀରେ ୭ରୁ ୮ଟି ଆସନରେ ବିଜୟୀ ହୋଇପାରେ ଓ ଅନ୍ୟୂନ ୩ଟି ଆସନ ହରାଇପାରେ। ଦିଲ୍ଲୀରେ ମଧ୍ୟ ସମାନ ସ୍ଥିତି। ଗତ ନିର୍ବାଚନରେ ୭ରୁ ୭ ଆସନରେ ବିଜୟୀ ହୋଇଥିବା ବିଜେପି ଏଥର ୨ରୁ ୩ଟି ଆସନ ହରାଇପାରେ।

୫ ପର୍ଯ୍ୟାୟ ନିର୍ବାଚନ ପରେ ଆଉ ମାତ୍ର ୧୧୫ଟି ଆସନରେ ନିର୍ବାଚନ ହେବାକୁ ବାକି ଅଛି। ଏହାମଧ୍ୟରୁ ଉତ୍ତରପ୍ରଦେଶରେ ୨୭, ବିହାରରେ ୧୬, ଝାଡ଼ଖଣ୍ଡରେ ୭, ଦିଲ୍ଲୀରେ ୭, ହରିଆଣାରେ ୧୦, ପଞ୍ଜାବରେ ୧୩, ପଶ୍ଚିମବଙ୍ଗରେ ୧୭, ହିମାଚଳରେ ୪, ଓଡ଼ିଶାରେ ୧୨ ରହିଛି। ଅନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଅଳ୍ପ କିଛି ଆସନରେ ନିର୍ବାଚନ ହେବାକୁ ବାକି ଅଛି। ତେବେ ଏହି ଆସନଗୁଡ଼ିକ ବିଜେପି ପାଇଁ ସବୁଠାରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷକରି ଉତ୍ତରପ୍ରଦେଶର ୨୭ ଆସନରେ ବିଜେପିକୁ 'ଇଣ୍ଡି' ମେଣ୍ଟ ପକ୍ଷରୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିଛି। କଂଗ୍ରେସ ଓ ସମାଜବାଦୀ ପାର୍ଟି ମିଳିତ ଭାବରେ ଏହି ଆସନଗୁଡ଼ିକରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହରିଆଣାରେ ଗତ ନିର୍ବାଚନରେ ବିଜେପି ସମସ୍ତ ୧୦ଟି ଆସନରେ ବିଜୟୀ ହୋଇଥିଲା। ମାତ୍ର ଦଳୀୟ ଅର୍ନ୍ତଦ୍ୱନ୍ଦ୍ୱ ଏହି ରାଜ୍ୟରେ ବିଜେପି ପାଇଁ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ୧୦ଟି ଆସନ ମଧ୍ୟରୁ ବିଜେପି ସମସ୍ତ ୧୦ ଆସନରେ ବିଜୟୀ ହୋଇଥିଲା। ମାତ୍ର ଚଳିତ ନିର୍ବାଚନରେ ଦଳ ଅନ୍ୟୂନ ୪ରୁ ୫ଟି ଆସନ ହରାଇବା ଆଶଙ୍କା ରହିଛି। ପଞ୍ଜାବରେ ବିଜେପିର ସ୍ଥିତି ଅତ୍ୟନ୍ତ ଦୁର୍ବଳ ଓ ଆପ୍ ଏଠାରେ ଡ୍ରାଇଭିଂ ସିଟ୍‌ରେ ରହିଛି। ପଶ୍ଚିମବଙ୍ଗରେ ଅବଶିଷ୍ଟ ୧୭ ଆସନକୁ ଦଖଲ ପାଇଁ ମମତା ନିଜର ପୁରା ଦମ୍ ଲଗାଇ ଦେଇଛନ୍ତି। ସନ୍ଦେଶଖାଲି ଘଟଣା ଫିକା ପଡ଼ିବା ପରେ ମମତା ବେଶ୍ ଆଗରେ ଥିବା ଚର୍ଚ୍ଚା ହେଉଛି। ଦିଲ୍ଲୀରେ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରୀ ବିଜେପି ପାଇଁ କ୍ଷତିକାରକ ହୋଇଛି। ଏଠାରେ ଦଳ ନିଜର ଆସନ ବଜାୟ ରଖିବା କଷ୍ଟକର ହୋଇ ପଡ଼ିଛି।

ଅନ୍ୟପକ୍ଷରେ ଓଡ଼ିଶାରେ ବିଜେପି ନିଜର ସବୁ କଳବଳ ପ୍ରୟୋଗ ସତ୍ତ୍ୱେ ବିଶେଷ ଅଗ୍ରଗତି ହାସଲ କରିବାରେ ବ୍ୟର୍ଥ ହୋଇଛି। ଡ଼ବଲ ଇଞ୍ଜିନ ଗ୍ୟାରେଣ୍ଟି ଓଡ଼ିଶାବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ। ନବୀନ ଇଞ୍ଜିନର ଦକ୍ଷତା ଉପରେ ରାଜ୍ୟବାସୀ ପୁରା ଭରସା ରଖିଛନ୍ତି ଓ ଅବଶିଷ୍ଟ ସମସ୍ତ ୧୨ ଲୋକସଭା ଆସନକୁ ଦଖଲ ନିମନ୍ତେ ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରସ୍ତୁତ କରିଥିବା ରଣନୀତି ବିଜେପିର ଆଶା ମଉଳାଇ ଦେଇଛି। ଜାତି, ଧର୍ମ, ସମ୍ପ୍ରଦାୟ ଓ ଭାଷା ରାଜନୀତି ଓଡ଼ିଶାରେ ଅତୀତରେ ସଫଳ ହୋଇଥିବାର ଉଦାହରଣ ନାହିଁ। ତେଣୁ ଚଳିତ ନିର୍ବାଚନରେ ଏହା ବିଶେଷ ଫଳକ ପକାଇବ ନାହିଁ ବୋଲି କୁହାଯାଉଛି।

**ହିନ୍ଦି ବଳୟରୁ ବିଜେପି ହରାଇପାରେ ଏକ ଚତୁର୍ଥାଂଶ ଆସନ**

**ଆଗାମୀ ଦୁଇ ପର୍ଯ୍ୟାୟ ଉପରେ ନିର୍ଭର କରୁଛି ବିଜେପିର ଭାଗ୍ୟ**

**ଏମ୍‌ପି, ୟୁପି, ରାଜସ୍ଥାନ, କର୍ଣ୍ଣାଟକରେ ବିଜେପି ସ୍ଥିତି ଖରାପ**

**ପଶ୍ଚିମ ଉତ୍ତରପ୍ରଦେଶ, ବିହାର, ହରିଆଣାରେ ବିପୁଳ କ୍ଷତି ଆଶଙ୍କା**

**ବ୍ୟାପକ ପ୍ରଚାର ସତ୍ତ୍ୱେ ଦିଲ୍ଲୀ, ଝାଡ଼ଖଣ୍ଡ, ଓଡ଼ିଶାରେ ସ୍ଥିତି ଗମ୍ଭୀର**

**ଦକ୍ଷିଣ ଭାରତର କିଛି ଆସନରେ ବିଜୟ ଆଶା ଏକମାତ୍ର ଆଶ୍ୱାସନା**

## ବିଜେପିକୁ ଚିନ୍ତା ଭୋଟ ହାର ହ୍ରାସ

ସାରା ଦେଶରେ ଭୋଟ ହାର ହ୍ରାସ ବିଜେପି ପାଇଁ ସବୁଠାରୁ ଚିନ୍ତାର କାରଣ ହୋଇଛି। ନିର୍ବାଚନ ଅନୁଷ୍ଠିତ ହୋଇଥିବା ୪୨୮ ଆସନ ମଧ୍ୟରୁ ପ୍ରାୟ ତିନି ଚତୁର୍ଥାଂଶ ଆସନରେ ୨%ରୁ ୧୦% ପର୍ଯ୍ୟନ୍ତ ମତଦାନ ହାର ହ୍ରାସ ପାଇଛି। ଯେଉଁଥିପାଇଁ ବିଜେପି ବିଶେଷ ଚିନ୍ତିତ ବୋଲି କୁହାଯାଉଛି। ୧୯୮୦ରୁ ୨୦୦୪ ମସିହା ମଧ୍ୟରେ ୫ଟି ସାଧାରଣ ନିର୍ବାଚନରେ ଭୋଟ ହାର ହ୍ରାସ ୪ଥର କେନ୍ଦ୍ରରେ ସରକାର ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଛି। ଏପରିକି ୨୦୦୪ରେ ତତ୍‌କାଳୀନ ବିଜେପି ସରକାର ସପକ୍ଷରେ ସମଗ୍ର ଦେଶବ୍ୟାପୀ ହାୱା ଥିବାବେଳେ ଭୋଟ ହାର ହ୍ରାସ ସରକାର ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲା। ଏହା ହିଁ ବିଜେପି ପାଇଁ ଚିନ୍ତାର କାରଣ ହୋଇଛି।

୧୯୫୭ରୁ ୨୦୧୯ ମଧ୍ୟରେ ଦେଶରେ ୧୬ଟି ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ନିର୍ବାଚନ ମଧ୍ୟରୁ ୬ଥର ମତଦାନ ହ୍ରାସ ପାଇଛି ଓ ୧୦ ଥର ପୂର୍ବାପେକ୍ଷା ବୃଦ୍ଧି ପାଇଛି। ୧୦ଥର ମତଦାନ ବୃଦ୍ଧି ସମୟରେ କ୍ଷମତାସୀନ ଦଳ ୬ ବାର ପୁନର୍ବାର ସରକାରକୁ ଫେରିଛି ଓ ୪ଥର ସରକାର ପରିବର୍ତ୍ତନ ହୋଇଛି। ତେବେ ଯେଉଁ ୬ଥର ମତଦାନ ହ୍ରାସ ପାଇଛି, ସେଥିରୁ ୪ ଥର ସରକାର ପରିବର୍ତ୍ତନ ଘଟିଛି। ୧୯୮୦ ମସିହାରେ ଭୋଟ ହାର ୩.୫୭% ହ୍ରାସ ଶାସକ ଜନତା ପାର୍ଟି ପାଇଁ ଅଭିଶାପ ପାଲଟିଥିଲା। ନିର୍ବାଚନ ଫଳ କଂଗ୍ରେସ ସପକ୍ଷରେ ଯାଇଥିଲା।

୧୯୮୯ ମସିହାରେ ଭୋଟ ହାର ମାତ୍ର ୬୧.୯୫% ରହିଥିଲା ଓ ପୂର୍ବ ନିର୍ବାଚନଠାରୁ ଏହା ୨.୦୬% ହ୍ରାସ ପାଇଥିଲା। କ୍ଷମତାସୀନ କଂଗ୍ରେସ ଦଳ ପରାଭବର ସମ୍ମୁଖୀନ ହୋଇଥିଲା। କ୍ଷମତାକୁ ଜନତା ଦଳ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲା। ୧୯୯୧ ମସିହାରେ ଭୋଟ ହାର ହ୍ରାସ ପୁଣି କେନ୍ଦ୍ରରେ କ୍ଷମତାସୀନ ରାଜନୈତିକ ଦଳ ପାଇଁ ଅଭିଶାପ ପାଲଟିଥିଲା। ୫.୨୨% ଭୋଟ ହାର ହ୍ରାସ ଯୋଗୁଁ ଜନତା ଦଳ କ୍ଷମତା ହରାଇଥିଲା ଓ କଂଗ୍ରେସ ପୁନର୍ବାର କ୍ଷମତାସୀନ ହୋଇଥିଲା। ୨୦୦୪ ମସିହାରେ ଦେଶରେ ମତଦାନ ହାର ମାତ୍ର ୫୮.୦୭%ରେ ଅଟକି ଯାଇଥିଲା। ପୂର୍ବ ନିର୍ବାଚନଠାରୁ ଭୋଟ ହାର ୨% କମିଥିଲା ଓ ଲୋକପ୍ରିୟ ବାଜପେୟୀ ସରକାରର ପତନ ଘଟିଥିଲା। କ୍ଷମତାସୀନ ହୋଇଥିଲା କଂଗ୍ରେସ ନେତୃତ୍ୱାଧୀନ ୟୁପିଏ।



## ୨% ଭୋଟ ହ୍ରାସ ଯୋଗୁଁ ବିଜେପି ହରାଇଥିଲା ୮୪ ଆସନ

୨୦୦୪ ମସିହାରେ ଲୋକପ୍ରିୟ ବାଜପେୟୀ ସରକାର ପତନ ପଛରେ ମାତ୍ର ୨% ଭୋଟ ନିର୍ଣ୍ଣାୟକ ହୋଇଥିଲା। ୩୦ ହଜାରରୁ କମ୍ ଭୋଟରେ ଦଳ ୮୪ଟି ଆସନ ହରାଇଥିଲା। ୧୦୦୦୦ରୁ କମ୍ ଭୋଟ ବ୍ୟବଧାନରେ ଦଳ ୧୮ଟି ଆସନ ହରାଇଥିବାବେଳେ ୧୦ହଜାରରୁ ୧୫ ହଜାର ବ୍ୟବଧାନରେ ଦଳ ହରାଇଥିଲା ୧୫ଟି ଆସନ। ସେହିପରି ୧୫ ହଜାରରୁ ୨୦ ହଜାର ବ୍ୟବଧାନରେ ୧୮ଟି ଓ ୨୦ରୁ ୨୫ ହଜାର ଭୋଟ ବ୍ୟବଧାନରେ ବିଜେପି ୨୦ଟି ଆସନ ହରାଇଥିଲା। ସେହିପରି ୨୫ ହଜାରରୁ ୩୦ ହଜାର ବ୍ୟବଧାନରେ ବିଜେପି ୧୩ଟି ଆସନରେ ପରାଜିତ ହୋଇଥିଲା। ମାତ୍ର ୨% ଭୋଟ ହାର ହ୍ରାସ ଏକ କ୍ଷମତାସୀନ ଦଳକୁ ବିପକ୍ଷରେ ବସିବାକୁ ବାଧ୍ୟ କରିଥିଲା। ଏହି ପରିପ୍ରେକ୍ଷୀରେ ଚଳିତ ନିର୍ବାଚନରେ ଯେଉଁଠି ୧୦% ପର୍ଯ୍ୟନ୍ତ ଭୋଟ ହାର ହ୍ରାସ ପାଇବା କ୍ଷମତାସୀନ ବିଜେପି ପାଇଁ ଚିନ୍ତାର କାରଣ ହୋଇଛି।

## ବିଜେପିର '୪୦୦ ପାର୍' ଅବାସ୍ତବ: ପ୍ରଶାନ୍ତ କିଶୋର

ଚଳିତ ଲୋକସଭା ନିର୍ବାଚନରେ ବିଜେପି ୩୭୦ରୁ ଅଧିକ ଏବଂ ଏନ୍‌ଡିଏ ୪୦୦ରୁ ଊର୍ଦ୍ଧ୍ୱ ଆସନ ଜିତିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରିଛନ୍ତି। ତେବେ ରାଜନୈତିକ ବିଶ୍ଳେଷକ ପ୍ରଶାନ୍ତ କିଶୋର ଏହି ଦାବିକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଛନ୍ତି। ସେ ମଙ୍ଗଳବାର ଏକ ସାକ୍ଷାତକାରରେ କହିଛନ୍ତି ଯେ ବିଜେପିକୁ ୩୭୦ରୁ ଅଧିକ ଆସନ ମିଳିବ ନାହିଁ। ଏତିକି ଆସନ ଜିତିବା ଏହି ଦଳ ପକ୍ଷେ ସମ୍ଭବ ନୁହେଁ। କର୍ମୀଙ୍କ ମନୋବଳ ବଢ଼ାଇବା ପାଇଁ ଏଭଳି ସ୍ଲୋଗାନ ଦିଆଯାଉଛି। ଏବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ସେତେ ଜନଅସନ୍ତୋଷ ନାହିଁ। ମୋଦୀ ଏବଂ ବିଜେପି ଉପରେ ଲୋକେ ବହୁତ କମ୍ ଅସନ୍ତୁଷ୍ଟ ଅଛନ୍ତି। ମାତ୍ର ଏହା ଏ ପର୍ଯ୍ୟନ୍ତ ଖୋଲାଖୋଲି ଭାବେ ସାମ୍ନାକୁ ଆସିନାହିଁ। ତେଣୁ ସଂସଦୀୟ ନିର୍ବାଚନ ଫଳାଫଳ ଗତ ଥର (୨୦୧୯) ଭଳି ରହିବ। ବିଜେପି ୨୭୦ରୁ କମ୍ ଆସନ ପାଇବ ନାହିଁ। ଦଳ ୩୦୩ କିମ୍ବା ଏହାଠାରୁ ଟିକେ ଅଧିକ ଆସନ ପାଇବ। ଏହି ନିର୍ବାଚନରେ ଉତ୍ତର ଏବଂ ପଶ୍ଚିମ କ୍ଷେତ୍ରରେ ବିଜେପିର ସେଭଳି କ୍ଷତି ହେଉନାହିଁ। ମାତ୍ର ଦକ୍ଷିଣ ଏବଂ ପୂର୍ବ (ବିହାର, ପଶ୍ଚିମବଙ୍ଗ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ କେରଳ ଆଦି) ରେ ଆସନ ସଂଖ୍ୟା ବୃଦ୍ଧି ପାଇପାରେ। ସେହିପରି ମହାରାଷ୍ଟ୍ରରେ ବିଜେପିକୁ ୨୦ରୁ ୨୫ ଆସନ ମିଳିବ। ଏଭଳି ସ୍ଥିତିରେ ଯଦି ବିରୋଧୀ ୨୫ ଆସନରେ ବିଜୟୀ ହୁଅନ୍ତି ତେବେ ବିଜେପିର କୌଣସି କ୍ଷତି ହେବନାହିଁ। କାରଣ ଏବେ ବିଜେପି ପାଖରେ ମହାରାଷ୍ଟ୍ରର ୪୮ରୁ ୨୩ ଆସନ ରହିଛି। ଏଭଳି ସ୍ଥିତିରେ ବିରୋଧୀ ଅଧିକ ଆସନ ଜିତିଲେ ବିଜେପିକୁ କୌଣସି ଫରକ ପଡ଼ିବ ନାହିଁ। ଉତ୍ତର ପ୍ରଦେଶରେ ମଧ୍ୟ ସମାନ ସ୍ଥିତି ରହିଛି। ଏଠାରେ ବିରୋଧୀ ୪୦ରୁ ଅଧିକ ଆସନ ଜିତିପାରିଲେ ହିଁ ବିଜେପି ଉପରେ ପ୍ରଭାବ ପଡ଼ିବ।

**ତୃତୀୟ କାର୍ଯ୍ୟକାଳରେ ରାଜ୍ୟମାନଙ୍କ ଆର୍ଥିକ ସ୍ୱାଧୀନତାରେ କଟକଣା ଲଗାଯାଇପାରେ**

ପ୍ରଧାନମନ୍ତ୍ରୀ ମୋଦୀଙ୍କ ତୃତୀୟ କାର୍ଯ୍ୟକାଳ ଉପରେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଏହି ସମୟରେ ପେଟ୍ରୋଲିୟମକୁ ଜିଏସ୍‌ଟି ଅଧିନରେ ସାମିଲ କରାଯାଇପାରେ। ରାଜ୍ୟର ଆର୍ଥିକ ସ୍ୱାଧୀନତା ଉପରେ କଟକଣା ଲଗାଯାଇପାରେ। କ୍ଷମତା ଏବଂ ସମ୍ବଳର କେନ୍ଦ୍ରୀକରଣ ହୋଇପାରେ। ଏହା ବ୍ୟତୀତ ରାଜ୍ୟ ସମ୍ବନ୍ଧିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ।



## ବିଜେପି ପ୍ରାର୍ଥୀଙ୍କ ବିରୋଧରେ ଏତଲା

କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ତଥା ହରିୟାଣା ଫରିଦାବାଦର ବିଜେପି ପ୍ରାର୍ଥୀ କୃଷ୍ଣ ପାଲ ଗୁର୍ଜର ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି। ଆଇଏନଏଲଡି ପ୍ରାର୍ଥୀ ସୁନୀଲ ତେୱତିଆଙ୍କ ଅଭିଯୋଗ ପରେ ନିର୍ବାଚନ କମିଶନ (ଇସି) ତାଙ୍କ ବିରୋଧରେ ଏତଲା ରୁଜୁ କରିଛନ୍ତି। ଗୁର୍ଜର ବେଆଇନ ଭାବେ କୋଠା, ଖମ୍ବ ଏବଂ ରାସ୍ତାରେ ରାଜନୈତିକ ପୋଷ୍ଟର, ହୋର୍ଡିଂ ଏବଂ ବିଜ୍ଞାପନ ଲଗାଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ଇସି ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି ସ୍ପଷ୍ଟୀକରଣ ମାଗିଥିଲେ। କିନ୍ତୁ ସେ ଜବାବ ନ ଦେବାରୁ ଡବୁଆ ଥାନାରେ ଏତଲା ରୁଜୁ କରାଇ ଥିଲେ। ସେହିପରି ଆଇଏନଏଲଡି ପ୍ରାର୍ଥୀଙ୍କ ବିରୋଧରେ ବଲ୍ଲଭଗଡ଼ ଥାନାରେ ମାମଲା ରୁଜୁ ହୋଇଛି। ପ୍ରଥମ ଏତଲା ଅନୁଯାୟୀ କୃଷ୍ଣ ପାଲ ଗୁର୍ଜର ସେକ୍ଟର ୨୮ ରେ ବେଆଇନ ଭାବେ ପୋଷ୍ଟର ମାରିଥିଲେ। ଜଣେ ବରଙ୍କ ଘରେ ମଧ୍ୟ ବିଜେପି ପତାକା ଲଗାଇ ଦେଇଥିଲେ। ସେହିପରି ସୁନୀଲଙ୍କ ହୋର୍ଡିଂ ଦୟାଲପୁର ଗ୍ରାମର ବିଜୁଳି ଖୁଣ୍ଟରେ ଲଗା ଯାଇଥିଲା। ଏହାକୁ ନେଇ ଗତ ୧୬ ତାରିଖରେ ଇସି ତାଙ୍କୁ ନୋଟିସ ଜାରି କରି ଜବାବ ମାଗିଥିଲେ। ମାତ୍ର ସୁନୀଲ ଏ ପର୍ଯ୍ୟନ୍ତ ତାହାର ଜବାବ ଦେଇ ନ ଥିଲେ।



## ଉତ୍ତରପ୍ରଦେଶର ଆଦିବାସୀ ଗାଁରେ ଶତପ୍ରତିଶତ ମତଦାନ

ବର୍ତ୍ତମାନ ଦେଶରେ ସାଧାରଣ ନିର୍ବାଚନ ଚାଲୁଥିବା ବେଳେ ନିର୍ବାଚନ ଆୟୋଗଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଦଳ ପର୍ଯ୍ୟନ୍ତ ସବୁ ବର୍ଗ ଭୋଟରମାନଙ୍କୁ ସେମାନଙ୍କ ମତଦାନ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ବିଶାଳ ଭୋଟର ସଂଖ୍ୟାକୁ ନେଇ ବିଦେଶୀ ଗଣମାଧ୍ୟମରେ ପ୍ରଶଂସା କରାଯାଉଥିବା ବେଳେ ଗଣତନ୍ତ୍ରର ଏହି ମହାନପର୍ବରେ ସାମିଲ ହେବାକୁ ବିଭିନ୍ନ ସୂତ୍ରରେ ପ୍ରଚାର କରାଯାଉଛି । ଏହାସତ୍ତ୍ୱେ ଚଳିତ ନିର୍ବାଚନରେ ପୂର୍ବ ତୁଳନାରେ କିଛିଟା ଫରକ ଦେଖିବାକୁ ମିଳିଛି। ଭୋଟ ପ୍ରତିଶତ ହାର ଏବେ ବି ଉତ୍ସାହଜନକ ରହି ନାହିଁ ।ତେବେ ଉତରପ୍ରଦେଶର ଲଳିତପୁର ମହାରୌନୀ ସୋଲଦା ଭଳି ଏକ ଆଦିବାସୀ ବହୁଳ ଗ୍ରାମରେ ଏକ ଭିନ୍ନତା ଦେଖିବାକୁ ମିଳିଛି ।ଏଠାରେ ଶତ ପ୍ରତିଶତ ମତଦାନ ହୋଇଛି। ଏହି ଆଦିବାସୀ ବହୁଳ ଗ୍ରାମର ଜଣେ ବ୍ୟକ୍ତି ବେଙ୍ଗାଲୁରରେ ଚାକିରି କରୁ ଥିଲେ ହେ ସେ ତାଙ୍କର ମତଦାନ କରିବାକୁ ଭୁଲିନାହାନ୍ତି। ସେ ବିମାନ ଯୋଗେ ଆସି ଠିକଣା ସମୟରେ ଭୋଟ ଦାନ କରି ପ୍ରତ୍ୟାବର୍ତନ କରିଛନ୍ତି । ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ମତଦାନ କେନ୍ଦ୍ରରେ ୩୭୫ ଭୋଟର ମତଦାନ କରିଛନ୍ତି। ଏଥିରେ ୧୯୮ ପୁରୁଷ ଓ ୧୭୭ ମହିଳା ଭୋଟର ସାମିଲ ରହିଥିଲେ। ଶେର ସିଂ ଯାଦବ ନାମକ ଏକ ବ୍ୟକ୍ତି ଏହା ପରେ ବେଙ୍ଗାଲୁରରୁ ଆସି ଭୋଟ ଦେଇଥିଲେ। ଡିଏମ ଅକ୍ଷୟ ତ୍ରିପାଠୀ ଶତ ପ୍ରତିଶତ ଭୋଟ ଦାନ ଦେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି । ବୁନ୍ଦନୀରେ ମଧ୍ୟ ୩୫୫ ବୁଥରେ ଶତ ପ୍ରତିଶତ ମତଦାନ ହୋଇଛି। ଏହି ଘଟଣା ପ୍ରସାରିତ ହେବା ପରେ ଏବେ ଏହି ଦୁଇ ଗ୍ରାମକୁ ନେଇ ଆଲୋଚନା ଜୋର ଧରିଛି ।





**ଭୋଟ ପାଇଁ**

## ସାଂପ୍ରଦାୟିକ ବିଭେଦ ସୃଷ୍ଟି କରୁଛନ୍ତି ମୋଦୀ: ଖଡ଼୍‌ଗେ

ଆର୍ଥିକ କ୍ଷେତ୍ରରେ ସମସ୍ତ ପଛୁଆ ବର୍ଗର ଲୋକଙ୍କୁ ସଂରକ୍ଷଣ ଦେବାକୁ କଂଗ୍ରେସ ପ୍ରସ୍ତୁତ ରହିଛି। କିନ୍ତୁ ବିଜେପି ଏହାକୁ ହିନ୍ଦୁ-ମୁସଲିମ ପ୍ରସଙ୍ଗ କରି ଭୋଟରଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଛି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି। ଚଳିତ ନିର୍ବାଚନରେ ବିରୋଧୀ ନିଯୁକ୍ତି ଓ ଶିକ୍ଷାକୁ ପ୍ରମୁଖ ପ୍ରସଙ୍ଗ କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଚାର କରିବା ବେଳେ ଅଭିଯୋଗ କରୁଛନ୍ତି ଯେ , କଂଗ୍ରେସ କ୍ଷମତାକୁ ଆସିଲେ ଦଳିତ ଓ ଆଦିବାସୀଙ୍କ ପାଇଁ ଉପଲବ୍ଧ ଥିବା ସଂରକ୍ଷଣ ବ୍ୟବସ୍ଥାକୁ ମୁସଲିମମାନଙ୍କୁ ଦେଇ ଦେବ। ମୋଦୀଙ୍କ ଏହି କଥାକୁ କଂଗ୍ରେସ ଦୃଢଭାବେ ଖଣ୍ଡନ କରୁଛି। ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ଇଣ୍ଡି ମେଣ୍ଟ ନିଷ୍ପତି ନେଇଛି ସରକାରକୁ ଆସିଲେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଓ ପଛୁଆ ଥିବା ସମସ୍ତ ବ୍ୟକ୍ତିଙ୍କୁ ସଂରକ୍ଷଣ ପ୍ରଦାନ କରାଯିବ। ବିଜେପି ଅଭିଯୋଗକୁ ଖଣ୍ଡନ କରି ସମ୍ବିଧାନରେ କ'ଣ ଧର୍ମ ଆଧାରରେ ମୁସଲିମମାନଙ୍କୁ ସଂରକ୍ଷଣ ଦିଆଯିବ ବୋଲି କୁହାଯାଇଛି କି ବୋଲି ଖଡଗେ ପ୍ରଶ୍ନ କରିଛନ୍ତି। ଏକଥା କଂଗ୍ରେସର ନିର୍ବାଚନୀ ଇସ୍ତାହାରରେ ରହିଛି କି? ଯେଉଁ ମୁସଲିମମାନେ ଗରିବ, ସେମାନେ ନ୍ୟାୟ ପାଇବା ଉଚିତ। କିନ୍ତୁ ବିଜେପି ହିନ୍ଦୁ ଓ ମୁସଲିମଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଭୋଟ ହାତେଇବାକୁ ଚାହୁଁଛି। ବର୍ତ୍ତମାନ ଦେଶରେ ସରକାରୀ ସ୍ତରରେ ପ୍ରାୟ ୩୦ ଲକ୍ଷ ପଦବୀ ଖାଲିପଡ଼ିଛି। ଏହିସବୁ ପଦବୀ ପୂରଣ କରିବାକୁ ବିଜେପି ଚେଷ୍ଟା କରୁନାହିଁ। ଏହି ୩୦ଲକ୍ଷ ମଧ୍ୟରୁ ଏସ୍ସି, ଏସ୍ଟି ଓ ଓବିସି ସମ୍ପ୍ରଦାୟର ଆଶାୟୀମାନେ ୧୫ ଲକ୍ଷ ପଦରେ ନିଯୁକ୍ତି ପାଇପାରିବେ କିନ୍ତୁ ବିଜେପି ଲୋକଙ୍କୁ ବିଭ୍ରାନ୍ତ କରୁଛି ଓ ମିଛ କହୁଛି ବୋଲି ସେ କହିଛନ୍ତି।



# ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com



## ଆନ୍ତର୍ଜାତିକ ଜୈବ ବିବିଧତା ଦିବସ

ଈଶ୍ୱରଙ୍କ ସୃଷ୍ଟିରେ ଅଣୁ ପରମାଣୁ ଆକୃତିର ଜୀବଙ୍କଠାରୁ ଆରମ୍ଭ କରି ବିଶାଳକାୟ ହାତୀ ପର୍ଯ୍ୟନ୍ତ ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି । ମଣିଷ କିନ୍ତୁ ଏବେ କୋଟି କୋଟି ଜୀବଜନ୍ତୁଙ୍କ କଥା ଭୁଲିଯାଇ ନିଜ ସ୍ୱାର୍ଥସାଧନାରେ ବ୍ୟସ୍ତ ରହୁଛି । ଏହାର ଫଳସ୍ୱରୂପ ଏବେ ଲୋପ ପାଇଚାଲିଛି ଜଙ୍ଗଲ । ଶୁଖିଗଲାଣି ସୁନାବ୍ୟା ନଦୀ । ବିଲୁପ୍ତ ହୋଇ ଚାଲିଛନ୍ତି ଜୀବଜନ୍ତୁ, ମୃତ୍ତିକା ହରେଇ ବସିଛି ତା'ର ଉତ୍ପାଦିକା ଶକ୍ତି ଏବଂ ବଢ଼ିଚାଲିଛି ତାପମାତ୍ରା । ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ମଣିଷର ଏହି ଆତ୍ମଘାତୀ ନୀତି ଦାୟୀ ବୋଲି ଅନୁଭବ କରି ମିଳିତ ଜାତିସଂଘ ଦ୍ୱାରା ୨୦୦୬ ମସିହାରୁ ମେ' ୨୨ ତାରିଖକୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଭାବେ ପାଳନ କରାଯାଉଛି । ଜୀବଜଗତକୁ ଅକ୍ଷୁଣ୍ଣ ରଖିବାର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଓ ଏହାର ସଂରକ୍ଷଣ ପାଇଁ ଅଗ୍ରାଧିକାର ଭିତ୍ତିରେ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଉଦ୍ଭିଦ, ପ୍ରାଣୀ ଏବଂ ଏପରିକି ଅଣୁଜୀବଗୁଡ଼ିକର ବିବିଧତା ଓ ସେଗୁଡ଼ିକର ସଂଖ୍ୟା ହିଁ ଜୀବମାନଙ୍କର ଜୀବନ ରକ୍ଷା ନିମନ୍ତେ ଅପରିହାର୍ଯ୍ୟ । କାରଣ ଜୈବ ବିବିଧତା ହିଁ ଯୋଗାଇଥାଏ ଅମ୍ଳଜାନ, ଖାଦ୍ୟ, ବସ୍ତ୍ର, ବାସ, ଇନ୍ଧନ, ଗୃହୋପକରଣ, ଔଷଧ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ । ଏପରିକି ପଦାର୍ଥର ପୁନଃଚକ୍ରଣରେ ମଧ୍ୟ ଜୈବବିବିଧତାର ବିଶେଷ ଭୂମିକା ରହିଛି । ତେଣୁ ଜୈବବିବିଧତାର ହ୍ରାସ ଜୀବନ ପ୍ରତି ଏକ ପ୍ରତ୍ୟକ୍ଷ ଆକ୍ରମଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୃଥିବୀ ପୃଷ୍ଠରୁ ପ୍ରତିବର୍ଷ ଅନେକ ପ୍ରାଣୀ ଓ ଉଦ୍ଭିଦ ବିଲୁପ୍ତ ହୋଇଯିବାର ପ୍ରଧାନ କାରଣଗୁଡ଼ିକ ହେଉଛି, ସେମାନଙ୍କ ପାଇଁ ବାସୋପଯୋଗୀ ସ୍ଥାନର ଅଭାବ, ପରିବେଶ ପ୍ରଦୂଷଣ, ଅବିଚାରିତ ଭାବରେ ଶିକାର ଓ ଗଛକଟା, ବିଶ୍ୱତାପନ ଇତ୍ୟାଦି । ଏପରିକ୍ଷେତ୍ରରେ ଜୈବ ବିବିଧତାର ସୁରକ୍ଷା ପାଇଁ ପଦକ୍ଷେପମାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ଏବଂ ଏହା ଜରୁରୀ ମଧ୍ୟ । ବିଶ୍ୱର ସମଗ୍ର ଜୀବସମୂହକୁ ହିସାବକଲେ ଜଣାଯାଏ ଏ ପର୍ଯ୍ୟନ୍ତ ହଜାରହଜାର ପ୍ରଜାତି ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇ ସାରିଲେଣି । ହଜାର ହଜାର ପ୍ରଜାତି ଜୀବ ଏବେ ବିଲୁପ୍ତିର ଦ୍ୱାରଦେଶରେ । ଆଜିର ଆଧୁନିକ ମଣିଷ ବିକାଶ ନାଁରେ ଯେଉଁଭଳି ଭାବରେ ଫ୍ଲୋରାଫୋନା ଧ୍ୱଂସ ସହ ପରିବେଶ ପ୍ରଦୂଷଣ କରି ଚାଲିଛି, ତାହା ଦିନେ ନା ଦିନେ ତା'ର ବିନାଶର କାରଣ ହେବ, ଏଥିରେ ଆଦୌ ସନ୍ଦେହ ନାହିଁ ।

## ଟାଇଗରଙ୍କୁ ଝଟ୍‌କା

### ଫିସ୍ କମାଇବେ ପ୍ରଯୋଜକ !

ବଲିଉଡ୍ ଅଭିନେତା ଟାଇଗର୍ ସ୍ରଫ୍‌ଙ୍କ ଅଭିନୀତ 'ବଡେ ମିଆଁ ଛୋଟେ ମିଆଁ' ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଛି । ୩୫୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ବହୁତ କଷ୍ଟରେ ୧୦୦ କୋଟି ଟଙ୍କା ଆୟ କରିପାରିଥିଲା । ତେବେ ଏହି ଫିଲ୍ମ ଫ୍ଲପ୍ ହେବା ଟାଇଗର୍‌ଙ୍କ କ୍ୟାରିୟର୍ ବେଶ୍ ପ୍ରଭାବିତ ହୋଇଛି । ଏବେ ଟାଇଗର୍‌ଙ୍କ ହାତରେ ଆଉ ଫିଲ୍ମ ନାହିଁ । ରୋହିତ୍ ସେଟ୍ଟୀଙ୍କ 'ସିଂଘମ୍ ଏଗେନ୍'ରେ ସେ ଅତିଥି କଳାକାର ଭାବେ ନଜର ଆସିବେ । 'ବଡେ ମିଆଁ ଛୋଟେ ମିଆଁ' ପରେ ଟାଇଗର୍ ସିଦ୍ଧାର୍ଥ ଆନନ୍ଦଙ୍କ 'ର୍‍ୟାମ୍ବୋ'ରେ ନଜର ଆସିଥାନ୍ତେ । କିନ୍ତୁ ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଜିଓ ଷ୍ଟୁଡିଓ ଥିବାରୁ ସେମାନେ ଟାଇଗର୍‌ଙ୍କ କ୍ୟାରିୟର୍ ଗ୍ରାଫ୍ ଦେଖି ତାଙ୍କୁ ନେଇ କୌଣସି ବଡ଼ ବଜେଟ୍‌ର ଫିଲ୍ମ ନିର୍ମାଣ କରିବାକୁ ଉଚିତ ମଣୁ ନାହାନ୍ତି । ଖାସ୍ ସେଥିପାଇଁ ଏବେ ଏହି ଫିଲ୍ମର ନିର୍ମାଣକୁ ରୋକି ଦିଆଯାଇଛି । କେବଳ ସେତିକି ନୁହେଁ, ଟାଇଗର୍‌ଙ୍କ କ୍ୟାରିୟର୍‌କୁ ଦେଖି ଅନେକ ପ୍ରଯୋଜକ ଏବେ ତାଙ୍କୁ ପାରିଶ୍ରମିକ ହ୍ରାସ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦେଉଥିବା ଚର୍ଚ୍ଚା ହେଉଛି । ଇତିମଧ୍ୟରେ ବଲିଉଡ୍‌ର ଜଣେ ଆଗଧାଡ଼ିର ପ୍ରଯୋଜକ ଟାଇଗର୍‌ଙ୍କୁ ୭୦% ପାରିଶ୍ରମିକ ହ୍ରାସ କରିବା ପାଇଁ କହିଛନ୍ତି । 'ବଡେ ମିଆଁ ଛୋଟେ ମିଆଁ' ପାଇଁ ଟାଇଗର୍ ୩୦ କୋଟି ନେଇଥିବାବେଳେ ଏବେ ତାଙ୍କୁ ଏହି ପ୍ରଯୋଜକ ଜଣକ ୯ କୋଟିରେ ଫିଲ୍ମ ସାଇନ୍ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଯଦି ଏପରି ହୁଏ, ତେବେ ଟାଇଗର୍‌ଙ୍କୁ ଝଟ୍‌କା ଲାଗିପାରେ । ଇତିମଧ୍ୟରେ କରନ୍ ଜୋହର୍, ଟାଇଗର୍‌ଙ୍କୁ ତାଙ୍କର ଏକ ଫିଲ୍ମ ପାଇଁ ଅଫର୍ ଦେଇଥିବା ଜଣାପଡ଼ିଛି । ଯଦି ଏକଥା ସତ ହୁଏ ତେବେ ଏହି ଫିଲ୍ମ ଟାଇଗର୍‌ଙ୍କ ପାଇଁ ଏକ ଆଶାର କିରଣ ନେଇ ଆସିବ ।



## ମୁହଁରୁ ମିଜାଜ୍ ବାରିବ ମେସିନ୍



କଟାକ୍ଷ, ବ୍ୟଙ୍ଗ ବା ତାଚ୍ଛଲ୍ୟ ଭଳି ଭାବ ମଣିଷଙ୍କଠାରେ ହିଁ ଦେଖିବାକୁ ମିଳିଥାଏ । ଅବଶ୍ୟ ଏହା ଲୋକଙ୍କ ମୁହଁରୁ ସ୍ପଷ୍ଟ ବାରିବା ସମ୍ଭବ । ତେବେ ବୈଜ୍ଞାନିକମାନେ ନିକଟରେ କରିଥିବା ଏକ ଗବେଷଣାରେ ଏକ ବିଶେଷ ପ୍ରକାର କମ୍ପ୍ୟୁଟର ଆଲଗରିଦମ୍‌କୁ ଉପଯୋଗ କରି ଏକ ସ୍ୱତନ୍ତ୍ର ଡିଭାଇସ୍ ମାଧ୍ୟମରେ ଏହା ଜାଣିବାକୁ ଚେଷ୍ଟା କରିଛନ୍ତି ଯେ, ଜଣକ ବ୍ୟକ୍ତିତ୍ୱ ବ୍ୟଙ୍ଗାତ୍ମକ କି ନୁହେଁ । ଏହାର ଅର୍ଥ ଏବେ ଟେକ୍ନୋଲଜି କେବଳ ମୁହଁକୁ ନୁହେଁ, ହାବଭାବକୁ ବୁଝିବାକୁ ବି ସକ୍ଷମ । ବୈଜ୍ଞାନିକମାନେ ଏକ ଡିଟେକ୍ଟର ବିକଶିତ କରିଛନ୍ତି । ଯାହାକି ବ୍ୟଙ୍ଗ, କଟାକ୍ଷ ଏବଂ ତାନା ମାରୁଥିବା ଭାବକୁ ଚିହ୍ନଟ କରିବ । ଏହା ବାସ୍ତବରେ କାମ କରୁଥିବା ବି ଜଣାପଡିଛି । ଉକ୍ତ ଡିଟେକ୍ଟରର ନିର୍ମାଣ ଗ୍ରୋନିଂଗନ ବିଶ୍ୱବିଦ୍ୟାଳୟରେ ସ୍ପିଚ୍ ଟେକ୍ନୋଲୋଜି ଲ୍ୟାବ୍‌ରେ କରାଯାଇଛି । ତେବେ ଏହି ଡିଭାଇସ୍‌ରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଏଆଇ ଥଟ୍ଟାମଜାକୁ ବି ବୁଝିପାରିବ । କମ୍ପ୍ୟୁଟର ଆଲଗରିଦମ୍ ବକ୍ତାଙ୍କ କହିବା ଶୈଳୀ, କଥାବାର୍ତ୍ତା ସମୟର ସ୍ୱରକୁ ରେକର୍ଡ କରିଥାଏ । ଏହା ମଣିଷ କହୁଥିବା କଥାକୁ ଟେକ୍ସଟ୍‌ରେ ରୂପାନ୍ତରିତ କରି ଏହାକୁ ବିଶ୍ଳେଷଣ କରିଥାଏ । ତେବେ ଏହି ଟିମ୍ ଏହାକୁ ଆହୁରି ଅଧିକ ଉନ୍ନତମାନରେ ତିଆରି କରାଯିବା ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି । ଅନ୍ୟପକ୍ଷରେ ଲୋକେ ଭାଷଣରେ ବ୍ୟଙ୍ଗାତ୍ମକ କଥା କହିବାବେଳେ ବିଭିନ୍ନ ପ୍ରକାର ଭାବଭଙ୍ଗୀ ଏବଂ ଇସାରାକୁ ଉପଯୋଗ କରିଥାନ୍ତି । ଏହାକୁ ଏହି ପ୍ରୋଜେକ୍ଟରେ ଯୋଡ଼ିବାର ଆବଶ୍ୟକତା ଥିବା ଗବେଷଣାର ନେତୃତ୍ୱ ନେଇଥିବା ଗବେଷକ ଜିୟୁଆନ ଗାଓ କହିଛନ୍ତି ।

## ଆଜିର ଇତିହାସ

- ୧୫୪୫-ଶେରସାହ ସୂରୀଙ୍କ ଦେହାନ୍ତ ।
- ୧୭୭୨- ରାଜା ରାମମୋହନ ରାୟଙ୍କ ଜନ୍ମ ।
- ୧୯୩୩- ବିଶ୍ୱ ବ୍ୟାପାର ଦିବସ ପ୍ରଥମ ଥର ପାଳନ କରାଗଲା ।
- ୧୯୬୩-ଭାରତର ପ୍ରଥମ ଗ୍ଲାଇଡର୍ ରୋହିଣୀ ଉଡ଼ାଣ ଭରିଲା ।
- ୧୯୮୪- ବଚେନ୍ଦ୍ରୀ ପାଲ୍ ଏଭରେଷ୍ଟ ଶିଖରରେ ପହଞ୍ଚିବାରେ ପ୍ରଥମ ଭାରତୀୟ ମହିଳା ହେଲେ ।
- ୨୦୧୦-ମଧ୍ୟ ଇରାକ୍‌ର ଖାଲିସ୍ ସହରରେ ହୋଇଥିବା ବିସ୍ଫୋରଣ ଯୋଗୁଁ ୨୩ ଲୋକଙ୍କ ପ୍ରାଣହାନି ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଯାନବାହନ କିଣିବେ । ନିବେଶରୁ ଦୂରେଇ ରୁହନ୍ତୁ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟାରେ ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି । ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ ।



## ପଢ଼ା ବେଳେ ସଙ୍ଗୀତ

### ଭଲ ନା ଖରାପ

**କେତେକ ଛାତ୍ରଛାତ୍ରୀ ପଢ଼ା ବେଳେ ଗୀତ ଶୁଣିବାକୁ ପସନ୍ଦ କରନ୍ତି । ଯଦିଓ ସଙ୍ଗୀତ ମନ ଓ ମସ୍ତିଷ୍କକୁ ଶାନ୍ତ ରଖିଥାଏ । ତେବେ ସଙ୍ଗୀତକୁ ଷ୍ଟଡି ଟୁଲ୍ ଭଳି ବ୍ୟବହାର ନ କରିବା ଦିଗରେ ବିଦ୍ୟାର୍ଥୀ ଧ୍ୟାନ ଦେବା ଜରୁରି ।**

- ସବୁବେଳେ ପଢ଼ା ପାଇଁ ଶାନ୍ତ ପରିବେଶ ଦରକାର । ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ପଢ଼ା ପ୍ରତି ଏକାଗ୍ର ରହନ୍ତି ଏବଂ ପାଠ ଶୀଘ୍ର ମନେ ରହେ । କିନ୍ତୁ କିଛି ଛାତ୍ରଛାତ୍ରୀ ଏଭଳି ଅଛନ୍ତି, ଯେଉଁମାନେ କି ପଢ଼ିବା ବେଳେ ଗୀତ ଶୁଣିବାକୁ ଭଲପାଆନ୍ତି । କିନ୍ତୁ ବିଶେଷଜ୍ଞଙ୍କ ମତରେ, ଏଭଳି ଅଭ୍ୟାସ ଭଲ ନୁହେଁ । ଏହା ସ୍ମୃତିଶକ୍ତି ଉପରେ ପ୍ରଭାବ ପକାଏ । ଫଳରେ ପଢ଼ା ପ୍ରତି ଧ୍ୟାନ ଭଙ୍ଗ ହୁଏ । ଯଦିଓ ସଂଗୀତ ମନକୁ ଶାନ୍ତ ଓ ଭଲ ରଖିବା କାର୍ଯ୍ୟ କରେ । ତେବେ ଜୋର୍‌ରେ ଶୁଣାଯାଉଥିବା ଗୀତ ପଢ଼ାକୁ ପ୍ରଭାବିତ କରିଥାଏ ।
- ଅନ୍ୟପକ୍ଷରେ ଇନ୍‌ଷ୍ଟ୍ରୁମେଣ୍ଟାଲ ମ୍ୟୁଜିକ୍ ଅଧିକ କ୍ଷତିକାରକ ହୋଇ ନ ଥାଏ । ପଢ଼ା ସମୟରେ ଏଭଳି ସଂଗୀତ ଶୁଣିବା ଦ୍ୱାରା ଚିନ୍ତା କମ୍ ହୁଏ ଏବଂ ଏକାଗ୍ରତା ବୃଦ୍ଧି ପାଏ । କିନ୍ତୁ ଏଣୁତେଣୁ ଗୀତ ଶୁଣିବା ଦ୍ୱାରା ଗଣିତ ଏବଂ ଲାଙ୍ଗୁଏଜ୍ ଆଦି ବିଷୟ ପଢ଼ିବାରେ ଅସୁବିଧା ହୋଇଥାଏ । ସେହିପରି ଫ୍ୟାମିଲିୟର୍ ମ୍ୟୁଜିକ୍ ଛାତ୍ରଛାତ୍ରୀଙ୍କର ଚିନ୍ତା କମ୍ କରି ପଢ଼ାରେ ସୁଧାର ଆଣେ ।

## 'ମ୍ୟାନ୍ ବନ୍' ହେୟାର ଷ୍ଟାଇଲ୍



ପୁରୁଷଙ୍କ ଲାଗି ନୂଆ ଲମ୍ବା କେଶ ରଖିବା ଏବେ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଛି । ସେହିପରି କେହି କେହି ନିଜ ପ୍ରିୟ ତାରକାଙ୍କ ହେୟାର୍ ଷ୍ଟାଇଲ୍‌କୁ ଅନୁକରଣ କରି ସେହିଭଳି ଷ୍ଟାଇଲ୍ ଆପଣାଇବାକୁ ପସନ୍ଦ କରୁଛନ୍ତି । ତେବେ ଲମ୍ବା କେଶ ରଖିଥିବା ପୁରୁଷ କେଶକୁ ଖୋଲା ନ ଛାଡ଼ି କିଛି ହେୟାର୍ ଷ୍ଟାଇଲ୍‌କୁ ଆପଣାଉଛନ୍ତି । ଏଥିରୁ ଅନ୍ୟତମ 'ମ୍ୟାନ୍ ବନ୍ ।' ଏହା ପୁରୁଷଙ୍କୁ ଆକର୍ଷଣୀୟ ଓ ନୂଆ ଲୁକ୍ ପ୍ରଦାନ କରେ ।

ଏହି ଷ୍ଟାଇଲ୍ ମୁଖ୍ୟତଃ ଖୋସାକୁ ବୁଝାଏ । ଅଧା କେଶରେ କରାଯାଉଥିବା ଖୋସାକୁ 'ହାଫ୍ ବନ୍' ଏବଂ ପୂରା କେଶରେ କରାଯାଉଥିବା ଖୋସାକୁ 'ଫୁଲ୍ ବନ୍' କୁହାଯାଏ । ଏହି ଲୁକ୍ ପାଇବା ପାଇଁ ହେୟାର୍ ଟାଇପ୍ ଉପରେ ଧ୍ୟାନ ଦେବା ଜରୁରି । ଏହା ମୋଟା କେଶରେ କଲେ ମୁହଁ ଗୋଲ ଦିଶେ ଏବଂ ପତଳା କେଶରେ କରିବା ଦ୍ୱାରା ମୁହଁ ଲମ୍ବା ଦେଖାଯାଏ । ଅବଶ୍ୟ ବନ୍ ଲୁକ୍ ପାଇଁ ମଝିରେ ମଝିରେ ପୁରୁଷଙ୍କୁ ହେୟାର୍ ଟ୍ରିମ୍ କରିବାକୁ ପଡ଼ିଥାଏ । ତେବେ ଏହି ଲୁକ୍ ସବୁ ଯୁବକଙ୍କୁ ମାନି ନ ଥାଏ ।

## ସମ୍ଭାବନା



## ହସ୍ ଭ୍ୟାକେସନ୍

**କ୍ୟାରିୟର୍ ଟ୍ରେଣ୍ଡ**

**ଏବେ ଘରୋଇ କ୍ଷେତ୍ରର କର୍ମଚାରୀଙ୍କ ଅଫିସ୍ କାର୍ଯ୍ୟ ଚାପ ଖୁବ୍ ବେଶି । ଏପରିକି ଅଫିସ୍ ସମୟ ପରେ ବି ଅନେକ କର୍ମଚାରୀ କାମ କରିବାକୁ ବାଧ୍ୟ ହେଉଛନ୍ତି । ଏଥିଯୋଗୁଁ ସେମାନଙ୍କଠାରେ ମାନସିକ ଅବସାଦ, ଚିଡ଼୍‌ଚିଡ଼ାପଣ ବୃଦ୍ଧି ପାଉଛି । ଏଥିରୁ ମୁକ୍ତି ପାଇବା ପାଇଁ ଅନେକ କାମ ଭିତରେ ଛୁଟି ନେବାକୁ ଚେଷ୍ଟା କରନ୍ତି । କିନ୍ତୁ ଅଫିସ୍‌ରୁ ସହଜରେ ଛୁଟି ମିଳି ନ ଥାଏ । ସେଥିପାଇଁ ହାକିମଙ୍କ ଅଜାଣତରେ କର୍ମଚାରୀ ଛୁଟି ନେଇ ବୁଲିବାକୁ ଚାଲି ଯାଉଛନ୍ତି । ଏଭଳି ଧାରାକୁ 'ହସ୍ ଭ୍ୟାକେସନ୍' କୁହାଯାଉଛି । ଯାହାକୁ ମୁଖ୍ୟତଃ 'ୱାର୍କ ଫ୍ରମ୍ ହୋମ୍' ବ୍ୟବସ୍ଥାରେ ଥିବା କର୍ମଚାରୀଙ୍କଠାରେ ଦେଖିବାକୁ ମିଳିଛି ।**



**ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା:** କରୋନା ସମୟରୁ ଆରମ୍ଭ ହୋଇଥିବା ଘରୁ ଚାକିରି କରିବାର ଧାରା ଏବେ ବି ଜାରି ଅଛି । ଯାହାର ଲାଭ ଅବଶ୍ୟ କର୍ମଚାରୀମାନେ ଉଠାଉଛନ୍ତି । ବିଶେଷକରି ଘରେ ରହି କାମ କରିବା ବାହାନାରେ ସେମାନେ କମ୍ପାନୀର ଅଜାଣତରେ ଛୁଟି କାଟୁଛନ୍ତି । ଏହାକୁ ହସ୍ ଭ୍ୟାକେସନ୍ ଟ୍ରେଣ୍ଡ କୁହାଯାଉଛି । ବହୁ ସଂଖ୍ୟକ କର୍ମଚାରୀ ମଧ୍ୟ ଏହି ଟ୍ରେଣ୍ଡକୁ ଅନୁସରଣ କରୁଛନ୍ତି । ସାମାଜିକ ଗଣମାଧ୍ୟମରେ ବି ଏହାକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି ।

**ଛୁଟି ପାଇଁ କୁଣ୍ଠା ପ୍ରକାଶ କରିବା**

ପ୍ରତ୍ୟେକ କର୍ମଚାରୀ ଛୁଟି ନେବାକୁ ଚାହାନ୍ତି । ମାତ୍ର କମ୍ପାନି କର୍ତ୍ତୃପକ୍ଷ ସହଜରେ ଛୁଟି ଦେଇ ନ ଥାନ୍ତି । ପୁଣି କିଛି କର୍ମଚାରୀଙ୍କ କାର୍ଯ୍ୟଚାପ ଏତେ ବେଶି ବଢ଼ିଯାଉଛି ଯେ, ସେମାନେ କର୍ତ୍ତୃପକ୍ଷଙ୍କୁ ନ କହି ଛୁଟିରେ ଯିବାକୁ ବାଧ୍ୟ ହେଉଛନ୍ତି ।

**ଉଦ୍ଦେଶ୍ୟ ଚିନ୍ତାମୁକ୍ତ ରଖିବା**

**ଏବର ସମୟରେ 'ହସ୍ ଭ୍ୟାକେସନ୍' ଏବଂ 'ଚୁପ୍‌ଚାପ୍ ଚାକିରି' ଛାଡ଼ିବାର କ୍ୟାରିୟର ଟ୍ରେଣ୍ଡର ପ୍ରଚାର ଅଧିକ କରାଯାଉଛି । ଏହା ପଛର ମୂଳ ଉଦ୍ଦେଶ୍ୟ ହେଉଛି, କର୍ମଚାରୀଙ୍କ କାର୍ଯ୍ୟ ଚାପ ଜନିତ ଚିନ୍ତାକୁ ହ୍ରାସ କରିବା । ଏହାସହ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଏହି ଧାରାର ଅନ୍ୟତମ ଲକ୍ଷ୍ୟ । ସେଥିପାଇଁ କର୍ମଚାରୀ ନିଜ କାର୍ଯ୍ୟଚାପରୁ ମୁକ୍ତି ପାଇବା ନେଇ ବିଭିନ୍ନ ଉପାୟ ସବୁ ଖୋଜୁଛନ୍ତି ।**

**ମାଲିକ ଜାଣିପାରୁ ନାହାନ୍ତି:** କର୍ତ୍ତୃପକ୍ଷଙ୍କ ଅଜ୍ଞାତସାରରେ କର୍ମଚାରୀଙ୍କର ଏଭଳି ଛୁଟିରେ ରହିଥିବା ଘଟଣାକୁ ଅନେକ ଅଫିସ୍ ଗ୍ରହଣ କରିପାରୁ ନାହାନ୍ତି । ଫଳରେ ଅଧିକାଂଶ ଅଫିସ୍ ୱାର୍କ ଫ୍ରମ୍ ହୋମ୍‌ର ସୁବିଧାକୁ ପ୍ରତ୍ୟାହାର କରି ନେଉଛନ୍ତି । ଅନ୍ୟପକ୍ଷରେ ୱାର୍କ ଫ୍ରମ୍ ହୋମ୍ ଧାରା ଶେଷ ହେବା ଜାଣିବା ପରେ କର୍ମଚାରୀ ସମୟ ପୂର୍ବରୁ ଏହାର ଲାଭ ଉଠାଇବାକୁ ପଛାଉ ନାହାନ୍ତି । ଏହାବ୍ୟତୀତ କିଛି କର୍ମଚାରୀ ନିଜ କାମ ସମୟ ପୂର୍ବରୁ ଶେଷ କରି ଦେଉଛନ୍ତି । ଫଳରେ କର୍ତ୍ତୃପକ୍ଷ ସମ୍ପୃକ୍ତ କର୍ମଚାରୀଙ୍କ ଉପସ୍ଥିତିକୁ ଏତେଟା ଗୁରୁତ୍ୱ ଦେଉ ନାହାନ୍ତି ।



## ଗୁଗଲ୍‌ର 'ସ୍ପିଡୋମିଟର' ଫିଚର୍

ଗୁଗଲ୍ ମ୍ୟାପ୍ ବ୍ୟବହାରକାରୀଙ୍କ ପାଇଁ 'ସ୍ପିଡୋମିଟର' ନାମକ ଫିଚର୍ ଜାରି କରାଯାଇଛି । ଗତିର ବେଗ ଉପରେ ଧ୍ୟାନ ଦେବାରେ ଏହା ଚାଳକଙ୍କୁ ସହାୟତା କରିବ । ଏହି ଫିଚର୍ ଦ୍ୱାରା ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେବା ସମ୍ଭବ । ଏହା ଷ୍ଟ୍ରିଟ୍ ଭିୟୁ ଇମେଜରି ଏବଂ ଥାର୍ଡ ପାର୍ଟି ଇମେଜରି ଦ୍ୱାରା ଗତି ବା ବେଗର ସୀମାକୁ ଚିହ୍ନଟ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗ କରେ । ଯାହାକି ଗତିକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ । ଗୁଗଲ୍ ମ୍ୟାପ୍‌ର ସ୍ପିଡୋ ମିଟର ଫିଚର ବ୍ୟବହାର କରିବା ପାଇଁ ଗୁଗଲ ମ୍ୟାପ୍ ଆପ୍‌କୁ ଓପନ୍ କରି ନେଭିଗେସନ ସେଟିଂର ବିକଳ୍ପ ଉପରେ କ୍ଲିକ୍ କରନ୍ତୁ । ଏହାପରେ ଡ୍ରାଇଭିଂ ଅପ୍‌ସନ୍‌ରେ ସ୍ପିଡୋମିଟର ବିକଳ୍ପ ଦେଖିବାକୁ ମିଳିବ । ଏହା ଉପରେ କ୍ଲିକ୍ କରି ଜଣେ ଏହାକୁ ବ୍ୟବହାର କରିପାରିବେ ।

# ବିଜୟରୁ ଭାରତୀୟ କନିଷ୍ଠ ଦଳର ଅଭିଯାନ

## ୟୁରୋପ୍ ହକି ଟୁର୍

**ଅନ୍ତୱର୍ପ, ୨୧।୫ (ଏଜେନ୍ସି):** ୟୁରୋପ୍ ଗସ୍ତରେ ଯାଇଥିବା ଭାରତୀୟ କନିଷ୍ଠ ପୁରୁଷ ହକି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରୋହିତ୍‌ଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ କନିଷ୍ଠ ହକି ଦଳ ବେଲ୍‌ଜିୟମକୁ ୪-୨ ଗୋଲରେ ସୁଟ୍ ଆଉଟ୍‌ରେ ପରାସ୍ତ କରିଛି। ଭାରତୀୟ ଦଳର ବିଜୟରେ ଉପ-ଅଧିନାୟକ ଶ୍ରଦ୍ଧାନନ୍ଦ ତିୱାରୀ ୨ଟି ଗୋଲ୍ ଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଶ୍ରଦ୍ଧାନନ୍ଦ ତିୱାରୀ

ବେଲ୍‌ଜିୟମ କନିଷ୍ଠ ହକି ଦଳ ବିପକ୍ଷ ଏହି ମ୍ୟାଚରେ ଭାରତ ପ୍ରଥମାର୍ଦ୍ଧରେ ଦୁଇଟି ଗୋଲ୍ ଦେଇ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ମ୍ୟାଚର ୩ୟ ମିନିଟ୍‌ରେ ଶ୍ରଦ୍ଧାନନ୍ଦ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ରୂପାନ୍ତରିତ କରି ଦଳକୁ ୧-୦ରେ ଆଗୁଆ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୨୭ତମ ମିନିଟ୍‌ରେ ଭାରତକୁ ଆଉ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ପୁଣିଥରେ ଶ୍ରଦ୍ଧାନନ୍ଦ ନିରାଶ ନ କରି ବଲ୍‌କୁ ବେଲ୍‌ଜିୟମ ନେଟ୍ସ ମଧ୍ୟକୁ ପଠାଇ ଦେଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟର ଆରମ୍ଭରୁ ବେଲ୍‌ଜିୟମ ଗୋଟିଏ ଗୋଲ୍ ଶୁଝି ୨-୧ ସ୍ଥିତିକୁ ଆଣିଥିଲା। ଏହାପରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରର ଶେଷ ମୁହୂର୍ତ୍ତରେ ବେଲ୍‌ଜିୟମ ଆଉ ଏକ ଗୋଲ୍ ଦେବା ଫଳରେ ମ୍ୟାଚ୍ ୨-୨ରେ ବରାବର୍ ରହିଥିଲା। ଫଳରେ ପେନାଲ୍ଟି ସୁଟ୍-ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୪-୨ ଗୋଲରେ ବାଜିମାତ୍ କରିନେଇଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ବୁଧବାର ନେଦରଲାଣ୍ଡସକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

# ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆଜି ଆର୍ଜେଣ୍ଟିନାକୁ ଭେଟିବ ଭାରତ

**ଅନ୍ତୱର୍ପ, ୨୧।୫ (ଏଜେନ୍ସି)**

ବିଶ୍ୱ ହକିର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୩-୨୪ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଖେଳିବା ଲାଗି ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳ ୟୁରୋପ୍ ଗସ୍ତରେ ଯାଇଛି। ବେଲ୍‌ଜିୟମର ଅନ୍ତୱର୍ପଠାରେ ମେ ୨୨ରୁ ୨୬ ପର୍ଯ୍ୟନ୍ତ ଆର୍ଜେଣ୍ଟିନା ଓ ବେଲ୍‌ଜିୟମ ବିପକ୍ଷରେ ଦୁଇଥର ଲେଖାଏ ଭାରତର ଉଭୟ ଦଳ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହିକ୍ରମରେ ବୁଧବାର ଆର୍ଜେଣ୍ଟିନା ବିପକ୍ଷରେ ଭାରତ ପୁରୁଷ ଓ ମହିଳା ଦଳକୁ ଆକ୍ସନରେ ଦେଖିବାକୁ ମିଳିବ। ସେହିଭଳି ମେ ୨୭ ପରେ ଭାରତୀୟ ଦଳ ଲଣ୍ଡନ ଗସ୍ତରେ ଯିବ। ସେଠାରେ ଜୁନ ୧ରୁ ୯ ତାରିଖ ପର୍ଯ୍ୟନ୍ତ ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଦୁଇଥର ଲେଖାଏ ମ୍ୟାଚ୍ ଖେଳିବ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଚଳିତ ସଂସ୍କରଣ ଉପରେ ନଜର ପକାଇଲେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ସେମାନଙ୍କ ପ୍ରଥମ ପର୍ଯ୍ୟାୟ ମ୍ୟାଚ୍ ଭୁବନେଶ୍ୱର ଓ ରାଉରକେଲାରେ ଖେଳିସାରିଛନ୍ତି। ଭାରତୀୟ ମହିଳା ଦଳ ଭୁବନେଶ୍ୱର ଓ ରାଉରକେଲାରେ ମୋଟ୍ ୮ଟି ମ୍ୟାଚ୍ ଖେଳି ୮ ପଏଣ୍ଟ ସହ ୯ ଦଳୀୟ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ସବିତା ପୁନିଆଙ୍କ ନେତୃତ୍ୱରେ ଖେଳିଥିବା ଭାରତୀୟ ମହିଳା ଦଳ ଆମେରିକା ଓ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ ଖରିଥିବାବେଳେ ଆମେରିକା ବିପକ୍ଷ ଆଉ ଏକ ମ୍ୟାଚକୁ ସୁଟ୍ ଆଉଟ୍‌ରେ ଜିତିଥିଲା। ଏବେ କିନ୍ତୁ ୟୁରୋପ୍ ଗସ୍ତ ଲାଗି ଭାରତ ନୂଆ ଅଧିନାୟିକା ସାଲିମା ଟେଟେଙ୍କୁ ଦଳର ଦାୟିତ୍ୱ ପ୍ରଦାନ କରିଛି। 'ଆମେ ସାଇ ସେଣ୍ଟରରେ ଟ୍ରେନିଂ କରିବା ସହ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ଖେଳି ଏଠାକୁ ଆସିଛୁ। ଆର୍ଜେଣ୍ଟିନା, ବେଲ୍‌ଜିୟମ, ଜର୍ମାନୀ ଓ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳାଯିବାକୁ ଥିବା ପ୍ରୋ ଲିଗ୍ ମ୍ୟାଚରେ ଭଲ ପ୍ରଦର୍ଶନ କରି ପଏଣ୍ଟ ସାରଣୀର ଉପରକୁ ଉଠିବାକୁ ଚେଷ୍ଟା କରିବୁ' ବୋଲି ସାଲିମା କହିଛନ୍ତି।



ସାଲିମା ଟେଟେ



ହରମନପ୍ରୀତ୍ ସିଂହ

ଅପରପକ୍ଷରେ ଭାରତୀୟ ପୁରୁଷ ଦଳ ପ୍ରୋ ଲିଗ୍‌ର ଓଡ଼ିଶା ଲେଗ୍ (ଚରଣ)ରେ ପ୍ରଭାବୀ ପ୍ରଦର୍ଶନ କରି ୮ ମ୍ୟାଚରୁ ୧୫ ପଏଣ୍ଟ ପାଇ ସାରଣୀର ୩ୟ ସ୍ଥାନରେ ରହିଛି। ରାଉରକେଲା ଓ ଭୁବନେଶ୍ୱର ଲେଗ୍‌ରେ ହର୍‌ମନପ୍ରୀତ୍ ସିଂହଙ୍କ ଦଳ ୩ଟି ବିଜୟ ହାସଲ କରିଥିଲା। ଏହାବାଦ୍ ସ୍ପେନ ଓ ନେଦରଲାଣ୍ଡସ ବିପକ୍ଷରେ ସୁଟ୍ ଆଉଟ୍‌ରେ ଜିତିଥିଲା। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳି ପ୍ୟାରିସ ଅଲିମ୍ପିକ୍ସ ଲାଗି ଭଲ ପ୍ରସ୍ତୁତି କରିବାକୁ ଦଳ ଲକ୍ଷ୍ୟ ରଖିଛି। 'ଅଲିମ୍ପିକ୍ସ ଲାଗି ଭଲ ପ୍ରସ୍ତୁତି ସହ ପ୍ରୋ ଲିଗ୍‌ର ଚଳିତ ସଂସ୍କରଣରେ ଚାମ୍ପିଅନ ହୋଇ ୨୦୨୬ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାକୁ ଲକ୍ଷ୍ୟ ରଖିଛୁ' ବୋଲି ଅଧିନାୟକ ହର୍‌ମନପ୍ରୀତ୍ କହିଛନ୍ତି।

**ଭାରତୀୟ ଦଳରେ ଓଡ଼ିଶାରୁ ୩ ଖେଳାଳି:** ପ୍ରୋ ଲିଗ୍‌ର ୨ୟ ଚରଣ ମ୍ୟାଚ୍ ଖେଳିବା ଲାଗି ୟୁରୋପ ଗସ୍ତରେ ଯାଇଥିବା ଭାରତୀୟ ପୁରୁଷ ଓ ମହିଳା ଦଳରେ ଓଡ଼ିଶାରୁ ମୋଟ୍ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ଅଭିଜ୍ଞ ରକ୍ଷଣାଭାଗ ଖେଳାଳି ଅମିତ୍ ରୋହିଦାସ ଏବଂ ମହିଳା ଦଳରେ ଜ୍ୟୋତି ଛତ୍ରୀ ଓ ସୁନେଲିତା ଟପ୍ପୋ ରହିଛନ୍ତି।

### କାର୍ଯ୍ୟସୂଚୀ

**ଭାରତୀୟ ପୁରୁଷ ଦଳ**

- ମେ ୨୨: ଭାରତ-ଆର୍ଜେଣ୍ଟିନା, ସନ୍ଧ୍ୟା ୬ଟା
- ମେ ୨୪: ଭାରତ-ବେଲ୍‌ଜିୟମ,ରାତି ୧୨ଟା ୩୦
- ମେ ୨୫: ଭାରତ-ବେଲ୍‌ଜିୟମ, ରାତି ୭ଟା ୪୫
- ମେ ୨୬: ଭାରତ-ଆର୍ଜେଣ୍ଟିନା, ରାତି ୧୦ଟା
- ଜୁନ ୧: ଭାରତ-ଜର୍ମାନୀ, ଅପରାହ୍ଣ ୨ଟା ୩୦
- ଜୁନ ୨: ଭାରତ-ଗ୍ରେଟ୍ ବ୍ରିଟେନ, ଅପରାହ୍ଣ ୪ଟା ୪୫
- ଜୁନ ୮: ଭାରତ-ଜର୍ମାନୀ, ରାତି ୯ଟା ୪୫
- ଜୁନ ୯: ଭାରତ-ଗ୍ରେଟ୍ ବ୍ରିଟେନ, ରାତି ୭ଟା

**ଭାରତୀୟ ମହିଳା ଦଳ**

- ମେ ୨୨: ଭାରତ-ଆର୍ଜେଣ୍ଟିନା, ଅପରାହ୍ଣ ୩ଟା ୪୫
- ମେ ୨୩: ଭାରତ-ବେଲ୍‌ଜିୟମ, ରାତି ୧୦ଟା ୧୫
- ମେ ୨୫: ଭାରତ-ବେଲ୍‌ଜିୟମ, ସନ୍ଧ୍ୟା ୫ଟା ୩୦
- ମେ ୨୬: ଭାରତ-ଆର୍ଜେଣ୍ଟିନା, ଅପରାହ୍ଣ ୩ଟା ୧୫
- ଜୁନ ୧: ଭାରତ-ଜର୍ମାନୀ, ରାତି ୯ଟା ୪୫
- ଜୁନ ୨: ଭାରତ-ଗ୍ରେଟ୍ ବ୍ରିଟେନ, ରାତି ୭ଟା
- ଜୁନ ୮: ଭାରତ-ଜର୍ମାନୀ, ଅପରାହ୍ଣ ୨ଟା ୩୦
- ଜୁନ ୯: ଭାରତ-ଗ୍ରେଟ୍ ବ୍ରିଟେନ, ଅପରାହ୍ଣ ୪ଟା ୪୫

# ରିଚାର୍ଡ୍ସଙ୍କୁ ମେଣ୍ଟର କରିବାକୁ ପାକିସ୍ତାନର ଆଶା

**ଅହମ୍ମଦାବାଦ୍, ୨୧।୫(ଏଜେନ୍ସି**

ବିଶ୍ୱର କିଛି ଶ୍ରେଷ୍ଠ ଖେଳାଳିଙ୍କୁ ମେଣ୍ଟର କରାଇ ପାକିସ୍ତାନ ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟରେ ସଫଳ ହୋଇଛି। ଏଣୁ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ଚଳିତ ଟି-୨୦ ବିଶ୍ୱକପ୍‌ରେ ଭିଭିଆନ୍ ରିଚାର୍ଡସଙ୍କୁ ପାକିସ୍ତାନ ଦଳର ମେଣ୍ଟର କରାଇବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ଆଶା ରଖିଛି। ଏଥିଲାଗି ବୋର୍ଡ ସଭାପତି ମୋହସିନ ନକ୍‌ଭୀ ବେଶ ଆଗ୍ରହୀ ରହିଛନ୍ତି। ୨୦୧୬ରୁ ରିଚାର୍ଡ୍ସ ପାକିସ୍ତାନ ସୁପର ଲିଗ୍ ଟିମ୍ କ୍ୱେଟା ଗ୍ଲେଡିଏଟର୍ସର ମେଣ୍ଟର ରହିଆସିଛନ୍ତି। ତାଙ୍କ ଦିଗଦର୍ଶନରେ ଦଳ ଭଲ ପ୍ରଦର୍ଶନ କରିଛି। ୱେଷ୍ଟଇଣ୍ଡିଜର ପଡ଼ିଆ ଓ ପରିବେଶ ସମ୍ପର୍କରେ ରିଚାର୍ଡ୍ସଙ୍କର ଅନେକ ଅଭିଜ୍ଞତା ରହିଛି। ଏହି ଅଭିଜ୍ଞତାକୁ ହାସଲ କରିବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କୁ ମେଣ୍ଟର କରିବାକୁ ଇଚ୍ଛା ପ୍ରକାଶ କରୁଛି। ଗତ ଦୁଇଟି ଟି-୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ୍ ମେଣ୍ଟର ରହିଥିଲେ। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଯଥାକ୍ରମେ ସେମିଫାଇନାଲ ଓ ଫାଇନାଲ ଖେଳିବାରେ ସମର୍ଥ ହୋଇଥିଲା। ରିଚାର୍ଡ୍ସ ଯଦି ବୋର୍ଡ ପ୍ରସ୍ତାବରେ ରାଜି ହୁଏ, ତେବେ ପାକିସ୍ତାନ କ୍ରିକେଟ ବୋର୍ଡ ବେଶ ଲାଭବାନ ହୋଇପାରିବ।



# ଅଭିଷେକ ଖୁବ୍ ଶୀଘ୍ର ଭାରତ ଲାଗି ଖେଳିବେ

**ଅହମ୍ମଦାବାଦ୍, ୨୧।୫(ଏଜେନ୍ସି):** ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ଚମକ ଦେଖାଇଛନ୍ତି ବାମହାତୀ ପଞ୍ଜାବ ଓପନର ଅଭିଷେକ ଶର୍ମା। ବିଶ୍ୱବିଜୟୀ ଅଷ୍ଟ୍ରେଲିଆ ଦଳର ଅନ୍ୟତମ ଓପନର ଟ୍ରାଭିସ୍ ହେଡ୍‌ଙ୍କୁ ସାଥୀକରି ଚଳିତ ଆଇପିଏଲ୍‌ରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି। ଏଭଳି ପ୍ରଦର୍ଶନକୁ ଅନେକ ପ୍ରଶଂସା କରିଛନ୍ତି। ଏମାନଙ୍କ ମଧ୍ୟରେ ମଧ୍ୟ ଅଛନ୍ତି ପୂର୍ବତନ ଭାରତୀୟ କ୍ରିକେଟ ଓପନର ଆକାଶ ଚୋପ୍ରା। ତାଙ୍କ ମତରେ ଅଭିଷେକ ଯେପରି ବ୍ୟାଟ ଚାଳନା କରୁଛନ୍ତି ତାଙ୍କୁ ଜଣେ ନବାଗତ ଖେଳାଳି ବୋଲି କହିହେବ ନାହିଁ। ଜଣେ ଅଭିଜ୍ଞ କିମ୍ବା ପରିପକ୍ୱ ଖେଳାଳି ଏପରି ଖେଳିପାରନ୍ତି ବୋଲି ଆକାଶ ମତ ଦିଅନ୍ତି। ସେ ଭବିଷ୍ୟବାଣୀ କରି କହନ୍ତି, ଆସନ୍ତା ୪୫ ଦିନ ମଧ୍ୟରେ ଶର୍ମାଜୀଙ୍କ ପୁଅ ଅର୍ଥାତ୍ ଅଭିଷେକ ଖୁବ୍ ଶୀଘ୍ର ଭାରତ ପକ୍ଷରୁ ଖେଳିବା ସୁଯୋଗ ପାଇବେ। ସେ ସମ୍ଭବତଃ ଜିମ୍ବାୱେ ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଖେଳିବାର ସୁଯୋଗ ପାଇପାରନ୍ତି ବୋଲି ଆକାଶ କହନ୍ତି। ଚଳିତବର୍ଷ ଅଭିଷେକ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ୧୩ଟି ମ୍ୟାଚ୍ ଖେଳି ୨୦୯.୪୧ ଷ୍ଟ୍ରାଇକ୍‌ରେଟ୍‌ରେ ଦଳ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ସ୍କୋର ୪୬୭ ରନ୍ ସଂଗ୍ରହ କରିଛନ୍ତି। ଚଳିତ ଆଇପିଏଲ୍‌ରେ ତାଙ୍କୁ ଅତିକମ୍‌ରେ ଆଉ ଦୁଇଟି କିମ୍ବା ଦଳ ଫାଇନାଲକୁ ଗଲେ ୩ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ତାଙ୍କ ଓପନିଂ ପାର୍ଟନର ହେଡ୍ ଦଳ ପକ୍ଷରୁ ସର୍ବାଧିକ ୫୩୩ ରନ୍ ସଂଗ୍ରହ କରିଛନ୍ତି।




# ବ୍ରାଭୋ ଆଫଗାନିସ୍ତାନର ବୋଲିଂ ପରାମର୍ଶଦାତା




**ନୂଆଦିଲ୍ଲୀ, ୨୧।୫(ଏଜେନ୍ସି):** ୱେଷ୍ଟଇଣ୍ଡିଜ୍ ବୋଲିଂ ଅଲରାଉଣ୍ଡର ଡ୍ୱେନ୍ ବ୍ରାଭୋଙ୍କୁ ଆଫଗାନିସ୍ତାନର ବୋଲିଂ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ହେବାକୁ ଥିବା ପ୍ରସ୍ତୁତି ଶିବିରରେ ବ୍ରାଭୋ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନିକଟରେ ବ୍ରାଭୋ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସର ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିଥିଲେ। ଜଣେ ପ୍ରତିଷ୍ଠିତ ଅଲରାଉଣ୍ଡର ଭାବେ ଡ୍ୱେନ୍ ବ୍ରାଭୋ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ୨୯୫ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ସେ ୬,୪୨୩ ରନ୍ କରିଥିଲାବେଳେ ୩୬୩ଟି ୱିକେଟ ଅକ୍ତିଆର କରିବାରେ ସମର୍ଥ ହୋଇଛନ୍ତି। ଏହାଛଡ଼ା ତାଙ୍କ ନିକଟରେ ୧୦୦ଟି ପ୍ରଥମଶ୍ରେଣୀ, ୨୨୭ଟି ଲିଷ୍ଟ-ଏ' ଓ ୫୭୩ଟି ଟି-୨୦ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି। ଟି-୨୦ ଫର୍ମାଟରେ ସେ ବିଶ୍ୱରେ ସର୍ବାଧିକ ୬୨୫ଟି ୱିକେଟ ନେବା ସହ ପାଖାପାଖି ୭,୦୦୦ ରନ୍ ସଂଗ୍ରହ କରିଛନ୍ତି। ଆଧୁନିକ ବିଶ୍ୱରେ ତାଙ୍କୁ ଟି-୨୦ କ୍ରିକେଟରେ ସଫଳତମ ଓ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବିବେଚନା କରାଯାଉଛି। ସେ ତାଙ୍କ ଜୀବନକାଳ ମଧ୍ୟରେ ଟି-୨୦ ବିଶ୍ୱକପ୍, ଚାମ୍ପିଅନ୍ସ ଟ୍ରଫି, ଆଇପିଏଲ୍ ଓ ସିପିଏଲ୍‌ରେ ଟ୍ରଫି ଜିତିବାର ବିରଳ ରେକର୍ଡ ରହିଛି।

# ଅଷ୍ଟ୍ରେଲିଆ ଦଳରେ ଫ୍ରେଜର-ମ୍ୟାକ୍‌ଗ୍ରୁକ୍, ସର୍ଟ ସାମିଲ







**ମେଲବୋର୍ଣ୍ଣ,୨୧।୫(ଏଜେନ୍ସି)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ ପକ୍ଷରୁ ଖେଳି ଚମକ ଦେଖାଇଥିବା ୨୨ ବର୍ଷୀୟ ଜେକ୍ ଫ୍ରେଜର-ମ୍ୟାକ୍‌ଗ୍ରୁକ୍ ଓ ମାଥ୍ୟୁ ସର୍ଟଙ୍କୁ ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ୍ ଦଳରେ ସାମିଲ କରାଯାଇଛି। ଏମାନେ ପ୍ରଥମ ପସନ୍ଦର ୧୫ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇନାହାନ୍ତି। ଅଷ୍ଟ୍ରେଲିଆ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ଏହି ଦୁଇ ଖେଳାଳିଙ୍କୁ ରଖାଯାଇଛି। ଫ୍ରେଜର-ମ୍ୟାକ୍‌ଗ୍ରୁକ୍ ଆଇପିଏଲ୍‌ରେ ୯ଟି ମ୍ୟାଚ୍‌ରେ ୩୩୦ ରନ୍ କରିଛନ୍ତି। ଅଷ୍ଟ୍ରେଲିଆ ଦଳରେ ଦୁଇଜଣ ଖେଳାଳି ଆହତ ହୋଇଛନ୍ତି। ଉଭୟ ଜେକ୍ ଓ ମାଥ୍ୟୁ ଗତ କିଛିଦିନ ହେଲା ଭଲ ଫର୍ମରେ ଅଛନ୍ତି ଓ ସେମାନଙ୍କୁ ସୁଯୋଗ ମିଳିପାରେ ବୋଲି ମୁଖ୍ୟ ଚୟନକର୍ତ୍ତା ଜର୍ଜ ବେଲୀ କହିଛନ୍ତି। ଟି-୨୦ ବିଶ୍ୱକପ୍ ବେଳେ ଯଦି କୌଣସି ଖେଳାଳି ଆହତ ହୁଅନ୍ତି ତେବେ ସେମାନଙ୍କ ସ୍ଥାନରେ ଫର୍ମରେ ଥିବା ନୂଆ ଖେଳାଳିଙ୍କୁ ସାମିଲ କରିବା କଷ୍ଟକର ହୋଇଥିଲା। ଯାହା ଫଳରେ ଆମେ ଦୁଇ ଫର୍ମରେ ଥିବା ଖେଳାଳିଙ୍କୁ ରିଜର୍ଭରେ ରଖିଛୁ। ଏମାନେ ଅଷ୍ଟ୍ରେଲିଆ ଲାଗି ଭଲ କାମ କରିବେ। ବିଶ୍ୱକପ୍ ଖେଳିବାକୁ ଅଷ୍ଟ୍ରେଲିଆ ଦଳ ଦୁଇଟି ପର୍ଯ୍ୟାୟରେ ୱେଷ୍ଟଇଣ୍ଡିଜ୍ ଯିବ। ପ୍ରଥମେ ମିଚେଲ ମାର୍ଶ, ଡେଭିଡ୍ ୱାର୍ଣ୍ଣର, ଟିମ୍ ଡେଭିଡ୍, ଆଷ୍ଟନ ଅଗର, ଜୋଶ ହାଜ୍‌ଲେଉଡ, ଆଦାମ ଜାମ୍ପା, ମାଥ୍ୟୁ ୱେଡ୍, ନାଥାନ ଏଲିସ୍ ଓ ଜୋଶ ଇଂଲିଶ ଯିବେ। ଏମାନେ ଅଧିକ କ୍ରିକେଟ ଖେଳିନାହାନ୍ତି। ଏମାନଙ୍କ ପରେ ଟ୍ରାଭିସ୍ ହେଡ, କାମେରନ ଗ୍ରୀନ୍, ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ ଓ ଗ୍ଲେନ୍ ମ୍ୟାକ୍ସୱେଲ ଦଳ ସହ ଯୋଗଦେବେ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି। ଅଷ୍ଟ୍ରେଲିଆ ଖେଳାଳିଙ୍କ ଶିବିର ତ୍ରିନିଦାଦ୍‌ରେ ଗୁରୁବାରଠାରୁ ଅନୁଷ୍ଠିତ ହେବ। ଏଠାରେ ଦଳ ନାମିବ୍ୟା ଓ ୱେଷ୍ଟଇଣ୍ଡିଜ୍ ସହ ମେ ୨୮ ଓ ୩୦ରେ ଦୁଇଟି ଅଭ୍ୟାସ ମ୍ୟାଚ୍ ଖେଳିବା ପରେ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ।

## ଅରବିନ୍ଦ ସ୍ମାରକୀ କ୍ରିକେଟ

# ଫାଇନାଲରେ ପାରାମାଉଣ୍ଟ-ଏ' ବନାମ ରାମେଶ୍ୱର ସ୍ପୋର୍ଟିଂ

**ଭୁବନେଶ୍ୱର, ୨୧।୫ (ସମିସ):** ପ୍ରଗତି ସ୍ପୋର୍ଟିଂକୁ ୧୪ ରନ୍‌ରେ ପରାସ୍ତ କରି ପୁରୁଣା ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ପାରାମାଉଣ୍ଟ ଖେଳ ପଡ଼ିଆରେ ଆସନ୍ତା ୨୬ରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ରାମେଶ୍ୱର ସ୍ପୋର୍ଟିଂ ସହ ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂ-ଏ' ଦଳର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ-ଏ' ୨୨୬ ରନ୍‌ର ବିଶାଳ ବ୍ୟବଧାନରେ କ୍ରିକେଟ ଆସୋସିଏସନ ଅଫ ପଠାନକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ୮ ଓଭର ବୋଲିଂ କରି ୩୧ ରନ୍‌ରେ ୪ ୱିକେଟ ଅକ୍ତିଆର କରିଥିବା ରାମେଶ୍ୱର ସ୍ପୋର୍ଟିଂର ଆହାନ ମିଶ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପାରାମାଉଣ୍ଟ ଖେଳ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ନିର୍ଦ୍ଧାରିତ ୪୦ ଓଭରରେ ୯ ୱିକେଟ ହରାଇ ୧୫୮ ରନ୍ କରିଥିଲା। ଦଳ ପକ୍ଷରୁ ଲିଓନେଲ ମେହେର ସର୍ବାଧିକ ୩୬, ସ୍ୱସ୍ତିକ ଘୋଷାଲ ଓ ଶୁଭ୍ରାଂଶୁ ଗୌଡ଼ ୨୭ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ଅନ୍‌ମୋଲ ପଟ୍ଟନାୟକ ଚମତ୍କାର ବୋଲିଂ କରି ମାତ୍ର ୨୩ ରନ୍‌ରେ ୪ଟି ଓ ଅସୀମ ବରାଡ଼ ୨୭ ରନ୍‌ରେ ୨ଟି ୱିକେଟ ପାଇଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୩୩.୩ ଓଭରରେ ୧୪୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଯଶନ୍ୱିତ ପ୍ରଧାନ ୨୫ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଆହାନ ମିଶ୍ରଙ୍କୁ ୪ଟି ୱିକେଟ ମିଳିଥିଲା। ବିଜେଇଏମ୍ ସ୍କୁଲର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ଜେନା ଏହି ମ୍ୟାଚର ଅତିଥିଭାବେ ଯୋଗ ଦେଇଥିଲେ। ଶରତ ସାହୁ ଓ ଶାଶ୍ୱତୀ ଶତପଥୀ ଏହି ମ୍ୟାଚ୍ ପରିଚାଳନ କରିଥିଲାବେଳେ ଅଭିଷେକ ମହାନ୍ତି ସ୍କୋରର ଦାୟିତ୍ୱ ସମ୍ଭାଳିଥିଲେ।



## ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ଥାଙ୍ଗାଭେଲୁ, ସୁମିତ୍‌ଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି)**

ଜାପାନର କୁବେ ସହରରେ ଚାଲିଥିବା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଜାଭେଲିନ ଫିଙ୍ଗାଳୀ ସୁମିତ୍ ଆଣ୍ଟିଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଡିଫେଣ୍ଡିଂ ପାରା ଅଲିମ୍ପିକ୍ସ ଚାମ୍ପିଅନ ସୁମିତ୍ ଜାଭେଲିନ୍ ଥ୍ରୋ'ର ଏଫ୍-୬୪ ବିଭାଗରେ ୬୯.୫୦ ମିଟର ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିସହ ସେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ବିଶ୍ୱ ଟାଇଟଲ୍‌କୁ ବଜାୟ ରଖିବାରେ ସଫଳ ହୋଇଛନ୍ତି। ସୁମିତ୍ ଗତବର୍ଷ ଏହି ପ୍ରତିଯୋଗିତାରେ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଜାଭେଲିନ୍ ଥ୍ରୋ'ର ଏହି ଏଫ୍-୬୪ ବିଭାଗରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ଆଥ୍‌ଲେଟ୍ ସନ୍ଦୀପ କାଂସ୍ୟ ପଦକ ଜିତିଛନ୍ତି। ସେ ୬୦.୪୧ ମିଟର ଜାଭେଲିନ୍ ଫିଙ୍ଗି ପୋଡିୟମର ୩ୟ ସ୍ଥାନରେ ରହିଥିଲେ।





ସେହିଭଳି ଟୋକିଓ ପାରାଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଥଙ୍ଗାଭେଲୁ ମାରିୟାପ୍ପାନ ପୁରୁଷ ହାଇ ଜମ୍ପର ଟି-୬୩ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ଥଙ୍ଗାଭେଲୁ ୧.୮୮ ମିଟର ଉଚ୍ଚକୁ ଡେଇଁ ସ୍ୱର୍ଣ୍ଣ ପଦକ ହାତେଇନେଇଥିଲେ। ଏହାବାଦ୍ ମହିଳା କ୍ଲବ ଥ୍ରୋ ଏଫ୍-୫୧ ବିଭାଗରେ ଭାରତର ଏକତା ଭ୍ୟାନ ମଧ୍ୟ ଉଲ୍ଲେଖନୀୟ ଥ୍ରୋ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ୨୦.୧୨ ମିଟର ଥ୍ରୋ' କରି ପ୍ରଥମ ସ୍ଥାନରେ ରହିଥିଲେ। ସାଥୀ ଭାରତୀୟ ଖେଳାଳି କାଶିଶ ଲାକ୍ରା ୧୪.୫୬ ମିଟର ସହ ରୌପ୍ୟ ପଦକ ହାସଲ କରିଛନ୍ତି।

## ଷ୍ଟାର୍କଙ୍କ ଘାତକ ବୋଲିଂ, ଦୁଇ ଆୟରଙ୍କ ଅର୍ଦ୍ଧଶତକ

# ହାଇଦ୍ରାବାଦ୍‌କୁ ହରାଇ ଫାଇନାଲରେ କୋଲକାତା

**ଅହମ୍ମଦାବାଦ୍, ୨୧।୫(ଏଜେନ୍ସି)**

ମିଚେଲ ଷ୍ଟାର୍କ (୩/୩୪)ଙ୍କ ଘାତକ ବୋଲିଂ ବଳରେ କୋଲକାତା ନାଇଟ୍ ରାଇଡର୍ସ ୮ ୱିକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରି ଆଇପିଏଲ୍-୨୦୨୪ ଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ କୋଲକାତା ଚତୁର୍ଥଥର ଆଇପିଏଲ୍ ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛି। ମେ ୨୬ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିରେ ମେ ୨୪ରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟରର ବିଜେତା ସହ କୋଲକାତା ଫାଇନାଲ ଖେଳିବ। ଏହାର ଏଲିମିନେଟର ବୁଧବାର ରାଜସ୍ଥାନ ରୟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଆଜିର ପରାଜିତ ଦଳ ହାଇଦ୍ରାବାଦ୍ ଦ୍ୱିତୀୟ କ୍ୱାଲିଫାୟରରେ ମୁକାବିଲା କରିବ।



### ଆୟରଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ଅହମ୍ମଦାବାଦ୍‌ରେ ମଙ୍ଗଳବାର ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟର ମୁକାବିଲା ଅନୁଷ୍ଠିତ ହୋଇଥିଲା। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସନରାଇଜର୍ସ ହାଇଦ୍ରାବାଦ୍ ୧୯.୩ ଓଭରରେ ୧୫୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳର ସମସ୍ତ ତାରକା ତଥା ବିସ୍ଫୋରକ ବ୍ୟାଟର ବିଫଳ ହେବାରୁ ଦଳ ଏତେ କମ୍ ସ୍କୋର ହୋଇଥିଲା। ଜବାବରେ କୋଲକାତା ମାତ୍ର ୧୩.୪ ଓଭରରେ ୨ ୱିକେଟରେ ୧୬୪ ରନ୍ କରି ବିଜୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଦୁଇ ଆୟର ଶ୍ରେୟାସ ଓ ଭେଙ୍କଟେଶ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ। ଶ୍ରେୟାସ ୨୩ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ସହ ୨୪ବଲ୍‌ରୁ ୫ ଚୌକା ଓ ୪ଛକା ସହ ୫୮ ଏବଂ ୨୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଭେଙ୍କଟେଶ ୫ ଚୌକା ଓ ୪ ଛକା ସହ ୫୧ ରନ୍ କରିଥିଲେ। ଏମାନଙ୍କ ଅବିଭକ୍ତ ତୃତୀୟ ୱିକେଟ ଭାଗୀଦାରିରୁ ୪୪ ବଲ୍‌ରୁ ୯୭ ରନ୍ ସଂଗୃହୀତ ହେବା ଫଳରେ ଦଳ ସହଜରେ ବିଜୟୀ ହେବା ସହ ଚତୁର୍ଥଥର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଶ୍ରେୟାସ ଛକା ମାରି ଦଳକୁ ବିଜୟୀ କରାଇଥିଲେ। କୋଲକାତା ପକ୍ଷରୁ ରହମନୁଲ୍ଲା ଗୁରବାଜ୍ ୨୩ ଓ ସୁନୀଲ ନାରିନ୍ ୨୧ ରନ୍ କରିଥିଲେ। କୋଲକାତା ପୂର୍ବରୁ ୨୦୧୨, ୨୦୧୪, ୨୦୨୧ରେ ଫାଇନାଲ ଖେଳିଥିଲା। ୨୦୧୨ ଓ ୨୦୧୪ରେ ଦଳ ଚାମ୍ପିଅନ ହୋଇଥିଲା।

### ରାହୁଲ ତ୍ରିପାଠୀଙ୍କ ଚମତ୍କାର ଅର୍ଦ୍ଧଶତକ

ହାଇଦ୍ରାବାଦ୍ ଅଧିନାୟକ ପ୍ୟାଟ କମିନ୍ସ ଟସ୍ ଜିତି ବ୍ୟାଟିଂ ନେବା ଦଳ ଲାଗି ଘାତକ ସାବ୍ୟସ୍ତ ହୋଇଥିଲା। ଦଳର ପ୍ରଥମ ୪ ଖେଳାଳି ୩୯ ରନ୍‌ରେ ଆଉଟ ହୋଇଥିଲେ। ତାରକା ଖେଳାଳି ଟ୍ରାଭିସ୍ ହେଡ୍ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ୦, ଅଭିଷେକ ଶର୍ମା ମଧ୍ୟ ୩ ରନ୍ କରି ଆଉଟ ହୋଇଯାଇଥିଲେ। ଷ୍ଟାର୍କ ଘାତକ ବୋଲିଂ ପ୍ରଥମ ୪ଟି ମଧ୍ୟରୁ ୩ଟି ୱିକେଟ ନେଇ ଘାତକ ସାବ୍ୟସ୍ତ ହୋଇଥିଲେ। ବରୁଣ ଚକ୍ରବର୍ତ୍ତୀ ୨ଟି ୱିକେଟ ନେବା ସହ ଚଳିତ ସଂସ୍କରଣରେ ତାଙ୍କ ୱିକେଟ ସଂଖ୍ୟା ୨୦ରେ ପହଞ୍ଚାଇଥିଲେ। ହାଇଦ୍ରାବାଦ୍ ପକ୍ଷରୁ ରାହୁଲ ତ୍ରିପାଠୀ ଚମତ୍କାର ଅର୍ଦ୍ଧଶତକ ହାସଲ କରି ୩୫ ବଲ୍‌ରୁ ୫୫, ହେନ୍‌ରିକ୍ କ୍ଲାସେନ ୩୨ ଓ ପ୍ୟାଟ କମିନ୍ସ ୩୦ ରନ୍ କରିଥିଲେ। କମିନ୍ସ ଓ ବିଜୟକାନ୍ତ ୧୦ମ ୱିକେଟରୁ ୩୩ ରନ୍ ଉଠାଇବା ଫଳରେ ଦଳ ୧୫୦ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
ଏଲିମିନେଟର
**ରାଜସ୍ଥାନ-ବେଙ୍ଗାଲୁରୁ**
**ସ୍ଥାନ**- ଅହମ୍ମଦାବାଦ, **ସମୟ**- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ଆଜି ଏଲିମିନେଟର୍

## ରାଜସ୍ଥାନ-ବେଙ୍ଗାଲୁରୁ ପାଇଁ କର ବା ମର

**ଅହମ୍ମଦାବାଦ୍, ୨୧।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ର ଏକମାତ୍ର ଏଲିମିନେଟର ମୁକାବିଲାରେ ବୁଧବାର ରାଜସ୍ଥାନ ରୟାଲ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ଉଭୟ ଦଳ ପାଇଁ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ଅର୍ଥାତ୍ ଆଇପିଏଲ୍‌ରେ ତିଷ୍ଠି ରହିବାକୁ ହେଲେ ଉଭୟ ଦଳ ପାଇଁ ବିଜୟ ଜରୁରୀ ହୋଇଛି। ଏହି ମ୍ୟାଚରେ ଯେଉଁ ଦଳ ଜିତିବ ସେହି ଦଳ କ୍ୱାଲିଫାୟର-୨ରେ ଶୁକ୍ରବାର ସନରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ତେଣୁ ନିଶ୍ଚିତ ବିଜୟ ଲକ୍ଷ୍ୟ ନେଇ ଉଭୟ ରାଜସ୍ଥାନ ଓ ବେଙ୍ଗାଲୁରୁ ପଡ଼ିଆକୁ ଅବତୀର୍ଣ୍ଣ ହେବେ। ଲିଗ୍ ପର୍ଯ୍ୟାୟ ଉପରେ ନଜର ପକାଇଲେ ସଞ୍ଜୁ ସାମସନଙ୍କ ନେତୃତ୍ୱାଧୀନ ରାଜସ୍ଥାନ ୧୪ ମ୍ୟାଚ୍ ଖେଳି ୮ ବିଜୟ ସହ ୧୭ ପଏଣ୍ଟ ପାଇ ଟେବଲ୍‌ର ୩ୟ ସ୍ଥାନରେ ରହି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ସେହିଭଳି ଫାଫ୍ ଡୁ ପ୍ଲେସିସଙ୍କ ବେଙ୍ଗାଲୁରୁ ଦଳ ଚେନ୍ନାଇ ସୁପର୍ କିଙ୍ଗ୍‌ସ ସହ କଡ଼ା ସଂଘର୍ଷ କରି ପ୍ଲେ-ଅଫ୍‌ରେ ପହଞ୍ଚିଥିଲା। ବେଙ୍ଗାଲୁରୁ ଲିଗ୍‌ରେ ୧୪ ମ୍ୟାଚରୁ ୭ଟି ଲେଖାଏ ବିଜୟ ଓ ପରାଜୟ ହାସଲ କରିଥିଲା। ଦୁଇ ଦଳର ମଧ୍ୟରେ ବଡ଼ ଫରକ ହେଉଛି ବେଙ୍ଗାଲୁରୁ ଏହାର ଶେଷ ୬ଟି ମ୍ୟାଚରେ ବିଜୟ ଲାଭ କରିଛି। ଅପରପକ୍ଷରେ ସାମସନଙ୍କ ଦଳ ଶେଷ ୪ ମ୍ୟାଚରେ କ୍ରମାଗତ ପରାଜୟର ସମ୍ମୁଖୀନ ହୋଇଛି। ଆଇପିଏଲ୍‌ରେ ରେକର୍ଡ ଉପରେ ନଜର ପକାଇଲେ ଉଭୟ ଦଳ ୩୧ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ବେଙ୍ଗାଲୁରୁ ୧୫ଥର ଓ ରାଜସ୍ଥାନ ୧୩ଥର ବିଜୟୀ ହୋଇଛି। ୩ଟି ମ୍ୟାଚର ଫଳାଫଳ ବାହାରି ନାହିଁ।

**ବର୍ଷା ହେଲେ ବିଦା ହେବ ଆର୍‌ସିବି:** ଯଦି ଏହି ଏଲିମିନେଟର୍ ମ୍ୟାଚରେ ବର୍ଷା ଲାଗି ବାତିଲ ହେବ ତାହାଲେ ଆର୍‌ସିବି ପ୍ରତିଯୋଗିତାରୁ ବିଦାୟ ନେବ। ଲିଗ୍ ପର୍ଯ୍ୟାୟର ପଏଣ୍ଟ ଆଧାରରେ ରାଜସ୍ଥାନ କ୍ୱାଲିଫାୟର-୨କୁ ପ୍ରବେଶ କରିବ।

## ପତିରାଣା ଏଲ୍‌ପିଏଲ୍‌ର ମହଙ୍ଗା ଖେଳାଳି

**କଲମ୍ବୋ, ୨୧।୫ (ଏଜେନ୍ସି):** ଆଇପିଏଲରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପକ୍ଷରୁ ଖେଳୁଥିବା ସିଂହଳୀ ଦ୍ରୁତ ବୋଲର ମଥିଶା ପତିରାଣା ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍) ଇତିହାସରେ ସବୁଠାରୁ ମହଙ୍ଗା ଖେଳାଳି ହୋଇଛନ୍ତି। ଏଲ୍‌ପିଏଲ୍‌ର ଆଗାମୀ ସଂସ୍କରଣ ଲାଗି ମଙ୍ଗଳବାର ଖେଳାଳି ନିଲାମୀ ହୋଇଥିଲା। ଏଥିରେ କଲମ୍ବୋ ଷ୍ଟ୍ରାଇକର୍ସ ଫ୍ରାଞ୍ଚାଇଜ ପତିରାଣାଙ୍କୁ ଏକ ଲକ୍ଷ ୨୦ ହଜାର ଡଲାରରେ କ୍ରୟ କରିଥିଲା। ଭାରତୀୟ ମୁଦ୍ରାରେ ତାଙ୍କର ମୂଲ୍ୟ ୯ ୯ ଲକ୍ଷ ୯ ୫ ହଜାର ଟଙ୍କା ରହିଛି। ପୂର୍ବରୁ ଏଲ୍‌ପିଏଲ୍ ଇତିହାସରେ ଦିଲଶାନ ମଦୁଶଙ୍କା ସବୁଠୁ ମହଙ୍ଗା ଖେଳାଳି ଥିଲେ। ଗତ ୨୦୨୩ ସଂସ୍କରଣରେ ଜାଫନା କିଙ୍ଗ୍‌ସ ଫ୍ରାଞ୍ଚାଇଜ ମଦୁଶଙ୍କାଙ୍କୁ ୯୨ ହଜାର ଡଲାର (୭୬ ଲକ୍ଷ ୬୩ ହଜାର ଟଙ୍କା)ରେ କ୍ରୟ କରିଥିଲା।

## ୬ କୁସ୍ତିଯୋଦ୍ଧା ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିବେ

**ନୂଆଦିଲ୍ଲୀ, ୨୧।୫(ଏଜେନ୍ସି):** ପୂର୍ବରୁ ଅଲିମ୍ପିକ୍ସରେ କୋଟା ସ୍ଥାନ ହାସଲ କରିଥିବା ଏବଂ ଚ୍ୟାଲେଞ୍ଜରଙ୍କ ମଧ୍ୟରେ ହେବାକୁ ଥିବା ଟ୍ରାଏଲ୍ସକୁ ଭାରତୀୟ କୁସ୍ତି ମହାସଂଘ ବାତିଲ କରିଦେଇଛି। ଫଳରେ ଯେଉଁମାନେ ପୂର୍ବରୁ ଅଲିମ୍ପିକ୍ସ କୋଟା ହାସଲ କରିଥିଲେ, କେବଳ ସେମାନେ ପ୍ୟାରିସ୍ ଯିବେ ବୋଲି ଏହି ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ସେମାନେ ହେଲେ ୫ ମହିଳା ଓ ୧ ପୁରୁଷ। ମହିଳା ପ୍ରତିଯୋଗୀମାନେ ହେଲେ ୫୦ କିଲୋଗ୍ରାମ୍‌ରେ ବୀନେଶ ଫୋଗତ, ୫୩ କିଲୋଗ୍ରାମ୍‌ରେ ଅନ୍ତିମ ପାଙ୍ଘଲ, ୫୭ କିଲୋଗ୍ରାମ୍‌ରେରେ ଅଂଶୁ ମଲ୍ଲିକ, ୬୮ କିଲୋଗ୍ରାମ୍‌ରେ ନିଶା ଦହିଆ, ୭୬ କିଲୋଗ୍ରାମ୍‌ରେ ରୀତିକା ହୁଡା ଓ ପୁରୁଷ ୫୭ କିଲୋଗ୍ରାମ୍‌ରେ ଅମନ ଶେରାୱତ। ଏହି ପ୍ରତିଯୋଗୀଙ୍କ ଅନୁରୋଧ କ୍ରମେ ଟ୍ରାଏଲ୍ସକୁ ବାତିଲ କରାଯାଇଥିଲା। କୁସ୍ତି ମହାସଂଘ ଉପରୋକ୍ତ କୁସ୍ତିଯୋଦ୍ଧାଙ୍କ ସହ ସମାନ କାଟୋଗୋରୀରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ଆଉ ଜଣେ କୁସ୍ତିଯୋଦ୍ଧାଙ୍କ ସହ ଟ୍ରାଏଲ୍ସ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହାକୁ ବାତିଲ କରାଗଲା ବୋଲି ଭାରତୀୟ କୁସ୍ତି ମହାସଂଘ ସଭାପତି ସଞ୍ଜୟ ସିଂ ଘୋଷଣା କରିଥିଲେ। ଏହି ଘୋଷଣା ଫଳରେ ରବି ଦହିଆ ଓ ସରିତା ମୋରଙ୍କ ପରି କୁସ୍ତିଯୋଦ୍ଧାଙ୍କ ଅଲିମ୍ପିକ ଖେଳିବା ଆଶା ଶେଷ ହୋଇଛି। ଯଦି ଏମାନଙ୍କ ମଧ୍ୟରୁ କେହି ଆହତ ହୁଅନ୍ତି କିମ୍ବା ଅଲିମ୍ପିକ୍ସ ପୂର୍ବରୁ କାହାରି ପ୍ରଦର୍ଶନରେ ଅବନତି ଘଟେ ତେବେ ଜାତୀୟ ମନୋନୟନ କମିଟି ଜୁଲାଇ ୭ ମଧ୍ୟରେ କୁସ୍ତିଯୋଦ୍ଧା ପରିବର୍ତ୍ତନ କରିପାରିବେ।



## ସାତ୍ତ୍ୱିକ-ଚିରାଗ ବିଶ୍ୱର ନଂ-୧ ଖେଳାଳି

**ନୂଆଦିଲ୍ଲୀ, ୨୧।୫(ଏଜେନ୍ସି):** ସାତ୍ତ୍ୱିକ ସାଇରାଜ ର୍‍ୟାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପୁଣିଥରେ ବିଶ୍ୱର ନଂ-୧ ଯୁଗଳ ବ୍ୟାଡମିଣ୍ଟନ ଖେଳାଳି ହୋଇଛନ୍ତି। ନିକଟରେ ଶେଷ ହୋଇଥିବା ଥାଇଲାଣ୍ଡ ଓପନରେ ଚାମ୍ପିଅନ ହେବା ପରେ ପୂର୍ବପରି ବିଶ୍ୱର ନଂ-୧ ପୋଜିସନକୁ ଫେରିଥିଲେ। ଅଲ ଇଂଲଣ୍ଡ ଚାମ୍ପିଅନସିପରେ ହାରିବା ଓ ଚୀନ୍‌ରେ ଅନୁଷ୍ଠିତ ଏସିଆନ ଚାମ୍ପିଅନ୍‌ସିପରୁ ଓହରିଯିବା ପରେ ଏମାନେ ବିଶ୍ୱରେ ନଂ-୩ ସ୍ଥାନକୁ ଖସିଆସିଥିଲେ। ମଙ୍ଗଳବାର ବିଶ୍ୱ ବ୍ୟାଡମିଣ୍ଟନ ପକ୍ଷରୁ ସର୍ବଶେଷ ର୍‍ୟାଙ୍କିଂ ପ୍ରକାଶ ପାଇବା ପରେ ଏମାନେ ପୁଣିଥରେ ସେମାନଙ୍କ ର୍‍ୟାଙ୍କିଙ୍ଗ୍‌କୁ ଫେରିପାରିଛନ୍ତି। ଏକକରେ ମହିଳା ଖେଳାଳି ପିଭି ସିନ୍ଧୁ ୧୬କୁ ଖସିଆସିଥିଲାବେଳେ ପୁରୁଷ ବିଭାଗରେ ଏଚ୍‌ଏସ୍ ପ୍ରଣୟ ନଂ-୯ ସ୍ଥାନ ବଜାୟ ରଖିଛନ୍ତି। ଲକ୍ଷ୍ୟ ସେନ୍ ୧୪କୁ, କିଦାମ୍ବି ଶ୍ରୀକାନ୍ତ ନଂ-୨୬କୁ ଓ ପ୍ରିୟାଂଶୁ ରାଜାୱତ ନଂ-୩୩କୁ ଖସିଆସିଛନ୍ତି।



### ବିଶ୍ୱର ପ୍ରଥମ ଖେଳାଳି

## ଷଷ୍ଠଥର ପାଇଁ ୟୁରୋ କପ୍ ଖେଳିବେ ରୋନାଲ୍ଡୋ

**ଲିସବନ୍, ୨୧।୫ (ଏଜେନ୍ସି):** ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ୍ ପ୍ରତିଯୋଗିତା ୟୁରୋ କପ୍‌ର ୧୭ତମ ସଂସ୍କରଣ ଜୁନ ୧୪ରୁ ଜର୍ମାନୀରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ମଙ୍ଗଳବାର ୨୬ ଜଣିଆ ପର୍ତ୍ତୁଗାଲ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ୩୯ ବର୍ଷୀୟ ତାରକା ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ସ୍ଥାନ ମିଳିଛି। ଏଥିସହ ବିଶ୍ୱର ପ୍ରଥମ ଖେଳାଳି ଭାବେ ରୋନାଲ୍ଡୋ ୬ଷ୍ଠ ଥର ଲାଗି ୟୁରୋ କପ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ଗତ ସଂସ୍କରଣ ଖେଳି ରୋନାଲ୍ଡୋ ପ୍ରାକ୍ତନ ସ୍ପାନିଶ ଗୋଲରକ୍ଷକ ଆଇକର୍ କାସିଲାସ୍‌ଙ୍କ ସହ ସମକକ୍ଷ ହୋଇଥିଲେ। କାସିଲାସ୍ ୫ଥର ୟୁରୋ କପ୍ ଖେଳିଛନ୍ତି। ରୋନାଲ୍ଡୋଙ୍କ ନେତୃତ୍ୱରେ ପର୍ତ୍ତୁଗାଲ ଏହାର ସର୍ବପ୍ରଥମ ୟୁରୋ କପ୍ ଟାଇଟଲ୍ ୨୦୧୬ରେ ଜିତିଥିଲା। ଏଥିରେ ରୋନାଲ୍ଡୋ ୧୬ ଗୋଲ୍ ଦେଇ ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ଫୁଟ୍‌ବଲରେ ରୋନାଲ୍ଡୋ ବର୍ତ୍ତମାନ ବିଶ୍ୱର ସର୍ବାଧିକ ଗୋଲସ୍କୋରର। ସେ ପର୍ତ୍ତୁଗାଲ୍ ପାଇଁ ୨୦୬ ମ୍ୟାଚ୍ ଖେଳି ୧୨୮ ଗୋଲ୍ ଦେଇଛନ୍ତି। ସେହିଭଳି ବିଶ୍ୱରେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ ରୋନାଲ୍ଡଙ୍କ ନାମରେ ଲିପିବଦ୍ଧ ହୋଇଛି।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ୧) ସ୍କ୍ରଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ
୨୪ ମେ ୨୦୨୪ ସୁଦ୍ଧା hr@nandighoshatv.com
ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA